

Digitized by srujanika@gmail.com

ମାଂସର କୋଣାର୍କ

ଲେଖକ

ଶ୍ରୀ ସୁରେନ୍ଦ୍ର ମହାନ୍ତି

ପ୍ରକାଶକ

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ମାଂସର କୋଣାର୍କ

ମୁଖ୍ୟ ଉପଦେଷ୍ଟା :
ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର

ପ୍ରକାଶକ :
ଶ୍ରୀ ନୃସିଂହ ପ୍ରସାଦ ମିଶ୍ର
କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ-୭୫୩୦୦୨

ଶ୍ରୀ ଜିତାମିତ୍ର ମହାନ୍ତିଙ୍କ ଦ୍ୱାରା
ସର୍ବସ୍ୱତ୍ୱ ସଂରକ୍ଷିତ

ଦ୍ୱିତୀୟ ସଂସ୍କରଣ : ୨୦୦୬

ମୁଦ୍ରଣ : ମୀନାକ୍ଷୀ ଡି.ଟି.ପି. ଏବଂ ସଙ୍ଗୀତା ପ୍ରିଣ୍ଟର୍ସ, କଟକ

ମୂଲ୍ୟ : ବନ୍ଧାଇ ଟ.୬୦.୦୦ ମାତ୍ର
ସାଦା: ଟ୫୦.୦୦ ମାତ୍ର

MANSARA KONARK

Shri Surendra Mohanty

Publisher
Sri N. P. Misra
Cuttack Students' Store
Balubazar, Cuttack - 753002

Principal Adviser
Sri R. P. Misra

Copy Right reserved by:
Sri Jitamitra Mohanty

Second Edition : 2006

Printers
Minakshi D.T.P. & Sangeeta Printers, Cuttack

Price: Deluxe Rs.60.00 only
Popular: Rs.50.00 only

Digitized by srujanika@gmail.com

ପ୍ରସଙ୍ଗକ୍ରମେ

ପ୍ରାୟ ଦୁଇଶହ କ୍ଷୁଦ୍ର ଗଳ୍ପ ଅତୀତର ଚାଳିଶ ବର୍ଷ ମଧ୍ୟରେ ଲେଖିସାରିବା ପରେ, ମୋତେ ବା ମୋ ଗଳ୍ପକୁ ବୁଝାଇବା ପାଇଁ ଆଜି 'ପ୍ରସଙ୍ଗକ୍ରମେ'ର ଅବତାରଣା କରିବା ମୋ ଦୃଷ୍ଟିରେ ଅନ୍ତତଃ ଅପ୍ରାସଙ୍ଗିକ । ତଥାପି ଅନ୍ୟ ଦୃଷ୍ଟିରୁ ବିଚାର କଲେ ଏହା ସେପରି ଅପ୍ରାସଙ୍ଗିକ ମନେହେବ ନାହିଁ। ଯେଉଁମାନେ ଉତ୍କଳୀୟ ମନ୍ଦିର ସ୍ଥାପତ୍ୟର କିଛି କିଛି ଆଲୋଚନା କରିଛନ୍ତି ସେମାନେ ଜାଣିଥିବେ... ପ୍ରତ୍ୟେକ ମନ୍ଦିର ବାହାରେ କୀର୍ତ୍ତିମୁଖ ଖୋଦିତ ହୋଇଥାଏ । ଏହି 'କୀର୍ତ୍ତିମୁଖ' ହେଉଛି ମନ୍ଦିରରେ ପ୍ରତିଷ୍ଠିତ ଦେବତାଙ୍କ ଏକ ସଂକ୍ଷିପ୍ତ ପ୍ରତିରୂପ । 'କୀର୍ତ୍ତିମୁଖ' ଦେଖିଲେଇ ମନ୍ଦିରର ସ୍ୱରୂପ—ଶୈବ, ଶାକ୍ତ ବା ବୈଷ୍ଣବ—ଜଣାପଡ଼ିଯାଏ । ଏହି ଗଳ୍ପ ସଂକଳନର 'କୀର୍ତ୍ତିମୁଖ' ରୂପେ କେବଳ ଏଠାରେ 'ପ୍ରସଙ୍ଗକ୍ରମେ'ର ଅବତାରଣା ।

ଏଥିରେ ସନ୍ନିବିଷ୍ଟ ଗଳ୍ପଗୁଡ଼ିକ ବିଗତ ସପ୍ତମ ଦଶକରେ ରଚିତ ଗଳ୍ପଗୁଡ଼ିକ ମଧ୍ୟରୁ କେତୋଟି । ଏସବୁ 'ଆସନ୍ତାକାଲି', 'ସମାବେଶ', 'ନବରବି', ଓ 'ମାନସ' ପ୍ରଭୃତି ବିଭିନ୍ନ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା। ଏହି ଅବକାଶରେ ସେହି ପତ୍ରିକାମାନଙ୍କର ସମ୍ପାଦକମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛି । ସମାଜତାତ୍ତ୍ୱିକ ଦୃଷ୍ଟିରୁ ଚଳିତ ଶତାବ୍ଦୀର ସପ୍ତମ ଦଶକ ଏକ ଭୟଙ୍କର ଯୁଗସଂକ୍ରାନ୍ତିର କାଳ— ଯାହାର ଆରମ୍ଭ ହୋଇଥିଲା ପଞ୍ଚମ ଦଶକର ଶେଷଭାଗରୁ । ସପ୍ତମ ଦଶକରେ ଅର୍ଥ ହିଁ ହୋଇଗଲା ଜୀବନର ପରମାର୍ଥ । ରାଜନୀତି ହେଲା ସୌଦାଗରୀ...ବୈଶ୍ୟବୃତ୍ତି । ଦଳେ ଅର୍ଥପୁଷ୍ଟ ମୁଷ୍ଟିମେୟ ବୈଶ୍ୟ ଓ ଦଳେ ଅର୍ଥଲୋଭୀ ଶୂଦ୍ର ଏକାଠି ମିଶିଲେ... ଚାଲିଲା ରାଜନୀତି । ସ୍ୱାଭାବିକ ଭାବରେ ଏହାର ପ୍ରତିକ୍ରିୟା ଜନଜୀବନ ଓ ମୂଲ୍ୟବୋଧରେ 'ଯଦ୍‌ଯଦାଚରିତ ଶ୍ରେଷ୍ଠ' ନ୍ୟାୟରେ ପ୍ରତିଫଳିତ ହେବାକୁ ଲାଗିଲା । 'ମାଂସର କୋଣାର୍କ'ରେ ସେହି ଅଶ୍ଳୀଳ ଚିତ୍ରବିକାଳି ତେଣୁ ଯଥାର୍ଥରେ କହିଛି... ''ଆଜିର ସମଗ୍ର ଜୀବନ ଯେତେବେଳେ ଅଶ୍ଳୀଳ... ମୋତେ ଅଶ୍ଳୀଳ ବୋଲି ଆକ୍ଷେପ କରିବାର ଯଥାର୍ଥତା କେଉଁଠି ?'' ବସ୍ତୁତଃ ଏଥିରେ ସନ୍ନିବେଶିତ ଗଳ୍ପଗୁଡ଼ିକ ସେଇ ଭୟଙ୍କର ସପ୍ତ-ଦଶକର ବିଭିନ୍ନ ଆଭିମୁଖ୍ୟର, ଗୋଟିଏ ଗୋଟିଏ ପ୍ରତିଲିପି ମାତ୍ର ।

ମୁଁ କଳ୍ପନାପ୍ରିୟ ନୁହେଁ— ଖାଣ୍ଟି ସୁନାରେ କିଛି ଖାଦ ନ ମିଶାଇଲେ ଯେପରି ଅଳଙ୍କାର ତିଆରି ହୋଇପାରେ ନାହିଁ, ସେହିପରି ପ୍ରତ୍ୟେକ ଗଳ୍ପ ବା ଉପନ୍ୟାସରେ କଳ୍ପନାର ଖାଦ ତ ନିଶ୍ଚୟ ମିଶିବ। କିନ୍ତୁ ମୋର ପ୍ରାୟ ଅଧିକାଂଶ ଗଳ୍ପ ନିଜ ଅଙ୍ଗେ ନିଭା ଅନୁଭୂତି । ଯାହା ମୋର ଚେତନାକୁ ସ୍ପର୍ଶ ନ କରିଛି, ଯାହା ମୋର ସୃଷ୍ଟି ପ୍ରବଣତାକୁ ଧକ୍‌କା ନ ଦେଇଛି, ଯାହା ମୋର ଅନ୍ତରପୁରୁଷ କଣ୍ଠରେ ମର୍ମେ ମର୍ମେ ଉଚ୍ଚାରିତ ନ ହୋଇଛି ମୁଁ ତାହାକୁ କଦାପି ଲେଖି ନାହିଁ କିମ୍ବା ଲେଖି ସମୟ ନଷ୍ଟ କରି ନାହିଁ। ତେଣୁ ମୋର ସବୁ ରଚନାରେ ସୁସ୍ପଷ୍ଟ ଥାଏ ଏକ ନିଃସଂକୋଚ ବକ୍ତବ୍ୟ । ମୋର ଗଳ୍ପଗୁଡ଼ିକରେ ତେଣୁ ଘଟଣା ଅପେକ୍ଷା ଚରିତ୍ର ଓ ବକ୍ତବ୍ୟ ହିଁ ପ୍ରଧାନ ।

Digitized by srujanika@gmail.com

ଏଥିରେ ସନ୍ନିବେଶିତ ଗଳ୍ପଗୁଡ଼ିକ ମୋର ସେଇ ପ୍ରବୃତ୍ତି ବା ଆଭିମୁଖ୍ୟରୁ ବାଦ ପଡ଼ି ନାହିଁ । ତେଣୁ ଏହି ଗଳ୍ପଗୁଡ଼ିକର ପ୍ରୁଫ୍ ଦେଖିଲାବେଳେ ମୋତେ ଲାଗୁଛି ଏସବୁ ଯେପରି ମୋର ଆତ୍ମଚରିତର ଗୋଟିଏ ଗୋଟିଏ ଅଧ୍ୟାୟ । 'ମାଂସର କୋଣାର୍କ'ର ସେହି ଲୋକ ସହିତ ମୋର ପରିଚୟ ହୋଇଛି— ଯେ ମୋତେ କହିଥିଲା "ହାମକୁ ଭି ତୋ ରୋଟୀ ଖାନା ହେ—" । 'ସେଇ ଲୋକଟା'. ଗଳ୍ପରେ ... ମିଃ ଚାଓ୍ୱାଲା ଦିନେ ଯେଉଁ ଅନୁଭୂତି ବର୍ଣ୍ଣନା କରୁଥିଲେ ତାହାର ଫଳଶ୍ରୁତି ହେଉଛି— 'ସେଇ ଲୋକଟା'ଗଳ୍ପ । ତାଙ୍କ ବର୍ଣ୍ଣନାର ପଞ୍ଜର ଉପରେ ଅବଶ୍ୟ କଳ୍ପନାର ପୁଟ, ଚରିତ୍ରଚିତ୍ରଣର ପ୍ରଲେପ । 'ଗୋଟିଏ ଆତ୍ମହତ୍ୟାର କାହାଣୀ' ଗଳ୍ପରେ ମିଃ ଅଞ୍ଜନେପ୍ପାଙ୍କୁ ମୁଁ ଦେଖିଥିଲି, 'ଲଳିତା ମହଲ' ହୋଟେଲରେ...ଆଉ 'ପ୍ରତିନାୟକ' ଗଳ୍ପର ସଦା ମହାନ୍ତି ଯିଏ କି ଏକଦା ଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଦେଶବନ୍ଧୁ ସଦାନନ୍ଦ ମହାନ୍ତି...ତାଙ୍କୁ ତ ସମସ୍ତେ ସବୁଦିନେ, ସବୁବେଳେ ଦେଖୁଛନ୍ତି... । ସିଏ ବିଚାରା ନିର୍ବାଚନ ଜୁଆ ଖେଳର ପଶାଦାନ । 'ପ୍ରତୀକ୍ଷା' ଗଳ୍ପଟି ଆଜିର ବିପର୍ଯ୍ୟସ୍ତ ବିଡ଼ମ୍ବିତ କାଳର ପ୍ରତିଚ୍ଛବି । କେହି କାହାରିକୁ କୌଣସି ଉତ୍ତର ଦେବା ଅବସ୍ଥାରେ ଆଜି ନାହାନ୍ତି । ସମସ୍ତଙ୍କ ମନରେ କିନ୍ତୁ ଶତ ଶତ ଉତ୍ପୀଡ଼କ ପ୍ରଶ୍ନବାଚକ । ମାତ୍ର ସେ ସବୁର ଉତ୍ତର ଦେବ କିଏ ? 'ପ୍ରତୀକ୍ଷା' ଗଳ୍ପଟି ସେଇ ଯନ୍ତ୍ରଣାର ଅନ୍ତଃସ୍ୱର । 'ମୃତ୍ୟୁ : ଗେଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପର କେଳୁଚରଣ, ଆଜି ମଧ୍ୟ ମାଫି ପଡ଼ିକାର୍ଡ୍ ପାଇବା ପାଇଁ କେଉଁ ବି.ଡ଼ି.ଓ. ଅଫିସ ଦ୍ୱାରରେ ବସିଥିବ ତାକୁ ମୁଁ ଦେଖିଛି । କଇଁମୂଳ ଓ ସୁନ୍ସୁନି ଶାଗ ଯୋଡ଼ରେ ପଣି ତୋଳିବା ମଧ୍ୟ ଦେଖିଛି । ପିତାଳୁ କିପରି ଲାଗେ ସିଝାଇ ନିଜେ ଖାଇଛି । ଏପରିକି 'ପଲାଶପୁର ଓ ପୋର୍ସିଲେନ୍' ମଧ୍ୟ ନିହାତି କାଳ୍ପନିକ ନୁହେଁ । ଆଉ 'ଏଇ ଗଣତନ୍ତ୍ର'...ଏ ତ ସାମ୍ପ୍ରତିକ ନିର୍ବାଚନୀ ରାଜନୀତିର ପ୍ରତ୍ୟକ୍ଷ ଅଭିଜ୍ଞତା । ତାକୁ କେବଳ ମୁଁ ବାକ୍‌ରୂପ ଦେଇଛି ମାତ୍ର । 'ବୃତ୍ତ : କେନ୍ଦ୍ରହୀନ' ଓ 'ପ୍ରତିଧ୍ୱନି' ଗଳ୍ପ ଦୁଇଟି ଏମର୍‌ଜେନ୍‌ସି ବା ଅନୁଶାସନ ପର୍ବ ବେଳର ଲେଖା । ଇତିହାସକୁ ଲୁଚାଇବା ସମ୍ଭବ ନୁହେଁ... ଯେତେ ଅପ୍ରୀତିକର ହେଲେ ହେଁ ଇତିହାସ, ଇତିହାସ ହୋଇ ହିଁ ରହିବ । ତାହାକୁ ଲୋକଚକ୍ଷୁରୁ ଲୁଚାଇ ରଖିବାର ଅପଚେଷ୍ଟା ମୁଁ କରି ନାହିଁ ।

କାହାର ମନୋରଞ୍ଜନ ପାଇଁ ମୁଁ କେବେ ଲେଖି ନାହିଁ ବା ଲେଖିବି ନାହିଁ । ମୋର ଅନ୍ତରର ଜ୍ୱାଳା ଯଦି ପାଠକ-ପାଠିକାମାନଙ୍କର ଚେତନାକୁ ସ୍ପର୍ଶ କରିପାରେ, ତାହାହେଲେ ମୋର ସବୁ ଶ୍ରମ ସାର୍ଥକ ହେବ ।

ଶିବାନୀ, କଟକ-୮

ନେତ୍ରୋତ୍ସବ, ୧୯୮୧ — ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

ଗଳ୍ପ ସୂଚୀ

ମା'ଘର କୋଣାର୍କ	୧
ସେଇ ଲୋକଟା	୯
ଗୋଟିଏ ଆତ୍ମହତ୍ୟାର କାହାଣୀ	୨୨
ପ୍ରତିନାୟକ	୩୬
ପ୍ରତୀକ୍ଷା	୪୨
ଅସାଧାରଣ	୫୪
ମୃତ୍ୟୁ : ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍	୫୯
ପଲାଶପୁର ଓ ପୋର୍ସିଲେନ୍	୬୯
ଏଇ ଗଣତନ୍ତ୍ର !	୮୨
ବୃତ୍ତ : କେନ୍ଦ୍ରହୀନ	୮୮
ପ୍ରତିଧ୍ୱନି	୯୪

Digitized by srujanika@gmail.com

ମାଂସର କୋଣାର୍କ

କାଲି ବୋଧହୁଏ କିଛି ଗୋଟାଏ ପର୍ବ— କୌଣସି ମହାପୁରୁଷ, ଅବତାର ନୋହିଲେ କୌଣସି ଠାକୁରଙ୍କ ଦିନ । ମୋର ଷଷ୍ଠେନ୍ଦ୍ରିୟ ବଳରେ ମୁଁ ଠିକ୍ ବୁଝି ପାରୁଛି । କିନ୍ତୁ କି ପର୍ବ ? କେଉଁ ମହାପୁରୁଷଙ୍କ ଜନ୍ମଦିନ ? କେଉଁ ଅବତାରଙ୍କ ଜୟନ୍ତୀ ? ଦୂତ୍ ! ପର୍ବ ଫର୍ବ ଜୟନ୍ତୀ ସାଙ୍ଗରେ ମୋର ବା କି ସମ୍ପର୍କ ? 'ବ୍ଲୁ-ଫକ୍‌ସ' ମଦଦୋକାନ ସାମନାରେ ଲମ୍ବା କ୍ୟୁ ଦେଖିଲେଇ ମୁଁ ଠିକ୍ ବୁଝିପାରେ, କାଲି କିଛି ଗୋଟାଏ ପର୍ବ ନୋହିଲେ ଠାକୁରଙ୍କ ଦିନ । ଡ୍ରାଇ-ଡେ ଗୁଡ଼ାକ ତ ଆଙ୍ଗୁଠି ଅଗରେ । ଆଜି ଯାହା ହେଉ ପଛେ— କାଲି ଆଚାରନିଷ୍ଠ, ସଚ୍ଚରିତ୍ର ହୋଇ ଚଳିବା ପାଇଁ ପଡ଼ିବ । ପଅରଦିନକୁ କୋଉ ନର୍ଦ୍ଦମା ଧାରରେ ପଡ଼ିଲେ ଆପତ୍ତି ନାହିଁ, ସ୍ଖଳନ ଘଟିଲେ କ୍ଷତି ନାହିଁ । ଏଇସବୁ ସାମୟିକ ଆଚାର ଶୁଦ୍ଧି, ଡ୍ରାଇ-ଡେ, ଭାରତୀୟ ଆତ୍ମ-ପ୍ରବଞ୍ଚନା, ବୌଦ୍ଧିକ ଶଠତାର ପ୍ରତୀକ— କାଲି ଗୋଟାଏ ଫାଲ୍‌ତୁ ଡ୍ରାଇ-ଡେ ନିଶ୍ଚୟ । ମଦ ଦୋକାନ ସବୁ ବନ୍ଦ ରହିବ । ଆଜି ସେଥିପାଇଁ ଲମ୍ବା କ୍ୟୁ 'ବ୍ଲୁ-ଫକ୍‌ସ' ସାମନାରେ । ଆଜି ଅନ୍ତତଃ ସଂଗ୍ରହ କରିବା ପାଇଁ ପଡ଼ିବ କାଲି ପାଇଁ କୋଟା ସମୂଳସୁଧରେ, ପ୍ରତିଶୋଧପରାୟଣ ପରି ।

କାହାର ଗରମ ନିଃଶ୍ୱାସ ଦଂଶନ କରୁଛି ମୋର ବେକମୁଣ୍ଡା ? ପଛକୁ ଫେରି ଚାହିଁ ଦେଖିଲି କ୍ୟୁ ଆହୁରି ଲମ୍ବିଗଲାଣି ଫୁଟ୍‌ପାଥ ଦାଢ଼ ପର୍ଯ୍ୟନ୍ତ । ମୋର ପଛରେ ଠିଆ ହୋଇଛନ୍ତି, ଏଇ ଗୁଳୁଗୁଳିରେ ଥ୍ରି-ପିସ୍ ସୁଟ ପିନ୍ଧା ଜଣେ ପ୍ରୌଢ଼—ମୁହଁଟା ଠିକ୍ ଦେଖାଯାଉ ନାହିଁ । ମୁଣ୍ଡରେ ଫେଲଟ୍‌ଟା ନୁଆଇଁ ଦେଇଛନ୍ତି କପାଳ ଉପରକୁ; ପେରୀ ମାସନ୍ ଡିଟେକ୍‌ଟିଭ୍ ଉପନ୍ୟାସର ଏକ ଚରିତ୍ର ପରି । ସେ ବୋଧହୁଏ ଚାହାନ୍ତି ନାହିଁ ଅନ୍ୟମାନଙ୍କ ଆଖିରେ ଧରା ପଡ଼ିବା ପାଇଁ । ସେ ବୋଧହୁଏ କୌଣସି ପ୍ରହିବିସନ୍-କ୍ଲବ୍‌ର ପ୍ରେସିଡେଣ୍ଟ, ନୋହିଲେ କର୍ମକର୍ତ୍ତା; ନୋହିଲେ ଗୋବିଚାରୀ ଭଦ୍ରଲୋକ; ଘରେ ପିଅନ୍ତି ଗଙ୍ଗାଜଳ । ଏବେ ଗୋଟାଏ ରମ୍ କି ହୁଇସ୍କି ବୋତଲ ଧରି ଯିବେ କୌଣସି ବନ୍ଧୁଙ୍କ ପାର୍ଟିକୁ ।

ସନ୍ଧ୍ୟା ସାତଟାରେ ଦୋକାନ ବନ୍ଦ । ଭଦ୍ରଲୋକ ଅସହିଷ୍ଣୁ ହୋଇ ଉଠିଲେଣି । ସେଥିପାଇଁ ଘନ ଘନ ଉଷ୍ଣଶ୍ୱାସ । ଆଃ-ମୋ ବେକମୁଣ୍ଡା ଜଳିଯାଉଛି— ଯେପରି ଲୁ ମାଡ଼ରେ ।

ଆମରି ଦାରିଦ୍ର୍ୟ, ଆମର ବେକାରି ସମସ୍ୟାର ସମାଧାନ ନ ହେଉ ପଛେ କର୍ତ୍ତାମାନଙ୍କର ସଂକଳ୍ପ କିନ୍ତୁ ଆମକୁ ଚରିତ୍ରବାନ୍ ନ କରି ଛାଡ଼ିବେ ନାହିଁ, ସେଥିପାଇଁ ନିଶା ନିବାରଣ— ଡ୍ରାଇ-ଡେ । ଲେନିନ୍ ମଧ୍ୟ ବିପ୍ଳବ ପରେ ରୁଷିଆରେ ଆରମ୍ଭ କରିଥିଲେ ମଦ୍ୟ ନିଷେଧ, ଭଦ୍‌କା ବନ୍ଦ । କିନ୍ତୁ ପ୍ରଲିଟରିଆନ୍ ଡିକ୍‌ଟେଟରସିପ୍‌କୁ ବୃଦ୍ଧାଙ୍ଗୁଷ୍ଠି ଦେଖାଇ, ପୁଣି ଫେରିଆସିଲା ଭଦ୍‌କା ।—ବିଜୟ ନିର୍ଘାତ୍ ସିନିକ୍ । କଥା ପଡ଼ିଲେ ସେ କହେ, ଆମଦେଶର ନେତାମାନେ ଡ୍ରିଙ୍କ୍ କରନ୍ତି । ବାଥ୍ ରୁମରେ, ଡ୍ରଇଙ୍ଗ୍ ରୁମରେ ନାମ ନିଅନ୍ତି ବାବା ଅଥବା ମାତାମାନଙ୍କର । ଡ୍ରାଇ-ଡେର ବ୍ୟବସ୍ଥା ତ ମଦର କାଟ୍‌ତି ବଢ଼ାଇବା ପାଇଁ । ଚାରି ଦିନର ମାଲ ଏକାଦିନେ ବିକ୍ରି

Digitized by srujanika@gmail.com

ହୋଇଗଲେ ବ୍ୟବସାୟୀର ଲାଭ ଆଉ ନୀତିବାଗିଶମାନଙ୍କର ଜୟଜୟକାର । ଇଏ ଠିକ୍ ଛାଡ଼ଖାଇ ଦିନ ସାରା କାର୍ତ୍ତିକ ମାସର ମାଛ ବିକ୍ରି ହୋଇଯିବା ପରି । 'ବ୍ଲୁ ଫକ୍ସ' ବାଲାମାନେ ସେଥିପାଇଁ ତ ଡ୍ରାଇ-ଡେର ବଡ଼ ସମର୍ଥକ । ସାରା କାର୍ତ୍ତିକ ମାସଟା ହବିଷ କରିବା ପରେ, ବୁଢ଼ୀ ମା' ଅନେଇ ବସିଥାଏ ଛାଡ଼ଖାଇ କେବେ ? ରାମାନନ୍ଦୀ ଚିତା ତଳେ ତା'ର ଦୁଇ ବିଷଣ୍ଣ ଆଖିରେ ଆମିଷର କ୍ଷୁଧା । ସକାଳୁ ସକାଳୁ ମୋତେ ଉଠାଇ କହେ— "ତୁ ଯିବା ବେଳକୁ ପଡ଼ିଥିବ ଦଣ୍ଡିକିରୀ ନୋହିଲେ ଛୋଟ ପୋହଳା । ଜଲ୍‌ଦି ଜଲ୍‌ଦି ନ ଗଲେ ମାର୍କେଟରୁ ବଡ଼ମାଛ ସବୁ କିଏ କୁଆଡ଼େ ବୋହି ନେଇଯିବେ ।" ମାସଟାପାକର ହବିଷ ପରେ ଆଜି ମୀନକୁଳ ସଂହାର କରିବା ପାଇଁ ପଡ଼ିବ । ଡ୍ରାଇ-ଡେ ସେହିପରି ଏକ ହବିଷ । ନେତାଙ୍କୁ ଥରେ ଏକ ସାମ୍ବାଦିକ ସମ୍ମିଳନୀରେ ପଚାରିଥିଲେ, "ଜାଣନ୍ତି ଆପଣ, ହୁଇସ୍କି ଅପେକ୍ଷା ରାଜନୀତିକ କ୍ଷମତା ଅହଙ୍କାର ମଣିଷକୁ ବେଶି ମାତାଲ କରେ ? ତା'ର ପଶୁ ପ୍ରବୃତ୍ତିକୁ ଆହୁରି ଉଗ୍ର କରେ ?" ନେତା ଏକ ପ୍ୟୁରିଟାନ୍ । ସେ ଠଉରେଇ ନେଲେ ମୁଁ ତାଙ୍କ ମଦ-ନିଷେଧ ଯୋଜନାକୁ ପରିହାସ କରୁଛି । ସେ ଚିତ୍କାର କଲେ— "ତମରି ପରି ବିଦେଶୀ ସଂସ୍କାରରେ ବର୍ଦ୍ଧିତ ଲୋକମାନେ ଆମର ଏଇ ପୁଣ୍ୟ ଭୂମିର ସମାଜ ଆଉ ସଂସ୍କୃତିକୁ ଧ୍ୱଂସ କରିଛନ୍ତି ।" ମୁଁ ଉତ୍ତର ଦେଲି— "ଇଏ ମୋ ପ୍ରଶ୍ନର ଉତ୍ତର ହେଲା ନାହିଁ । ହୁଇସ୍କିରେ ନିଶା, ଆଲକହଲ୍ ଥାର୍ଟିପରସେଣ୍ଟ ଲଣ୍ଡନ ପ୍ରୁଫ୍ । ରାଜନୀତିକ କ୍ଷମତାରେ ନିଶା ସେଣ୍ଟ୍ ପରସେଣ୍ଟ୍ । ତା' ନ ହେଲେ ବିଶୁଦ୍ଧ ପାଣି ପିଇ ଲୋକେ ଏପରି ପ୍ରମତ୍ତ ହୁଅନ୍ତେ କିପରି ? ଆଉ ସଂସ୍କୃତି କଥା ଯଦି କହୁଛନ୍ତି, ତା' ହେଲେ ସୋମରସ ଟୋପେ ଟୋପେ ନ ପଡ଼ିଲେ, ଆର୍ଯ୍ୟ ଋଷିମାନେ କୁଆଡ଼େ ଆଖି ଫିଟାଉ ନ ଥିଲେ ।" ନେତା ବିସ୍ଫୋରଣ କଲେ... "ତୁମେ ମୋ ପ୍ରେସ କନ୍‌ଫରେନ୍ସ ଛାଡ଼ି ଚାଲିଯାଇପାର । ଏପରି ବେଆଦବୀ ବରଦାସ୍ତ କରିବା ଲୋକ, ମୁଁ ଅନ୍ତତଃ ନୁହେଁ ।" —ଷ୍ଟୋରୀଟା ଦେଇଥିଲି ସମ୍ପାଦକଙ୍କୁ । ତା' ଉପରେ ଗୋଟିଏ ନାଲି ଛକି ପକାଇ ସେ ଷ୍ଟୋରୀଟାକୁ ଫେରାଇ ଦେଇଥିଲେ ମୋ ଡେସ୍କକୁ.... The Story is killed ଯେଉଁ ଆତ୍ମପ୍ରତାରଣା ଉପରେ ରାଷ୍ଟ୍ର, ସମାଜ ପ୍ରତିଷ୍ଠିତ, ଖବରକାଗଜ ତା'ର ଚତୁର୍ଥ ଇଲାକା, ସେଥିରୁ ବାଦ୍ ପଡ଼ନ୍ତା କିପରି ? ବସ୍ତୁତଃ ଖବରକାଗଜ ତ ସେଇ ଆତ୍ମପ୍ରତାରଣାର ପ୍ରଚାରଯନ୍ତ୍ର । ସମ୍ବାଦପତ୍ରର ସ୍ୱାଧୀନତା 'ଡ୍ରାଇ-ଡେ' ପରି ଆଉ ଏକ ମୁଖରୋଚକ ବୋଲି ।

ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ ଆଗକୁ ଚାହିଁ ଗଣି ଦେଖିଲି, କାଉଣ୍ଟର ପର୍ଯ୍ୟନ୍ତ ମୋ ଆଗରେ ଠିଆ ହୋଇଛନ୍ତି ଆଉରି ପନ୍ଦର ଜଣ— ପ୍ରତ୍ୟେକଙ୍କ ପାଇଁ ଅନ୍ୟୂନ ତିନି ମିନିଟ୍ ଆବଶ୍ୟକ ହେଲେ, ମୋ ପାଳି ପଡ଼ିବ ୪୫ ମିନିଟ୍‌ରେ । ବଡ଼ କ୍ଳାନ୍ତ ଲାଗେ, ଏଇପରି ଅସହାୟ ଭାବରେ କ୍ୟୁ'ରେ ଧାଡ଼ି ଦେବା ପାଇଁ । ତା' ଉପରେ ପୁଣି ପଛରେ ପେରୀ ମାସନ୍ ଡିଟେକ୍‌ଟିଭ ଉପନ୍ୟାସର କୌଣସି ଚରିତ୍ର ପରି, ମୁଣ୍ଡରେ ଫେଲଟ୍‌ଟୋପି ପିନ୍ଧା ସେଇ ଭଦ୍ରଲୋକଙ୍କର ଉତ୍ତପ୍ତ ନିଃଶ୍ୱାସ, ବେକମୂଳେ ନିଆଁ ଝାସ ପରି ଲାଗୁଛି ।

ଏଇପରି ଅସ୍ୱସ୍ତିପୂର୍ଣ୍ଣ ମୁହୂର୍ତ୍ତରେ ମୋ ନାକ ତଳେ କେତେ ପଟ ତାସ୍ ପରି କିଏ ଜଣେ ଖୋଲି ଧରିଲା କେତେଖଣ୍ଡ ରଙ୍ଗବେରଙ୍ଗ କାଗଜ । "ଲଟେରୀ ଟିକେଟ୍ ମୋଲିଯେ ସା'ବ୍ ।

Digitized by srujanika@gmail.com

ପଅର ଦିନ ତ୍ରୁ । ଏଇ ଲାଷ୍ଟ ଚାନ୍‌ସ । ନସିବରେ ଥିଲେ, ଗୋଟିଏ ଟଙ୍କା ଦେଇ ଲକ୍ଷେରୁ ଦଶ ଲକ୍ଷ ଆପଣ ପାଇଯିବା ଅସମ୍ଭବ ନୁହେଁ । ଦିଲ୍ଲୀ ଲଟେରୀ, ୟୁ.ପି. ଲଟେରୀ, ପଞ୍ଜାବ ଲଟେରୀ, ହରିୟାନା ଲଟେରୀ ସବୁ ଲଟେରୀ କିଣିପାରନ୍ତି ଆପଣ । ତା' ହେଲେ ଆପଣଙ୍କ ନସିବକୁ ଲଟେରୀ କୋଉଠି ନା କୋଉଠି ତ ନିଶ୍ଚୟ ବାଜିବ ।''

ଏତେବେଳକେ ଲୋକଟାକୁ ଚାହିଁ ଦେଖିଲି । ପିନ୍ଧିଛି କାନଭାସ ପରି ଡେନିମ୍ କନାର ଖଣ୍ଡେ ବେଲବଟମ ଆଉ ଗୋଟାଏ ଫିକା କଳାରଙ୍ଗର ଟି ସାର୍ଟ, ପାଦରେ ହଳେ ଶସ୍ତା ବାଟା ଚପଲ। ମହାନଗରୀର ଲକ୍ଷ ଲକ୍ଷ ବେକାରଙ୍କ ମଧ୍ୟରୁ ସେ ମଧ୍ୟ ଆଉ ଜଣେ । ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ ଆଗରେ ଏଇ ଚେହେରାର ଅନେକ ଯୁବକ ଦେଖିବାକୁ ମିଳିବେ। ବିଶେଷତ୍ୱ ନାହିଁ । କିନ୍ତୁ ତା'ର ମୁହଁରେ କ୍ଷୁଧାର ଅନେକ ଦନ୍ତ-ନଖାଘାତ, ସେ ସବୁ ଗଭୀର ରେଖା ପରି ଆମ୍ପୁଡ଼ି ହୋଇଯାଇଛି। ଦୁଇ ଆଖିରେ କିପରି ଗୋଟାଏ ହତାଶାର ପାଂଶୁଳତା । ଏପରି ମୁହଁ ମନରେ ରେଖାପାତ କରେ । ସହଜରେ ଭୁଲିଯିବା ସମ୍ଭବ ନୁହେଁ। ମୋ ପିଠିରେ ଗୋଟାଏ ମୃଦୁ ଧକ୍‌କା ଦେଇ ପେରୀ ମାସନ୍‌ର ଚରିତ୍ର ପରି ଫିସ୍ ଫିସ୍ କଣ୍ଠରେ କହିଲେ... ''ମୁଭ୍ ଅନ୍।''

ମୋ ଆଗରେ ଧାଡ଼ି ପତଳା ପଡ଼ି ଆସୁଥିଲା। ମୁଁ ଆଗକୁ ଗୋଟାଏ ଲମ୍ବା ପାହୁଲ ପକାଇଲି ।...ସେ ଲୋକଟା କିନ୍ତୁ ନଛୋଡ଼ବନ୍ଦା । ସମସ୍ତଙ୍କ ସାଙ୍ଗରେ ମାଛି ପରି ଲାଗି ଲାଗି, ଶେଷକୁ ମୋତେ ପାଇଛି । ଏତେ ସହଜରେ ଛାଡ଼ିଦେବ କିପରି ? ମୋର ଗୋ-ବିଚାରୀ ଚେହେରାରେ ସେ ନିଶ୍ଚୟ ଲକ୍ଷ୍ୟ କରିଥିଲା, ଜଣେ ସମ୍ଭାବିତ ଗ୍ରାହକ। ମୋ ଚେହେରାରେ ଏପରି କ'ଣ ଅଛି କେଜାଣି, ସମସ୍ତେ ଆରମ୍ଭରୁ ମୋତେ ଧରି ନିଅନ୍ତି ଗୋ-ବିଚାରୀ ବୋଲି। ମୁଁ ଯେପରି ସମସ୍ତଙ୍କ ହାତ ପାଆନ୍ତାରେ ସରଳ, ସାଦାସିଧା ଭଦ୍ରଲୋକଟିଏ । କିନ୍ତୁ ମୋ ଭିତରେ ଭୂମିକମ୍ପର ସ୍ପନ୍ଦନ କେତେ ଜଣ ଅନୁଭବ କରନ୍ତି ? ସବୁ ଚେଷ୍ଟା ସତ୍ତ୍ୱେ ମୁଖାଟା ଅବଶ୍ୟ ବେଳେ ବେଳେ ଖସିପଡ଼େ । ସେତେବେଳେ ସେପରି ସହଜବିଶ୍ୱାସୀ ଲୋକମାନଙ୍କର ଚେତା ପଶେ— ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇଛନ୍ତି ସେମାନେ । ମୁଁ ଚିତ୍କାର କଲି ବିରକ୍ତିରେ ''ଡୋଣ୍ଟ ପ୍ରେସର୍ ମି । (ଓଡ଼ିଆ ଭାଷାରେ ରାଗିବା ସମ୍ଭବ ନୁହେଁ, ଅନ୍ତତଃ ଏପରି ରାଗିବା ।) ମୁଁ ତୁମର ଜୁଆଡ଼ି ସଭ୍ୟତାରେ ବିଶ୍ୱାସ କରେ ନାହିଁ । ଟଙ୍କାକର ଟିକେଟ୍‌ରେ ଦଶଲକ୍ଷ ଟଙ୍କା ଲାଭ ? ଜୁଆଚୋରି ଆଉ କାହାକୁ କହନ୍ତି ? ତମେ କ'ଣ କରିବ ? ତମର ସମାଜ ସଭ୍ୟତାର ଭିତ୍ତି ତ ଆଜି ଏଇଆ ଲଟେରୀ ଟିକେଟ୍ ।''

ଆଉରି ପାଦେ ଆଗକୁ ଘୁଞ୍ଚିଗଲି ।

ସେ କିନ୍ତୁ ନଛୋଡ଼ବନ୍ଦା । ସେ କହିଲା ରାଜନୀତି ଠାରୁ ଫିଲିମ୍, ସାହିତ୍ୟଠାରୁ ଯୋଗ, ପ୍ରାଣାୟମ— କୋଉଥିରେ ଆଜି ଜୁଆଚୋରି ନାହିଁ ? ଅର୍ଥାତ୍ ବିନା ସାଧନାରେ ସିଦ୍ଧି ପାଇଁ ପ୍ରୟାସ !''

ଲୋକଟାର ବିଷଣ୍ଣ ଆଖି ଦୁଇଟା ଭିତରକୁ ଚାହିଁଲି । କଥାବାର୍ତ୍ତାରେ ତ କିତାବୀ ଢଙ୍ଗ । କଣ୍ଠସ୍ୱର ମୋର କୋମଳ ପଡ଼ି ଆସିଲା । ମୁଁ କହିଲି... ''ନୀତି ଦୃଷ୍ଟିରୁ ମୁଁ ଲଟେରୀ ଆଉ

Digitized by srujanika@gmail.com

ଇନ୍‌ସୁରେନ୍‌ସର ବିରୋଧୀ । ବାହୁବଳରେ, ବୁଦ୍ଧି ବଳରେ ଅର୍ଥ ଉପାର୍ଜନ କରିବା ପାଇଁ ପଡ଼ିବ— ସେ ଲଟେରୀ ଗୁଳାରେ ନୁହେଁ । ଆଉ ଜୀବନର ଯଦି କୌଣସି ମୂଲ୍ୟ ଥାଏ ତା ହେଲେ ସମାଜ ହିଁ ହେବ ତା'ର ରକ୍ଷକ । ଇନ୍‌ସୁରାନ୍‌ସରେ ମହୁମାଛି ପରି ନିଜେ ମହୁ ସଞ୍ଚୟ କରି କରି ଶେଷକୁ ମୁଁ ବଞ୍ଚିତ ହେବାକୁ ଘୃଣା କରେ ।''

... ''ନୀତିରେ ମଧ୍ୟ ମୁଁ କମ୍ ବିଶ୍ୱାସ କରୁ ନ ଥିଲି । ଏଇ ମୋର ଏମ୍ପଲୟମେଣ୍ଟ ଏକସ୍‌ଚେଞ୍ଜ କାର୍ଡ଼ । ଦୁଇ ବର୍ଷ ହେଲା ରିନିଉ କରି କରି ଚାଲିଛି । ଯୋଗାଡ଼ କରି ଦେଇ ପାରିବ ମୋ ପାଇଁ ? —ମାର ଗୁଲି ହୁଇସ୍କି ରମ୍ ଜିନ୍‌କୁ— ଖାଲି ରୋଟି ଆଉ ଶାକ୍ ।''

ଏମ୍ପଲୟମେଣ୍ଟ କାର୍ଡ଼ରେ ଦେଖିଲି ଲୋକଟା ବିଦ୍ୱାନ୍ ନ ହେଉ ପଛେ ବିଦ୍ୟାଧାରୀ— ବି.ଏ. ଡିଗ୍ରୀ ଅଛି, ହେଉନା ପଛେ ଗୋଟାଏ ଶସ୍ତା ୟୁନିଭର୍‌ସିଟିର ।

ମୁଁ କହିଲି... ''କେଉଁଠି ଗୋଟିଏ ଭଦ୍ରଭାବରେ ଚଳିପାରିବା ଭଳି ଚାକିରି ଯୋଗାଡ଼ ନ କରି, ଅନ୍ତତଃ ଖବରକାଗଜ ହକିଙ୍ଗ ନ କରି, ଏ ଜୁଆ ଆଡ଼ାରେ ମାତିଛ କାହିଁକି ? ତୁମକୁ ଶହେ ଏକ ଥର ପାଇଁ କହି ଦେଉଛି, ମୁଁ ଜଣେ ମାନ୍ ଅଫ୍ ପ୍ରିନସିପଲ୍, ଆଉ ମୋ ମତରେ ଲଟେରୀ ଏକ ଜୁଆ । ଯେଉଁମାନେ ଲଟେରୀ ଟିକେଟ ବିକନ୍ତି, ସେମାନେ ରିଆକ୍‌ସନାରୀ ମଣିଷଗୁଡ଼ାଙ୍କୁ କରି ଦେଉଛନ୍ତି ଭାଗ୍ୟବାଦୀ, ମେହେନତ୍ ନ କରି ଫଳ ପାଇବାରେ ବିଶ୍ୱାସୀ ।''

ସେ ଉତ୍ତର ଦେଲା... ''ଏମିତି ଅନେକ ଲେକ୍‌ଚରବାଜୀ ଶୁଣିଛି । ଗୋଟାଏ ଟିକେଟ ବିକ୍ରି କଲେ ପଚିଶ ପଇସା କମିସନ୍ । ତା ଉପରେ ଅଛି, ଯଦି ଭାଗ୍ୟକୁ ମୁଁ ବିକ୍ରି କରିଥିବା ଲଟେରୀ ଡ୍ରରେ ଉଠେ । କିଣନ୍ତୁ ନା ଦୁଇ ତିନିଟା ଲଟେରୀ । କ'ଣ ବା ଆପଣଙ୍କର ଖର୍ଚ୍ଚ ହୋଇଯିବ ଏପରି ?''

କୌଣସି ଉତ୍ତର ନ ଦେଇ ଏଥର ପୂରାପୂରି ଲୋକଟାକୁ ଉପେକ୍ଷା କରି ମୁଁ କାଉଣ୍ଟର ପାଖକୁ ମାଡ଼ିଆସିଲି । ଗୋଟାଏ ହୁଇସ୍କି ବୋତଲ କାଖ ତଳେ ଜାକି ମୁଁ ଗଣିଦେଲି ଆଠ ଖଣ୍ଡ ଦଶ ଟଙ୍କିଆ ନୋଟ୍ ।

ଆଠଖଣ୍ଡ ନୂଆ ଦଶଟଙ୍କିଆ ନୋଟ ମୁଁ ପିଙ୍ଗି ଦେଉଥିଲି କାଉଣ୍ଟର ଉପରକୁ, ଲୋକଟା କ୍ଷୁଧିତ ଆଖିରେ ଚାହିଁ ଦେଖୁଥିଲା । ମୁଁ କାଉଣ୍ଟର ପାଖରୁ ବୋତଲଟା ଧରି ଚାଲି ଆସିଲା ବେଳେ, ସେ ସ୍ୱଗତୋକ୍ତି କରିବା ପରି ମୋତେ ଶୁଣାଇ ଶୁଣାଇ କହିଲା ''ହାମକୁ ଭି ତ ରୋଟି ଖାନା ହାୟ ।''

ମୁଁ ଯେମିତି ତା ମୁହଁରୁ ରୁଟି ଛଡ଼ାଇ ନେଇଛି । —ହଁ ଛଡ଼ାଇ ନେଇ ନାହିଁ ତ ଆଉ କ'ଣ ? କିନ୍ତୁ କିପରି ? ଖଣ୍ଡେ ସିଗାରେଟ୍ ଦିଆସିଲି ଉପରେ ପିଟି ପିଟି, ସେଇ ପ୍ରଶ୍ନର ଉତ୍ତର ଚିନ୍ତା କରୁଥିଲି ।

ଅଶୀ ଟଙ୍କାର ଲଟେରୀ ଟିକେଟ୍ କିଣିଥିଲେ ସେ କମିଶନ୍ ପାଇଥାନ୍ତା କୋଡ଼ିଏ ଟଙ୍କା, ଆଉ ମୋ ଭାଗ୍ୟରେ ଯଦି...

ଟ୍ୟାକ୍‌ସି କେହି ଗୋଟାଏ ସୁଦ୍ଧା ଅଟକୁ ନାହାନ୍ତି । ସନ୍ଧ୍ୟାବେଳେ ଟ୍ୟାକ୍‌ସିବାଲାଙ୍କର ମିଜାଜ୍‌ଟା ଥାଏ ଏହିପରି । ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲି ଚାଲି ଯିବାପାଇଁ ପ୍ରବୃତ୍ତି ନାହିଁ । ଲଟେରୀ

Digitized by srujanika@gmail.com

ଟିକେଟ ବିକାଳିର ସେଇ କଥା ପଦକ— ''ହାମ୍‌କୁ ଭି ତ ରୋଟି ଖାନା ହେ''... ମୋ ଭିତରେ ସବୁ ଓଲଟପାଲଟ କରି ଦେଇଯାଇଛି । ଥାପର୍‌ର ବାର୍ଥ ଡେ ପାର୍ଟିରେ ମୁଁ ପିଉଥିବି ହୁଇସ୍କି ଆଉ ଏ ଲୋକଟା ଲଟେରୀ ଟିକେଟ୍ ବଣ୍ଡଲ୍ ଧରି ରାସ୍ତାରେ ବୁଲୁଥିବ । ଏ ଦୁଇଟି ଦୃଶ୍ୟ ମଧ୍ୟରେ ମୁଁ ସମୀକରଣ କରି ପାରୁ ନ ଥିଲି । ନାଁଃ— ଥାପର୍‌ର ବାର୍ଥ ଡେ ପାର୍ଟିକୁ ଯିବି ନାହିଁ । କାଲି କଫି ହାଉସ୍‌ରେ ଯେ କୌଣସି ଗୋଟାଏ କୈଫିୟତ ଦେଇଦେଲେ ଚଳିବ । ସର୍ଦ୍ଦି, ଫ୍ଲୁ—ଜଣେ ବନ୍ଧୁର ଆକ୍‌ସିଡେ଼ଣ୍ଟ । ତା' ଛଡ଼ା ମୁଁ କାଖତଳେ ଜାକି ଯାଉଛି ଶସ୍ତା ଡିପ୍ଲୋମାଟ୍ ହୁଇସ୍କି କିନ୍ତୁ ଥାପରର୍ ଡ୍ରଇଂ ରୁମରେ କଳା କଳା ଆଖି ମେଲି ଚାହିଁ ରହିଥିବେ ଧାଡ଼ି ଧାଡ଼ି ବ୍ଲାକ୍‌ଡଗ୍, ଜନି ଓ୍ୱାକର, ବ୍ଲାକ ଆଣ୍ଡ ହ୍ୱାଇଟ୍ ବୋତଲ । ତା' ଭିତରେ ଗୋଟାଏ ଚିଭାସ୍‌ରିଗାଲ ଥିବା ମଧ ଅସମ୍ଭବ ନୁହେଁ । ବିଦେଶୀ ଏମ୍ବାସୀମାନଙ୍କ 'ସହିତ ଥାପର୍‌ର ଯେପରି ଚୋରା କାରବାର, ସେଥିରେ ଏସବୁ ବସ୍ତୁ ଦୁର୍ଲଭ ନୁହେଁ । ତା'ରି ଭିତରେ ମୁଁ ଯେତେବେଳେ ଧନୀ ପରିବାରରେ ଜଣେ ଦରିଦ୍ର ଆତ୍ମୀୟ ପରି ଏଇ ଡିପ୍ଲୋମାଟ୍ ହୁଇସ୍କି ବୋତଲଟାକୁ ରଖିବି, ତା'ର ପାଣିଚିଆ ଚେହେରା କ'ଣ ଖାପଖାଇବ, ବ୍ଲାକ-ଡଗ୍, ଜନିଓ୍ୱାକରମାନଙ୍କର ବର୍ଣ୍ଣାଭିଜାତ୍ୟ ସହିତ ? କେତେ ପେଗ୍ ଶସ୍ତା 'ଡିପ୍ଲୋମାଟ୍' ବଦଳରେ ମୁଁ ହୁଏତ ସାଫ୍ କରିଦେବି ଗୋଟାଏ ସ୍କଚ । ଇଏ କ'ଣ ସେଇ ଜୁଆ ନୁହେଁ, ଯାହା ବିରୋଧରେ ମୁଁ ଏତେକ୍ଷଣ ସେ ବିଚାରାକୁ ଶୁଣାଉଥିଲି ସରମନ୍ ? ...ନା ଥାପର୍ ପାର୍ଟିକୁ ଯିବି ନାହିଁ । — ''କାଲି ହଠାତ୍ ଫ୍ଲୁଟା ଧରି ପକାଇଲା ଭାଇ ।''

ତା' ହେଲେ କ'ଣ କରିବି, ବର୍ତ୍ତମାନ ଏଇ ନିଃସଙ୍ଗ ସନ୍ତସନ୍ତିଆ ସନ୍ଧ୍ୟା ଆଉ ହୁଇସ୍କି ବୋତଲକୁ ନେଇ ? ଆକାଶରେ ତାରାଗୁଡ଼ାକ ସୁଦ୍ଧା ଦିଶୁଛନ୍ତି ନିଃସଙ୍ଗ । ଅରଣ୍ୟର ନିଃସଙ୍ଗ ନିର୍ଜନତାରେ ଅଛି ପ୍ରଶାନ୍ତି କିନ୍ତୁ ମହାନଗରୀର ନିଃସଙ୍ଗତାରେ ଏ କି ଦଂଶନ ? କି ଜ୍ୱାଳା ? ଚାରିଆଡ଼େ କେବଳ ଗୁଡ଼ାଏ ଅଶରୀରୀ ଛାୟାମୂର୍ତ୍ତି ।

ସେ ଲୋକଟା ତଥାପି ଠିଆ ହୋଇଥିଲା ଫୁଟ୍‌ପାଥ କଡ଼ରେ ଯେପରି ତା'ର ଗତି ଓ ଗନ୍ତବ୍ୟ ଉଭୟ ଅନିଶ୍ଚିତ । ଆଜି କେତେ ଟଙ୍କାର ଲଟେରୀ ବିକିଛି କେଜାଣି ? ସେଥିରେ ତା'ର 'ରୋଟୀ ଶାକ୍' ଚଳିବ ତ ?

ମୁଁ ପଛକୁ ଯାଇ ତା' କାନ୍ଧ ଉପରେ ହାତ ରଖିବା ମାତ୍ରେ ସେ ଚମକି ପଡ଼ିଲା । କଣ୍ଠରେ ତାର ବିସ୍ଫୋରଣ— ''ତୁମ୍ ପୁଲିସ୍ କା ଆଦ୍‌ମୀ ହାୟ ?''

''ଆରେ ନାଇଁ ୟାର୍, ପୋଲିସ ଆଉ ମୁଁ ଜାତଶତ୍ରୁ ।''

''ତା' ହେଲେ ?''

ତା'ହେଲେର ଉତ୍ତର ତ ଦେଇ ହେବ ନାହିଁ ତାକୁ । ଫ୍ଲାଟର ପାରାଭାଡ଼ି ଭିତରକୁ ଫେରିଯିବା ମୋତେ ଲାଗୁଥିଲା, ଏମର୍ଜେନସୀ ବେଳର ସେଲ୍‌କୁ ଫେରିଯିବା ପରି । ଏଇ ତ ସେଲ୍ ବନ୍ଦ ହେବାବେଳ ।

''ତମର ଯଦି ଆପତ୍ତି ନ ଥାଏ— ଆସ ନା ପାଖରେ ମୋର ଫ୍ଲାଟ୍ । ଏ ହୁଇସ୍କି ବୋତଲଟା...'' ତା'ର ପ୍ରୟୋଜନ ହୁଇସ୍କି । ମୋର ପ୍ରୟୋଜନ ସାନ୍ନିଧ ହେଉନା ପଛେ ଲଟେରୀ ବିକାଳିର ।

Digitized by srujanika@gmail.com

''କିନ୍ତୁ ତୁମେ ପୁଲିସ୍‌ବାଲା ନୁହେଁ ତ ? ଏଇ ଦେଖ ତା' ହେଲେ...'' ପକେଟରୁ ଗୋଟାଏ ଛୁରା କାଢ଼ି ଦେଖାଇଲା ସେ । ମୁଁ ବାଧ୍ୟବାଧକତାରେ ହସିବା ପରି ହସି ହସି କହିଲି... ''ଆରେ ନା ନା ପୁଲିସ ଆଉ ମୁଁ ଜାତଶତ୍ରୁ ।'' ସିଏ ମୋ ପଛେ ପଛେ ଆସିଲା । ଏଇ ମୌକାରେ ଯଦି କିଛି ଲଟେରୀ ଟିକେଟ୍ ବିକ୍ରି କରିପାରେ ସେ । ତା' ନ ହେଲେ... ଛିଣ୍ଡା ଆଟାଚିଟାକୁ ସେ କାଖତଳେ ଜାକି ଧରିଲା ।

ସିଡ଼ି ଅନ୍ଧାର । ଦ୍ୱିତୀୟ ମହଲାରେ ରାଓର ଫ୍ଲାଟ୍‌ରୁ ବାଜୁଥିଲା ରେକର୍ଡ୍-ପ୍ଲେୟାରରେ ରଷିଆନ୍ ବାଲେ ମ୍ୟୁଜିକ—ବଡ଼ କରୁଣ; ଷ୍ଟେପିଜ୍‌ର ଆତ୍ମାର ବିଳାପ ମୁଁ ଶୁଣିପାରେ ଏଇ ବାଲେ ମ୍ୟୁଜିକ୍, ରାଓକୁ ଏତେ ଭଲଲାଗେ କାହିଁକି ବାଲେ ମ୍ୟୁଜିକ, ଇଏ ବୋଧହୁଏ 'ଷ୍ଟୋନ୍-ଫ୍ଲାୱାର' ବାଲେର ରେକର୍ଡ଼ । ସେଦିନ ସକାଳେ ରାଓ, ସେଇ ରେକର୍ଡ଼ ଥାକେ ଧରି ମୋ ଫ୍ଲାଟ୍‌କୁ ଆସିଥିଲା— ମୁଁ ଯଦି କିଣିବାକୁ ଚାହେଁ, ସେ ସବୁ ସେ ବିକ୍ରି କରିଦେବ ନାମମାତ୍ର ମୂଲ୍ୟରେ । ରାଓ ଆଡ଼ପାଗଳ। ବେଳେ ବେଳେ ପାଗଳାମି ତା'ର ବାହାରେ । ମୁଁ ତାକୁ ଫେରେଇ ଦେଇ କହିଲି... ''ମୋର ଭାଇ ଷ୍ଟିରିଓ ନାହିଁ, ରେକର୍ଡ଼ ନେଇ କ'ଣ କରିବି ?'' ସିଏ କହିଲା... ''ୟୁ ଆର୍ ଏ ପିଗ୍ । ପାଣି ଦାମ୍‌ରେ ମୋର ଅଫର୍ ନେଲୁ ନାହିଁ ।'' ଏବେ ହୁଏତ ରାଓର ଆଡ଼ପାଗଳାମି ବାହାରିଛି । ଫ୍ଲାଟ୍ ଅନ୍ଧାର କରି ସେ ବଜାଉଛି ବ୍ୟାଲେ-ମ୍ୟୁଜିକ୍, ଲୋ-ଭଲ୍ୟୁମ୍‌ରେ ।

ମୋ ଫ୍ଲାଟ୍‌ର ସୁଇଚ୍ ଅନ୍ କରିବା ମାତ୍ରେ, ସେ ଲୋକଟା ଚାରିଆଡ଼କୁ ଚାହିଁ ପଚାରିଲା... ''ତା' ହେଲେ ତମେ ବାଚିଲର୍ ? ତଥାପି ଭବିଷ୍ୟତ୍‌ରେ ତ ବିବାହ କରିପାର । ଲଟେରୀଟାଏ କିଣିଥିଲେ ଅନେକ କାମରେ ଆସନ୍ତା ।'' ତା'ର ଶ୍ୱେତା ଆଖି ଦୁଇଟା କି ସମ୍ଭାବନାରେ ପୁଣି ଉଜ୍ଜ୍ୱଳ ହୋଇଉଠିଲା କେଜାଣି ? ମୁଁ କିନ୍ତୁ ମାନ ଅଫ୍ ପ୍ରିନ୍‌ସିପଲ। ଯେତେ ଯାହା ହେଲେ ବି ଲଟେରୀ ଟିକେଟ୍ କିଣିବି ନାହିଁ । ମୁଁ କହିଲି... ''ଫ୍ରିଜ୍ ନାହିଁ, ସୋଡ଼ା ନାହିଁ, ଅଛି ବାଥ୍‌ରୁମ୍ ଟ୍ୟାପ୍ ପାଣି । ସେଥିରେ ତମର ଚଳିବ ତ ?''

... ''ରାସ୍ତା ଟ୍ୟାପ୍ ଅପେକ୍ଷା ତମ ବାଥରୁମ୍ ଟ୍ୟାପ୍‌ର ପାଣି ନିଶ୍ଚୟ ଅଧିକ ନିର୍ମଳ ।''—କଣ୍ଠସ୍ୱର ତା'ର ବିଦ୍ରୂପ ।

ଦୁଇଟା ଗ୍ଲାସ୍ ଗୋଟାଏ ଜଗ୍ ପାଣି ଆଉ ହୁଇସ୍କି ବୋତଲଟା ରଖିଲି ଆଣି ଗୋଟାଏ ଗୋଡ଼ଭଙ୍ଗା, ଏକଦା ସୁଦିନରେ ବ୍ୟବହୃତ ହୋଇଥିବା ସେଣ୍ଟରପିସ୍ ଉପରେ ।

ତିନିଟା ପେଗ୍ ଟାଣିବା ପରେ ସେ ଲୋକଟାର ଆଖି ପଡ଼ିଲା କାନ୍ଥରେ ଝୁଲିଥିବା, ଡାକତଲାଲ୍-ଟେକ୍‌ସଟାଇଲ୍-ଗ୍ରୁପର ଗୋଟାଏ ଲଙ୍ଗୁଳି ଝିଅର କ୍ୟାଲେଣ୍ଡର ଛବି ଉପରେ। ସକାଳେ ଉଠିବା ମାତ୍ରେଇ ମୋର ଆଖି ପଡ଼େ ସେଇ କ୍ୟାଲେଣ୍ଡର ଉପରେ । ମୁଁ ମନେ ମନେ ତା'ର ଭାଇଟାଲ୍ ଷ୍ଟାଟିସ୍‌ଟିକ୍‌ସର ଗୋଟାଏ କଳନା କରେ, ତଳୁ ବେଡ୍-ଟି ଆସିବା ପର୍ଯ୍ୟନ୍ତ ।

Digitized by srujanika@gmail.com

ତା'ର ଆଖିଦୁଇଟା ହଠାତ୍ ଦପ୍ ଦପ୍ କରି ଉଠିଲା ରଡ଼ ନିଆଁ ପରି । ସେ କହିଲା... ''ମାର ଗୋଲି ଲଟେରୀ ଟିକେଟ୍ । ତମପାଇଁ ମୋ ପାଖରେ ଆଉରି ବଢ଼ିଆ ମାଲ୍ ଅଛି । ମୁଁ ଜାଣେ ତମେ ପୁଣି ବାଚିଲର୍ ।''

ମୁଁ ଆସ୍ତି ନାସ୍ତି କରିବା ପୂର୍ବରୁ ସେ ତା'ର ଛିଣ୍ଡା ଫୋଲିଓ ବ୍ୟାଗ୍ ଭିତରୁ କାଢ଼ି ଆଣିଲା କେତେ ଖଣ୍ଡ ପର୍ଣ୍ଣୋଗ୍ରାଫିକ୍ ଯୌନ-ସଙ୍ଗମର ଫଟୋଗ୍ରାଫ୍ ।

ଭାବିଲି, ବୋଧହୁଏ ଅଧୁନା ଆନ୍ତର୍ଜାତିକ-ପ୍ରସିଦ୍ଧି ଲାଭ କରିଥିବା, ନେତା-ପୁତ୍ରଙ୍କର ଯୌନଲୀଳାର ଫଟୋଗ୍ରାଫ୍ ''...ଏଥିରୁ କ'ଣ ନା କିଛି ।''

ନା— ଏ ତ ନେତା-ପୁତ୍ରଙ୍କର ଫଟୋ ନୁହେଁ । ଘୃଣାରେ ମୋର ଦେହ ଶୀତେଇ ଉଠିଲା । ତଳେ ଚିତ୍ ହୋଇ ଶୋଇଥିବା ଉଲଗ୍ନ ଲୋକଟା ଯେ ସ୍ୱୟଂ ଏଇ ଲୋକ । ଏପରି ନିର୍ଲଜ୍ଜ ଅକୁଣ୍ଠିତ ଭାବରେ ସେ ନିଜର ଦେହକୁ ବିକ୍ରି କରିପାରୁଛି କିପରି ?

ନିଜକୁ ସଂଯତ କରି ପଚାରିଲି... ''ଏ ସ୍ତ୍ରୀ ଲୋକଟା କିଏ ? ନିଶ୍ଚୟ କୌଣସି ଶସ୍ତା କଲ୍ ଗାର୍ଲ, ନୋହିଲେ ସେଇପରି କିଛି ।''

ନିର୍ଲିପ୍ତ କଣ୍ଠରେ ସେ ଉତ୍ତର ଦେଲା... ''ସିଏ ମୋର ସ୍ତ୍ରୀ ।''

''ଶେଷକୁ ଏଇ ଧନ୍ଦା ଧରିଲ ?''

''ଇଏ ତ ମନ୍ଦ ଧନ୍ଦା ନୁହେଁ । ତୁମର ରାଜନୀତି, ବ୍ୟବସାୟ, ସାହିତ୍ୟ ସବୁ ତ ଆଜି ଚାଲିଛି ଏଇ ଧନ୍ଦାରେ । ନେତାଙ୍କ ପୁଅଙ୍କ କଥା ନ କହିବା ଭଲ । ଟାକତ୍‌ଲାଲ ଟେକସ୍‌ଟାଇଲ୍ ଗ୍ରୁପର ବିଜ୍ଞାପନ ପାଇଁ ପ୍ରୟୋଜନ ଏଇପରି ଲଙ୍ଗଳା ଛବି । ଆଉ ସାହିତ୍ୟ କହିଲେ ତ ଆଜି ଏଇପରି ଲଙ୍ଗୁଳୀମାନଙ୍କୁ ନେଇ ଲେଖା 'ଗରମ୍ କାହାନିୟାଁ ।' ଏମାନେ ସମସ୍ତେ ଯଦି ଭଦ୍ର ହୋଇପାରିଲେ; ମୁଁ ଅଶ୍ଳୀଳ ହେବି କାହିଁକି ? ଅଶ୍ଳୀଳତାଇ ଆଜିର ସମାଜର ଭିତ୍ତି ।''

ସେ ଲୋକଟାର ମୁହଁକୁ ଚାହିଁପାରିଲି ନାହିଁ। ସିଏ ଯେପରି ମୋ ମୁହଁ ଉପରେ ଲଗାଇ ଯାଉଥିଲା, ଗୋଟାକ ପରେ ଗୋଟାଏ ଚଟକଣା । ମୋର ମୁହଁ ଜଳିଉଠୁଥିଲା ।

ସେ କହିଲା... ''ଏଥିରେ ମଧ୍ୟ ଆଉ ଜଣେ ପାର୍ଟନର୍ ଅଛି। ସିଏ ମୋର ବନ୍ଧୁ । ଫଟୋଗ୍ରାଫର୍ । ଫଟୋରେ ତା'ର ଅଂଶ ସିକ୍‌ସଟୀ ପରସେଣ୍ଟ୍, ଆମର ଫର୍ଟି ।'' —ଅଧା ଗ୍ଲାସଟାକୁ ସେ ଏକା ଢୋକରେ ଶେଷ କରିଦେଲା। ''କିନ୍ତୁ ତାର ଫର୍ଟି ହେବା ଉଚିତ। ତମର ସିକ୍‌ସଟୀ ।'' ମୁଁ ଗ୍ଲାସରୁ ଟିକିଏ ଢୋକ ନେଇ ମନ୍ତବ୍ୟ ଦେଲି... ''କିନ୍ତୁ କାମେରା ଆଗରେ ଦୁଇଟା ପଶୁ ପରି ଏପରି ଗଡ଼ିବା ପାଇଁ ତମକୁ ଲଜ୍ଜା ଲାଗେ ନାହିଁ ?''

''କିନ୍ତୁ ସିଏ ଫଟୋ ନ ଉଠାଇଲେ ଆମେ ରାସ୍ତା ଉପରେ ଏମିତି ଗଡ଼ାଗଡ଼ି ହେଉଥିଲେ ବି ଆମକୁ ପଚାରିବ କିଏ ? ରିସ୍କ ତ ତାରି ବେଶୀ । ନିଅନ୍ତୁ ନା ଦୁଇ ତିନିଟା ପିସ୍...ଭିନ୍ନ ଭିନ୍ନ ପୋଜ୍‌ର । ତକିଆ ତଳେ ରଖିବେ । ଖଣ୍ଡେ ପିସ୍ ଦଶଟଙ୍କା । ଆପଣଙ୍କ ପାଖରେ ତିରିଶ ଚାଳିଶ ଟଙ୍କାର ବା କି ଦାମ୍ ଅଛି ? ଏଇତ ଅଶୀ ଟଙ୍କା ଦେଇ ଗୋଟାଏ ହୁଇସ୍କି ବୋତଲ କିଣି ଆଣିଲେ । ଆସି ଶେଷ ହେବା ଉପରେ ।''

Digitized by srujanika@gmail.com

''କିନ୍ତୁ'' ...ମୋ ଭିତରର ମାନ୍ ଅଫ୍ ପ୍ରିନ୍‌ସିପଲ୍ ଜଣକ କ'ଣ ପ୍ରତିବାଦ କରିବା ପାଇଁ ଯେପରି ଚଞ୍ଚଳ ହୋଇ ଉଠୁଥିଲା ।

ସେ କହିଲା... ''କିନ୍ତୁ ଆଉ କ'ଣ ? ଆଜିର ମାଂସଳ ସମାଜରେ ଦୁଇଟା ଜିନିଷର ଚାହିଦା ବେଶୀ, ସେକ୍‌ସ ଆଉ ସହଜ ଟଙ୍କା । ଦୁଇଟାଯାକ ମୁଁ ଧରି ବୁଲୁଛି ମୋର ଫୋଲିଓ ବାଗ୍‌ରେ । ନେବେ ଯଦି ନିଅନ୍ତୁ କେତେଟା ପିସ୍ । ମୋର କିନ୍ତୁ ଆଉ ସମୟ ନଷ୍ଟ କରିବାକୁ ବେଳ ନାହିଁ । ଫଟୋଗ୍ରାଫର୍ ବନ୍ଧୁ ଆସିଯିବଣି ଫଟୋ ଉଠାଇବା ପାଇଁ ।''

ତିନିଖଣ୍ଡ ଦଶଟଙ୍କିଆ ନୋଟ୍ ଘୃଣାରେ ଫିଙ୍ଗିଦେଲି ଲୋକଟା ଉପରକୁ । ସେ ଫିଙ୍ଗିଦେଲା ତିନିଖଣ୍ଡ ଫଟୋଗ୍ରାଫ୍... ''ତମକୁ ଭଲ ନ ଲାଗିଲେ ଆଉ କାହାକୁ ଦେଇଦେବ । ମୋର ଆଉ କେତେଜଣ ଗରାଖ ବଢ଼ିଯାଇପାରିବେ ତ ।''

ଫଟୋଗୁଡ଼ାକୁ ଛୁଇଁଲାବେଳେ ମୋତେ ଲାଗୁଥିଲା ଯେପରି ସବୁ ଯୌନ ପିପାସା ହରାଇ ମୁଁ ହଠାତ୍ ନପୁଂସକ ହୋଇଉଠିଛି ।

ଶିଡ଼ିରେ ଓହ୍ଲାଇଲାବେଳେ ତା ପାଦର ବାଟା ଚଟିର ଶିଥିଳ ଶବ୍ଦ ଶୁଭୁଥିଲା । ବାକି ସବୁ ନୀରବ । ରାଓର ରେକର୍ଡ୍-ପ୍ଲେୟାରରେ ବ୍ୟାଲେ ମ୍ୟୁଜିକ୍‌ର ଝଙ୍କାର ଚୂଡ଼ାନ୍ତକୁ ଉଠିବା ପରେ, ହଠାତ୍ ମୂର୍ଚ୍ଛିତ ହୋଇ ପଡ଼ିଥିଲା ।

●

Digitized by srujanika@gmail.com

ସେଇ ଲୋକଟା

''ଗୁଡ୍ ମର୍ଣ୍ଣିଙ୍ଗ୍ ସାର୍''...ସୁପ୍ରଭାତ ଜଣାଇବାର ଭଙ୍ଗୀରେ ତା'ର ଗୋଟାଏ ମାର୍ଜିତ ବୈଦଗ୍ଧ ।

ମିଷ୍ଟର୍ ଚାଉଲା ପ୍ରତ୍ୟହ ସକାଳ ଦଶଟା ବେଳେ କୋଠି ସାମନାରେ ପାର୍କ କରିଥିବା ସଦ୍ୟଧୌତ ଗୋଟାଏ ଇମ୍ପୋର୍ଟେଡ୍ ଫୋର୍ଡ୍‌ଫାଲକନ୍ ଗାଡ଼ି ଭିତରକୁ ଉଠିବାବେଳେ ଗତ କେତେ ଦିନ ହେବ ଏଇ ଅପରିଚିତ ଲୋକଟିର ସସ୍ମିତ ସୁପ୍ରଭାତ ଗ୍ରହଣ କରି ଆସୁଛନ୍ତି; ମାତ୍ର ତା'ର ପରିଚୟ କିମ୍ବା ବୃତ୍ତାନ୍ତ ଜିଜ୍ଞାସା କରିବା ପାଇଁ ଏପର୍ଯ୍ୟନ୍ତ କେବେ କୌତୂହଳୀ ହୋଇପାରି ନାହାନ୍ତି ।

କ୍ରାନ୍ତି-ମାର୍ଗରୁ ବାଙ୍କି ଯାଇଛି—ଇଜ୍ଜତ୍‌ନଗର କଲୋନୀକୁ ରାସ୍ତା । ଦୁଇ କଡ଼େ ନବ୍ୟ-ଉଚ୍ଚବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତମାନଙ୍କର ସମ୍ଭ୍ରାନ୍ତ ବସତି । ଇଜ୍ଜତ୍‌ନଗର ବସ୍‌ଷ୍ଟପ୍‌ଠାରୁ ପ୍ରାୟ ପଚାଶ ଗଜ ଛଡ଼ାରେ ମିଷ୍ଟର ଚାଉଲାଙ୍କ କୋଠି— ସିମେଣ୍ଟ, ରଙ୍ଗିନ ଟାଇଲ ଆଉ କାଚରେ ତିଆରି ଖଣ୍ଡେ ଚିତ୍ରପଟ...ମିଷ୍ଟର ଚାଉଲାଙ୍କ ରୁଚି ଅଛି । ଫାଟକ ଉପରକୁ ନଇଁପଡ଼ିଛି ମହାନଗରୀର ଛବିଳା ଅଭିସାରିକାମାନଙ୍କ ପରି ଗୋଟାଏ ପୁଷ୍ପିତ କୃଷ୍ଣଚୂଡ଼ା । ସେଇ କୃଷ୍ଣଚୂଡ଼ା ଛାଇରେ ପ୍ରତିଦିନ ସକାଳ ଦଶଟା ବେଳେ ପାର୍କ କରି ରହିଥାଏ ମିଷ୍ଟର ଚାଉଲାଙ୍କ ଇମ୍ପୋର୍ଟେଡ୍ ଫାଲକନ୍ ଆଉ ଫାଟକ ବାହାରେ ସେଇ ଅପରିଚିତ ଯୁବକ— ଯାହାର ସସ୍ମିତ ଅଭିନନ୍ଦନ, ମିଷ୍ଟର ଚାଉଲାଙ୍କ ଅକାରଣରେ ଭାରି ମନକୁ ମୁହୂର୍ତ୍ତକ ପାଇଁ ହାଲୁକା କରିଦିଏ ।

ଦିନେ ଦିନେ ପଚାରିବା ପାଇଁ ଇଚ୍ଛା ହୁଏ— କ'ଣ ଚାହେ ସେଇ ଲୋକଟା ? କିପରି ସେ ସାହାଯ୍ୟ କରିପାରିବେ ତାକୁ ? କିନ୍ତୁ ପର ମୁହୂର୍ତ୍ତରେ ଆଶଙ୍କା ହୁଏ; ସେ ହଠାତ୍ କେଜାଣି ମାଗିବ ହୁଏତ ଚାନ୍ଦା, ନୋହିଲେ ଚାକିରି ପାଇଁ ସୁପାରିସ୍ ।

ଷ୍ଟିଅରିଙ୍ଗ୍ ଉପରେ ହାତ ରଖି ମିଷ୍ଟର ଚାଉଲାଙ୍କ ମୁହଁର ରେଖାସବୁ କଠୋର ହୋଇଉଠେ । ପୋର୍ଚ୍ଚରେ ଠିଆ ହୋଇ ମିସେସ୍ ଚାଉଲା ଗତ ରାତିର ନାଇଟ୍ ଗାଉନ ପିନ୍ଧି, ନୃତ୍ୟର ଛନ୍ଦରେ ଗୋଟାଏ ବର୍ତ୍ତୁଳ ବାହୁ ଉପରକୁ ଉଠାଇ ବିଦାୟ ଦିଅନ୍ତି ଟା...ଟା—ଗାଡ଼ି ଷ୍ଟାର୍ଟ ଦେଇ ଆଖି ପିଛୁଡ଼ାକେ ମିଷ୍ଟର ଚାଉଲା ମିଶିଯାନ୍ତି କ୍ରାନ୍ତିମାର୍ଗର ଟ୍ରାଫିକ୍ ଭିତରେ । ଆଉ ସେଇ ଲୋକଟା ଊର୍ଦ୍ଧ୍ୱଶ୍ୱାସ ହୋଇ ଧାଏଁ ଇଜ୍ଜତ୍-ନଗର ବସ୍‌ଷ୍ଟପ୍ ପାଖକୁ; ନମ୍ବର ୬-ଏ ବସ୍‌ରେ ବାଦୁଡ଼ି ପରି ଦୀର୍ଘ ପାଞ୍ଚ ମାଇଲ ରାସ୍ତା ଝୁଲି ଝୁଲି ତା'ର କର୍ମସ୍ଥଳ-ଲିଟନ୍ ରୋଡ଼ରେ ଗୋଟାଏ ଡିପାର୍ଟମେଣ୍ଟାଲ ଷ୍ଟୋର ପର୍ଯ୍ୟନ୍ତ ଯିବାପାଇଁ । ପଛରେ ପୋଡ଼ା ପେଟ୍ରୋଲ ଧୂଆଁର ଗୋଟାଏ ନେଳି କୁଣ୍ଡଳୀ ଉଡ଼ାଇ ମିଷ୍ଟର ଚାଉଲାଙ୍କ ଫୋର୍ଡ୍ ଫାଲକନ୍ କ୍ରମେ ଅଦୃଶ୍ୟ ହୋଇଯିବା ପରେ ସେଇ ଲୋକଟା ଆକାଶକୁ ଆକ୍ରମଣ କରିବା ପରି ଗୋଟାଏ ବନ୍ଧମୁଷ୍ଟି ଉପରକୁ ଉଠାଇ ବିସ୍ଫୋରଣ କରି ଉଠେ ''ବ୍ଲଡ଼ୀ ବାଷ୍ଟାର୍ଡ୍ ! ବାଷ୍ଟାର୍ଡ୍ ।''

Digitized by srujanika@gmail.com

ମିସେସ୍ ଚାଉଲା ସେ ପର୍ଯ୍ୟନ୍ତ ଠିଆହୋଇ ରହିଥାନ୍ତି ପୋର୍ଚ୍ଚ ତଳେ ଉଦାସ ଶୂନ୍ୟ ଦୃଷ୍ଟିରେ ବାହାରର ରାସ୍ତା ଆଉ ରୌଦ୍ରଦୀପ୍ତ ସକାଳ ଆଡ଼େ ଚାହିଁ । ନାଇଟ୍ ଗାଉନ ତଳେ ମିସେସ୍ ଚାଉଲା ଉଲଙ୍ଗିନୀ ନିଶ୍ଚୟ। ସେଇ ଲୋକଟା ପଛକୁ ଅନାଇଁ ଆଉ ଥରେ ମିସେସ୍ ଚାଉଲାଙ୍କୁ ପୋର୍ଚ୍ଚ ତଳେ ଦେଖିବା ପାଇଁ ଚେଷ୍ଟା କରେ । ମିସେସ୍ ଚାଉଲା ପ୍ରୌଢ଼ା— ତଥାପି ପ୍ରସାଧନ ପରିପାଟୀରେ ତାଙ୍କର ବୟସ ଦଶବର୍ଷ ପଛାଇ ଯାଇଛି ନିଶ୍ଚୟ । ମିଷ୍ଟର ଚାଉଲାଙ୍କୁ ଟା...ଟା... କରି ବିଦାୟ ଦେବାବେଳେ ତାଙ୍କ ବାହୁର ବର୍ତ୍ତୁଳ ଭଙ୍ଗୀ ସେଇ ଲୋକଟାକୁ ମୁହୂର୍ତ୍ତକ ପାଇଁ ଯେପରି ସମ୍ମୋହିତ କରିଦିଏ ।

କିନ୍ତୁ ପରମୁହୂର୍ତ୍ତରେ ତାର ମନଟା ହୋଇଉଠେ ବିଷାକ୍ତ । ଆଖି ଆଗରେ ଭାସିଉଠେ ନିଜ ସ୍ତ୍ରୀ କୁଙ୍କୁମର ଦାରିଦ୍ର୍ୟ-ମଳିନ ମୂର୍ତ୍ତି । ନାଇଟ୍‌ଗାଉନ୍ ତଳେ ମିସେସ୍ ଚାଉଲା ଉଲଙ୍ଗିନୀ କିନ୍ତୁ ଶାଢ଼ିରେ ନିଜକୁ ଯେତେ ଢାଙ୍କିଲେ ସୁଦ୍ଧା କୁଙ୍କୁମ ଲଜ୍ଜା ନିବାରଣ କରିପାରେ ନାହିଁ । ସେ ଅନେକ ଥର କୁଙ୍କୁମକୁ ଅନୁରୋଧ କରିଛି; ମିସେସ୍ ଚାଉଲାଙ୍କ ପରି ଟା...ଟା...କହି, ପ୍ରତିଦିନ ସକାଳେ ତାକୁ ବିଦାୟ ଦେବା ପାଇଁ । ମାତ୍ର ସକାଳେ କାମକୁ ବାହାରିବା ବେଳେ କୁଙ୍କୁମ ତା ହାତରେ କୌଣସି ଦିନ ଧରାଇ ଦେଇଛି ରେସନ୍-ଥଳୀ ତ ଆଉ କେଉଁ ଦିନ ବାଢ଼ି ବସିଛି ସଂସାର ବିରୋଧରେ ଯେତେକ ଅଭିଯୋଗ; କିନ୍ତୁ ସତ କହିଲେ କ୍ରିସେଣ୍ଟ ରୋଡ଼ରେ ଗୋଟାଏ ବଙ୍ଗଳା ପଛରେ ସେଇ ବଖୁରିଆ ସରଭାଣ୍ଟସ୍ କ୍ୱାର୍ଟର ଉଡ଼ା ଘରେ ପୋର୍ଚ୍ଚ କାହିଁ ? ଯେଉଁଠାରେ କୁଙ୍କୁମ ଠିଆ ହୋଇ ତାକୁ ବିଦାୟ ଦିଅନ୍ତା ଟା ଟା... କହି ?

ନମ୍ବର ୬-ଏ ବସ୍ ଆସିଗଲା । ଫୁଟ୍‌ବୋର୍ଡ଼ ଉପରକୁ ସେ ଲମ୍ଫ ଦେଇ ଉଠିଲା, ବୁଡ଼ିଗଲା ଲୋକ ନଈ ସୁଅରେ କୁଟାଖିଏ ଧରିବା ପରି ।

ଆଜି ମଧ ସେଇ ଲୋକଟା ସେଇପରି ଅପେକ୍ଷା କରି ଠିଆ ହୋଇଥିଲା, ମିଷ୍ଟର ଚାଉଲାଙ୍କ ଫୋର୍ଡ଼ ଫାଲକନ୍ ଗାଡ଼ି ପାଖରେ । ଲୋକଟା ମୋଟର ଚୋର ବା ଡକାୟତ ନୁହେଁ ନିଶ୍ଚୟ । ଚେହେରାରେ ତାର ଶିକ୍ଷା ଆଉ ସୁରୁଚିର ସ୍ୱାକ୍ଷର । ପିନ୍ଧିଛି ଗୋଟାଏ ଚିପା ନେଳି ଟେରିକଟ୍ ପ୍ୟାଣ୍ଟ ଆଉ ହଳଦିଆରଙ୍ଗର ହାୱାଇ । ମୁଣ୍ଡବାଳ ଆଉ ଗାଲମୁଚ୍ଛାକଲି ବିଟ୍‌ନିକୀ ଛନ୍ଦରେ ବିନ୍ୟସ୍ତ । ଅର୍ଥନୀତିରେ ନ ହେଉ ପଛେ, ଟେରେଲୀନ, ଟେରୀକଟ୍ ପୋଷାକ, ବେଲବଟମ୍ ଆଉ ବିଟନିକ ଛନ୍ଦର କେଶବିନ୍ୟାସ ପ୍ରସାଦରେ ଏଇ ମହାନଗରୀରେ ସାମ୍ୟବାଦ ସୁପ୍ରତିଷ୍ଠିତ ନିଶ୍ଚୟ । ଲକ୍ଷପତିକୁ ସର୍ବହରାଠାରୁ ବାଛିବାର ଉପାୟ ନାହିଁ ।

ମିଷ୍ଟର ଚାଉଲା ଗାଡ଼ି ଭିତରକୁ ଉଠିବାବେଳେ ଆଜି ମଧ ସେ ଅଭିବାଦନ ଜଣାଇଲା— ''ଗୁଡ୍ ମର୍ଣ୍ଣିଙ୍ଗ୍ ସାର ।''

ଅନ୍ୟ ଦିନମାନଙ୍କରେ ମିଷ୍ଟର ଚାଉଲା ଗାଡ଼ି ଷ୍ଟାର୍ଟ ଦିଅନ୍ତି, ସେଇ ଲୋକଟାକୁ ଦେଖି ନ ଦେଖିବା ପରି ନୀରବ ଉପେକ୍ଷାରେ । ମୋଟର ଚୋର ଯେ ହୋଇ ନ ଥିବ, ସେଥିରେ ପୁଣି କି ନିଶ୍ଚିତତା ଅଛି ? ମହାନଗରୀର ଦସ୍ୟୁମାନେ ଏଇପରି ଭଦ୍ରବେଶୀ ।

ଆଜି କିନ୍ତୁ ଉଲ୍ଲସିତ ଭଙ୍ଗୀରେ ମିଷ୍ଟର ଚାଉଲା ପ୍ରତ୍ୟୁତ୍ତର ଦେଲେ... ''ମର୍ଣ୍ଣିଙ୍ଗ୍ ।''

Digitized by srujanika@gmail.com

ତା'ପରେ ନିତାନ୍ତ ଅପ୍ରତ୍ୟାଶିତ ଭାବରେ ସହାନୁଭୂତିପୂର୍ଣ୍ଣ କଣ୍ଠରେ ପଚାରିଲେ... ''କ'ଣ ଦରକାର ? ମୁଁ ତୁମ ପାଇଁ କ'ଣ କରିପାରେ ? ହ୍ୱାଟ୍ କ୍ୟାନ୍ ଆଇ ଡୁ ଫର ୟୁ ।''

ସେଇ ଲୋକଟା ସ୍ମିତ ହସି ଉତ୍ତର ଦେଲା... ''ଆପଣଙ୍କୁ ଅଶେଷ ଧନ୍ୟବାଦ ସାର୍ । ଆପଣଙ୍କ ଆଶୀର୍ବାଦରୁ ଗୋଟିଏ ଛୋଟିଆ ମୋଟିଆ ଚାକିରି ଅଛି। ରହେ ଏଇ ଇଜ୍ଜତ୍ ନଗରଠାରୁ ଅଳ୍ପ ଦୂରରେ କ୍ଲିଫୋର୍ଡ୍ ଲେନରେ ଗୋଟିଏ ଭଡ଼ା ଘରେ ।''

''କିନ୍ତୁ ସବୁଦିନେ ଠିକ୍ ଏତିକିବେଳେ ମୋ ଗାଡ଼ି ପାଖରେ ତୁମେ ଠିଆ ହୋଇ ରହ କାହିଁକି ?'' —ମିଷ୍ଟର ଚାଉଲା ପଚାରିଲେ ବିସ୍ମିତ କଣ୍ଠରେ !

ସେ ଉତ୍ତର ଦେଲା... ''ଏଇବାଟେ ସବୁଦିନେ ବସଷ୍ଟାଣ୍ଡକୁ ଯିବାବେଳେ ମୁଁ ଏଠାରେ ଦଣ୍ଡେ ଠିଆ ହୋଇଯାଏ ସାର୍, ଆପଣଙ୍କ ଫୁଲ ବଗିଚାର ବାହାର ଦେଖିବା ପାଇଁ । ଆପଣଙ୍କ ବଗିଚାର ଗୋଲାପ, କ୍ରିସାନ୍ ଥୋମାମ, ଡାଲିଆ, ବାରସିସସ୍, ଅଷ୍ଟର ସବୁ ଯେ କୌଣସି ପ୍ରଦର୍ଶନୀର ପ୍ରଧାନ ଆକର୍ଷଣ ହୋଇପାରେ ।''

ସେଇ ଲୋକଟା ଗୋଟାଏ ଗୋଲାପରୁ ଅନ୍ୟ ଗୋଲାପ ବାରିପାରିବ ନାହିଁ; ତଥାପି ମୁଖସ୍ଥ କରି ରଖିଛି ଅନେକ ବିଦେଶୀ ଫୁଲର ନାମ।

ମିଷ୍ଟର ଚାଉଲା ଉଦ୍ୟାନପ୍ରିୟ । ଉଦ୍ୟାନକର୍ମ ତାଙ୍କର କେବଳ ଅବସର ବିନୋଦନର ଉପାୟ ନୁହେଁ; ତାହା ମଧ ତାଙ୍କର ଏକ ମାନସିକ ବିଳାସ । ନିଜ କୀର୍ତ୍ତିର ପ୍ରଶଂସାରେ ମିଷ୍ଟର ଚାଉଲା ପ୍ରସନ୍ନ କଣ୍ଠରେ କହିଲେ— ''ବାଃ । ତୁମର ରୁଚିଜ୍ଞାନ ଦେଖୁଛି ବେଶ୍ ଉନ୍ନତ । କେଉଁଠି କାମ କର ତୁମେ ? କେଉଁଆଡ଼େ ? କେତେଦୂର ?''

ଆଃ ! ଏତେ ଦିନେ ଗୋଟାଏ ଶିକାର ଧରା ପଡ଼ିଛି ଜାଲରେ। ସେ ଲୋକଟାର ଆଖି ଦୁଇଟା ଉଜ୍ଜ୍ୱଳ ହୋଇଉଠିଲା ଆସନ୍ନ ସଫଳତାର ସମ୍ଭାବନାରେ।

ସେଇ ଲୋକଟା ଜାଣେ ମିଷ୍ଟର ଚାଉଲାଙ୍କ ଦପ୍ତର ଲୀଟନ ରୋଡ଼ ମୋଡ଼ରେ— ଗୋଟାଏ ସୌଦାଗରୀ ପ୍ରତିଷ୍ଠାନର ଏକମାତ୍ର ବ୍ୟବସାୟ; କିନ୍ତୁ ବାହାରେ ଏକ କମ୍ପାନୀର ସାଇନ୍ ବୋର୍ଡ୍ । ଅନେକ ଦିନୁ ସେ ସଂଗ୍ରହ କରି ରଖିଛି ସେଇ ତଥ୍ୟ । ଛାତ୍ରାବସ୍ଥାରେ— ଜୀବନର ସେଇ ଉଜ୍ଜ୍ୱଳ ପ୍ରଭାତରେ ସରସ୍ୱତୀଙ୍କ ବରପୁତ୍ରମାନଙ୍କ ସମ୍ପର୍କରେ ନାନା ତଥ୍ୟ ସେ ସଂଗ୍ରହ କରି ରଖୁଥିଲା, ଏକନିଷ୍ଠ ଅଧ୍ୟବସାୟରେ। ଏବେ କିନ୍ତୁ ମିଷ୍ଟର ଚାଉଲାଙ୍କ ପରି ଲକ୍ଷ୍ମୀଙ୍କ ବରପୁତ୍ରମାନଙ୍କ ସମ୍ପର୍କରେ ସବୁ ତଥ୍ୟ ଏଇପରି ସଂଗ୍ରହ କରି ରଖିବା ତାର ଅଭ୍ୟାସ । ତାର ଡାଇରୀର ପୃଷ୍ଠା ଓଲଟାଇଲେ ସେଥିରେ ମିଳିବ ମିଷ୍ଟର ଚାଉଲାଙ୍କ ପରି ଆଉରି ଅନେକଙ୍କର ଠିକଣା ଆଉ ଟେଲିଫୋନ୍ ନମ୍ବର ।

ତା' ନିଜର କର୍ମକ୍ଷେତ୍ର ମଧ ଲୀଟନ ରୋଡ଼ଠାରୁ ଅଳ୍ପ ଦୂରରେ । ଗୋଟାଏ ଡିପାର୍ଟମେଣ୍ଟାଲ ଷ୍ଟୋର ସେଲ୍ସମ୍ୟାନ । ସେ କିନ୍ତୁ ଆଖିପିଛୁଡ଼ା ନ ପକାଇ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲା... ''ନିକଲସନ୍ସ କ୍ଲବରେ ମୁଁ ରିସେପ୍ସନିଷ୍ଟ ସାର୍ । ୟୁନିଭରସିଟିରେ ଦୁଇ ଦୁଇଟା ଡିଗ୍ରୀ ହାସଲ କରି ସୁଦ୍ଧା ଏଇ ତ ଅବସ୍ଥା ।''

Digitized by srujanika@gmail.com

ମିଷ୍ଟର ଚାଉଲା କହିଲେ... "ନିକଲସନ୍ ରୋଡ଼ ଡିଫେନ୍‌ସ କ୍ଲବ ସେଇ ମୋଡ଼ ଉପରେ ତ । ସେଇଠାରୁ ଲୀଟନ ରୋଡ଼ ଆରମ୍ଭ । ତୁମେ ବସ୍‌ରେ ସବୁଦିନେ ବାଦୁଡ଼ିପରି ନ ଝୁଲି ଏଣିକି ମୋ ସଙ୍ଗରେ ଆସିପାର । ରାସ୍ତା ତ ଏକା । ଆ...ଏଇ ସହରରେ ଟ୍ରାଫିକ ଆଉ ଟ୍ରାନ୍‌ସପୋର୍ଟର ଯାହା ଅବସ୍ଥା । ରେଚେଡ୍ ।"

କୁର୍ଣ୍ଣୀସ କରିବା ପରି ଭଙ୍ଗୀରେ ମୁଣ୍ଡ ନୁଆଁଇ ସେଇ ଲୋକଟା କୃତଜ୍ଞତା ଗଦ୍‌ଗଦ କଣ୍ଠରେ କହିଲା, "ଆପଣଙ୍କୁ ଅଶେଷ ଧନ୍ୟବାଦ୍ ସାର୍ ।"

ଗାଡ଼ିରେ ଷ୍ଟାର୍ଟ ଦେଇ ସ୍ୱଗତୋକ୍ତି କରିବା ପରି କଣ୍ଠରେ ମିଷ୍ଟର ଚାଉଲା କହିଲେ... "ହାଃ— ୟୁନିଭରସିଟୀ ଡିଗ୍ରୀ । ଦାରିଦ୍ର୍ୟ ଆଉ ବେକାରୀର ପାସ୍‌ପୋର୍ଟ । ବାଇ ଦି ଓ୍ୱେ, ତୁମର ନାଁ ଟା ଏ ପର୍ଯ୍ୟନ୍ତ ଜାଣିପାରିଲି ନାହିଁ ତ !"

ପଛ ସିଟ୍‌ରେ କୁସନ୍ ମୋଡ଼ା ଗଦି ଉପରେ ଆରାମରେ ଦେହ ଢାଳି ସେ ଉତ୍ତର ଦେଲା "ମୋ ନାଁ ଟା ହେଲା ମୋହନ ରାକେଶ୍। ୟୁନିଭରସିଟୀ ଡିଗ୍ରୀ ଯେ ଦାରିଦ୍ର୍ୟ ଆଉ ବେକାରୀର ପାସପୋର୍ଟ, ସେଥିରେ ସନ୍ଦେହ ନାହିଁ ସାର । ଆପଣ ଠିକ୍ କହୁଛନ୍ତି ।"

ୟୁନିଭରସିଟୀ ଡିଗ୍ରୀ ନିର୍ଜଳା ମିଥ୍ୟା— ଯେପରି ମିଥ୍ୟା ସେ ନିକଲସନ ରୋଡ଼ ଡିଫେନସ କ୍ଲବର ରିସେପ୍‌ସନିଷ୍ଟ । କିନ୍ତୁ ମିଷ୍ଟର ଚାଉଲାଙ୍କ ପରି ଜଣେ ଭଦ୍ରଲୋକଙ୍କୁ ଏସବୁ ମିଥ୍ୟା କହିବାର କି ପ୍ରୟୋଜନ ଥିଲା ? ନିରୀହ ମିଥ୍ୟା ଆଉ କପଟତା ବିନିମୟରେ ସେ ଯଦି ନଂ ୬-ଏ ବସ୍‌ରେ ବାଦୁଡ଼ି ଝୁଲାର ଯନ୍ତ୍ରଣାଦାୟକ ଟ୍ରାଫିକ୍‌ରୁ ରକ୍ଷା ପାଇପାରେ; ତା' ହେଲେ ଏତକ ନିରୀହ ମିଥ୍ୟା କହିବାରେ କ୍ଷତି କ'ଣ ? ମିଥ୍ୟା କପଟତା କ୍ରୂରତା ଆଉ ବିଶ୍ୱାସଭଙ୍ଗ ତ ଏଇ ମହାନଗରୀର ଭିତ୍ତି ।

ରାସ୍ତାରେ ଚଉମୁହାଣିର ଗୋଟିଏ ଟ୍ରାଫିକ୍ ସିଗନାଲ୍ ପାଖରେ ରାସ୍ତାର ଦୁଇ ବିପରୀତ ଆଡୁ ଅନେକ କାର, ବସ୍, ସ୍କୁଟର ଅଟକି ରହିଥିଲା । ସମ୍ଭବତଃ କୌଣସି ଭି.ଭି. ଆଇ.ପି.ଙ୍କ ଗାଡ଼ିକୁ ପାସ୍ ଦେବା ପାଇଁ ।

ମିଷ୍ଟର ଚାଉଲା ଅସହିଷ୍ଣୁ କଣ୍ଠରେ ବିସ୍ଫୋରଣ କରି ଉଠିଲେ "ଆଃ ଏଇ ଯେତେ ସବୁ ଭି.ଆଇ.ପି. ନୁଇସାନ୍‌ସ ।"

ମୋହନ ପଛ ସିଟ୍‌ରୁ ଟିପ୍‌ପଣୀ କଲା... "ଭି. ଆଇ.ପି. ପରିବର୍ତ୍ତେ ସେମାନଙ୍କୁ ଭି.ପି.ପି. କହିବା ଆଉରି ଯଥାର୍ଥ ହୁଅନ୍ତା ସାର୍। ଏମାନେ ପ୍ରତ୍ୟେକେ ଆମ ପାଇଁ ଗୋଟିଏ ଗୋଟିଏ ଭାଲ୍ୟୁ ପେୟେବଲ ପାର୍ସଲ୍ ।"

ମିଷ୍ଟର ଚାଉଲା ଅଟ୍ଟହାସ୍ୟ କରିଉଠିଲେ... "କିନ୍ତୁ ପାର୍ସଲ୍ ଭିତରେ ଭାଲ୍ୟୁ ଥିଲେ ତ ?"

ମୋହନ ଉତ୍ତର ଦେଲା... "ଆପଣ ଯାହା କହିଛନ୍ତି ସାର୍ ।"

ଭି.ଭି.ଆଇ.ପି.ଙ୍କ ପତାକାଶୋଭିତ ମୋଟର କାରାଭାନ୍ ଅତିକ୍ରମ କରିଯିବା ପରେ ପୁଣି ଜଳିଉଠିଲା ଗ୍ରୀନ୍ ସିଗ୍‌ନାଲ । ଅସହିଷ୍ଣୁ ବେଗରେ ହର୍ଣ୍ଣ ଚିପ ଟପ ମିଷ୍ଟର ଚାଉଲା ଗାଡ଼ି ଚଳାଇ ନେଲେ ସେଇ ଟ୍ରାଫିକ୍‌ର ଘୂର୍ଣ୍ଣୀ ଭିତରେ !

Digitized by srujanika@gmail.com

ଟ୍ରାଫିକ୍ ପୁଣି ପାତଳ ପଡ଼ିବା ପରେ ମିଷ୍ଟର ଚାଉଲା କହିଲେ... ''ବୁଝିଛ ୟଙ୍ଗ୍‌ମ୍ୟାନ୍, ମୋର ସେପରି କୌଣସି ୟୁନିଭରସିଟୀ ଡିଗ୍ରୀ ନାହିଁ । ଆଜିକୁ ପଚିଶ ବର୍ଷ ତଳେ ଏଇ ସହରର ଫୁଟ୍‌ପାଥ୍ ଥିଲା ମୋର ଏକମାତ୍ର ୟୁନିଭରସିଟୀ।''

ନିଜର ଜୀବନସ୍ମୃତି ପ୍ରକାଶ କରିବା ପାଇଁ ମିଷ୍ଟର ଚାଉଲା ଆଜି ପାଖରେ ପାଇଥିଲେ ଯେପରି ଜଣେ ବଶମ୍ବଦ ଶ୍ରୋତା । ମିଷ୍ଟର ଚାଉଲା କହିଚାଲିଲେ— ''ପାର୍ଟିସନ୍ ପରେ ମୁଁ ଯେଉଁଦିନ ଏଇ ସହରକୁ ଆସେ ରିଫ୍ୟୁଜି ପରି, ସେଦିନ ରାସ୍ତାରେ ଖବରକାଗଜ ହକର୍ ହେବା ବ୍ୟତୀତ ମୋର ଅନ୍ୟ ଯୋଗ୍ୟତା ନ ଥିଲା ।''

''ଆପଣଙ୍କ ଆତ୍ମଚରିତ ପ୍ରତ୍ୟେକ ୟୁନିଭରସିଟୀରେ ପାଠ୍ୟପୁସ୍ତକ ହେବା ଆବଶ୍ୟକ''—ମୋହନ ଟିପ୍‌ପଣୀ ଦେଲା।

ମିଷ୍ଟର ଚାଉଲା ପ୍ରୋତ୍ସାହିତ କଣ୍ଠରେ କହିଚାଲିଲେ— ''ସେତେବେଳେ ଏଇ ସହର ଥିଲା ଏକ ବିରାଟ ବ୍ଲାକ ମାର୍କେଟ । ଖବରକାଗଜ ହକର୍‌ଙ୍କର ଉପାର୍ଜନରେ ମୁଁ ମଧ୍ୟ ଆରମ୍ଭ କରିଦେଲି ବ୍ଲାକ୍‌ମାର୍କେଟିଙ୍ଗ୍ । ଆଜି ଏଇ ବିରାଟ ସହର ତ ସେଇ କଳା ଟଙ୍କାରେ ତିଆରି ।''

ମୋହନ ଉତ୍ତର ଦେଲା... ''ମୋର ଜନ୍ମ ସ୍ୱାଧୀନତାର ଅନେକ ପରେ ସାର୍ । ଆଜି କିନ୍ତୁ ବ୍ଲାକ୍ ଚଳାଇବା ଅପେକ୍ଷା ଆଡ୍‌ଲଟରେସନ୍ ଆଉରି ଲାଭପ୍ରଦ । ମାର୍ଜିନ ଅଫ ପ୍ରଫିଟ୍ ସେଥିରେ ଏଇ ଧରନ୍ତୁ ଥ୍ରି ହଣ୍ଡ୍ରେଡ୍ ପରସେଣ୍ଟ ।''

ବ୍ଲାକ୍‌ମନି ଆଉ ବ୍ଲାକ୍‌ମାରକେଟିଙ୍ଗ୍‌ରେ ପରିପୁଷ୍ଟ ମିଷ୍ଟର ଚାଉଲା ଏବେ ଜଣେ ସୌଖୀନ ରାଜନୀତିଜ୍ଞ । ସେ କହିଲେ... ''ଏସବୁ ଭ୍ରଷ୍ଟାଚାର ବିରୋଧରେ ଲୋକେ ବିଦ୍ରୋହ କରୁ ନାହାନ୍ତି କାହିଁକି ? ଆଃ... ହେଲା କ'ଣ ଏଇ ଦେଶଟାର ?''

ମୋହନ ଉତ୍ତର ଦେଲା... ''ଆପଣଙ୍କ ପରି ଦେଶଭକ୍ତମାନେ ସେଥିରେ ନେତୃତ୍ୱ ନେବେ କ'ଣ ଏଇ ପେସାଦାର ପଲିଟିସିଆନ୍‌ମାନେ ? ସେମାନେ ପ୍ରତ୍ୟେକେ ତ ଏଇ ବ୍ଲାକ୍‌ମନିରୁ ସୃଷ୍ଟି ।''

ମୋହନର କଥାରେ ଥିଲା ଯେପରି ମିଷ୍ଟର ଚାଉଲାଙ୍କ ପଛରେ ପ୍ରଚ୍ଛନ୍ନ ପରିହାସ । ସେ କ୍ଷିପ୍ତ କଣ୍ଠରେ କହିଲେ— ''ନନ୍‌ସେନ୍‌ସ। ତୁମେ ବିଦ୍ରୋହ କରିବା ପାଇଁ ଚାହିଁଲେ, ସେଥିପାଇଁ ମୁଁ ଚାନ୍ଦା ଦେଇପାରେ। କିନ୍ତୁ ମୁଁ ନିଜେ ବିଦ୍ରୋହ କରିବାକୁ ଯିବି କୋଉ ଦୁଃଖରେ ?''

ନିକଲ୍‌ସନ୍ ରୋଡ଼ ଉପରେ ଡିଫେନ୍‌ସ-କ୍ଲବ ପାଖ ହୋଇ ଆସିଥିଲା । ଏଇଠାରୁ ଓହ୍ଲାଇ ଯିବାଇ ନିରାପଦ । ମୋହନ କହିଲା... ''ଡିଫେନ୍‌ସ କ୍ଲବ ପାଖରେ ଯଦି ଦୟା କରି ଗାଡ଼ି ଅଟକାନ୍ତେ ସାର୍ ।''

ମିଷ୍ଟର ଚାଉଲା ବ୍ରେକ୍ କଷି କହିଲେ... ''ନିଶ୍ଚୟ । ନିଶ୍ଚୟ । କଥାବାର୍ତ୍ତା ଭିତରେ ମୁଁ ଭୁଲିଯାଇଥିଲି ତୁମର ଡିଫେନ୍‌ସ କ୍ଲବ ।''

Digitized by srujanika@gmail.com

ମିଷ୍ଟର ଚାଉଲାଙ୍କ ଗାଡ଼ି ଟ୍ରାଫିକ୍ ସ୍ରୋତରେ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ମୋହନ ସେଇଠାରେ ଠିଆ ହୋଇ ରହିଲା । ଲୀଟନ୍ ରୋଡ଼୍ ଶେଷରେ ସେଇ ଡିପାର୍ଟମେଣ୍ଟାଲ ଷ୍ଟୋର ସେଠାରୁ ଦଶମିଟର ରାସ୍ତା । ଅକ୍ଳେଶରେ ସେତକ ସେ ଚାଲିଯାଇପାରିବ ।

× × ×

ଦିନେ କିନ୍ତୁ ମୋହନର ହଠାତ୍ ଦେଖା ନ ଥିଲା । ପ୍ରତ୍ୟହ ଅଫିସ ବାହାରିବାବେଳେ ମୋହନର "ଗୁଡ୍‌ମର୍ଣ୍ଣିଙ୍ଗ ସାର୍" ସମ୍ଭାଷଣରେ ମିଷ୍ଟର ଚାଉଲା ଏତେଦିନ ଏପରି ଅଭ୍ୟସ୍ତ ହୋଇ ପଡ଼ିଥିଲେ ଯେ, ସେଦିନ ମୋହନର ଅନୁପସ୍ଥିତି ତାଙ୍କୁ ଅତ୍ୟନ୍ତ ଅସ୍ୱସ୍ତିକର ଲାଗୁଥିଲା । ମୋହନ ଅସୁସ୍ଥ ନା କ'ଣ ? ମିଷ୍ଟର ଚାଉଲା ଭାବୁଥିଲେ ଥରେ ଯାଇଁ ମୋହନର ଖବର ନେବାପାଇଁ । ମାତ୍ର ଏଇ ପାଖରେ, କେଉଁଠି କେଉଁ ଲେନ୍‌ରେ ମୋହନ ରହେ, ସେ ଠିକଣା ମିଷ୍ଟର ଚାଉଲା ଇତିମଧ୍ୟରେ ଭୁଲି ସାରିଥିଲେ ।

ଜୀବନର ସବୁ କୋଳାହଳମୁଖର ସଫଳତା ମଧ୍ୟରେ ମିଷ୍ଟର ଚାଉଲା ଭୟ କରନ୍ତି ନିଜର ନିଃସଙ୍ଗତା ।

ଏକଦା ମିସେସ୍ ଚାଉଲା ପ୍ରତ୍ୟହ ମୋଟର ଡ୍ରାଇଭ୍ କରି ଆସୁଥିଲେ, ମିଷ୍ଟର ଚାଉଲାଙ୍କୁ ତାଙ୍କ ଦପ୍ତରରେ ଛାଡ଼ି ଅଫିସ ଶେଷରେ ପୁଣି ଫେରାଇ ଆଣିବା ପାଇଁ । ଏବେ କିନ୍ତୁ ତାଙ୍କ ଖରାବେଳଟା କଟେ କାର୍ଡ୍-ପାର୍ଟି ଆଉ ଅପରାହ୍ନଟା କଫି-ପାର୍ଟିରେ । ବିବାହ ପରର ପ୍ରଥମ ଉଦ୍‌ବେଳନରେ ଭଟ୍ଟା ପଡ଼ିଲାଣି । ସେ ଏବେ କେବଳ ଆସିଥାନ୍ତି ପୋର୍ଟିକୋ ପର୍ଯ୍ୟନ୍ତ ଅଫିସ ବାହାରିବାବେଳେ ମିଷ୍ଟର ଚାଉଲାଙ୍କୁ ଟା-ଟା କହି ବିଦାୟ ଦେବାପାଇଁ ।

ମହାନଗରୀର ସବୁ କୋଳାହଳ ଭିତରେ ମିଷ୍ଟର ଚାଉଲା ଭାବନ୍ତି, ଚାରିଆଡ଼େ ଘେରି ଏ କି ନିଃସଙ୍ଗତା, କି ନିର୍ଜନତା । ଟ୍ରାଫିକ୍ ସିଗ୍‌ନାଲ ପାଖରେ ଅଟକି ପଡ଼ିବାବେଳେ ଫୁଟ୍‌ପାଥରେ ଜନସ୍ରୋତ ଆଡ଼େ ଚାହିଁ, ମିଷ୍ଟର ଚାଉଲା ଭାବନ୍ତି, ଏମାନେ ମଣିଷ ନା ପିମ୍ପୁଡ଼ି ? ବସ୍‌ରେ ଜାକିଜୁକି ହୋଇ ବାଦୁଡ଼ି ପରି ଝୁଲି ଯାଉଥିବା ସେଇ ମଣିଷମାନେ ପାସେଞ୍ଜର ନା ବସ୍ତା ? ମହାନଗରୀର ମହାସାଗର ମଧ୍ୟରେ ସେମାନେ ପ୍ରତ୍ୟେକେ ଯେପରି ଗୋଟିଏ ଗୋଟିଏ ଭାସମାନ ନିର୍ଜନ ଦ୍ୱୀପ । ସେ ନିଜେ ମଧ୍ୟ ସେଇପରି ।

ସେଇ ନିର୍ଜନ ଦ୍ୱୀପରେ ଆକସ୍ମିକ ଭାବରେ ମିଳିଥିଲା ମୋହନ ରାକେଶର ସାକ୍ଷାତ୍ ଆଉ ସାହଚର୍ଯ୍ୟ । ମାତ୍ର ମୋହନ ସେଦିନ ନିଖୋଜ । ତା ପରଦିନ ମଧ୍ୟ । ମୋହନ ହଠାତ୍ ଅସୁସ୍ଥ ହୋଇପଡ଼ିଲା ନା କ'ଣ ? ଥରେ ଅନୁସନ୍ଧାନ କଲେ କିପରି ହୁଅନ୍ତା ? କିନ୍ତୁ ତାର ଠିକଣାଟା ମନେ ନାହିଁ ମିଷ୍ଟର ଚାଉଲାଙ୍କର ।

ଦୁଇ ଦିନ ପରେ ପୁଣି ଯଥାସ୍ଥାନରେ ଓ ଯଥାସମୟରେ ମୋହନ ରାକେଶର ଆବିର୍ଭାବ ।

"ହଲ୍ଲୋ ମୋହନ ।"

"ଗୁଡ୍‌ମର୍ଣ୍ଣିଙ୍ଗ୍ ସାର୍ ।"

Digitized by srujanika@gmail.com

''ଗତ ଦୁଇଦିନ ଧରି ତୁମର ଦେଖା ନ ଥିଲା ଯେ । ଦେହ ଖରାପ ନ ଥିଲା ନିଶ୍ଚୟ... ମିଷ୍ଟର ଚାଉଲାଙ୍କ କଣ୍ଠରେ ଉଦ୍‌ବେଗ ।''

ପଛ ସିଟ୍‌ର ଦରଜା ଖୋଲି ମୋହନ ଗାଡ଼ି ଭିତରେ ବସିପଡ଼ିଲା...ମିଷ୍ଟର ଚାଉଲା ଯେପରି ତାର ଡ୍ରାଇଭର; ଆଉ ଏଇ ଫୋର୍ଡ଼ ଫାଲ୍‌କନ୍ ଗାଡ଼ିଟା ତାର ନିଜର ।

ଷ୍ଟିଅରିଙ୍ଗ ଉପରେ ହାତ ରଖି ଅପଲକ ଦୃଷ୍ଟିରେ ମିଷ୍ଟର ଚାଉଲା ଚାହିଁ ରହିଥିଲେ ସାମନା ରାସ୍ତା ଉପରକୁ । ମୋହନ ପଛ ସିଟ୍‌ରେ ବସି ଭାବିପାରୁ ନ ଥିଲା କିପରି ସେ ଆରମ୍ଭ କରିବ ମିଷ୍ଟର ଚାଉଲାଙ୍କ ପ୍ରଶ୍ନର ଉତ୍ତର । କୁଙ୍କୁମ ସହିତ ଗୋଟାଏ ସାରା ରାତି ତାକୁ ଯେପରି ପୋଲିସ ଲକ୍‌ଅପ୍ ଭିତରେ କଟାଇବାକୁ ପଡ଼ିଥିଲା ସେ କଥା କ'ଣ କେବେ କହିହୁଏ ମିଷ୍ଟର ଚାଉଲାଙ୍କୁ ? ଅସୁସ୍ଥ ଥିଲା ବୋଲି କହିବାର ମଧ୍ୟ ଉପାୟ ନାହିଁ । କାରଣ ଚେହେରାରେ ପରିପୂର୍ଣ୍ଣ ନିଟୋଳ ସ୍ୱାସ୍ଥ୍ୟର ଚିହ୍ନ ।

ଅପ୍ରତିଭ କଣ୍ଠରେ ମୋହନ ଉତ୍ତର ଦେଲା—''ପଅରଦିନ ଥିଲା ଆମର ମ୍ୟାରେଜ ଆନିଭର୍‌ସାରୀ ।''

''ଓ ଭେରୀଗୁଡ୍ । କଂଗ୍ରାଚୁଲେସନ୍‌ସ । ପିକ୍‌ନିକ୍‌ରେ ଯାଇଥିଲା ନିଶ୍ଚୟ । ଓଖଲା ? ହଜଖାସ୍ ? କୁତବ... ଆଃ । ଆଜିକାଲି ଏଇ ଫରେନ୍ ଟୁରିଷ୍ଟ ଆଉ ଦଳ ଦଳ ହିପ୍‌ପୀ, କେଉଁଠି କ'ଣ ଆଉ ରଖିଛନ୍ତି ନିରୋଳା ପିକ୍‌ନିକ୍ ସ୍ପଟ୍ ?''— ମିଷ୍ଟର ଚାଉଲାଙ୍କ କଣ୍ଠରେ କ୍ଷମାହୀନ ବିରକ୍ତି ।

ଆକସ୍ମିକ ଭାବରେ ଥରକ ପାଇଁ ସତ୍ୟ କହିଥିଲା ମୋହନ । ପ୍ରକୃତରେ ପଅରଦିନ ଥିଲା ତାର ବିବାହର ତୃତୀୟ ବାର୍ଷିକୀ । ପିକ୍‌ନିକ୍ ପାଇଁ ଥିଲା ମଧ୍ୟ ଅନେକ ଦିନର ଏକ ବହୁ ପରିକଳ୍ପିତ ଯୋଜନା । କିନ୍ତୁ ବନ୍ଧୁବାନ୍ଧବଙ୍କୁ ସଙ୍ଗରେ ଧରି ପିକ୍‌ନିକ୍‌ରେ ଯିବାପାଇଁ ମୋହନର ସମ୍ବଳ ନ ଥିଲା । ସେଦିନ ତାର ସେଇ ଭଡ଼ାଘରକୁ ଆସିଥିଲେ ମୋହନର କେତେଜଣ ବନ୍ଧୁ ଆଉ ସେମାନଙ୍କର ସ୍ତ୍ରୀ । ଛୋଲେ ବଟେରା ଆଉ ଚା' ମଧ୍ୟରେ ସମାପ୍ତ ହୋଇଥିଲା ବିବାହ-ବାର୍ଷିକୀର ବନ୍ଧୁ ମିଳନ ।

କୁଙ୍କୁମ ସେଦିନ କିନ୍ତୁ ନିଜକୁ ସଜାଇଥିଲା ତିନିବର୍ଷ ତଳର ସେଇ ନବବଧୂ ପରି । କୁଙ୍କୁମର ବାସକସଜ୍ଜା ମଧ୍ୟରେ ଥିଲା ଯେପରି ମଧୁଯାମିନୀର ଗାଢ଼ ଆଶ୍ଳେଷ ପାଇଁ ଆକୁଳ ଆହ୍ୱାନ । ମୋହନର ପୌରୁଷ ସେ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିପାରନ୍ତା କିପରି ? କିନ୍ତୁ ବାରଫୁଟରେ ଚଉଦଫୁଟ, ସେଇ ବଖୁରିକିଆ କୋଠରି ଭିତରେ ସେଥିପାଇଁ ଅବକାଶ ନ ଥିଲା । ସେଦିନ ମଧ୍ୟ ନ ଥିଲା । କୁଙ୍କୁମ ଆଉ ମୋହନ ବ୍ୟତୀତ ତାରି ଭିତରେ ମଧ୍ୟ ରହନ୍ତି କାଟାରାକ୍ଟରେ ଦୃଷ୍ଟିହୀନା ମୋହନର ବୁଢ଼ୀ ମା, ଆଉ ତାର ବୟସ୍କା ଭଉଣୀ ରାଧା । ସେଥିପାଇଁ ସେମାନଙ୍କ ଦାମ୍ପତ୍ୟ ମିଳନ ପ୍ରକ୍ରିୟା କେବେ କେବେ ସମାହିତ ହୋଇଥାଏ ତାଲକାଟୋରା ପାର୍କର କୌଣସି ଗୋଟାଏ ଅନ୍ଧକାର କୋଣରେ । ନୋହିଲେ କେଉଁ ପରିତ୍ୟକ୍ତ କବରସ୍ତାନ୍ କିମ୍ବା ମକ୍‌ବରାରେ । ସେପରି ରାତିରେ ସେମାନେ କହିଥାନ୍ତି— ଯାଉଛନ୍ତି କୌଣସି ବନ୍ଧୁ ଘରକୁ ନିମନ୍ତ୍ରଣ ରକ୍ଷା କରି । ସିନେମା ଯିବାର ଅଜୁହାତ ଦେବା ପାଇଁ ଉପାୟ ନ ଥାଏ । ତା ହେଲେ ବୁଢ଼ୀମା'

Digitized by srujanika@gmail.com

କଫମିଶା ଗଳାରେ ସଙ୍ଗେ ସଙ୍ଗେ ଅଳି କରି ବସିବ; ରାଧାଟାକୁ ମଧ୍ୟ ସଙ୍ଗରେ ଥରେ ନେଇଗଲେ ହୁଅନ୍ତା ନାହିଁ ? ସିନେମା ଦେଖିବା ପାଇଁ ରାଧାର ସଉକ ପୁଣି ପ୍ରଚଣ୍ଡ । ଆଃ ସିନେମା ଦେଖିବା ପାଇଁ ଯଦି ଏତେ ସଉକ, ତା ହେଲେ ଏଠି ଏଇ ବଖୁରିକିଆ ବାରଫୁଟ ବାଇ ଚଉଦ ଫୁଟ ଅନ୍ଧକୂପ ଭିତରେ ଗଛ ପରି ଶାଖା ପ୍ରଶାଖା ମେଲି ବଢୁଛି କାହିଁକି ? ରିସେପ୍‌ସନିଷ୍ଟ ଚାକିରି ପାଇଁ ଯଦି ଚେହେରା ବା ଯୋଗ୍ୟତା ନାହିଁ ତା' ହେଲେ କେଉଁଠି ତ ଅନ୍ତତଃ ହୋଇପାରନ୍ତୁ ସେଲ୍‌ସଗାର୍ଲ । ସେଲ୍‌ସଗାର୍ଲ ହେବା ପାଇଁ ସ୍ମାର୍ଟନେସ୍ ନ ଥିଲେ, କୋଠିରେ ତ ହୋଇପାରନ୍ତୁ ଆୟା । ନ ହେଲେ କେଉଁଠୁ ତ ଯୋଗାଡ଼ କରି ପାରନ୍ତୁ ଜଣେ ବଶମ୍ବଦ ପ୍ରେମିକ । ...ଏଇ ବୁଢ଼ୀ ମା' ଆଉ ରାଧା, ମୋହନର ଜୀବନରେ ଯେପରି ଦୁଇଟା ଜ୍ୱାଳା, ଦୁଇଟା ବୃଶ୍ଚିକ ଦଂଶନ ।

ସେଦିନ ସନ୍ଧ୍ୟାରେ ବନ୍ଧୁ ମିଳନ ଶେଷ ହେବା ପରେ ମୋହନ ଫିସ୍ ଫିସ୍ କଣ୍ଠରେ କୁଙ୍କୁମକୁ କହିଲା... ''ଟାଲକାଟୋରା ।''

ଏହାର ସାଙ୍କେତିକ ଅର୍ଥ ବୁଝିବା କୁଙ୍କୁମ ପକ୍ଷରେ କଠିନ ନ ଥିଲା ।

କିନ୍ତୁ କୁଙ୍କୁମର ସମସ୍ୟା... ଟାଲକାଟୋରା ପାର୍କରେ ରାତି ବାରଟା ପର୍ଯ୍ୟନ୍ତ କଟାଇବା ପାଇଁ ଆଜି କି ଅଜୁହାତ ବା ଦିଆ ଯାଇପାରିବ ? ଆଜି ଅନ୍ତତଃ ବନ୍ଧୁ ଘରକୁ ନିମନ୍ତ୍ରଣ ରକ୍ଷା ପାଇଁ ଯିବାର କୈଫିୟତ୍ ଦେବାର ଉପାୟ ନାହିଁ । ରାଧା ପକ୍ଷରେ ସେ କୈଫିୟତ୍ ଏଣିକି କ୍ରମେ ହୋଇ ଉଠିଲାଣି ଏକ ପରିହାସର ବ୍ୟାପାର ।

ରାଧା ମଧ୍ୟ ଧୂର୍ତ୍ତା ପରି ହସି ହସି ପଚାରିଦେଲା... ''ଆଜି ରାତିରେ କେଉଁ ବନ୍ଧୁ ଘରକୁ ଯିବା ପାଇଁ ନିମନ୍ତ୍ରଣ ନାହିଁ ଭାବୀ ?'' ଅନ୍ୟମାନଙ୍କ ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ତୋର ବା କି ଦରକାର ? ତଥାପି ମୋହନ ସହାନୁଭୂତିପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା ରାଧା ଆଡ଼େ । ତା ପରେ ପକେଟରୁ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ୍ କାଢ଼ି ରାଧା ଆଡ଼େ ବଢ଼ାଇଦେଇ କହିଲା ''ଆମେ ହୁଏତ ଯାଇପାରୁ ବାହାରକୁ । ତୁ ଏଇ ପାଞ୍ଚଟଙ୍କା ରଖ ରାଧା, ରୂପାଲୀ ସିନେମାରେ ଦେଖିଆସିବୁ 'ହିନ୍ଦୁସ୍ତାନ ତେରେ କସମ୍'... ଛବିଟା କୁଆଡ଼େ ଭଲ ହୋଇଛି ବୋଲି କହୁଛନ୍ତି ସମସ୍ତେ । ଅନେକ ଦିନ ଧରି ତ ସିନେମା ଯାଇ ନାହୁଁ ।''

ରାଧାକୁ ପ୍ରତାରିତ ବଞ୍ଚିତ କରିବାପାଇଁ ମୋହନକୁ ଲାଗୁଥିଲା ଅପରାଧୀ ପରି । ରାଧା କିନ୍ତୁ ସେ ପାଞ୍ଚଟଙ୍କିଆ ନୋଟ୍ ଖଣ୍ଡ ମୋହନକୁ ଫେରାଇ ଦେଇ କହିଲା ''ଏ ପାଞ୍ଚଟଙ୍କାରେ ମୁଁ ଆଜି ସିନେମା ଦେଖିଲେ ମାସ ଶେଷ ବେଳକୁ ରେସନ କିଣାଯିବ କିପରି ?'' ...ଆଃ । ରାଧାଟା ଅନେକ କଥା ବୁଝିପାରେ । ଅନେକ ପ୍ରବଞ୍ଚନା ସହିପାରେ । ତା ନ ହେଲେ ରାଧା କ'ଣ ତିରିଶ ବର୍ଷ ଡେଇଁ ଆଲୋକ ଉତ୍ତାପହୀନ ଏଇ ବାରଫୁଟ ବାଇ ଚଉଦଫୁଟ ଅନ୍ଧକୂପ ଭିତରେ ବଢୁଥାନ୍ତା ଶ୍ୟାମଳାଲତା ପରି ?

ମୋହନ କିନ୍ତୁ ସେଇ ପାଞ୍ଚଟଙ୍କିଆ ନୋଟ୍‌ଟା ରାଧାକୁ ପୁଣି ଫେରାଇ ଦେଇ କହିଲା... ''ରେସନ ପାଇଁ ତୋର ଚିନ୍ତା କରିବା ଦରକାର ନାହିଁ ରାଧା । ଆଜି ଆମର ବିବାହ ବାର୍ଷିକୀରେ ତୋ ପାଇଁ ଏ'ଟା ଆମର ଉପହାର ।''

Digitized by srujanika@gmail.com

''ଆଜି ସିନା ଭାବୀର ଉପହାର ନେବାର ଦିନ । ତୁମର ବିବାହ ବାର୍ଷିକୀରେ ଉପହାର ନେବା ପାଇଁ ମୋର ପ୍ରାପ୍ୟ କେଉଁଠି ?''

ରାଧାର ଯୁକ୍ତି ଅକାଟ୍ୟ । ଏଥର ବିବାହ-ବାର୍ଷିକୀରେ କୁଙ୍କୁମକୁ ଗୋଟାଏ ବେଲ୍ ବଟମ ପ୍ୟାଣ୍ଟ୍ ଆଉ ହାଫ୍‌ସ୍ଲିଭ୍ ଜାକେଟ୍ ଉପହାର ଦେବାପାଇଁ ଦିନେ ରାତିରେ ଥରେ ସେଇ ଟାଲକାଟୋରା ପାର୍କରେ ମୋହନ ଦେଇଥିଲା ପ୍ରତିଶ୍ରୁତି ।

ଏଥର କିନ୍ତୁ ସେ ପ୍ରତିଶ୍ରୁତି ରହିଗଲା କେବଳ ପ୍ରତିଶ୍ରୁତିରେ । ତଥାପି କୁଙ୍କୁମ ମନରେ ଗ୍ଳାନି ନ ଥିଲା । ଟାଲ୍‌କାଟୋରା ପାର୍କର ଗୋଟିଏ ଅନ୍ଧକାର କୋଣ ପାଇଁ ସ୍ନାୟୁକେନ୍ଦ୍ର ସବୁ ଯେପରି ଉତ୍ତେଜିତ ହୋଇଉଠିଥିଲା । ତାର ଲଜ୍ଜା ନ ଥିଲା, କୁଣ୍ଠା ନ ଥିଲା, ସଙ୍କୋଚ ନ ଥିଲା । ମୋହନ ବାହୁରେ ବାହୁ ଛନ୍ଦି ସେ କହିଲା... ''ଆସ ତା ହେଲେ, ଫାଷ୍ଟ ଶୋ' ପାଇଁ ଡେରି ହୋଇଗଲାଣି ।''

ରାଧା ଗୋଟିଏ ବଙ୍କା ହସ ହାଣି ଇଙ୍ଗିତପୂର୍ଣ୍ଣ କଣ୍ଠରେ କହିଲା... ''ସେକେଣ୍ଡ ସୋ' ଟା ମଧ୍ୟ ଦେଖିଆସିବ ଭାବୀ ।''

ମୋହନ ଆଉ କୁଙ୍କୁମ ସିନେମା ଯାଉଥିବା ଶୁଣି ସେଇ ଅନ୍ଧକୂପର ଗୋଟାଏ କୋଣରେ ଦଉଡ଼ିଆ ଖଟ ଉପରୁ କଫମିଶା କଣ୍ଠରେ ମୋହନର ଅନ୍ଧୁଣୀ ମା ଯେପରି ଅଭିଯୋଗ କରୁଥିଲା ''ଆରେ, ରାଧାକୁ ତୁମେମାନେ ସାଙ୍ଗରେ ଥରେ ସିନେମା ଦେଖାଇ ନେଲ ନାହିଁ ?''

ରାଧା କହିଲା ''ଆଜି ସେମାନେ ଯାଆନ୍ତୁ ମା, ମୁଁ ଯିବି ଆଉ ଦିନେ ।''

ପଛ ସିଟ୍‌ରେ ମୋହନର ଅସ୍ୱାଭାବିକ ନୀରବତା ! ମିଷ୍ଟର ଚାଉଲାଙ୍କ ଚାରିପଟେ ଘେରି ପୁଣି ଓହ୍ଲାଇ ଆସିଥିଲା ନିଃସଙ୍ଗତାର ଏକ କୁଜ୍‌ଝଟିକା । ଗୋଟାଏ ଟ୍ରାଫିକ ସିଗ୍‌ନାଲ ପାଖରେ ଗାଡ଼ି ଅଟକାଇ ମିଷ୍ଟର ଚାଉଲା ପଚାରିଲେ... ''ପିକ୍‌ନିକ୍ କଲ କେଉଁଠି, ହେଲା କିପରି, ମୋତେ କହିଲ ନାହିଁ ତ ମୋହନ ! ମୁଁ ମଧ୍ୟ ଅନେକ ଦିନୁ ଖୋଜୁଛି ଗୋଟାଏ ପିକ୍‌ନିକ୍ ସ୍ପଟ୍ । ...କିନ୍ତୁ ଏଇ ଫରେନ୍ ଟୁରିଷ୍ଟ ଆଉ ହିପ୍‌ପୀର ଦଳ... ।''

ମିଷ୍ଟର ଚାଉଲା ଗୋଟିଏ ଦୀର୍ଘଶ୍ୱାସ ପକାଇଲେ ।

କିନ୍ତୁ ସେଦିନ କେଉଁଠି ବା ହେଲା ଆଉ ପିକ୍‌ନିକ୍ ? ଟାଲ୍‌କାଟୋରା ପାର୍କରେ ବିବାହ-ବାର୍ଷିକୀ ସନ୍ଧ୍ୟାର ସେଇ ବିଡ଼ମ୍ବନାର ଚିତ୍ର ମୋହନର ଆଖି ଆଗରେ ବାରମ୍ବାର ଭାସିଉଠୁଥିଲା । ସେପର୍ଯ୍ୟନ୍ତ ତଥାପି ସେ ଭୁଲି ପାରି ନ ଥିଲା, ସେଦିନ ସନ୍ଧ୍ୟାର ସେଇ ଗ୍ଳାନି ଆଉ ଲାଞ୍ଛନା ।

ମୋହନ ଅନ୍ୟମନସ୍କ କଣ୍ଠରେ ଉତ୍ତର ଦେଲା... ''ଯାହା କହିଲେ ସାର୍, ପିକ୍‌ନିକ୍ ପାଇଁ ନିର୍ଜନ, ସୁନ୍ଦର ସ୍ଥାନ ଏଣିକି ଆଉ ଖୋଜି ପାଇବା ମୁସ୍କିଲ । ସବୁଠି ପୁଣି ଏଇ ପୁଲିସବାଲାଙ୍କ ଜୁଲମ ।''

ଟାଲ୍‌କାଟୋରା ପାର୍କରେ ପହଞ୍ଚିବା ବେଳକୁ ସେଦିନ ସନ୍ଧ୍ୟା ବହୁ ବେଳୁ ଉତ୍ତୀର୍ଣ୍ଣ ହୋଇ ସାରିଥିଲା । ପାର୍କ ନିର୍ଜନ । ସନ୍ଧ୍ୟାପରେ ହିପ୍‌ପୀମାନଙ୍କ ପାଇଁ ପାର୍କ ସବୁ ଏବେ ନିଷିଦ୍ଧ । ତେଣୁ ହିପ୍‌ପୀ ଦଳ ସେଠାରେ କେହି ନ ଥିଲେ ପୁଣି ସେଇ ଅବସରପ୍ରାପ୍ତ ବୃଦ୍ଧମାନେ,

Digitized by srujanika@gmail.com

ଯେଉଁମାନେ ପ୍ରତି ସନ୍ଧ୍ୟାରେ ପାର୍କକୁ ଆସିଥାନ୍ତି, ବେଞ୍ଚ ଉପରେ ବସି ମୁକ୍ତ ବାୟୁ ସେବନ ଆଉ ଅତୀତର ରୋମନ୍ଥନ ପାଇଁ, ସେମାନେ ମଧ୍ୟ ଅନେକ ବେଳୁ ସେଠାରୁ ବିଦାୟ ନେଇ ସାରିଥିଲେ । ପାର୍କ ଭିତରେ ଗୋଟିଏ ଅସ୍ୱାଭାବିକ ସ୍ତବ୍‌ଧତା । କେଉଁଠି କେଉଁ ବୃକ୍ଷଶାଖା ଅଥବା ଲତାକୁଞ୍ଜରୁ ଗୋଟାଏ ପକ୍ଷୀର ଚିତ୍କାର ମୁହୂର୍ତ୍ତକ ପାଇଁ ଭାସିଉଠି ପୁଣି ନୀରବ ହୋଇ ଯାଉଥିଲା। ବିବାହବାର୍ଷିକୀର ମିଳନ ସନ୍ଧ୍ୟା ପାଇଁ ରୋମାଣ୍ଟିକ ପୃଷ୍ଠଭୂମି ।

ମୋହନର ମନେ ହେଉଥିଲା ଆଜି ବିବାହର ତିନି ବର୍ଷ ପରେ ସୁଦ୍ଧା ଏଇ ଯେପରି ସେମାନଙ୍କର ପ୍ରଥମ ମଧୁଯାମିନୀ । ସେଇ ବାର ଫୁଟ ବାଇ ଚଉଦ ଫୁଟ ଅନ୍ଧକୂପ ମଧ୍ୟରେ ଏତେଦିନ ନିରୁଦ୍ଧ ହୋଇ ରହିଥିଲା ଯେଉଁ ଆବେଗ ଆଉ ଉଲ୍ଲାସ ଆଜି ଟାଲକାଟୋରା ପାର୍କର ଏଇ ନିଭୃତ ଅନ୍ଧକାର କୋଣରେ ଗୋଟିଏ ପୁଷ୍ପିତ ଜାକରନ୍ଦା ଗଛ ତଳେ ତାହା ଯେପରି ଉଚ୍ଛ୍ୱସିତ ହୋଇ ଉଠୁଥିଲା । ଘାସ ଲନ୍‌ରେ କୁଙ୍କୁମର ପ୍ରାୟୋଲ୍ଲଙ୍ଗ ଦେହ ଉପରେ ମୋହନ ଝୁଙ୍କି ପଡ଼ିଥିଲା ଏକ କ୍ଷୁଧିତ ଜାନୁଆର୍ ଶିକାର ଲମ୍ଫ ଦେବାପରି ।

ସେଇ ଚରମ ମୁହୂର୍ତ୍ତରେ ପଛଆଡୁ ହଠାତ୍ ଗୋଟିଏ ବୁଟ୍‌ମିଶା ଲାତରେ ମୋହନର ଦେହ ଯେପରି ଜଡ଼ ପାଲଟିଗଲା । ପାର୍କର ଅସ୍ପଷ୍ଟ ଛାୟାଲୋକ ମଧ୍ୟରେ ସାମନାରେ ଦୁଇ ଜଣ କନେଷ୍ଟବଲଙ୍କୁ ଦେଖି, କୁଙ୍କୁମ ଲଜ୍ଜା ନିବାରଣ ପାଇଁ କେଉଁଆଡ଼େ କିପରି ପଳାଇବ ସ୍ଥିର କରିପାରୁ ନ ଥିଲା ।

ଜଣେ ପୋଲିସ କନେଷ୍ଟବଳ ମୋହନର ଚୁଟି ଧରି ବିଦ୍ରୁପ ଆଉ ବିଦ୍ୱେଷ ମିଶା କଣ୍ଠରେ କହିଲା... ''ବାଃରେ ମଜ୍‌ନୁ । ଲୟଲାଟି ଦେଖୁଛି ମନ୍ଦ ନୁହେଁ ।''

କୁଙ୍କୁମର ଅନାବୃତ ସ୍ତନକୁ ପୋଲିସ କନେଷ୍ଟବଲର ଆଖି ଦୁଇଟା ଯେପରି ଗ୍ରାସ କରି ଯାଉଥିଲା ଆଦିମ କ୍ଷୁଧାରେ ।

ମୋହନ କଣ୍ଠରେ ସବୁ ସାହସ ସଞ୍ଚୟ କରି କହିଲା... ''ଆମେ ସ୍ୱାମୀ-ସ୍ତ୍ରୀ ।''

ପୋଲିସ କନେଷ୍ଟବଲ ହାତମୁଠାରେ ଲମ୍ବାବାଳ ଆଉଥରେ ଝିଙ୍କି ଧରି କହିଲା... ''ଏପରି କାଣ୍ଡ ପାଇଁ କେଉଁ ଭଦ୍ର ସ୍ୱାମୀ-ସ୍ତ୍ରୀ କେବେ ପବ୍‌ଲିକ୍ ପାର୍କକୁ ଆସିଥାନ୍ତା ନା କ'ଣ ? ଚାଲ କତ୍ୱାଲୀକୁ । ସେଇଠି ଦେବ ତୁମ ସ୍ୱାମୀ-ସ୍ତ୍ରୀର ପ୍ରମାଣ । ଜାଣ ନାହିଁ, ସହରରେ ବର୍ତ୍ତମାନ ଚାଲିଛି ଆଣ୍ଟିନୁଇସାନ୍‌ସ ଉଇକ୍ ?''

ରାଧା ଫେରାଇ ଦେଇଥିବା ସେଇ ପାଞ୍ଚଟଙ୍କିଆ ନୋଟ୍ ଖଣ୍ଡିକ ପଡ଼ିଥିଲା ମୋହନର ଛାତି ପକେଟରେ । ମୋହନ ସେଇ ନୋଟ୍ ଖଣ୍ଡିକ କନେଷ୍ଟବଲ ହାତରେ ଗୁଞ୍ଜି ଦେଇ କହିଲା, ... ''ଏତିକିରେ ଆମକୁ ଆଜି ଛାଡ଼ିଦିଅ କନେଷ୍ଟବଲ ସାହେବ । ଆଉ କେବେ ଏପରି ବେଆଦବ ହେବ ନାହିଁ ଆମର।''

ଅମ୍ଳାନ ଭାବରେ ପାଞ୍ଚଟଙ୍କିଆ ନୋଟଖଣ୍ଡକ ପକେଟ ଭିତରେ ରଖି କନେଷ୍ଟବଲ ଉତ୍ତର ଦେଲା... ''ପାଞ୍ଚ ଟଙ୍କା କ'ଣ ପାନ ସୁପାରୀ ପାଇଁ ? ଇଏ ଅନ୍ତତଃ ପଚାଶ ଟଙ୍କାର ମାମଲା ।'' ପାଞ୍ଚଟଙ୍କିଆ ନୋଟ୍ ଖଣ୍ଡ ସୁଦ୍ଧା ଗଲା।

Digitized by srujanika@gmail.com

କିନ୍ତୁ ପଚାଶ ଟଙ୍କା ସେମାନଙ୍କ ପାଖରେ ନ ଥିଲା । ଅଗତ୍ୟା ପୋଲିସ କନେଷ୍ଟବଲମାନଙ୍କ ସହିତ ସେମାନଙ୍କୁ ଯିବାପାଇଁ ପଡ଼ିଲା ପୋଲିସ କଟ୍‌ଓ୍ୱାଲୀ ପର୍ଯ୍ୟନ୍ତ । ସେତେ ରାତିରେ ସେମାନଙ୍କ ଦାମ୍ପତ୍ୟରେ ପ୍ରମାଣ ଦେବାପାଇଁ, କେଉଁଠୁ ବା ମିଳିବ କେଉଁ ସାକ୍ଷୀ ? ପୋଲିସ ଲକ୍‌ଅପରେ ତେଣୁ କଟିଲା ସେମାନଙ୍କ ବିବାହବାର୍ଷିକୀର ରାତି । ତା ପରଦିନ ସକାଳେ ସେମାନଙ୍କ ପ୍ରତିବେଶୀ ଜଣେ ଧୋବାର ଜାମିନ୍‌ରେ ସେମାନେ ଖଲାସ ହୋଇ ଆସିଲେ ପୋଲିସ୍ ଲକ୍‌ଅପରୁ ।

ନିକଲସନ୍ ରୋଡ୍ ମୋଡ଼ରେ ଡିଫେନ୍‌ସ କ୍ଲବ ପାଖ ହୋଇ ଆସିଥିଲା ।

ମିଷ୍ଟର ଚାଉଲା କହିଲେ... ''ଆମର ମ୍ୟାରେଜ୍ ଆନିଭରସାରୀ ଆସନ୍ତା ସପ୍ତାହରେ । ତୁମେ ଗୋଟାଏ ସାହାଯ୍ୟ କରିପାରିବ ମୋହନ ?''

''ସାହାଯ୍ୟ କାହିଁକି ? ସେବା କରିବା ପାଇଁ ଆଦେଶ ଦିଅନ୍ତୁ ସାର୍ ।''

''ସେଦିନ ମୁଁ ଆମନ୍ତ୍ରଣ କରିଛି କେତେଜଣ ଫରେନ ଗେଷ୍ଟ୍‌ଙ୍କୁ । ସେମାନଙ୍କ ପାଇଁ ଦରକାର କିଛି ଭଲ ହୁଇସ୍କି । ତୁମେ ଡିଫେନ୍‌ସ କ୍ଲବରୁ କିଛି ହୁଇସ୍କି ଯୋଗାଡ଼ କରିପାରିବ ଶସ୍ତା ଦରରେ ।''

''ନିଶ୍ଚୟ, ନିଶ୍ଚୟ, ସାର୍, ଏତକ ଆଉ ପାରିବି ନାହିଁ ? ମୁଁ ଯେ କ୍ଲବର ରିସେପ୍‌ସନିଷ୍ଟ ।''

ମୋହନ ମୁଖସ୍ଥ କରି ରଖିଛି ଅନେକ ହୁଇସ୍କିର ନାମ... ବିଦେଶୀ ଫୁଲର ନାମ ମୁଖସ୍ଥ ରଖିଥିବା ପରି । ମୋହନ ପଚାରିଲା... 'କି ହୁଇସ୍କି ଦରକାର ? ଭ୍ୟାଟ୍ ସିକ୍‌ସଟିନାଇନ୍, ବ୍ଲାକ୍‌ଡଗ୍, ଓଲଡ୍ ମଙ୍କ୍, ଏସବୁ ତ ମାମୁଲି । ବିଭାସ୍‌ଗାଲ୍, ରୟାଲ ସାଲ୍ୟୁଟ୍ ସୁଦ୍ଧା ଆଣି ଦେଇ ପାରେ ଆପଣଙ୍କ ପାଇଁ ।''

ମିଷ୍ଟର ଚାଉଲା କହିଲେ... ''ରୟାଲ ସାଲ୍ୟୁଟର ଦାମ ଯେ ଅନେକ ! ବୋତଲ ଆଠଶହ ଟଙ୍କା ।''

କିନ୍ତୁ ସମାଜବାଦର ମହାନଗରୀରେ ଏଇପରି ଦାମିକା ହୁଇସ୍କି ସବୁତ ଆଜି ନବ୍ୟ-ସମାଜବାଦୀମାନଙ୍କର ପାନୀୟ । ରୟାଲ୍ ସାଲ୍ୟୁଟ୍ ହୁଇସ୍କି ଆଉ ଇଣ୍ଡିଆ କିଙ୍ଗ୍ ସିଗାରେଟ ତ ଆଜି ସାମ୍ୟବାଦର ପ୍ରତୀକ ।

ମୋହନ ଉତ୍ତର ଦେଲା— ''ଆପଣଙ୍କୁ ମୁଁ କିନ୍ତୁ ଆଣି ଦେଇପାରିବି ଡ୍ୟୁଟି ଫ୍ରି ମୂଲ୍ୟରେ । ଏଇ ଧରନ୍ତୁ ବୋତଲ ପାଞ୍ଚଶହ ଟଙ୍କା ମାନେ ଫିଫ୍‌ଟି ପର୍‌ସେଣ୍ଟ କମ୍ ଦାମ୍‌ରେ ।''

ଉତ୍ସାହିତ କଣ୍ଠରେ ମିଷ୍ଟର ଚାଉଲା ପଚାରିଲେ... ''ପାଞ୍ଚଶହ ଟଙ୍କାରେ ଯୋଗାଡ଼ କରି ପାରିବ ରୟାଲ ସାଲ୍ୟୁଟ୍ ? ଫର୍ଟି ପର୍‌ସେଣ୍ଟ୍ ମାର୍ଜିନ କମ୍ ନୁହେଁ କିଛି ।''

''ସିଓର୍ ସାର୍ । ଆପଣଙ୍କ ମାରେଜ୍ ଆନିଭର୍‌ସାରୀ ପାଇଁ ଏତିକି ସେବା କରିପାରିବି ନାହିଁ ତ ଆଉ କରିବି କ'ଣ ? ହୁକୁମ୍ କରନ୍ତି ତ ଆଜି ସନ୍ଧ୍ୟାରେ ଆପଣଙ୍କ କୋଠିରେ ଆଣି

Digitized by srujanika@gmail.com

ପହଞ୍ଚାଇ ଦେବି ଦୁଇ ବୋତଲ ରୟାଲ୍-ସାଲ୍ୟୁଟ୍ । ରୟାଲ-ସାଲ୍ୟୁଟ୍ ହୁଇସ୍କି ସିନା ଆପଣଙ୍କ ପରି ଲକ୍ଷ୍ମୀଙ୍କ ବରପୁତ୍ରମାନଙ୍କ ପାଇଁ ।''

ମିଷ୍ଟର ଚାଉଲା ପକେଟରୁ ଦଶଖଣ୍ଡ ଶଏ ଟଙ୍କିଆ ନୋଟ କାଢ଼ି ମୋହନକୁ ଧରାଇ ଦେଇ କହିଲେ... ''ଏଇ ରଖ, ଦୁଇଟା ବୋତଲର ଦାମ୍। ଆଜି ସନ୍ଧ୍ୟାରେ ଠିକ୍ ପହଞ୍ଚାଇ ଦିଅ ଯେପରି ।''

ନୋଟ ବିଡ଼ା ପକେଟରେ ରଖି ମୋହନ ଗାଡ଼ି ଭିତରୁ ଫୁଟ୍‌ପାଥ୍ ଉପରକୁ ଗୋଟିଏ ଲମ୍ଫ ମାରି କହିଲା... ''ଆପଣ ନିଶ୍ଚିନ୍ତ ରହନ୍ତୁ ସାର୍ । ସନ୍ଧ୍ୟାସୁଦ୍ଧା ମୁଁ ନିଜେ ପହଞ୍ଚାଇ ଦେଇ ଆସିବି ଦୁଇ ବୋତଲ ରୟାଲ୍ ସାଲ୍ୟୁଟ୍ ହୁଇସ୍କି... ଇଚ୍ଛାକଲେ ଆପଣ ମଧ୍ୟ ପାଇପାରନ୍ତି ତିନି ବୋତଲ ।''

''ଆରେ ନା, ନା ସେଇ ଦୁଇ ବୋତଲ ଯଥେଷ୍ଟ ।''

ସେଦିନ ସନ୍ଧ୍ୟାରେ କିନ୍ତୁ ପୋର୍ଚ୍ଚ ସାମନାରେ ତା ପରେ ଫାଟକ ପାଖରେ ବହୁ ସମୟ ପଦଚାରଣା କରିଥିଲେ ମିଷ୍ଟର ଚାଉଲା, ମୋହନ ଅପେକ୍ଷାରେ । ମୋହନ କାଲି ସକାଳେ ଆସିବ ନିଶ୍ଚୟ ରୟାଲ-ସାଲ୍ୟୁଟ୍ ହୁଇସ୍କି ଧରି; ଆଉ ଦୁଃଖ ପ୍ରକାଶ କରିବ ସନ୍ଧ୍ୟାରେ ଆସିପାରିଲା ନାହିଁ ବୋଲି... ''ଜାଣନ୍ତି ତ ଏଇ ଜୀବନରେ ଯେତେ ଜଞ୍ଜାଳ ।''

ସରଭାଣ୍ଟସ କ୍ୱାର୍ଟରସର ସେଇ ଅନ୍ଧକୂପ ସାମନାରେ ସେଦିନ ସନ୍ଧ୍ୟାରେ ମଧ୍ୟ ମୋହନ ପ୍ରତୀକ୍ଷାରେ କୁଙ୍କୁମର ବହୁ ଅସ୍ୱସ୍ତି ଓ ଉଦ୍‌ବେଗପୂର୍ଣ୍ଣ ମୁହୂର୍ତ୍ତ । ମୋହନ କୌଣସି ଦିନ ତ ଫେରିବା ପାଇଁ ଏତେ ବିଳମ୍ୱ କରେ ନାହିଁ । ଆଜିକାଲି ସହରରେ ଯେତେ ଆକ୍‌ସିଡେଣ୍ଟ । କୁଙ୍କୁମ ମନରେ ଶତ ଆଶଙ୍କା ।

ରାଧା ଥିଲେ ପ୍ରତୀକ୍ଷାର ଏଇ ମୁହୂର୍ତ୍ତଗୁଡ଼ାକ ଏତେ ଉତ୍ପୀଡ଼କ ହୁଅନ୍ତା ନାହିଁ । କିନ୍ତୁ କୋଠିର ମୋଟର ଡ୍ରାଇଭର ସୈଗାଲ ସହିତ ରାଧା ସିନେମା ଯାଇଥିଲା... ''ହିନ୍ଦୁସ୍ଥାନ ତେରେ କସମ୍ ।'' କୋଠିର 'ସାହେବ' ସପରିବାର ଯାଇଥିଲେ... କେଉଁଆଡ଼େ ଚେଞ୍ଜ୍‌ରେ। ସିନେମା ଆଉ ପ୍ରେମ ପାଇଁ ସୈଗାଲକୁ । ତେଣୁ ମିଳିଯାଇଥିଲା ସୁପ୍ରଚୁର ଅବକାଶ । ମୋହନର ଅନ୍ଧୁଣୀ ମା କମ୍ବଳ ଢାଙ୍କି ହୋଇ କୁଣ୍ଡଳୀ ମୋଡ଼ି ଶୋଇ ପଡ଼ିଥିଲା ଖଣ୍ଡେ ଦଉଡ଼ିଆ ଖଟ ଉପରେ । ମଇଳା ଇଲେକ୍‌ଟ୍ରିକ୍ ଆଲୋକରେ ସେ ଦେଖା ଯାଉଥିଲା ଗୋଟାଏ ଶବପିଣ୍ଡ ପରି।

କୋଠି ପଛ ଲେନ ଫାଟକ ପାଖରେ ହଠାତ୍ ଗୋଟାଏ ଟ୍ୟାକ୍‌ସି ବ୍ରେକ୍ କଷି ରହିବାର ଶବ୍ଦରେ କୁଙ୍କୁମ ଚମକି ଉଠିଲା। ଛାୟାଲୋକିତ ଅନ୍ଧକାର ମଧ୍ୟରୁ ଢଳି ଢଳି ସ୍ଖଳିତ ପାଦରେ ଆସୁଥିଲା ମୋହନ । କାଖତଳେ ତାର ଗୋଟାଏ ପାକେଟ ବା ସେହିପରି କିଛି ।

ମୋହନର ମାତାଲ ଚେହେରା ଦେଖି କୁଙ୍କୁମ ଆତଙ୍କିତ କଣ୍ଠରେ ପଚାରିଲା ''ଥିଲ କେଉଁଠି ? ପୁଣି ମଦ ପିଇଛ ଆଜି ? କ'ଣ ହୋଇଛି ତୁମର ?''

ମୋହନ ନାଟକୀୟ ଭଙ୍ଗୀରେ ଉତ୍ତର ଦେଲା... ''ଆଃ ! ଡୋଣ୍ଟ୍ ଟକ୍ ଡାର୍ଲିଙ୍ଗ୍ । ଏଇ ନିଅ ତମ ପାଇଁ ଆଣିଛି ବେଲ୍‌ବଟମ୍ ପ୍ୟାଣ୍ଟ ଆଉ ହାଫସ୍ଲିଭ୍ କାକେଟ । ମାରେଜ

Digitized by srujanika@gmail.com

ଆନିଭାର୍ସାରୀରେ ଦେବି ବୋଲି କହିଥିଲି ନା ? ନିଅ ଡାର୍ଲିଙ୍ଗ୍ ଚଟ୍‌ପଟ୍ ପିନ୍ଧି ପକାଅ । ଆମେ ଯିବା ବାହାରକୁ ।''

କୁଙ୍କୁମ ବିସ୍ମିତ କଣ୍ଠରେ ପଚାରିଲା... ''କୁଆଡ଼େ ? ପୁଣି ଏତେ ରାତିରେ ?''

ଟାଲ୍‌କାଟୋରା ପାର୍କ... ପୁରୁଣା ଅଭ୍ୟାସ ଅନୁସାରେ ଉତ୍ତର ଦେଲା ମୋହନ !

ଆକସ୍ମିକ ଭାବରେ ବେଲ୍ ବଟମ୍ ପ୍ୟାଣ୍ଟ୍ ଆଉ ହାଫସ୍ଲିଭ୍ ଜାକେଟ୍‌ର ଉପହାର ପ୍ରାପ୍ତି କୁଙ୍କୁମକୁ ଯେତେ ବିସ୍ମିତ କରି ନ ଥିଲା ସେତେ ବେଶୀ ଆତଙ୍କିତ କରିଥିଲା ଏଇ ଅସମୟରେ ପୁଣି ସେଇ ଟାଲ୍‌କାଟୋରା ପାର୍କକୁ ଆମନ୍ତ୍ରଣ ।

''ପୁଣି ସେଇ ଟାଲ୍‌କାଟୋରା ? ସେଦିନର ପୋଲିସ ଲକ୍‌ଅପ ଭୁଲିଗଲ ନା କ'ଣ ।''

ମାତାଲପରି ହାତ ହଲାଇ ମୋହନ ଉତ୍ତର ଦେଲା... ''ଆରେ ନା । ଆଜି ରିଜର୍ଭ କରି ଆସିଛି ହୋଟେଲରେ ଗୋଟାଏ ପୂରା କାମରା । ଆଉ ଡେରି କର ନାହିଁ ଡାର୍ଲିଙ୍ଗ୍ । ଟ୍ୟାକ୍‌ସି ମିଟର ବଢ଼ି ବଢ଼ି ଚାଲିଛି ।''

କୁଙ୍କୁମ ଦେହରୁ ଶାଢ଼ି ଖୋଲି ପିନ୍ଧୁଥିଲା ବେଲ୍ ବଟମ୍ । ମାର୍ବଲ ସ୍ତମ୍ଭପରି କୁଙ୍କୁମର ଦୁଇଟା ଉଲ୍ଲଙ୍ଗ ଜଙ୍ଘ ଆଡ଼େ ଚାହିଁ ମୋହନର ପ୍ରତ୍ୟେକ ସ୍ନାୟୁକେନ୍ଦ୍ର ଉତ୍ତେଜିତ ହୋଇଉଠୁଥିଲା । କାନ୍ଥରେ ଝୁଲୁଥିବା ଗୋଟାଏ ଅଇନା ସାମନାରେ ଠିଆ ହୋଇ ଅବିନ୍ୟସ୍ତ ଲମ୍ବା ବାଳ ଉପରେ ମୋହନ ବୁଲାଇ ନେଉଥିଲା ଚିରୁଣୀ । କିନ୍ତୁ ଅଇନାରେ ନିଜର ଚେହେରା ଦେଖି ମୋହନ ଚମକି ଉଠିଥିଲା ହଠାତ୍ ଗୋଟାଏ ଭୂତ ଦେଖିବା ପରି ।

ଇଏ ନୁହେଁ ଶିଶିରଧୌତ ଜୀବନ-ପୂର୍ବାହ୍ଣର । ସେ ଦିନର ସେଇ ମୋହନ ରାକେଶ୍ । ଏଇ ମାତାଲ ମୂର୍ତ୍ତି ଯେପରି ଏକ ଅଭିଶପ୍ତ ବିଡ଼ମ୍ବିତ କାଳର ଲକ୍ଷ୍ମୀଛଡ଼ା ପ୍ରତିଚ୍ଛବି ।

ବେଲ୍‌ବଟମ୍ ପ୍ୟାଣ୍ଟ ଆଉ ହାଫସ୍ଲିଭ୍ ଜାକେଟ୍ ଭିତରେ କୁଙ୍କୁମର ସୁଗଠିତ ଦେହର ତରଙ୍ଗ, ତ୍ରିକୋଣ ଆଉ ବୃତ୍ତ ସବୁ ଯେପରି ରେଖାଙ୍କିତ ହୋଇ ଉଠିଥିଲା ।

ଓଠରେ ଲିପ୍‌ଷ୍ଟିକ୍‌ର ଶେଷ ସ୍ପର୍ଶ ବୁଲାଇ କୁଙ୍କୁମ କହିଲା— ''ମୁଁ ରେଡ଼ୀ ।''

ସେଦିନ ସନ୍ଧ୍ୟାରେ ମିଷ୍ଟର ଚାଉଲା ଫାଟକ ପାଖରେ ଅପେକ୍ଷା କରି କରି ଫେରିବାବେଳେ ଭାବୁଥିଲେ ମୋହନ ହୁଏତ କାଲି ଫେରିବ... କିନ୍ତୁ ପରଦିନ ମୋହନର ଦେଖା ନ ଥିଲା...ତା ପରଦିନ ମଧ୍ୟ ସେଇ ଲୋକଟାର ଆଉ ପତ୍ତା ନ ଥିଲା ।

●

Digitized by srujanika@gmail.com

ଗୋଟିଏ ଆତ୍ମହତ୍ୟାର କାହାଣୀ

।। ଏକ ।।

ରେଲୱେ ଟାଇମ ଟେବୁଲ ଉପରୁ ମୁହଁ ଉଠାଇ କମ୍ପାର୍ଟମେଣ୍ଟ ଭିତରେ ମୋର ସହଯାତ୍ରୀ ସେଇ ଭଦ୍ରଲୋକଙ୍କୁ ପଚାରିଲି... ''କେଉଁ ଷ୍ଟେସନରେ ଓହ୍ଲାଇବା ମୋ ପକ୍ଷରେ ସୁବିଧାଜନକ ? ଅଞ୍ଜାନ୍‌ଗଡ଼ ଇଷ୍ଟ, ସେଣ୍ଟ୍ରାଲ ନା କ୍ୟାଣ୍ଟନମେଣ୍ଟ ?''

ଉତ୍ତର-ପୂର୍ବ ମୌସୁମୀର ମେଘମାଳା କମ୍ପାର୍ଟମେଣ୍ଟ ବାହାରେ ଚାରିଆଡୁ ନିବୁଜ ହୋଇ ମାଡ଼ି ଆସୁଥିଲା । ଝରକା କାଚ ଉପରେ ବର୍ଷା ବିନ୍ଦୁ ଝରିବା ପାଇଁ ମଧ୍ୟ ଆରମ୍ଭ କରିଥିଲା ବେଦନା-ବିଷଣ୍ଣ ଆଖି ପତାରୁ ବିନ୍ଦୁ ବିନ୍ଦୁ ଲୁହ ପରି । ମାଡ୍ରାସ ଛାଡ଼ିବା ପରଠାରୁ ଜି.ଟି. ଏକ୍‌ସପ୍ରେସର ଏଇ କମ୍ପାର୍ଟମେଣ୍ଟରେ ତାଙ୍କ ବ୍ୟତୀତ ଅନ୍ୟ ସହଯାତ୍ରୀ ନ ଥିଲେ । ଭଦ୍ରଲୋକ ମଧ୍ୟ ଯିବେ ଅଞ୍ଜନଗଡ଼ । ଦୁଇ ଦିନ ତଳେ ଟ୍ରେନ୍‌ରେ ଉଠିବାବେଳେ କଥାପ୍ରସଙ୍ଗରେ ସେଇ ତଥ୍ୟ ସଂଗ୍ରହ କରିଥିଲି ଭଦ୍ରଲୋକଙ୍କଠାରୁ । ଆମ ଦୁହିଁଙ୍କ ମଧ୍ୟରେ ଆଉ କଥାବାର୍ତ୍ତା ନ ଥିଲା— ବୋଧହୁଏ ଦୀର୍ଘ ନ' ଘଣ୍ଟା ପରେ ନୀରବତାର ଅତ୍ୟାଚାର ଭଙ୍ଗ କରି ଏ ମୋର ପ୍ରଥମ ପ୍ରଶ୍ନ... ''କେଉଁ ଷ୍ଟେସନରେ ?''

ଭଦ୍ରଲୋକ ମୋ ଆଡ଼େ କିଛିକ୍ଷଣ ଚାହିଁଲେ— ଯେପରି ସେ ମୋତେ ଦେଖୁଥିଲେ ପ୍ରଥମ ଥର ପାଇଁ । ତା'ପରେ ନିର୍ଲିପ୍ତ କଣ୍ଠରେ ପଚାରିଲେ— ''ଆପଣ ଏଇ ପ୍ରଥମ ଅଞ୍ଜନଗଡ଼ ଯାଉଛନ୍ତି ପରା ? ତା'ହେଲେ ଏୟାରରେ ଆସିଲେ ନାହିଁ କାହିଁକି ? ଅଃ, ଟ୍ରେନ କି ବୋରିଂ ?'' ଭଦ୍ରଲୋକ ଆକାଶମାର୍ଗର ପଥିକ । ଏଇଥର ସମ୍ଭବତଃ ରେଲୱେ ପ୍ରତି କରୁଣାବଶତଃ ଆସିଛନ୍ତି ଟ୍ରେନ୍‌ରେ ।

"ଆସିଥିଲେ ଚଳିଥାଆନ୍ତା, କିନ୍ତୁ ମୋଟେ ଦୁଇ ଘଣ୍ଟାର ଫ୍ଲାଇଟ ମଧ୍ୟରେ ଏତେ ଲମ୍ବାଯାତ୍ରାକୁ ଫାଙ୍କିଦେଇଥିଲେ କେତେ ଦର୍ଶନୀୟ ଦୃଶ୍ୟ, କେତେ ସ୍ମରଣୀୟ ଅନୁଭୂତି ବାଦ ପଡ଼ିଯାଇଥାନ୍ତା କୁହନ୍ତୁ ତ ?" ସ୍ୱଗତୋକ୍ତି କରିବାପରି କହିଲି... ''ଦିଲ୍ଲୀ ଛାଡ଼ିବା ପୂର୍ବରୁ ମୁଁ ସେମାନଙ୍କୁ ଠିକ୍ ପଚାରିପାରି ନ ଥିଲି କେଉଁ ଷ୍ଟେସନରେ ଓହ୍ଲାଇବା ମୋ ପକ୍ଷରେ ସୁବିଧାଜନକ । ଏବେ ଟାଇମ୍-ଟେବୁଲରେ ଦେଖୁଛି ତିନିଟା ଷ୍ଟେସନ—ଅଞ୍ଜନଗଡ଼ ଇଷ୍ଟ, ସେଣ୍ଟ୍ରାଲ ଓ କ୍ୟାଣ୍ଟନମେଣ୍ଟ ।''

''ଇଟ୍ ଅଲ୍ ଡିପେଣ୍ଡସ୍'' ଭଦ୍ରଲୋକ ଖଣ୍ଡେ ଇଣ୍ଡିଆ କିଙ୍ଗ୍ ସିଗାରେଟ୍ ଲାଇଟର୍‌ରେ ଜଳାଇ ଉତ୍ତର ଦେଲେ... ''ମାନେ, ସବୁ ନିର୍ଭର କରେ, ଅଞ୍ଜନଗଡ଼ରେ ଆପଣଙ୍କର ଗନ୍ତବ୍ୟ ଆଉ ଠିକଣା ଉପରେ । ଆପଣ ରହିବେ କେଉଁଠି ? ହୋଟେଲରେ ନିଶ୍ଚୟ ।'' କି ପ୍ରକାର ବା କେଉଁ ସ୍ତରର ହୋଟେଲରେ ମୁଁ ଉଠିପାରେ ଭଦ୍ରଲୋକ ମୋ ଚେହେରାରୁ ଯେପରି ଅନୁମାନ

Digitized by srujanika@gmail.com

କରିପାରୁ ନ ଥିଲେ । ସେ କହିଲେ... ''ଆପଣ ଯଦି ଭେଜିଟେରିଆନ୍ ହୋଇଥାନ୍ତି, ତା' ହେଲେ ଲକ୍ଷ୍ମୀ-ବିଳାସ ହୋଟେଲ, ଉଦୀପୀମାନଙ୍କର, ନନ୍‌ଭେଜିଟରିଆନ୍ ହୋଇଥିଲେ 'ବ୍ଲୁ-ହିଲସ୍' ସେମାନଙ୍କ ଚାର୍ଜ ମଡରେଟ୍ । ତା' ହେଲେ ଆପଣ ସିଟୀ ଷ୍ଟେସନରେ ଓହ୍ଲାଇଲେ ଚଳିବ । ସେଠାରୁ ଏ ହୋଟେଲ ସବୁ ଦୁଇ କିଲୋମିଟର ଭିତରେ ।'' ...ମୋ ଚେହେରାରେ ଥିଲା ସେହିପରି ମଧ୍ୟବିତ୍ତୀୟ ଛାପ—ଯାହା ସବୁଦିନେ ସବୁବେଳେ ଦୟନୀୟ । ଉଚ୍ଚବିତ୍ତର ଅହଙ୍କାର ନାହିଁ କିମ୍ବା ସର୍ବହରାର ବେପରୁଆମି ନାହିଁ । ବିଚାରା ହିଁ ତାର ଏଇମାତ୍ର ବିଶେଷଣ ।

କମ୍ପାର୍ଟମେଣ୍ଟ୍ ଭିତରେ ଆଲୁଅ ଜଳି ଉଠିଥିଲା । ଟ୍ରେନ୍ ସେତେବେଳକୁ ମନ୍ଥରିତ ଗତିରେ ଉଠୁଥିଲା ଗୋଟାଏ ଚଢ଼ାଣିରେ ।

ବାହାରେ ଅନ୍ଧକାର ଭିତରକୁ ଚାହିଁ ମୁଁ ଉତ୍ତର ଦେଲି... ''ମୁଁ ଉଠିବି ବିଶାଖା-ମହଲ ହୋଟେଲରେ ।''

''ବିଶାଖା-ମହଲ''...ଭଦ୍ରଲୋକ ମୋର ଆପାଦମସ୍ତକ ନିରୀକ୍ଷଣ କଲେ ।'' ''ବିଶାଖା-ମହଲ'' ? ...ଭଦ୍ରଲୋକ ପ୍ରଶ୍ନ କଲେ, ବିସ୍ମିତ କଣ୍ଠରେ ।

ବିଶାଖା-ମହଲ ଥ୍ରୀଷ୍ଟାର, ଫୋର୍ ଷ୍ଟାର୍ ବା ଫାଇଭ୍ ଷ୍ଟାର୍ ନୁହେଁ, କହିବାକୁ ଗଲେ ''ଷ୍ଟାର''ର ଊର୍ଦ୍ଧ୍ୱରେ । ବିଉଟି ସାଲୁନ୍ ନାହିଁ, ସୁଇମିଙ୍ଗ୍ ପୁଲ ନାହିଁ, କାବାବ୍ କର୍ଣ୍ଣର ନାହିଁ, 'କାବାରେ' ନାହିଁ; ଅଛି କେବଳ ଗୋଟାଏ ମିନି ଗଲ୍‌ଫ କୋର୍ସ...ତଥାପି ଫରେନ୍ ଟୁରିଷ୍ଟମାନଙ୍କର ଭିଡ଼ ସେଇଠି । ମାତ୍ର ଭାରତର ନବ-ଧନୀକ ଗୋଷ୍ଠୀ ପସନ୍ଦ କରନ୍ତି ଅଞ୍ଜନଗଡ଼ର ଅନ୍ୟ ଫାଇଭ୍ ଷ୍ଟାର ହୋଟେଲ । ଭଦ୍ରଲୋକ କହିଲେ... ''କିନ୍ତୁ ଜାଣନ୍ତି ତ ବିଶାଖା-ମହଲରେ ମୋଟେ ତିରିଶଟା ସୁଇଟ୍, ଗୋଟାଏ ସୁଇଟ୍‌ର ଦିନକୁ ଭଡ଼ା କେବଳ ଅଢ଼େଇଶହ ଟଙ୍କାରୁ ସାଢ଼େ ତିନିଶହ ଟଙ୍କା । ଆଉ ପ୍ରେସିଡ଼େଣ୍ଟସ୍ ସୁଇଟ୍‌ର ଭଡ଼ା ତ ପାଞ୍ଚଶହ । ସେଇଥିପାଇଁ ଫରେନ୍ ଟୁରିଷ୍ଟମାନଙ୍କର ଭିଡ଼ ସେଇଠି ।'' —ମୋ ପରି ଢିଲା ପାଇଜାମା ଆଉ ପଞ୍ଜାବି ପିନ୍ଧା ଭବଘୂରା ଚେହେରାର ଜଣେ ଲୋକ ଯେ ବିଶାଖା-ମହଲ ପରି ସୁପର୍ ଷ୍ଟାର ହୋଟେଲରେ ଉଠିପାରେ ଏହା ସେ ବିଶ୍ୱାସ କରିପାରୁ ନ ଥିଲେ । ସେଥିପାଇଁ ସମ୍ଭବତଃ ସେ ମୋତେ ଆଗତୁରା ସତର୍କ କରି ଦେଉଥିଲେ ।

କିନ୍ତୁ ସେ କିପରି ବା ଜାଣିବେ ରାଜନୀତିକ ପ୍ରଭାବରେ ମୁଁ ଏକ କୋମ୍ପାନୀର ଡିରେକ୍ଟର । ଅଞ୍ଜନଗଡ଼ରେ ମୋର ଅବସର ବିନୋଦନ ପାଇଁ ସେଇ କୋମ୍ପାନୀ ପକ୍ଷରୁ ଇ ହୋଇଛି ଭୂରି ବ୍ୟବସ୍ଥା । ଆମେ ତ ଏ ଯୁଗର ନବ୍ୟ ସମ୍ଭ୍ରାନ୍ତ ଗୋଷ୍ଠୀ, ଲକ୍ଷ୍ମୀଙ୍କ ବରପୁତ୍ର । କଳା ଟଙ୍କାର ହାତସଫାଇ ପାଇଁ ଏଇ ହୋଟେଲ ସବୁ ମଧ୍ୟ ଗୋଟାଏ ପନ୍ଥା । ତା' ନ ହେଲେ ବିଶାଖା-ମହଲ କିଏ... ଆଉ ମୁଁ କିଏ ? କୌଣସି ଧର୍ମଶାଳା ଥିଲା ମୋ ପାଇଁ ଯଥେଷ୍ଟ । ଅର୍ଥାତ୍ ଆର୍ଥନୀତିକ ବୁନିଆଦି ଦୃଷ୍ଟିରୁ ମୁଁ ବା ଆମେ ସାଧାରଣତଃ ସେଇ ଧର୍ମଶାଳା ସ୍ତରର ।

ସେ ପଚାରିଲେ... ''ଆଗରୁ ରିଜର୍ଭସନ୍ କରିଛନ୍ତି ତ ?''

ରିଜର୍ଭେସନ୍ ଥିଲା ଠିକ୍ । କିନ୍ତୁ ମୁଁ ନିର୍ଲିପ୍ତ କଣ୍ଠରେ ପଚାରିଲି... ''କ'ଣ ଖୁବ୍ ଭିଡ଼ ହୁଏ ସେଠି ?''

Digitized by srujanika@gmail.com

ଭଦ୍ରଲୋକ ଉତ୍ତର ଦେଲେ... ''ଛୁଟି ନୋହିଲେ ଉଇକ୍-ଏଣ୍ଡ୍ ଦିନମାନଙ୍କରେ ଫରେନ୍ ଟୁରିଷ୍ଟମାନଙ୍କର ଖୁବ୍ ଭିଡ଼ ଜମେ ସେଠାରେ ।''

ସନ୍ଦେହ-ବିମୋଚନ ପାଇଁ ପକେଟରୁ ଟେଲେକ୍ସ ମେସେଜ୍‌ଟା କାଢ଼ି ଆଉଥରେ ପଢ଼ିଲି...ବିଶାଖା-ମହଲରେ ମୋର ରିଜର୍ଭେସନ୍ ଏକାଥରେ ପକ୍‌କା ।

ଭଦ୍ରଲୋକ ପରାମର୍ଶ ଦେଲେ... ''ତା ହେଲେ ଅଞ୍ଜନଗଡ଼ କାଣ୍ଟ୍‌ରେ ଓହ୍ଲାଇବା ଆପଣଙ୍କ ପକ୍ଷରେ ସୁବିଧାଜନକ । ବିଶାଖା-ମହଲ, ସିଟିଠାରୁ ପ୍ରାୟ ଚଉଦ କିଲୋମିଟର୍ କିନ୍ତୁ କାଣ୍ଟନମେଣ୍ଟରୁ ଆଠ ।''

ଅଞ୍ଜନଗଡ଼ ଏକଦା ଥିଲା ଭାରତର ଏକ ପ୍ରସିଦ୍ଧ ସମୃଦ୍ଧ ଦେଶୀୟ ରାଜ୍ୟ । ପ୍ରାୟ ଦୁଇ ଶତାବ୍ଦୀ ତଳେ ବ୍ରିଟିଶ୍ ଇତିହାସ ପ୍ରସିଦ୍ଧ କାବେରୀ-ପତ୍ତନ ଯୁଦ୍ଧରେ ଅଞ୍ଜନଗଡ଼ ଅଧିକାର କରିବା ପରେ କାବେରୀ-ପତ୍ତନରୁ ରାଜଧାନୀ ଉଠାଇ ନୂତନ ରାଜଧାନୀ ସ୍ଥାପନ କରିଥିଲେ— ଅଞ୍ଜନଗଡ଼ । ୟୁରୋପୀୟ ସ୍ଥପତିମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା 'ଚନ୍ଦ୍ର-ମହଲ' ପ୍ରାସାଦକୁ କେନ୍ଦ୍ର କରି ନୂତନ ଅଞ୍ଜନଗଡ଼ ସହର । ଏହାର ନିର୍ମାଣ-ଶୈଳୀରେ ଅଷ୍ଟାଦଶ ଶତାବ୍ଦୀର ୟୁରୋପୀୟ ସ୍ଥାପତ୍ୟ ଚରିତ୍ର ଥିଲା ସୁସ୍ପଷ୍ଟ । କିନ୍ତୁ ତା'ର ଗମ୍ବୁଜମାନଙ୍କରେ ଥିଲା କେବଳ ଭାରତୀୟତାର ସ୍ୱାକ୍ଷର । ସେତିକିବେଳେ ବ୍ରିଟିଶ୍ କୂଟନୀତିରେ ଦେବରାୟମାନେ ଅଭିଷିକ୍ତ ହୋଇଥିଲେ ଅଞ୍ଜନଗଡ଼ ରାଜବଂଶ ରୂପେ । ସେମାନଙ୍କୁ ଅନୁଗତ ରଖିବା ପାଇଁ ଅଞ୍ଜନଗଡ଼ରେ ସ୍ଥାପିତ ହୋଇଥିଲା ଅଞ୍ଜନଗଡ଼ କାଣ୍ଟନ୍‌ମେଣ୍ଟ୍ । କିନ୍ତୁ ଅଞ୍ଜନଗଡ଼ ମହାରାଜାମାନେ ଥିଲେ ପ୍ରଗତିଶୀଳ, ପ୍ରଜାରଞ୍ଜକ । ସେମାନଙ୍କ ପୃଷ୍ଠପୋଷକତାରେ ଅଞ୍ଜନଗଡ଼ ପରିଣତ ହୋଇଥିଲା ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ବିଜ୍ଞାନ ଚର୍ଚ୍ଚାର ଏକ ପ୍ରସିଦ୍ଧ କେନ୍ଦ୍ର ରୂପେ ।

—''ଆପଣ ପ୍ରଥମଥର ପାଇଁ ଅଞ୍ଜନଗଡ଼ ଆସୁଛନ୍ତି ପରା ।''

''ହଁ'' ବାହାରର ଅନ୍ଧକାର ଭିତରକୁ ଚାହିଁ ମୁଁ ଉତ୍ତର ଦେଲି ଅନ୍ୟମନସ୍କ ଭାବରେ । ...''ଶୁଣିଛି ଅଞ୍ଜନଗଡ଼ର ସୁନାମ ସାରା ଭାରତରେ । ଉଦ୍ୟାନ-ନଗରୀ ଅଞ୍ଜନଗଡ଼ ।''

ଭଦ୍ରଲୋକ କହିଲେ—''ଅଞ୍ଜନଗଡ଼ର ସେ ସୌନ୍ଦର୍ଯ୍ୟ ଆଉ ନାହିଁ ଏବେ । ରାସ୍ତାକଡ଼ରେ ଛାୟାଘନ ଗୋଲମୋହର ଗଛ ସବୁ କଟା ସରିଲାଣି । ଯେଉଁ ସ୍ଥାନମାନଙ୍କରେ ଥିଲା ପାର୍କ, ସେଠାରେ ଏବେ ଗଢ଼ିଉଠିଛି ନୂଆ ନୂଆ କଲୋନୀ । ଅଞ୍ଜନଗଡ଼କୁ ଘେରି ପ୍ରତିଦିନ ଗଢ଼ି ଉଠୁଛି ନୂଆ ନୂଆ କାରଖାନା । ଆମ ପିଲାଦିନର ଅଞ୍ଜନଗଡ଼ ଏବେ ଏକ ସ୍ୱପ୍ନ ।'' ଭଦ୍ରଲୋକ ଗୋଟାଏ ଦୀର୍ଘଶ୍ୱାସ ପକାଇଲେ ।

''ଆଉ ମହାରାଜା ?'' ...ମୁଁ ପଚାରିଲି ଅହେତୁକ କୌତୂହଳରେ ।

''ରିପୁଦମନ ଦେବରାୟଙ୍କ ମୃତ୍ୟୁ ପରେ ଆଉ ତ ମହାରାଜା ନାହାନ୍ତି ।'' ...ଭଦ୍ରଲୋକଙ୍କ ଉତ୍ତର ଦୀର୍ଘଶ୍ୱାସରେ ଭାରୀ ।

''କିନ୍ତୁ ମହାରାଜା ରିପୁଦମନଙ୍କର କେହି ତ ଉତ୍ତରାଧିକାରୀ ଥିବେ । ସେ କ'ଣ ଅପୁତ୍ରକ, ନିଃସନ୍ତାନ ଥିଲେ ?''

Digitized by srujanika@gmail.com

ମହାରାଜାଙ୍କର ଏକମାତ୍ର ପୁତ୍ର ଅଛନ୍ତି କୀର୍ତ୍ତିଚୂଡ଼ ଦେବରାୟ । ମାତ୍ର ଅଞ୍ଜନଗଡ଼ରେ ତାଙ୍କର ପରିଚୟ ଆଉ ମହାରାଜା ନୁହେଁ । ସେ କେବଳ କୀର୍ତ୍ତିଚୂଡ଼ ଦେବରାୟ !''

''କିନ୍ତୁ କାହିଁକି ?'' ...ମୋର କୌତୂହଳୀ ପ୍ରଶ୍ନରେ ବିରତି ନ ଥିଲା । ରାଜ୍ୟ ନ ଥାଇପାରେ, ପଦ ନ ଥାଇପାରେ; ତଥାପି ପଦବୀଟା ଯିବ କିପରି ? ପଦବୀଟା ତ ଗୋଟାଏ ପରମ୍ପରା ।

ଭଦ୍ରଲୋକ ନିସ୍ପୃହ କଣ୍ଠରେ ଉତ୍ତର ଦେଲେ... ''କିନ୍ତୁ ଅଞ୍ଜନଗଡ଼ର ଜନସାଧାରଣଙ୍କ ପାଇଁ ମହାରାଜା ରିପୁଦମନଙ୍କ ପରଠାରୁଇ ମହାରାଜା ପଦ ଲୋପ ।''

''ଆଉ କୀର୍ତ୍ତିଚୂଡ଼ ଦେବରାୟ ?''...ଏକଟଣା ରେଳ ଯାତ୍ରାର ବିରକ୍ତି ମୁଁ କଟାଇବାକୁ ଚାହୁଁଥିଲି ମହାରାଜା ଗଳ୍ପ ମଧ୍ୟରେ । କିନ୍ତୁ ଭଦ୍ରଲୋକଙ୍କର ସେଥିରେ ଆଗ୍ରହ ନ ଥିଲା । ତାଙ୍କ କଣ୍ଠସ୍ୱରରୁ ମନେ ହେଉଥିଲା ସେ ଯେପରି ଏସବୁ ପ୍ରସଙ୍ଗ ଏଡ଼ାଇ ଦେବାକୁ ଚାହୁଁଥିଲେ । ଅନ୍ତତଃ ଏଡ଼ାଇପାରିଲେ ସେ ଯେପରି ସ୍ୱସ୍ତି ପାଆନ୍ତେ । ମାତ୍ର କମ୍ପାର୍ଟମେଣ୍ଟରେ ଆମେ ତ ଦୁଇ ଜଣ । ଅଞ୍ଜନଗଡ଼ର ଲୋକମାନେ ସାଧାରଣତଃ ସୌଜନ୍ୟପ୍ରବଣ । ଉତ୍ତର ଭାରତୀୟ ରୁକ୍ଷତା ସେମାନଙ୍କଠାରେ ବିରଳ । ଭଦ୍ରଲୋକ ସେଇଥିପାଇଁ ବୋଧହୁଏ ଦେଇ ଚାଲିଥିଲେ ମୋର ଏସବୁ ଅବାନ୍ତର ପ୍ରଶ୍ନର ଉତ୍ତର ।

ମୁଁ ପଚାରିଲି... ''କୀର୍ତ୍ତିଚୂଡ଼ ଦେବରାୟ ବର୍ତ୍ତମାନ କେଉଁଠି ? କରୁଛନ୍ତି କ'ଣ ?''

''ସେ ପ୍ରାୟ ଏବେ ରହୁଛନ୍ତି ବମ୍ବେରେ । ଫିଲିମ୍-ପ୍ରତ୍ୟୁସର ।''...କଣ୍ଠରେ ପରିହାସର ସ୍ୱର ପ୍ରଚ୍ଛନ୍ନ ।

''କିନ୍ତୁ ବମ୍ବେର ନାମକରା ପ୍ରଡ୍ୟୁସରମାନଙ୍କ ମଧ୍ୟରେ କୀର୍ତ୍ତିଚୂଡ଼ ଦେବରାୟ ନାମ ତ ଶୁଣି ନାହିଁ କେବେ ।''

ଭଦ୍ରଲୋକ ଆସ୍‌ଟ୍ରେ ଭିତରେ ଜଳନ୍ତା ସିଗାରେଟ୍ ଖଣ୍ଡ ନିଭାଉ ନିଭାଉ କହିଲେ... ''ତାଙ୍କର ସବୁ ପିକ୍‌ଚର ତ ଫ୍ଲପ୍ । ଆପଣ ତାଙ୍କ ନାମ ଆଉ ଶୁଣିବେ କୁଆଡୁ ?''

ଐତିହାସିକ ଦେବରାୟ-ବଂଶର ଶେଷ ଉତ୍ତରାଧିକାରୀ ହିନ୍ଦୀ ଫିଲମ୍ ପ୍ରଡ୍ୟୁସର...ଅତୀତ ଓ ବର୍ତ୍ତମାନ, ଇତିହାସ ଓ ବାସ୍ତବତା ମଧ୍ୟରେ ମୁଁ କୌଣସି ସାମଞ୍ଜସ୍ୟ ସ୍ଥାପନ କରିପାରୁ ନ ଥିଲି । ତଥାପି ମହାରାଜା କାହାଣୀ ଶୁଣିବାର ତୃଷା ପ୍ରଶମିତ ହୋଇ ନ ଥିଲା । ମୁଁ ପଚାରିଲି... ''ମହାରାଜା ରିପୁଦମନଙ୍କର ଦେହାନ୍ତ ହେଲା କେବେ ? ହଁ-ହଁ-ମନେ ପଡ଼ିଗଲା ପ୍ରାୟ ବର୍ଷକ ତଳେ କୋଉ ଖବରକାଗଜରେ ଶୋକାଞ୍ଜଳି ସ୍ତମ୍ଭରେ ପଢ଼ିଥିଲି ମହାରାଜ ରିପୁଦମନଙ୍କ ମୃତ୍ୟୁ ସମ୍ବାଦ । କିନ୍ତୁ ସେ ମଲେ କିପରି ?''

ଭଦ୍ରଲୋକ ମୋର ଦୁଇ ଆଖି ଭିତରକୁ କଠୋର ଦୃଷ୍ଟିରେ ଚାହିଁଲେ । ଏପ୍ରକାର ପ୍ରଶ୍ନ ଯେପରି ସମ୍ପୂର୍ଣ୍ଣ ବେଆଦବୀ । ତା ପରେ ଉତ୍ତର ଦେଲେ— ମୋର ପ୍ରଶ୍ନବାଣରୁ ନିଷ୍କୃତି ପାଇଁ— ''ମହାରାଜା ରିପୁଦମନ ଆତ୍ମହତ୍ୟା କଲେ ।''

କିନ୍ତୁ କେଉଁ ଦୁଃଖରେ ? ତାଙ୍କ ବାର୍ଷିକ ପ୍ରିଭୀପର୍ସ୍‌ର ପରିମାଣ ଥିଲା ବାର ଲକ୍ଷ ଟଙ୍କା, ଟ୍ୟାକ୍‌ସ ଫ୍ରି । ଅବଶ୍ୟ ପ୍ରିଭୀପର୍ସ୍ ବନ୍ଦ ହୋଇଥିଲା । ତଥାପି ଅକଳିତ ସମ୍ପତ୍ତିର ଅଧିକାରୀ

Digitized by srujanika@gmail.com

ଥିଲେ ମହାରାଜ ରିପୁଦମନ । ଯଶ, ଖ୍ୟାତି ପ୍ରତିପତ୍ତି ମଧ ଥିଲା ପ୍ରଚୁର । ଭାରତୀୟ ରାଜନ୍ୟ-ମଣ୍ଡଳୀରେ ସେ ଥିଲେ ଅଗ୍ରଗଣ୍ୟ । ''ମହାରାଜା ରିପୁଦମନ ଆତ୍ମହତ୍ୟା କଲେ କାହିଁକି ?'' ମୋର ପ୍ରଶ୍ନ ସବୁ ଯେପରି ଅବାରିତ, ସେଇପରି ଅବାନ୍ତର ।

ଭଦ୍ରଲୋକଙ୍କ ସୌଜନ୍ୟ ଓ ଧୈର୍ଯ୍ୟ ଶେଷ ସୀମାରେ ପହଞ୍ଚିଥିଲା । ସେ କେତେଟା ଲାଇଟ୍ ସୁଇଚ୍ ନିଭାଇ ଦେଇ କହିଲେ— ''କାହାର ବ୍ୟକ୍ତିଗତ ଜୀବନରେ, କେତେବେଳେ ଟ୍ରାଜେଡ଼ୀର ଧକ୍କା କିପରି ଲାଗେ ଆଉ ସେଥିରୁ ନିଷ୍କୃତି ପାଇଁ ସେ ଆତ୍ମହତ୍ୟା କରେ ସେ ଖବର କିଏ ରଖିପାରେ କୁହନ୍ତୁ ? ଆଚ୍ଛା ଗୁଡ୍‌ନାଇଟ୍ ।'' ଭଦ୍ରଲୋକ ମୋ ଆଡ଼କୁ ମୁହଁ ବୁଲାଇ ଶୋଇପଡ଼ିଲେ ବା ଶୋଇବା ପାଇଁ ଚେଷ୍ଟା କଲେ । ଏ ବିଷୟ ଆଲୋଚନା ପାଇଁ ତାଙ୍କର ଆଉ ଯେପରି ପ୍ରବୃତ୍ତି ନ ଥିଲା । ଅଞ୍ଜନଗଡ଼ର ଲୋକେ ସାଧାରଣତଃ ପ୍ରଜାନୁରକ୍ତ । ମହାରାଜାମାନଙ୍କ ପାଇଁ ସେମାନଙ୍କ ପ୍ରଗାଢ଼ ଶ୍ରଦ୍ଧା ଓ ମମତା ।

ଅଞ୍ଜନଗଡ଼ରେ ଆମ ଟ୍ରେନ୍ ପହଞ୍ଚିବ ସକାଳେ । ଆଉରି ପ୍ରାୟ ଦଶ ଘଣ୍ଟାର ଅସରନ୍ତି ବାଟ ।

ଝରକା ବାହାରେ ମେଘାଚ୍ଛନ୍ନ ଆକାଶରେ ଗୋଟାଏ ନିସ୍ପନ୍ଦ ତାରାଆଡ଼କୁ ଚାହିଁ ବାରମ୍ବାର ସେଇ ପ୍ରଶ୍ନ କେବଳ ତୁହାଇ ତୁହାଇ ପଚାରୁଥିଲି— ''ମହାରାଜା ରିପୁଦମନ ଆତ୍ମହତ୍ୟା କଲେ କେଉଁ ଦୁଃଖରେ ?'' ରେଳଚକର ଘୂର୍ଣ୍ଣନରେ ଯେପରି ସେ ପ୍ରଶ୍ନର ଅଛିଣ୍ଡା ପୁନରାବୃତ୍ତି— କାହିଁକି ? କାହିଁକି ?

ବର୍ଷାଧୁଆ ସକାଳର କୋମଳ ଆଲୋକରେ ଅଞ୍ଜନଗଡ଼ କାଣ୍ଟରୁ ମୋଟରକାର୍ ଗଡ଼ି ଚାଲିଥିଲା ଦକ୍ଷିଣ ପାଖରେ ସହରକୁ କଟାଇ କୁମାରୀ ହିଲସ୍ ପାଦରେ, କଳା ରିବନ୍ ପରି ଲମ୍ବିଥିବା ଜନବିରଳ ରାସ୍ତାରେ, ବିଶାଖା-ମହଲ ଅଭିମୁଖରେ । ଅଞ୍ଜନଗଡ଼ ସହର ବାହାରେ ବିଶାଖା-ମହଲ । ଉଠାଣିରେ ଉଠିବାବେଳେ ଡ୍ରାଇଭର୍ କହିଲା— ''ଏଇ ଚନ୍ଦ୍ରମହଲ ପାଲେସ୍ ।''

ଚନ୍ଦ୍ରମହଲ ପାଲେସ୍‌ର ସୁନେଲି ଚୂଡ଼ା ଓ ଗମ୍ବୁଜ ସବୁ ସକାଳ ଖରାରେ ଝଲମଲ କରୁଥିଲା । ଏଇ ପାଲେସ୍‌ର ଚିତ୍ର ମୁଁ ଦେଖିଛି ଅଞ୍ଜନଗଡ଼ର ଟୁରିଷ୍ଟ ପାମ୍ପଲେଟମାନଙ୍କରେ । ଗତ ରାତିରେ ପ୍ରଶ୍ନ ମୋ ମନରେ ପୁଣି ଖଣ୍ଡିଆଭୂତ ପରି ଘୂର୍ଣ୍ଣି ଉଡ଼ାଇ ଦେଇଁଉଠିଲା— ''ମହାରାଜା ରିପୁଦମନ କ'ଣ ଏଇ ପାଲେସ୍‌ରେ ଆତ୍ମହତ୍ୟା କରିଥିଲେ ?''

ଡ୍ରାଇଭର୍ ଆମ କୋମ୍ପାନୀର କିନ୍ତୁ ଅଞ୍ଜନଗଡ଼ର ଅଧିବାସୀ । ଅଞ୍ଜନଗଡ଼ର ପ୍ରତ୍ୟେକ ଅଧିବାସୀ ଯେପରି ମହାରାଜା ରିପୁଦମନଙ୍କ ଆତ୍ମହତ୍ୟା ସମ୍ପର୍କରେ କୌଣସି ଉତ୍ତର ଦେବା ପାଇଁ କୁଣ୍ଠିତ । ସେମାନଙ୍କ ଦୃଷ୍ଟିରେ ଏପରି ପ୍ରଶ୍ନ ନିତାନ୍ତ ବେଆଦବୀ । ମୋ ପ୍ରଶ୍ନ ଶୁଣି ପାରି ନ ଥିବାର ଅଭିନୟ କରି ଡ୍ରାଇଭର୍ ବାମ ପାଖରେ କୁମାରୀ ପର୍ବତ ଚୂଡ଼ାରେ ଗୋଟାଏ ମନ୍ଦିରର ଗୋପୁରମ୍ ଦେଖାଇ ଦେଇ କହିଲା— ''ଇଏ ମହାମାୟା ମନ୍ଦିର । ଅନେକ ଟୁରିଷ୍ଟ ଆଉ ଯାତ୍ରୀ ଆସିଥାନ୍ତି ସେଇ ମନ୍ଦିର ଦେଖିବା ପାଇଁ । ଆପଣ ମଧ ମହାମାୟାଙ୍କ ଦର୍ଶନ କରିବେ ସାର୍ ?''

Digitized by srujanika@gmail.com

ଦେବରାୟ ବଂଶର ଇଷ୍ଟଦେବୀ ମହାମାୟା । କିନ୍ତୁ ଶୁଣିଛି ଏ ମନ୍ଦିର ଦେବରାୟ ବଂଶଠାରୁ ଆଉରି ପ୍ରାଚୀନ । କେଉଁ ଶତାବ୍ଦୀର ? କିନ୍ତୁ ଗବେଷଣାର ପ୍ରବୃତ୍ତି ସେତେବେଳେ ନ ଥିଲା । ମୁଁ ମଧ ବୁଝି ପାରୁଥିଲି ଡ୍ରାଇଭର୍ ଅଭିନୟ । ଆଉଥରେ ସେଇ ପ୍ରଶ୍ନର ପୁନରାବୃତ୍ତି କରି ପଚାରିଲି— ''ମହାରାଜା ରିପୁଦମନ କ'ଣ ଏଇ ଚନ୍ଦ୍ରମହଲ ପାଲେସ୍‌ରେ ଆତ୍ମହତ୍ୟା କରିଥିଲେ ?''

ଅଗତ୍ୟା ଡ୍ରାଇଭର୍ ସଂକ୍ଷେପରେ ଉତ୍ତର ଦେଲା— ''ଦିନେ ସକାଳେ ମହାରାଜା ରିପୁଦମନଙ୍କ ପାଇଁ ବେଡ୍-ଟୀ ନିୟମିତ ସମୟରେ ନେବା ବେଳକୁ ଦେଖାଗଲା; ମହାରାଜାଙ୍କ ଶେଷ ନିଃଶ୍ୱାସ ବହିଯାଇଛି ।''

''ଡାକ୍ତରମାନେ ପରୀକ୍ଷା କରିଥିଲେ ତା' ପରେ ? ମାନେ ପୋଷ୍ଟମର୍ଟମ୍ ?''

''ଗଭର୍ଣ୍ଣର, ମୁଖ୍ୟମନ୍ତ୍ରୀ, ବଡ଼ ବଡ଼ ସରକାରୀ ଅଫିସର ତା'ପରେ ଆସିଥିଲେ ଚନ୍ଦ୍ରମହଲ ପାଲେସ୍‌କୁ । ସେମାନଙ୍କ ମଧରେ ଅନେକ ସମୟ ଧରି ମନ୍ତ୍ରଣା ଚାଲିଲା । ତା ପରେ ସରକାରଙ୍କ ନିର୍ଦ୍ଦେଶରେ ତାଙ୍କର ଶବ ସତ୍କାର ହେଲା— ହୋଇପାରେ ହାର୍ଟ୍ ଫେଲିଓର୍ । ହୋଇପାରେ ଆତ୍ମହତ୍ୟା ।''

''କିନ୍ତୁ କାହିଁକି ?''

ଏଥର ଡ୍ରାଇଭର ଆଉ କୌଣସି ଉତ୍ତର ଦେଲା ନାହିଁ।

ଆମେ ଉଠୁଥିଲୁ କୁମାରୀ ପର୍ବତମାଳାର ଚଢ଼ାଣିରେ । ରାସ୍ତା ଦୁଇପାଖରେ, ଛାୟା-ଘନ ବୃକ୍ଷବୀଥିକା ଶେଷରେ ଦେଖା ଯାଉଥିଲା 'ବିଶାଖାମହଲ'ର ମାର୍ବଲ୍ ଗମ୍ବୁଜ ।

ରାସ୍ତା କଡ଼ରେ ଉଚ୍ଚ ପ୍ରାଚୀରବେଷ୍ଟିତ ଗୋଟାଏ ବିରାଟ ପରିସର ଦେଖାଇ ଡ୍ରାଇଭର୍ କହିଲା... ''ଏଇଟା ଥିଲା ମହାରାଜାଙ୍କ ଗାରେଜ୍ । ଏଥିରେ ଥିଲା ଶହେ ଲିମୋସିନ୍— ସେଥିମଧରୁ ରୋଲସ୍ ରୟସ୍ ଥିଲା ଦଶଟା ।''

ଗାରେଜ୍ ଅତିକ୍ରମ କରି ଯିବାବେଳେ ଫାଟକ ଉପରେ ଗୋଟାଏ ପ୍ରକାଣ୍ଡ ଅର୍ଦ୍ଧବୃତ୍ତାକାର ସାଇନ୍‌ବୋର୍ଡ଼ ଆଖିରେ ପଡୁଥିଲା...ସୁଦରଶନ୍ ଟ୍ରାନସ୍‌ପୋର୍ଟ୍ କୋମ୍ପାନୀ ।

ଡ୍ରାଇଭର୍ କହିଲା... ''ମହାରାଜା ଗାରେଜ୍‌ଟାକୁ ବିକ୍ରି କରି ଦେଇଥିଲେ ଏଇ କୋମ୍ପାନୀକୁ । ଏମାନଙ୍କ ଟ୍ରକ୍‌ସବୁ ଚାଲେ ସବୁଆଡ଼େ... ଦିଲ୍ଲୀ, ବମ୍ବେ, କଲିକତା ।'' — ''ଆଉ ଲିମୋସିନ୍ ସବୁ ?'' ''ରୋଲସ୍ ଗୋଟାଏ କିଣି ନେଇଗଲେ ଜଣେ ଫରେନ୍ ଟୁରିଷ୍ଟ ।''

ବିଶାଖା-ମହଲ ପାଲେସ୍‌ର ପ୍ରବେଶ ଦ୍ୱାରରେ ଗାର୍ଡ଼ରୁମ୍ । ଏଠାରେ ସମ୍ଭବତଃ ଦିନେ ଚିତ୍ରପୁତ୍ତଳି ପରି ବର୍ଣ୍ଣାଢ଼୍ୟ ୟୁନିଫର୍ମ ପରିହିତ ପ୍ରାସାଦରକ୍ଷୀ ଘୋଡ଼ସବାରମାନେ ପ୍ରହରା ଦେଉଥିଲେ । ମାତ୍ର ଏବେ ଏହାର ଧଳା ମାର୍ବଲ୍ ପାହାଚ ଉପରେ ଗୋଟାଏ ବୁଲା ଛେଳି ଶୋଇଥିଲା; ମଟର ହର୍ଣ୍ଣ ଶବ୍ଦରେ ସେ ଚାହିଁଲା ମଟର ଗାଡ଼ି ଆଡ଼େ । ତା ପରେ ପୁଣି ରୋମନ୍ଥନ

Digitized by srujanika@gmail.com

କରି ଚାଲିଲା...ତା'ର ରୋମନ୍ଥନରେ ଆମ ଗାଡ଼ିଟା ଥିଲା ଯେପରି ଗୋଟାଏ ଅକାରଣ, ଅବାଞ୍ଛିତ ପ୍ରତିବନ୍ଧକ । ମେନ୍‌ଗେଟ୍ ଠାରୁ ବିଶାଖାମହଲର ପୋର୍ଚ୍ଚ ପର୍ଯ୍ୟନ୍ତ ଏକଦା ଲମ୍ବିଥିଲା ପଲ୍ଲବିତ ଛାୟାସ୍ନିଗ୍ଧ ବୀଥିକା। କିନ୍ତୁ ଏବେ କେବଳ ରହିଥିଲା ବୃକ୍ଷବୀଥିକାର ଧ୍ୱଂସାବଶେଷ । କେତେ ଗଛ ଭାଙ୍ଗି ପଡ଼ିଥିଲା ଝଡ଼ରେ, ଆଉ କେତେ ଗଛ କଟା ହୋଇ ତାର ଥୁଣ୍ଟା ସବୁ ଦିଶୁଥିଲା କ୍ଷତଚିହ୍ନ ପରି । ଡ୍ରୁପିଙ୍ଗ୍ ଦେଓଦର୍‌ର ଗଛ କେତେଟା ଅଶ୍ରୁ ଓ ବିଷାଦର ପ୍ରତିମୂର୍ତ୍ତି ।

ଡ୍ରାଇଭର୍ କହିଲା... ''ବିଶାଖା-ମହଲର ଗୋଲାପ-ବାଗ୍ ଅଞ୍ଚନଗଡ଼ରେ ଦିନେ ଥିଲା ମସ୍ତୁର୍ ।'' ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ଡ୍ରାଇଭର୍ ନୀରବ ହୋଇଗଲା । ପାର୍ବତ୍ୟ ଉପତ୍ୟକାର ଢେଉଢେଉକା ପ୍ରାନ୍ତର ଭିତରେ ଏଠି ସେଠି ଗୋଟାଏ ଗୋଟାଏ ଇଉକାଲିପଟାସ୍ ଗଛ ଠିଆ ହୋଇଛି, ଏକ ବିସ୍ମୃତ କାଳର ଶେଷ ପ୍ରତିନିଧି ରୂପେ।

ମୁଁ ପଚାରିଲି... ''ସେ ଗୋଲାପ ସବୁ ଗଲା କୁଆଡ଼େ ?''

''ମହାରାଜା ଏଇ ପାଲେସ୍ ଗଭର୍ଣ୍ଣମେଣ୍ଟ୍‌କୁ ବିକ୍ରି କରିଦେବା ପରେ ମାଳୀମାନେ ବିଦା ହୋଇଗଲେ । ଗୋଲାପ ବଞ୍ଚାଇବ କିଏ ? ମାଳୀ ସଂଖ୍ୟା ତ କମ୍ ନ ଥିଲେ ।''

ଦଳେ ଫରେନ୍ ଟୁରିଷ୍ଟ୍ କାନ୍ଧରେ ଏଆର୍‌ବ୍ୟାଗ୍, କାମେରା, ବାଇନୋକୁଲାର୍ ପ୍ରଭୃତି ଝୁଲାଇ ପୋର୍ଚ୍ଚରେ ରୁଣ୍ଡ ହୋଇଥିଲେ । ସେମାନଙ୍କୁ ଷ୍ଟେସନ୍ ଅଥବା ଏରୋଡ୍ରୋମ୍‌କୁ ନେବାପାଇଁ ଧାଡ଼ିବାନ୍ଧି ଅପେକ୍ଷା କରିଥିଲା ଅଧଡଜନ ଆମ୍ବାସାଡ଼ାର । ମାତ୍ର ଧ୍ରୁପଦୀଶୈଳୀରେ ନିର୍ମିତ 'ବିଶାଖା-ମହଲ'ର ଗାଡ଼ିବାରଣ୍ଡା ତଳେ ଆମ୍ବାସାଡ଼ାର ଗାଡ଼ି ସବୁ ଦେଖା ଯାଉଥିଲା ନିତାନ୍ତ ଅପାଙ୍‌କ୍ତେୟ । ଗାଡ଼ିବାରଣ୍ଡାର ଗୋଲେଇ ସ୍ତମ୍ଭ ସବୁ ସୁଦ୍ଧା ରୋମାନ୍ ସ୍ଥାପତ୍ୟ ସ୍ମରଣ କରାଇଦିଏ । କେବଳ ଧଳା ମାର୍ବଲ୍ ଆଉ ମାର୍ବଲ୍। ପ୍ରାୟ ଦଶ ବାରଟା ମାର୍ବଲ୍ ପାହାଚ୍ ଉଠିଗିବା ପରେ ଉପର ବାରଣ୍ଡାରେ ଦୁଇଟା ପ୍ରକାଣ୍ଡ କୋରିନ୍‌ଥିଆନ୍ ସ୍ଥାପତ୍ୟ ଶୈଳୀର ମାର୍ବଲ୍ ସ୍ତମ୍ଭ । ସ୍ତମ୍ଭ ଉପରେ ରୋମାନ୍ ଶୈଳୀର ଖିଲାଣ । ବାରଣ୍ଡା ଡେଇଁଗଲେ ଖୋଲିଛି ରିସେପସନ୍ ପରେ କାଉଣ୍ଟର୍ । ବୋଧହୁଏ ବିଶାଖା-ମହଲ ଏକ ହୋଟେଲ୍‌ରେ ପରିଣତ ହେବା ଗୋଟାଏ କୋରିନ୍‌ଥିଆନ୍ ଗୋଲାକାର ସ୍ତମ୍ଭର ପାଦଦେଶରେ ଖଣ୍ଡେ ମାର୍ବଲ୍ ଫଳକରେ ଖୋଦିତ ହୋଇଛି ଅଭିଲେଖ... ''ଟୁରିଜିମ୍ ମନ୍ତ୍ରଣାଳୟର ମାନ୍ୟବର ମନ୍ତ୍ରୀ... ଏହି ହୋଟେଲକୁ ଉଦ୍‌ଘାଟନ କରିଥିଲେ... ତାରିଖ... ସାଲରେ ।'' ଭାରୀ ବେଖାପି ଦିଶୁଥିଲା ସେଇ କ୍ଷୁଦ୍ର ମାର୍ବଲ ଫଳକ । ସେହି ପୃଷ୍ଠଭୂମିରେ କୋରିନ୍‌ଥିଆନ୍ ସ୍ତମ୍ଭର ମୌନ ଉଦାସ ଗାମ୍ଭୀର୍ଯ୍ୟ ତାହାର ଅକିଞ୍ଚନତାକୁ ଯେପରି ଉପହାସ କରୁଥିଲା । ...ମହାରାଜା ରିପୁଦମନଙ୍କ ଅଶରୀରୀ ପ୍ରେତଚ୍ଛାୟା ଯେପରି ପଚାରୁଥିଲା... ''ଅମରତ୍ୱର ମୂଲ୍ୟ କଣ ସାମାନ୍ୟ ଖଣ୍ଡେ ମାର୍ବଲ ? କିଏ ବା ଆଜି ମନେ ରଖିଛି ମୋତେ ? ବିଶାଖା-ମହଲ ଆଜି ମୋ ଅପେକ୍ଷା ଆଉରି ପ୍ରସିଦ୍ଧ ।'' ରିସେପ୍‌ସନ୍ କାଉଣ୍ଟର କାନ୍ଥରେ ରାଷ୍ଟ୍ରନେତାଙ୍କ ସସ୍ମିତ ଫଟୋଗ୍ରାଫ୍... ସେଇ ଯେପରି ଏଇ ଇମାରତ୍‌ର ନିର୍ମାତା ମହାରାଜା ରିପୁଦମନ ନିର୍ବାସିତ ସେଠାରୁ । କିନ୍ତୁ ମହାରାଜା ରିପୁଦମନ ଆତ୍ମହତ୍ୟା କଲେ କାହିଁକି ? ପୁଣି ସେଇ ଉତ୍ପୀଡ଼କ ଅସମାଧିତ ପ୍ରଶ୍ନ ।

Digitized by srujanika@gmail.com

॥ ଦୁଇ ॥

ବେଲ୍‌ବୟ ମୋ ଜିନିଷପତ୍ର ଧରି ଉପରକୁ ଉଠି ଯାଇଥିଲା । ରିସେପ୍‌ସନିଷ୍ଟ ମହିଳା ଓଠରେ ମୋଲାୟେମ ହସ ଫୁଟାଇ କହିଲେ... ''ୱେଲ୍‌କମ୍ ସାର୍ । ଆପଣଙ୍କ ସୁଇଟ୍ ଫାଷ୍ଟ ଫ୍ଲୋରରେ...ନମ୍ବର ଫିଫ୍‌ଟିନ୍ । ଏଇ ରେଜିଷ୍ଟର୍‌ରେ...'' ଭିଜିଟର୍‌ରେ ମୋର ବିବରଣୀ ଓ ସ୍ୱାକ୍ଷର ଲିପିବଦ୍ଧ କରି ରିସେପସନ୍ କାଉଣ୍ଟର୍ ସେପଟେ ସୁପ୍ରଶସ୍ତ ଲଞ୍ଜ୍ ଅତିକ୍ରମ କରି ପୁଣି ଗୋଟାଏ ଚଉଡ଼ା ମାର୍ବଲ ଶିଢ଼ି ଉପରେ ଫାଷ୍ଟ ଫ୍ଲୋରକୁ ଉଠିଯାଉଥିଲି କ୍ଷିପ୍ର ପାଦରେ । ଦୀର୍ଘ ରେଳଯାତ୍ରା ପରେ ମୋର ସେତେବେଳେ ପ୍ରୟୋଜନ ଥିଲା କପେ କଫି ଆଉ ସମ୍ଭବ ହେଲେ ସକାଳର ଖବରକାଗଜ । ଅନ୍ୟ ସମୟ ହୋଇଥିଲେ ଲଞ୍ଜ୍ କାନ୍ଥରେ ଝୁଲୁଥିବା ଅଞ୍ଜନଗଡ଼ର ପୂର୍ବ ମହାରାଜାମାନଙ୍କର ଅଏଲ୍ ପେଣ୍ଟିଂ ମଧ୍ୟରେ ମହାରାଜା ରିପୁଦମନଙ୍କ ପ୍ରତିକୃତି ମୁଁ ଅନୁସନ୍ଧାନ କରିଥାନ୍ତି, ଅଳସ ଭାବରେ ଲଞ୍ଜ୍‌ରେ ବୁଲିବୁଲି ଦେଖିଥାନ୍ତି ବିଶାଖା-ମହଲ ନିର୍ମିତ ହେବାବେଳେ ତୃତୀୟ ଦଶକ ପିରିୟଡ଼ର ଫର୍ଣ୍ଣିଚର । ଲଞ୍ଜ୍ ଭିତରେ ସମୟ ଯେପରି ଅର୍ଦ୍ଧଶତାବ୍ଦୀ ପଛାଇ ଯାଇଥିଲା । ମାତ୍ର ସେଥିପାଇଁ ସେତେବେଳେ ମୋର ମେଜାଜ୍ ନ ଥିଲା । ମୁଁ ତରତର ପାଦରେ ଶିଢ଼ି ସବୁ ଡେଇଁ ଡେଇଁ ଚାଲିଥିଲି । 'ବିଶାଖା-ମହଲ' ରେ ଲିଫ୍‌ଟ ନ ଥିଲା । ''ଟିକିଏ ଅପେକ୍ଷା କରିବେ ନାହିଁ ସାର୍ ?'' ପଛକୁ ଫେରି ଚାହିଁଲି । ଏପରି ଅଭିଜାତ ମାର୍ବଲ ଶିଢ଼ିମାନଙ୍କୁ ଡେଇଁ ଡେଇଁ ଯିବା ଯେପରି ତାର ଗାମ୍ଭୀର୍ଯ୍ୟ ଓ ଆଭିଜାତ୍ୟକୁ କ୍ଷୁଣ୍ଣ କରୁଥିଲା ।

ସେତିକିବେଳେ ମୋର ପରିଚୟ ହୋଇଥିଲା, 'ବିଶାଖା-ମହଲ'ର ଗାଇଡ୍ ଏମ୍.ଅଞ୍ଜନେପ୍ପା ସହିତ । କମିକ୍ କାର୍ଟୁନ୍‌ର ଚିତ୍ର । ପିନ୍ଧିଥିଲେ ଗୋଟାଏ ଢିଲା ବାଦାମୀ ରଙ୍ଗର ଟ୍ରାଉଜର୍, ଇସ୍ତ୍ରିଭଙ୍ଗା ଓପନ୍‌ବ୍ରେଷ୍ଟ କୋଟ୍—ଦୁଇ କାନ୍ଧ ପାଖରେ କୋଟ୍‌ର ମାପ ସଙ୍କୁଚିତ ହୋଇଯାଇଥିବାରୁ ହାତ ଦୁଇଟା ମଣିବନ୍ଧର ପ୍ରାୟ ଇଞ୍ଚେ ଉପରକୁ ଉଠି ଯାଇଥିଲା । ମାତ୍ର ସେ ତାହାକୁ ଢାଙ୍କି ରଖିଥିଲେ ତଳେ ଗୋଟାଏ ମଠା କୁର୍ତ୍ତାର ଢାଙ୍କୁଣିରେ ଅର୍ଥାତ୍ କୋଟ୍‌ଟା ଯେ ଅନାଦି କାଳର ପ୍ରଥମେ ଦେଖିଲେ ସହଜରେ ବୁଝା ପଡୁ ନ ଥିଲା । ପାଦରେ ହଳେ ଧୂଳିଆ ଚଟି । କପାଳରେ ଭସ୍ମ ଚନ୍ଦନର ପୁଣ୍ଡରିକ ବଳୀରେଖା ଉପରେ ଜରୀଦାର ଦକ୍ଷିଣୀ ପଗଡ଼ି । ଆଖିରେ ମୋଟା ଲେନ୍‌ସର ଚଷମା । ବୟସ କେତେ ? ହୋଇପାରେ ଷାଠିଏ । ସତୁରି ହେବା ଅସମ୍ଭବ ନୁହେଁ । ଇଏ କ'ଣ ଏକ ଜ୍ୟୋତିଷ ? ପାମିଷ୍ଟ ? ମୋତେ ଶିକାର ପାଇଛନ୍ତି ।

''ମୁଁ ସାର୍ ଗାଇଡ୍...ଏମ୍.ଅଞ୍ଜନେପ୍ପା ।''

ଏତେ ସମୟ ଲକ୍ଷ୍ୟ କରି ନ ଥିଲି, କୋଟ୍ ପକେଟ୍ ଉପରେ, ଖଣ୍ଡେ କଳା ପ୍ଲାଷ୍ଟିକ୍ ପଟିରେ ବଡ଼ ବଡ଼ ଧଳା ହରଫରେ ଲେଖା...ଏମ୍. ଅଞ୍ଜନେପ୍ପା ।

ଅଞ୍ଜନେପ୍ପା କହିଲେ... ''କେବଳ ଅଞ୍ଜନେପ୍ପା କହିଲେ ଇ ଚଳିବ ସାର ।''

''କିନ୍ତୁ ମୁଁ ଆପଣଙ୍କର କ'ଣ କରିପାରେ ମିଷ୍ଟର୍ ଅଞ୍ଜନେପ୍ପା ? ମୋତେ ଅଟକାଇଲେ କାହିଁକି ?'' ...ପଚାରିଲି ଈଷତ୍ ବିରକ୍ତିମିଶ୍ରିତ ଭଦ୍ର କଣ୍ଠରେ ।

Digitized by srujanika@gmail.com

ଅଞ୍ଜନେପ୍ପା ଉତ୍ତର ଦେଲେ... ''ଅନ୍ୟ ଗେଷ୍ଟମାନେ ଯେଉଁ ଭୁଲ କରିଥାନ୍ତି; ଆପଣ ମଧ୍ୟ ସେଇଆ କରୁଛନ୍ତି । ମାଫ୍ କରିବେ ସାର୍। ମୁଁ ଗାଇଡ୍ ତ ! ଆପଣଙ୍କୁ ସବୁ କଥା ଦେଖାଇ ନ ଦେଲେ ମୋର କର୍ତ୍ତବ୍ୟରେ ଅବହେଳା ହେବ।''

''କିନ୍ତୁ କି ଭୁଲ କଲି ମୁଁ ? ଆପଣ ବା କ'ଣ ଦେଖାଇବେ ମୋତେ ?''

ଅଞ୍ଜନେପ୍ପା ଗାଇଡ୍-ସୁଲଭ ଉଲ୍ଲସିତ କଣ୍ଠରେ କହି ଚାଲିଥିଲେ ''ଏଇ ମାର୍ବଲ ଶିଡ଼ି ତ 'ବିଶାଖା-ମହଲ'ର ଶ୍ରେଷ୍ଠ ଦୌଲତ। ଫରେନ୍ ଟୁରିଷ୍ଟମାନେ ଅନେକ ଫଟୋ ଉଠାଇଥାନ୍ତି ଏଇ ଶିଡ଼ିର ।''

''କିନ୍ତୁ କାହିଁକି ? ଏଇଟା ତ ଗୋଟାଏ ମାମୁଲି ଶିଡ଼ି ମାତ୍ର । ଅବଶ୍ୟ ମାର୍ବଲର ।'' ଶିଡ଼ି ପ୍ରତି ତାଚ୍ଛଲ୍ୟ, ଅଞ୍ଜେନପ୍ପା ବରଦାସ୍ତ କରିପାରିଲେ ନାହିଁ ।''

ସେ କହିଲେ... ''କ'ଣ କହିଲେ ? ଏ ଗୋଟାଏ ମାମୁଲି ଶିଡ଼ି ? ଏ ଶିଡ଼ି କିନ୍ତୁ ଖଣ୍ଡିଏ ମାର୍ବଲ ପଥରରୁ ଖୋଳା । ଅନ୍ୟ ଶିଡ଼ି ପରି ମାର୍ବଲରେ ମାର୍ବଲ ଯୋଡ଼ା ହୋଇ ଏ ଶିଡ଼ି ତିଆରି ହୋଇ ନାହିଁ । ଜଣେ ଫ୍ରେଞ୍ଚ ଆର୍କିଟେକ୍ଟ... ଏ ଶିଡ଼ି ଭେନିସରୁ ଆଣି ଖଞ୍ଜିଥିଲେ ଏଠାରେ । ଆପଣ ପରୀକ୍ଷା କରି ଦେଖିପାରନ୍ତି, ଶିଡ଼ି ବାଡ଼ାର ଲତା, ଫୁଲ ପତ୍ର ସବୁ ସୁଦ୍ଧା ସେଇ ଖଣ୍ଡକ ପଥରରେ ଖୋଳା ହୋଇଛି । ଯୋଡ଼ାଯୋଡ଼ି କାମ ନାହିଁ ଏଥିରେ ।''

ଅଞ୍ଜନେପ୍ପା ମୋତେ ଦୁଇ ହାତ ହଲାଇ ଡାକୁଥିଲେ ତଳକୁ ଓହ୍ଲାଇ, ଶିଡ଼ିଟା କିପରି ଖଣ୍ଡେ ମାର୍ବଲ ପଥରରୁ ଖୋଳାଯାଇ ତିଆରି ହୋଇଛି, ତାହାର ବିଭିନ୍ନ ଚାକ୍ଷୁଷ ପ୍ରମାଣ ଦେଖିବା ପାଇଁ । କିନ୍ତୁ ସେଥିପାଇଁ ସେତେବେଳେ ମୋର ସମୟ କିମ୍ବା ମାନସିକ ପ୍ରବୃତ୍ତି ନ ଥିଲା । ମାତ୍ର ଅଞ୍ଜନେପ୍ପା ତାଙ୍କ କର୍ତ୍ତବ୍ୟଜ୍ଞାନରେ ଅଟଳ । ଏପରି ଏକ ଅର୍ଦ୍ଧପାଗଳକୁ ହୋଟେଲ କର୍ତ୍ତୃପକ୍ଷ କାହିଁକି ଚାକିରିରେ ରଖିଛନ୍ତି ବିସ୍ମିତ ହେଉଥିଲି ।

ଅଞ୍ଜନେପ୍ପା ଛାଡ଼ିବାର ପାତ୍ର ନୁହନ୍ତି । ସେ ମୋ ପଛେ ପଛେ ଶିଡ଼ିରେ ଉଠିଲାବେଳେ କହୁଥିଲେ ''ଆମେରିକାର ଦୁଇଜଣ ଟୁରିଷ୍ଟ ଥରେ ମହାରାଜାଙ୍କୁ ପ୍ରସ୍ତାବ ପଠାଇଥିଲେ, ଯେକୌଣସି ମୂଲ୍ୟରେ ଏ ଶିଡ଼ିଟାକୁ ତାଡ଼ି ଆମେରିକା ନେଇଯିବା ପାଇଁ । ସେମାନେ ମଧ୍ୟ ପ୍ରସ୍ତୁତ ଥିଲେ ନିଜ ବ୍ୟୟରେ ଏଠାରେ ଗୋଟାଏ ଲିଫ୍ଟ ଖଞ୍ଜିଦେବା ପାଇଁ ।''

''ମନ୍ଦ କ'ଣ ? ନଟ ଏ ବ୍ୟାଡ୍ ବାରଗେନ୍।''

ଅଞ୍ଜନେପ୍ପା କହିଲେ... ''ମହାରାଜାଙ୍କ ସେତେବେଳେ ଯେପରି ଅର୍ଥାଭାବ, ଅନ୍ୟ କେହି ହୋଇଥିଲେ ଆପତ୍ତି କରି ନ ଥାନ୍ତା କିନ୍ତୁ ମହାରାଜା କ'ଣ ସେମାନଙ୍କୁ ଉତ୍ତର ପଠାଇଲେ ଜାଣନ୍ତି ? ...ନେକ୍ସ୍‌ଟ ଫ୍ଲାଇଟ୍‌ରେ ଅଞ୍ଜନଗଡ଼ ଛାଡ଼ି ଚାଲିଯିବା ପାଇଁ ।''

''ବାର ଲକ୍ଷ ଟଙ୍କା, ଟ୍ୟାକ୍‌ସ ଫ୍ରି ପ୍ରିଭିପର୍ସ ସତ୍ତ୍ୱେ ମହାରାଜାଙ୍କର ଅର୍ଥାଭାବ ଥିଲା ? କ'ଣ କହୁଛନ୍ତି ମିଷ୍ଟର ଅଞ୍ଜନେପ୍ପା ?''

ଅଞ୍ଜନେପ୍ପା ଉତ୍ତର ଦେଲେ... ''ଆପଣ ବୁଝିପାରିବେ ନାହିଁ, ମହାରାଜା ରିପୁଦମନଙ୍କ ଅର୍ଥାଭାବ ଥିଲା କିପରି ଉତ୍କଟ ।''

Digitized by srujanika@gmail.com

...''ଏଇଟା ଥିଲା ଦରବାର ହଲ୍ ।''

ଶିଡ଼ି ଶେଷରେ ଗୋଟାଏ ବାରଣ୍ଡା ଅତିକ୍ରମ କରିବା ପରେ ଏକ ପ୍ରକାଣ୍ଡ ହଲ୍ । ସୁନେଲି କମକରା ଛାତରୁ ଝୁଲୁଥିଲା ଗୁଡ଼ାଏ ସାଣ୍ଡେଲିଅର— କାନ୍ଥରେ ୧୮ଶ-୧୯ଶ ଶତାବ୍ଦୀର ଅନେକ ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ପେଣ୍ଟିଙ୍ଗ୍ । ଅଞ୍ଜନେପ୍‌ପା ପ୍ରସ୍ତୁତ ଥିଲେ ପ୍ରତ୍ୟେକଟି ଛବି ମୋତେ ବୁଲାଇ ବୁଲାଇ ଦେଖାଇବା ପାଇଁ । ଏ ଛବିଟା ଦେଖନ୍ତୁ ସାର୍—ଏ ଜାଁ ଫାଁସୋ ମିଲେଟ୍‌ଙ୍କର ପ୍ରସିଦ୍ଧ ଛବି 'ଦି ସେ ଅର' । ଆଉ ଏଇଟା ହୁଇସଲର୍‌ଙ୍କର ...ଏ ସବୁ ଅରିଜିନାଲ ସାର୍ । ମହାରାଜା ୟୁରୋପରୁ ନିଜେ ବାଛି ବାଛି କିଣିଥିଲେ ଏ ସବୁ ପେଣ୍ଟିଙ୍ଗ୍ । ଆମେରିକାନ୍ ମାନେ...''

ଦୀର୍ଘ ରେଳଯାତ୍ରା ପରେ କଳାଚର୍ଚ୍ଚା ପାଇଁ ମୋର ସେତେବେଳେ ମାନସିକ ଅବସ୍ଥା ନ ଥିଲା । ପୁଣି ଅଞ୍ଜନେପ୍‌ପା ପରି ଏକ ବାବଦୂକର ସାନ୍ନିଧ୍ୟରେ ।

ମୁଁ କହିଲି... "ମିଷ୍ଟର ଅଞ୍ଜନେପ୍‌ପା, ମିଲେଟ, ହୁଇସଲର ଆଉ ମହାରାଜା ରିପୁଦମନଙ୍କ ଘରିବର୍ତ୍ତେ ମୋର ପ୍ରୟୋଜନ ବର୍ତ୍ତମାନ କପେ କଫି ଆଉ ମିଳେ ଯଦି ସକାଳର ଖବରକାଗଜ ।"

''ନିଶ୍ଚୟ; ନିଶ୍ଚୟ; ଏ ସବୁ ଆପଣ ବଙ୍ଗ ପରେ ଲିଜରଲି ଆରାମରେ ବୁଲି ବୁଲି ଦେଖିବେ । ଏଇ ବାଁ ପାଖ କରିଡ଼ରରେ ରୁମ୍ ନମ୍ବର ଫିଫ୍‌ଟିନ୍ ।''

ରୁମ୍ ଭିତରକୁ ଅଞ୍ଜନେପ୍‌ପା ମୋ ଆଗେ ଆଗେ ଆସି ଗୋଟିଏ ଚଉଡ଼ା ବେ-ଉଇଣ୍ଡୋର ଭେଲ୍‌ଭେଟ ପର୍ଦ୍ଦା ସବୁ ଦୁଇ ହାତରେ ଘୁଞ୍ଚାଇ ଦେଇ କହିଲେ... ''ଏଇ ସୁଇଟ୍‌ର ବିଶେଷତ୍ୱ ଆପଣ ଏଠାରୁ ଦେଖିପାରିବେ କୁମାରୀ ହିଲ୍‌ସ ଉପରେ ମହାମାୟାଙ୍କ ମନ୍ଦିର । ଫରେନ୍ ଟୁରିଷ୍ଟ୍‌ମାନେ ଭାରୀ ତାରିଫ୍ କରିଥାନ୍ତି ଏଇ ସୁଇଟ୍‌ଟାର ।''

ମୋର କ'ଣ ପରିତ୍ରାଣ ନାହିଁ ଅଞ୍ଜନେପ୍‌ପାଠାରୁ ? ଅଞ୍ଜନେପ୍‌ପା ହୋଟେଲର ଇଣ୍ଟରନାଲ ଟେଲିଫୋନ୍‌ରେ ଅର୍ଡ଼ର ଦେଉଥିଲେ... ''ସୁଇଟ୍ ନମ୍ବର ପନ୍ଦରକୁ ପଠାଇଦିଅ କଫି ଆଉ ଖବରକାଗଜ ।''

ଅନେକ ସମୟ ପରେ ଅଞ୍ଜନେପ୍‌ପା ଗୋଟିଏ ବୁଦ୍ଧିମାନର କାର୍ଯ୍ୟ କରିଥିଲେ ।

ଲମ୍ବା ବାଳ, ଜୁଲଫି ଆଉ ଫ୍ଲେଆର ପିନ୍ଧା ଜଣେ ତରୁଣ ବେଲବୟ ଗୋଟିଏ ଟ୍ରେରେ ଆଣି ଦେଇଥିଲା କଫି ସରଞ୍ଜାମ ଆଉ ଖବରକାଗଜ ।

ମୁଁ ସ୍ୱସ୍ତିର ଦୀର୍ଘଶ୍ୱାସ ପକାଇଲି । ଏମ୍. ଅଞ୍ଜନେପ୍‌ପା ଯେପରି ଆକସ୍ମିକ ଭାବରେ ମୋ ଉପରେ ଆକ୍ରମଣ କରିଥିଲେ, ସେହିପରି ଆକସ୍ମିକ ଭାବରେ ବିଦାୟ ନେଇ ଚାଲିଗଲା ବେଳେ କହିଲେ... ''ଆପଣ ରିଲାକ୍‌ସ କରନ୍ତୁ ସାର୍ । ଏଇ ଟେଲିଫୋନ୍‌ରେ ମୋତେ ଖବର ଦେଲେ ମୁଁ ଆସି ପହଞ୍ଚିଯିବି । ଆଟ୍ ୟୋର୍ ଲିଜର ।''

ଅଞ୍ଜନେପ୍‌ପା ଚଟି ଘୋଷାଡ଼ି ଘୋଷାଡ଼ି ଚାଲିଗଲେ । ରୁମ୍-କିପର୍ ଜଣେ ଭଦ୍ରମହିଳା— ଭିତରକୁ ଆସି ପବଲିକ୍ ସ୍କୁଲସୁଲଭ ଇଂରାଜୀ ଉଚ୍ଚାରଣରେ ପଚାରିଲେ "ଆଶା କରେ, ଏ ସୁଇଟ୍‌ରେ ଆପଣଙ୍କର କୌଣସି ଅସୁବିଧା ହେଉ ନାହିଁ ସାର୍ ।''

Digitized by srujanika@gmail.com

କଫି କପରେ ଗୋଟାଏ ଚୁମୁକ୍ ଦେଇ କହିଲି... ''ଧନ୍ୟବାଦ । କିନ୍ତୁ ଏଇ ଅଞ୍ଜନେପପା ଲୋକଟି କିଏ ? ମୋର ମନେହୁଏ ଲୋକଟାର ମୁଣ୍ଡରେ ଛିଟ ଅଛି ।''

ଭଦ୍ରମହିଳାଙ୍କ ଉପରେ ବିଦ୍ରୂପର କୁଞ୍ଚନ । ସେ ସ୍ମିତ ହସି ଉତ୍ତର ଦେଲେ... ''ମିଷ୍ଟର ଅଞ୍ଜନେପ୍ପା ହୋଟେଲର ଗାଇଡ୍ ।''

''କିନ୍ତୁ ହୋଟେଲ କର୍ତ୍ତୃପକ୍ଷ କ'ଣ ଆଉ ଉପଯୁକ୍ତ ଲୋକ ପାଇଲେ ନାହିଁ ।''

''ମହାରାଜା ଏ ପାଲେସ ବିକ୍ରି କଲାବେଳେ ସର୍ତ୍ତ ରଖିଥିଲେ, ମୃତ୍ୟୁ ଅଥବା ସ୍ୱେଚ୍ଛାରେ ଅବସର ନେବା ପର୍ଯ୍ୟନ୍ତ ଅଞ୍ଜନେପ୍ପାଙ୍କୁ ହୋଟେଲର କେଆର ଟେକର ବା ଅନ୍ୟ ଯେ କୌଣସି ଗୋଟାଏ ଚାକିରିରେ ରଖିବା ପାଇଁ ପଡ଼ିବ । ତାଙ୍କୁ ସେଥିପାଇଁ ନାମକୁମାତ୍ର ରଖାଯାଇଛି ଗାଇଡ୍ ଚାକିରିରେ। ଏ ପାଲେସ୍ ତିଆରି ହେବା ଦିନୁ; ମହାରାଜା ତାଙ୍କୁ କେଆର ଟେକର ପଦରେ ରଖିଥିଲେ । ସେ ମଧ ଏଇ ହୋଟେଲର ଯେପରି ଗୋଟାଏ ପୁରୁଣା ଫର୍ଣ୍ଣିଚର । ଭଦ୍ରମହିଳା ନିଜର ରସିକତାରେ ସ୍ମିତ ହସି ବିଦାୟ ନେଇ ଚାଲିଗଲେ ।

ମାତ୍ର ଯାଉ ଯାଉ ଭଦ୍ରମହିଳା ପର୍ଦ୍ଦା ପାଖରେ ଅଟକି ଯାଇ ପଛକୁ ଫେରି ଚାହିଁ ପଚାରିଲେ... ''ଅଞ୍ଜନେପ୍ପାଙ୍କ ଲାଗି ଆପଣଙ୍କର କୌଣସି ଅସୁବିଧା ହେଉ ନାହିଁ ନିଶ୍ଚୟ । ଲୋକଟି ବଡ଼ ଇଣ୍ଟରେଷ୍ଟିଙ୍ଗ୍ । ଫରେନ୍ ଗେଷ୍ଟମାନେ ତାଙ୍କର ଅନେକ ତାରିଫ କରିଥାନ୍ତି ।''

ମୁଁ ସେତେବେଳେ ଖବରକାଗଜଟା ଆଖି ଆଗରେ ମେଲାଇ ଧରି ଶିରୋନାମଗୁଡ଼ିକ ଉପରେ ଆଖି ବୁଲାଉଥିଲି । ଅଞ୍ଜନେପ୍ପାଙ୍କ ପ୍ରସଙ୍ଗ ସେତେବେଳେ ମୋର ଭାବନା ବା ଚିନ୍ତାରେ ନ ଥିଲା ।

ସେଇ ନିର୍ଜନ ନିସ୍ତବ୍ଧ ପ୍ରାସାଦରେ ମହାରାଜା ରିପୁଦମନଙ୍କ ପ୍ରେତ ଗୋଟିଏ ଅନ୍ଧ ବାଦୁଡ଼ି ପରି ଡେଣା ଝାଡ଼ି ଯେପରି ବୁଲୁଥିଲା । ମୁଁ ଅସ୍ୱସ୍ତି ବୋଧ କରୁଥିଲି ।

।। ତିନି ।।

ଫିକା ନୀଳ ପୋର୍ସିଲେନ ଆକାଶର ପୃଷ୍ଠଭୂମିରେ କୁମାରୀ ପର୍ବତମାଳାର ଢେଉଢେଉକା, ଲୀଳାୟିତ ବିସ୍ତାର ଆଡ଼େ ଗତ ଦୁଇଦିନ ଧରି ଚାହିଁ ଚାହିଁ ମୁଁ କ୍ଳାନ୍ତ ହୋଇ ଉଠିଥିଲି। ମିଷ୍ଟର ଅଞ୍ଜନେପ୍ପା ଅନାହୂତ, ଅବାଞ୍ଛିତ ଭାବରେ ଇତିମଧ୍ୟରେ ମୋତେ ବିଶାଖା-ମହଲର କୋଣ କୋଣ ବୁଲାଇ ପ୍ରତ୍ୟେକଟି ଚାଣ୍ଡେଲିଆର ପେଣ୍ଟିଙ୍ଗଠାରୁ ଆରମ୍ଭ କରି ଫର୍ଣ୍ଣିଚର ପର୍ଯ୍ୟନ୍ତ ଦେଖାଇ ସେ ସବୁର ଇତିହାସ ବର୍ଣ୍ଣନା କର୍ତ୍ତବ୍ୟ ସମ୍ପାଦନା କରି ସାରିଥିଲେ । ବିଶାଖା-ମହଲର ଯେଉଁ ମଧ୍ୟଯୁଗୀୟ ପରିବେଶ ଉପଭୋଗ କରିବା ପାଇଁ ମୁଁ ଏତେଦୂର ଆସିଥିଲି ତାହା କ୍ଳାନ୍ତିକର ହୋଇଉଠିଥିଲା ।

ବିଶାଖା-ମହଲ ଗୋଟାଏ ସ୍ୱପ୍ନିଳ କିନ୍ତୁ ବିସ୍ମୃତ ଅତୀତ।

Digitized by srujanika@gmail.com

ଅଞ୍ଜନେପ୍ପାଙ୍କ ସହିତ କାଲି ଅପରାହ୍ଣରେ ବିଶାଖା-ମହଲର ଗୋଟାଏ ମୃତ ଉଦ୍ୟାନ ଭିତରେ ବୁଲିଲାବେଳେ ସେ ମୋତେ କହିଥିଲେ... ''ଜାଣନ୍ତି ସାର୍, ଦିନକ ପାଇଁ ସୁଦ୍ଧା ମହାରାଜା ରିପୁଦମନ ରହି ନ ଥିଲେ ଏଠାରେ ।''

''ତା ହେଲେ ଏତେ ସୁନ୍ଦର ପାଲେସ୍‌ଟାଏ ସେ ତିଆରି କରିଥିଲେ କାହିଁକି ?''

''ବିଶାଖା-ମହଲ ଥିଲା ଗେଷ୍ଟ୍ ହାଉସ୍ ।''

ତା' ପରେ କେଉଁ ବର୍ଷ କେଉଁ ରେସିଡେଣ୍ଟ୍ କେଉଁ ଭାଇସରାୟ କେଉଁ ଇଂରେଜ ଲେଖକ ସାମ୍ବାଦିକ ଆସି ଏଠାରେ ଅତିଥି ହୋଇଥିଲେ, ମିଷ୍ଟର ଅଞ୍ଜନେପ୍ପା ଦେଇ ବସିଲେ ତାର ଗୋଟାଏ ଧାରାବାହିକ ବିବରଣୀ । ସେ ସବୁ ତାଙ୍କ ନଖ ଦର୍ପଣରେ ।

''ମୁଁ କେଆର୍‌ଟେକର୍ ଥିଲି ତ । ସେତେବେଳେ ସବୁ ଝଞ୍ଜଟ ମୋରି ଉପରେ ।'' ମିଷ୍ଟର ଅଞ୍ଜନେପ୍ପାଙ୍କ ଶୀର୍ଣ୍ଣ ମୁହଁର କଠୋର ରେଖାସବୁ ଆତ୍ମପ୍ରସାଦରେ ଉଜ୍ଜ୍ୱଳ ଓ କୋମଳ ।

''କିନ୍ତୁ ମିଷ୍ଟର ଅଞ୍ଜନେପ୍ପା ଆପଣ କ'ଣ ଅସ୍ୱୀକାର କରିବେ, ଅଞ୍ଜନଗଡ଼ର ଅନେକ ଲହୁ ଲୁହ ଉପରେ ଗଢ଼ା ଏଇ ବିଶାଖା-ମହଲ ପାଲେସ୍ । ଶୋଷଣ, ଲୁଣ୍ଠନର ଏଇପରି ଗୋଟାଏ ଇମାରତକୁ ସରକାର ଦେଢ଼କୋଟି ଟଙ୍କା ମୂଲ୍ୟ ଦେଇ କିଣିବା, ଗୋଟାଏ ଅପରାଧ... ଆପଣ କ'ଣ ଅସ୍ୱୀକାର କରିବେ ମିଷ୍ଟର ଅଞ୍ଜନେପ୍ପା ?''

ଅଞ୍ଜନେପ୍ପାଙ୍କ ମୁହଁର ରେଖା ସବୁ କଠୋର ହୋଇ ଉଠିଲା । ମୁଁ ଅପେକ୍ଷା କରିଥିଲି ତାଙ୍କଠାରୁ ଗୋଟାଏ ବିସ୍ଫୋରଣ । ସେ କିନ୍ତୁ କଣ୍ଠସ୍ୱର ଯଥାସମ୍ଭବ କୋମଳ କରି କହିଲେ " ଆମେ ଅତୀତକୁ ଶ୍ରଦ୍ଧା କରୁ ଆମର ଶୈଶବ ପରି—କାରଣ ତାହା ଆଉ ଫେରିବାର ନୁହେଁ। ତା'ର ନେପଥ୍ୟରେ ଥାଇପାରେ ବହୁ ଲହୁ ଆଉ ଲୁହ, ମାତ୍ର ବର୍ତ୍ତମାନରେ ସେ ସବୁ ପରିଣତ ହୋଇଛି ସୌନ୍ଦର୍ଯ୍ୟରେ ।"

ଅଞ୍ଜନେପ୍ପା ତା'ହେଲେ କେବଳ କେଆର୍‌ଟେକର୍, ଗାଇଡ୍ ନୁହନ୍ତି... ଦାର୍ଶନିକ ମଧ୍ୟ । ଅଞ୍ଜନେପ୍ପାଙ୍କ ଯୁକ୍ତି ଅକାଟ୍ୟ ।

ପିଆନୋ ରୀଡ଼ ଉପରେ ଆଙ୍ଗୁଠି ଚଳାଇ ନେବା ପରି ଜୋରରେ ବେଲ ଟୁଂ ଟ୍ରୁଂ ଶବ୍ଦ କରି ବାଜିଉଠିଲା । ଭିତରୁ କବାଟ ଫିଟାଇବା ମାତ୍ରେ ବ୍ଲୁ ଜରୀଦାର୍ ପଗଡ଼ିଟା ଗଳାଇ ମିଷ୍ଟର୍ ଅଞ୍ଜନେପ୍ପା ପଚାରିଲେ... ''ମୁଁ ଭିତରକୁ ଆସିପାରେ ସାର୍ ? ଆପଣଙ୍କ ବିଶ୍ରାମରେ ବ୍ୟାଘାତ ଦେଲି ନାହିଁ ତ ?''

ପୁଣି ଅଞ୍ଜନେପ୍ପା ! କିନ୍ତୁ ସେତେବେଳର ବିରକ୍ତିକର, କ୍ଳାନ୍ତିପ୍ରଦ ମୁହୂର୍ତ୍ତରେ ପ୍ରୟୋଜନ ଥିଲା ଅଞ୍ଜନେପ୍ପାଙ୍କ ସାନ୍ନିଧ୍ୟ ।

ମୁଁ କହିଲି... ''ସ୍ୱାଗତମ୍ ଅଞ୍ଜନେପ୍ପା ।''

ଅଞ୍ଜନେପ୍ପା ଗୋଟାଏ ସୋଫା ଉପରେ ବସିପଡ଼ି ଉଦାସ ଦୃଷ୍ଟିରେ ଚାହିଁ ରହିଲେ କୁମାରୀ ପର୍ବତମାଳା ଆଡ଼େ । ଏଠାରେ ମୋର ରହଣି ଶେଷ । ମୁଁ କାଲି ଚାଲିଯିବି । ସେଥିପାଇଁ ସମ୍ଭବତଃ ସେ ଆସିଥିଲେ ମୋ ଠାରୁ ବିଦାୟ ନେବାପାଇଁ ।

Digitized by srujanika@gmail.com

ଅଞ୍ଜନଗଡ଼ରେ ପାଦ ଦେବାବେଳୁ ଯେଉଁ ପ୍ରଶ୍ନଟା ମୋତେ ଉତ୍ପୀଡ଼ିତ କରି ରଖିଥିଲା, କିନ୍ତୁ ଯେଉଁ ପ୍ରଶ୍ନଟା ବେଆଦବୀ ଭୟରେ ମୁଁ କାହାକୁ ଏ ପର୍ଯ୍ୟନ୍ତ ପଚାରି ପାରୁ ନ ଥିଲି ଏବେ ପଚାରି ଦେଲି... ''ମହାରାଜା ରିପୁଦମନ ଆତ୍ମହତ୍ୟା କଲେ କାହିଁକି ?''

ଅଞ୍ଜନେପ୍‌ପାଙ୍କ ଆଖି ଦୁଇଟା ପଥରରେ ଖୋଳା ଆଖିପରି କଠୋର ନିସ୍ପନ୍ଦ ହୋଇ ଉଠିଲା । ସେ ବୋଧହୁଏ ମୋଠାରୁ ଏପରି ଗୋଟାଏ ଆକସ୍ମିକ ପ୍ରଶ୍ନ ଆଶା କରୁ ନ ଥିଲେ । ସେ ପଚାରିଲେ...ଓ । ସେ ଖବର ତାହେଲେ ବାଜିଲାଣି ଆପଣଙ୍କ କାନରେ ?''

'କିନ୍ତୁ କାହିଁକି ?'

'ଅର୍ଥାଭାବ' ...ମିଷ୍ଟର ଅଞ୍ଜେନପ୍‌ପାଙ୍କ ସଂକ୍ଷିପ୍ତ ଉତ୍ତର ।

ସଶରୀରେ ଗୋଟାଏ ଭୂତ ସେତେବେଳେ ସେଠାରେ ଦେଖିଥିଲେ ମୁଁ ବୋଧହୁଏ ଚମକି ଉଠି ନ ଥାନ୍ତି ।

" ମହାରାଜା ରିପୁଦମନଙ୍କ ଅର୍ଥାଭାବ ? ତାଙ୍କ ପ୍ରିଭୀପର୍ସର ବାର୍ଷିକ ପରିମାଣ ବାରଲକ୍ଷ ଟଙ୍କା ବୋଲି ଶୁଣୁଛି ।"

''ଟ୍ୟାକ୍‌ସ ଫ୍ରି । କିନ୍ତୁ ପ୍ରିଭୀପର୍ସ ଥିଲାବେଳେ ସୁଦ୍ଧା ପ୍ରତିବର୍ଷ ମହାରାଜା ସମ୍ପତ୍ତି ବିକ୍ରିକରି ଚାଲିଥିଲେ । ଏ.ଡ଼ି.କମ୍. ମୋହନ ସିଂ ଥିଲା ଏକ ଦଲାଲ । ଯେଉଁ ସମ୍ପତ୍ତିକୁ ସେ ବିକ୍ରି କରେ ପାଞ୍ଚଲକ୍ଷ ମୂଲ୍ୟରେ, ମହାରାଜାଙ୍କୁ ଦେଖାଏ ବିକ୍ରି ହୋଇଛି ତିନି ଲକ୍ଷରେ । ସେଇ ଟଙ୍କାରେ ଏବେ ଅଞ୍ଜନଗଡ଼ରେ ମୋହନ ସିଂର ପାଲେସ ।''

ମୁଁ କହିଲି... ''କିନ୍ତୁ ମହାରାଜା ରିପୁଦମନ, ଶୁଣିଛି ଅନ୍ୟ ରାଜା ରାଜୋଡ଼ାଙ୍କ ପରି ନ ଥିଲେ । ଜୀବନରେ କାଳେ ସେ ମଦ ତ ମଦ, ସିଗାରେଟ୍ ସୁଦ୍ଧା ଛୁଇଁ ନ ଥିଲେ । ନାରୀ, ନାଇଟ୍‌କ୍ଲବ୍‌ଠାରୁ ସେ ଥିଲେ ବହୁ ଦୂରରେ । ଶାସ୍ତ୍ରଚର୍ଚ୍ଚା, ସଙ୍ଗୀତ ମଧ୍ୟରେ କଟିଥିଲା ତାଙ୍କର ଜୀବନ । ତାହାହେଲେ ପ୍ରତିବର୍ଷ ସମ୍ପତ୍ତି ବିକ୍ରିକରି ଚାଲିଥିଲେ କାହିଁକି ?''

ମିଷ୍ଟର ଅଞ୍ଜନେପ୍‌ପା ଉତ୍ତର ଦେଲେ... ''ମହାରାଜାଙ୍କର ପର୍ସନାଲ ଷ୍ଟାଫ୍ ଥିଲେ ସହସ୍ରାଧିକ, ଆଠଟା ପାଲେସ୍‌ରେ ଥିଲେ ଦୁଇଶହ ପାଲେସ୍‌ଗାର୍ଡ୍ ଆଉ ସେମାନଙ୍କ କମାଣ୍ଡିଙ୍ଗ୍ ଅଫିସର, ସେକ୍ରେଟାରୀ, ପର୍ସନାଲ ଆସିଷ୍ଟାଣ୍ଟ୍, ଦୁଇଜଣ ଏ.ଡ଼ି.କମ୍...ରାଜ୍ୟ ଥିଲାବେଳେ ଏମାନେ ଥିଲେ ଯେପରି, ରାଜ୍ୟ ଗଲା ପରେ ସୁଦ୍ଧା ଥିଲେ ସେଇପରି । ଏମାନଙ୍କ ବ୍ୟତୀତ ଥିଲେ ଅନେକ ଶାସ୍ତ୍ରଜ୍ଞ ପଣ୍ଡିତ । ଭାରତର ବଡ଼ ବଡ଼ ସଙ୍ଗୀତଜ୍ଞମାନେ ପ୍ରତିବର୍ଷ ଆସୁଥିଲେ, ଦଶହରା ଉତ୍ସବରେ ମହାରାଜାଙ୍କ ଦରବାରରେ ସଙ୍ଗୀତ ସମ୍ମିଳନୀ ପାଇଁ । ରାଜ୍ୟ ଥିବାବେଳେ ଏଥିପାଇଁ ବ୍ୟୟ ହେଉଥିଲା ଷ୍ଟେଟ୍ ଟ୍ରେଜେରୀରୁ । କିନ୍ତୁ ରାଜ୍ୟ ଯିବା ପରେ ମହାରାଜା ନିଜ ପ୍ରିଭୀପର୍ସରୁ ଏ ସବୁର ବ୍ୟୟ ବହନ କରୁଥିଲେ । ସେଥିପାଇଁ ତ ପ୍ରତିବର୍ଷ ବିକ୍ରି କରିବାକୁ ପଡୁଥିଲା ସମ୍ପତ୍ତି ।''

ମୋ ଆଖି ଆଗରେ ଭାସିଉଠିଲା ମହାରାଜା ରିପୁଦମନଙ୍କ ଚିତ୍ର... ପରିବର୍ତ୍ତନଶୀଳ କାଳର ଘୂର୍ଣ୍ଣି ମଧ୍ୟରେ ଅପରିବର୍ତ୍ତନୀୟ, ଅନମନୀୟ ଶିଳାଖଣ୍ଡ । କିନ୍ତୁ ତାହା ଅକ୍ଷତ ରହିପାରନ୍ତା କେତେକାଳ ?

Digitized by srujanika@gmail.com

ଅଞ୍ଜନେପ୍ପା କହି ଚାଲିଥିଲେ... ''ଅଞ୍ଜନଗଡ଼ର ଦଶହରା ଉତ୍ସବ ଏକ ଦକ୍ଷଯଜ୍ଞ ବ୍ୟାପାର । ଦଶଦିନ ଉତ୍ସବରେ କେବଳ ଖର୍ଚ୍ଚ ହେଉଥିଲା ପ୍ରାୟ ଦୁଇ ଲକ୍ଷ ଟଙ୍କା । ସେ ବର୍ଷ କିନ୍ତୁ ଯୁବରାଜ ଜିଦ୍ ଧରିଲେ ଦଶହରାରେ କେବଳ ପୂଜା ବ୍ୟତୀତ ଉତ୍ସବରେ ଅନ୍ୟ ସବୁ ଅନୁଷ୍ଠାନ ବନ୍ଦ କରିବା ପାଇଁ ପଡ଼ିବ । ଯୁବରାଜଙ୍କର ଝୁଙ୍କ ଫିଲ୍ମରେ । ଯେଉଁ ଟଙ୍କା ସେ ଖଟାଇପାରନ୍ତେ ଫିଲିମ୍‌ରେ, ଏପରି ଭାବରେ ତାର ଅପବ୍ୟୟ ସେ ବରଦାସ୍ତ କରି ପାରୁ ନ ଥିଲେ ।''

''ତା' ପରେ ?''

''ତା' ପରେ ଆଉ କ'ଣ ? ସେଇଥିରୁ ବାପପୁଅଙ୍କ ମଧ୍ୟରେ ଝଗଡ଼ା । ଯୁବରାଜଙ୍କ ଜିଦ୍ ପର୍ସନାଲ ପାଲେସ୍ ଷ୍ଟାଫ୍, ଏ.ଡ଼ି. କମ୍., ପାଲେସ୍ ଗାର୍ଡ଼, ପଣ୍ଡିତ, ସଙ୍ଗୀତଜ୍ଞ, ଏ ସମସ୍ତଙ୍କୁ ବିଦାୟ ଦେବାପାଇଁ ପଡ଼ିବ । ଏମାନଙ୍କ ପାଇଁ ସର୍ବସ୍ୱ ବ୍ୟୟ ସେ ଆଉ ବରଦାସ୍ତ କରି ପାରୁ ନ ଥିଲେ ।''

ମହାରାଜା କିନ୍ତୁ ଅବିଚଳିତ । ତାଙ୍କର ସଂକ୍ଷିପ୍ତ ଉତ୍ତର... ''ଏ ପର୍ଯ୍ୟନ୍ତ ଯାହା ଯେପରି ଚଳିଆସିଛି ସେଇପରି ଚଳିବ । ତାଙ୍କ ଅନ୍ତେ ଯାହା ହେବାର ହେଉ, ସେଥିରେ ତାଙ୍କର ଆପତ୍ତି ନାହିଁ ।''

ସେଇ ବର୍ଷ ମହାରାଜା ବିକ୍ରି କଲେ 'ବିଶାଖା-ମହଲ' ପାଲେସ୍ ।

ପାଲେସ୍ ବିକ୍ରିପରେ, ଯୁବରାଜ କୋର୍ଟରେ ମୋକଦ୍ଦମା କଲେ... ମହାରାଜାଙ୍କ ମସ୍ତିଷ୍କ ବିକୃତ । କୁମନ୍ତ୍ରଣାରେ ପଡ଼ି ପୂର୍ବପୁରୁଷମାନଙ୍କ ପୂର୍ବାର୍ଜିତ ସମ୍ପତ୍ତି ସେ ବିକ୍ରିକରି ଚାଲିଛନ୍ତି ।

ବିଶାଖା-ମହଲ ପାଲେସ୍ ବିକ୍ରି ଯୁବରାଜ କୋର୍ଟ ଆଶ୍ରୟରେ ବନ୍ଦ କରିପାରିଲେ ନାହିଁ, କାରଣ ବିଶାଖା-ମହଲ ଥିଲା ମହାରାଜାଙ୍କର ସ୍ୱପାର୍ଜିତ ସମ୍ପତ୍ତି । କିନ୍ତୁ କେତେଟା କଫି ପ୍ଲାଣ୍ଟେସନ୍ ବିକ୍ରି ପାଇଁ ଯେଉଁ କଥାବାର୍ତ୍ତା ଚାଲିଥିଲା, କୋର୍ଟ ପକ୍ଷରୁ ତା'ଉପରେ ଜାରୀ ହୋଇଗଲା ଇଞ୍ଜକ୍‌ସନ୍ । କୋର୍ଟରେ ହାଜର ହୋଇ ଯୁବରାଜଙ୍କ ଅଭିଯୋଗର ଉତ୍ତର ଦେବାପାଇଁ ମହାରାଜାଙ୍କ ଉପରେ ଜାରୀହେଲା ଯଥାବିଧି ସମନ୍ । ଯେଉଁଦିନ ମହାରାଜା କୋର୍ଟରେ ହାଜର ହେବା କଥା ତା'ର ପୂର୍ବ ରାତିରେ ଅତ୍ୟଧିକ ସ୍ଲିପିଂ ଡ୍ରଗ୍‌ସ ଖାଇ ମହାରାଜା କଲେ ଆତ୍ମହତ୍ୟା ।

ଝରକା ବାହାରେ ସେତେବେଳକୁ ବୁଲି ଆସିଥିଲା ସନ୍ଧ୍ୟାର ପ୍ରଲେପ । କୁମାରୀ ପର୍ବତମାଳା ଦେଖାଯାଉଥିଲା ଗୋଟାଏ ମୃତ ଡାଇନୋସାରସ୍‌ର ଶବ ପିଣ୍ଡପରି ।

ଅଞ୍ଜନେପ୍ପା ଯେପରି ଆକସ୍ମିକ ଭାବରେ ଆସିଥିଲେ, ସେଇପରି ଆକସ୍ମିକ ଭାବରେ ଉଠିଗଲେ । ତାଙ୍କ କଣ୍ଠସ୍ୱର ବେଦନାରେ ଭାରୀ । ସେ କହିଲେ... ''ମହାରାଜା ମୋର ଅନ୍ନଦାତା । ତାଙ୍କ କଥା ଏଇ ସନ୍ଧ୍ୟାରେ ସ୍ମରଣ କରି ପ୍ରକୃତରେ ମୋର ଭାରୀ ଦୁଃଖ ହେଲା ସାର୍ ।''

''କ୍ଷମା କର ମିଷ୍ଟର ଅଞ୍ଜନେପ୍ପା, ଏପରି ଏକ ସ୍ପର୍ଶାତୁର ଡେଲିକେଟ୍ ପ୍ରଶ୍ନ ପଚାରିବା ମୋ ପକ୍ଷରେ ଉଚିତ ନ ଥିଲା ।''

ମିଃ ଅଞ୍ଜନେପ୍ପା ସେତେବେଳକୁ କରିଡର୍‌ରେ ଅଦୃଶ୍ୟ ହୋଇ ଯାଇଥିଲେ ।

●

Digitized by srujanika@gmail.com

ପ୍ରତିନାୟକ

ୱେଟିଙ୍ଗ୍‌ରୁମ୍ ଭିତରେ ମଣିଷଙ୍କ ଭିଡ଼; ଆଉ ପ୍ଲାଟ୍‌ଫର୍ମ ଉପରେ ସେଇ ନିମଗଛ ତଳେ ଦଳଦଳ ଘୁଘୁସବ କୁକୁରଙ୍କ ମେଳା... ସ୍ୱସ୍ତି ନାହିଁ; ତ୍ରାହି ନାହିଁ କେଉଁଠି। ସଦାନନ୍ଦ ପ୍ରଥମେ ୱେଟିଙ୍ଗ୍ ରୁମ୍ ଭିତରେ ବିଶ୍ରାମ ନେବାପାଇଁ ଚେଷ୍ଟା କରିଥିଲେ, ସିକ୍‌ସ-ଡାଉନ ଅପେକ୍ଷାରେ । ଛୋଟ ମଫସଲି ସହରର ଷ୍ଟେସନ— ୱେଟିଙ୍ଗରୁମ୍। କିନ୍ତୁ ୱେଟିଙ୍ଗ୍ ରୁମ୍ ଭିତରେ ସେଦିନ ଲୋକଭିଡ଼ ପ୍ରବଳ। ..."ସଦା ମହାନ୍ତି, ସେଠି ବସିଛି ଦେଖୁଛ ?...ଆରେ ଇଏ ସଦା ମହାନ୍ତି ନା ?" ସଦାନନ୍ଦ ସ୍ପଷ୍ଟଭାବରେ ଶୁଣିପାରୁଥିଲେ ଫିସ୍ ଫିସ୍ କଣ୍ଠରେ ସେଇସବୁ ବ୍ୟାଧିତ, ଈର୍ଷାତୁର କୌତୂହଳୀ ଜିଜ୍ଞାସା ଆଉ ଟିପ୍‌ପଣୀ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଦେଶବନ୍ଧୁ ସଦାନନ୍ଦ ମହାନ୍ତି ଆଜି ରୂପାନ୍ତରିତ, ଭାଷାନ୍ତରିତ...ସଦା ମହାନ୍ତି । କିଏ ତାଙ୍କୁ ସେଦିନ ମାନ୍ୟବର କରିଥିଲା ସତେ ? ଅଶରୀରୀ କ୍ଷମତାର କାଉଁରିହାଡ଼ ନା ତାଙ୍କର ଅନ୍ତର୍ନିହିତ ମୌଳିକ ବ୍ୟକ୍ତିସତ୍ତା ? ''ମାନ୍ୟବର'' ''ଦେଶବନ୍ଧୁ'' ହେବାପାଇଁ ସେଦିନ ଯଥେଷ୍ଟ ଥିଲା; ସେକ୍ରେଟାରୀଏଟ୍ ଇମାରତରେ ମୁଖ୍ୟମନ୍ତ୍ରୀଙ୍କ ଏଆରକଣ୍ଡିସନ୍‌ଡ଼ ଚାମ୍ବର ବାହାରେ ଖଣ୍ଡେ ନେମ୍‌ପ୍ଲେଟ୍ କାଠ, ବାହାରେ ଗୋଟିଏ ଇମ୍ପାଲା ଗାଡ଼ି, ଆଉ ମନ୍ତ୍ରୀମାନଙ୍କର ଠକ୍‌ଠାକ୍ କୁର୍ଣ୍ଣିସ । ପାୱାର । ମଣିଷର ଇତିହାସରେ ଅନେକ ଘଟାନ୍ତର, ଅନେକ ପଟାନ୍ତର, ଅନେକ ରୂପାନ୍ତର ଘଟିଗଲା...ମାତ୍ର ସେଇସବୁ ଆବର୍ତ୍ତନ ବିବର୍ତ୍ତନ ମଧ୍ୟରେ ଚିରନ୍ତନ, ଅପରିବର୍ତ୍ତିତ, ଅପରିବର୍ତ୍ତନୀୟ ରହିଗଲା— ''ପାୱାର'' କ୍ଷମତାର ତୃଷ୍ଣା, ଆଦିମ ଯୌନ ତୃଷ୍ଣାପରି ।

ଆଜି କିନ୍ତୁ ଦେଶବନ୍ଧୁ ସଦାନନ୍ଦ ମହାନ୍ତି ସେଇ ଏଆରକଣ୍ଡିସନ୍‌ଡ଼ ଚାମ୍ବରରୁ ବିତାଡ଼ିତ... ସେ ଦିନର ବାର୍ଣ୍ଣିସକରା ସେଇ ନେମ୍‌ପ୍ଲେଟ ଆଜି କେଉଁଠି ଜାଳ ହୋଇ ସାରିବଣି; ଅଥବା ପଡ଼ିଥିବ କେଉଁ କବାଡ଼ି ଗୋଦାମରେ । ଗାଲରେ ଚଟକଣା ମାରି ହେବାପରି ମନ୍ତ୍ରୀମାନଙ୍କର ଠକ୍‌ଠାକ୍ କୁର୍ଣ୍ଣିସ ମଧ୍ୟ ନୀରବ ।

''ଏଇ ସଦା ମହାନ୍ତି ନା ?'' ...ସଦାନନ୍ଦ ମୁହଁ ଉପରେ ଖବରକାଗଜ ଖୋଲି ଆତ୍ମଗୋପନ କରିବା ଧାଇଁ ଚେଷ୍ଟାକଲେ— ପଳାତକ ଦୁର୍ଯ୍ୟୋଧନର ବ୍ୟାସ ସରୋବର । କିନ୍ତୁ ସେଠାରେ ମଧ୍ୟ ରକ୍ଷା ନ ଥିଲା । କଞ୍ଚା ପାଚିଲା ବାଳ ମିଶା ସେଇ ଚନ୍ଦା ମୁଣ୍ଡ— ଖବରକାଗଜ ଫଟୋଗ୍ରାଫରମାନେ ଯାହାକୁ ଦିନେ ରାଜ୍ୟସାରା ଅତି ପ୍ରସିଦ୍ଧ ଓ ପରିଚିତ କରାଇ ଦେଇଥିଲେ— ଖବରକାଗଜର ନେପଥ୍ୟ ସତ୍ତ୍ୱେ କୌତୂହଳୀମାନଙ୍କର ବ୍ୟାଧିତ ଦୃଷ୍ଟିରୁ ରକ୍ଷା ପାଇବାର ଉପାୟ ନ ଥିଲା ।

ସଦା ମହାନ୍ତି... ସଦେଇ ମହାନ୍ତି... । ସଦାନନ୍ଦଙ୍କ ଅସ୍ତିତ୍ୱ ଶତ ବୃଶ୍ଚିକ ଦଂଶନରେ କ୍ରମେ ଜ୍ୱାଳାମୟ ହୋଇ ଉଠୁଥିଲା ।

Digitized by srujanika@gmail.com

କେତେଜଣ ନଳୀ ପ୍ୟାଣ୍ଟ ପିନ୍ଧା ଯୁବକ, ହାତରେ ଫୁଲମାଳ ଓ ତୋଡ଼ା ପ୍ରଭୃତି ଧରି ଓଏଟିଂଗରୁମ୍ ଭିତରକୁ ପଶିଆସିଲେ । ସେମାନଙ୍କୁ ଦେଖି ସଦାନନ୍ଦଙ୍କର ମନେ ପଡ଼ିଗଲା... ନୂତନ ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନ ଦାସ ଆଜି ପଦାର୍ପଣ କରିବେ ଏଇ ଷ୍ଟେସନରେ; ସେଭେନ୍ ଅପ୍ ଗାଡ଼ିରେ । ଖବରକାଗଜରେ ବାହାରିଥିଲା ସେଇ ପ୍ରୋଗ୍ରାମ । ସେଥିପାଇଁ ପ୍ଲାଟଫର୍ମ ବାହାରେ ପୂର୍ଣ୍ଣକୁମ୍ଭ ତୋରଣର ସଜା । ଭାରତୀୟ ପୌତ୍ତଳିକତା ବା ମୂର୍ତ୍ତିପୂଜାରେ ଆବାହନୀ ପରିବର୍ତ୍ତେ ବିସର୍ଜନୀ ବେଳର ସମାରୋହଟା ପ୍ରବଳ, କିନ୍ତୁ ଭାରତୀୟ ରାଜନୀତି ବା ବ୍ୟକ୍ତିପୂଜାରେ ନେତୃତ୍ୱର ବିସର୍ଜନ, ନୀରବ ଓ ନିରୁତ୍ସବ । ସେଥିରେ କେବଳ ଆବାହନୀର ସମାରୋହ ।

ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନ ଦାସ ସେଦିନ ଶୁଭାଗମନ କରୁଥିଲେ ଏଇ ସହରରେ କେଉଁ ଗୋଟିଏ ସାଂସ୍କୃତିକ ସମ୍ମିଳନୀ ଉଦ୍‌ଘାଟନ କରିବା ପାଇଁ । ତାଙ୍କରି ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଷ୍ଟେସନରେ ଏଇ ସମାଗମ, ସମାରୋହ ।

ସଦାନନ୍ଦ ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ଥିଲେ ସଂସ୍କୃତିର ପ୍ରବକ୍ତା । ଗାନ୍ଧୀବାଦଠାରୁ ସେକସ୍‌ପିଅରିଆନ୍ ଟ୍ରାଜେଡ଼ି, ମାର୍କସବାଦରୁ ରୋମାଣ୍ଟିକ ପୋଏଟ୍ରୀ ଏପରି କୌଣସି ବିଷୟବସ୍ତୁ ନ ଥିଲା ଯେଉଁ ବିଷୟରେ ଭାଷଣ ଦେବାପାଇଁ ସଦାନନ୍ଦଙ୍କର କଣ୍ଠରୁଦ୍ଧ ହେଉଥିଲା । ତାଙ୍କପାଇଁ ମଧ୍ୟ ସେଦିନ ଆୟୋଜିତ ହେଉଥିଲା ସ୍ୱାଗତ ସମ୍ବର୍ଦ୍ଧନାର ଏଇପରି ସମାରୋହ ! — ପିମ୍ପୁଡ଼ିଭେଳା ପରି ଦଳ ଦଳ ମଣିଷ ତାଙ୍କ ଚାରିପଟେ ମଧ୍ୟ ସେଦିନ ମେଳା ବାନ୍ଧୁଥିଲେ, ଗଳାରେ ଫୁଲମାଳ ପିନ୍ଧାଇବା ପାଇଁ ।

ଆଜି ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ସେଇ ପ୍ରହସନ ପୁଣି ଥରେ ଅଭିନୀତ ହେଉଥିଲା । ଦାର୍ଶନିକସୁଲଭ ଅନାସକ୍ତି ଆଣି ପାରିଥିଲେ ସଦାନନ୍ଦ ମଧ୍ୟ ଏଇ ପ୍ରହସନକୁ କମ୍ ଉପଭୋଗ କରି ନ ଥାନ୍ତେ । ମାତ୍ର ଯେଉଁ ଗୋବର୍ଦ୍ଧନ ଦାସ ଦିନେ ନେତା ସଦାନନ୍ଦଙ୍କ ପାଇଁ ଶତରଞ୍ଜି ବିଛାଉଥିଲେ, ସାମିଆନା ଟାଣୁଥିଲେ, ମାଇକ୍ରୋଫୋନ୍‌ରେ ''ଆମର ନେତା ସଦାନନ୍ଦ ମହାନ୍ତି ଜିନ୍ଦାବାଦ'' ଧ୍ୱନି ଦେଉଥିଲେ ସେଇ ଗୋବର୍ଦ୍ଧନ ଦାସଙ୍କ ପାଇଁ ଏଇ ସ୍ୱାଗତ ସମାରୋହ; ସଦାନନ୍ଦଙ୍କ ଚେତନାକୁ ତିଳେ ତିଳେ ଯେପରି ଦଗ୍ଧ କରି ଦେଉଥିଲା ।

ବେତ୍ରାହତ ପରି ସଦାନନ୍ଦ ଓଏଟିଂରୁମ୍ ବାହାରକୁ ଉଠିଆସିଲେ । ସିକ୍‌ସ-ଡାଉନ୍ ଓ ସେଭେନ୍-ଅପ୍ କ୍ରସିଙ୍ଗ୍ ଏଇଠାରେ । ସେଥିପାଇଁ ଆଉରି ପ୍ରାୟ ଦୁଇଘଣ୍ଟା ବିଳମ୍ବ ।

''ରିଆକ୍‌ସନାରୀଙ୍କ ଦଲାଲ୍... ।''

ଜଣେ ନଳୀପିନ୍ଧା ଯୁବକ ସଦାନନ୍ଦଙ୍କ ଉଦ୍ଦେଶ୍ୟରେ ଯେପରି ବେତ୍ରାଘାତ କଲା ।

ଗୋବର୍ଦ୍ଧନ ଦାସ ପରିବର୍ତ୍ତିତ ପରିସ୍ଥିତିରେ ଆଜି ଏକମାତ୍ର ପ୍ରଗ୍ରେସିଭ୍; ପ୍ରଗତିର ଅଗ୍ରସାରଥି । କାରଣ ସେ ଆଜି କ୍ଷମତାରେ !

କେତେଜଣ ନଳୀପିନ୍ଧା ମିଳିତ କଣ୍ଠରେ ସ୍ଲୋଗାନ ଦେଲେ... ''ଗୋବର୍ଦ୍ଧନ ଦାସ ଜିନ୍ଦାବାଦ ।''

Digitized by srujanika@gmail.com

ସେଇ ସ୍ଲୋଗାନ୍‌ର ପ୍ରତିଧ୍ୱନି ସଦାନନ୍ଦଙ୍କ ପଛେ ପଛେ ଭୂତପରି ଗୋଡ଼ାଇଥିଲା । ଅବଶେଷରେ ସିକ୍‌ସ-ଡାଉନ୍ ଅପେକ୍ଷାରେ ସଦାନନ୍ଦ ୱେଟିଂରୁମ୍‌ରୁ ପଳାଇଆସି ବସିଥିଲେ ପ୍ଲାଟଫର୍ମର ଏଇ ନିଭୃତ ଅଂଶରେ, ଗୋଟିଏ ଝଙ୍କାଳିଆ ନିମ୍ବ ଗଛତଳେ ଖଣ୍ଡେ ସିମେଣ୍ଟ ବେଞ୍ଚ ଉପରେ ।

ମାତ୍ର ସେଠାରେ ମଧ କୁକୁରମାନଙ୍କର ଭିଡ଼ । ପାଖ ରେସ୍ତୁରାଁ ଭିତରୁ ବେଳେ ବେଳେ ଯେଉଁ ଅଇଁଠାପତ୍ର, ମାଂସ ହାଡ଼ ଓ ଅନ୍ୟ ଉଚ୍ଛିଷ୍ଟାବଶେଷ ସବୁ ବାହାରକୁ ପଡୁଥିଲା; ଟାଣି ଝିଙ୍କି ସେଇସବୁ କବଳିତ କରିବାପାଇଁ ସେମାନଙ୍କ ବୀଭତ୍ସ ଯୁଦ୍ଧ, ଅଶ୍ଳୀଳ ରଡ଼ି ଓ କାମୁଡ଼ା କାମୁଡ଼ିରେ ସେଇ ଶାନ୍ତ ପରିବେଶ ଘୋର ଅଶାନ୍ତ ହୋଇ ଉଠିଥିଲା ।

ସଦାନନ୍ଦ ମୁହଁ ଉପରେ ପୁଣି ଖବରକାଗଜ ମେଲି ଧରି ଏଇସବୁ ଅଶ୍ଳୀଳ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଚେଷ୍ଟା କଲେ । କିନ୍ତୁ ଖବରକାଗଜ ପୃଷ୍ଠାରେ ମଧ ବୃଶ୍ଚିକର ଦଂଶନ...ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନ ଦାସଙ୍କ ଏକ ଭାଷଣ ଚାରିସ୍ତମ୍ଭ ବ୍ୟାପୀ ଶିରୋନାମା ତଳୁ ସଦାନନ୍ଦଙ୍କ ଉପରକୁ ସେପରି ଲମ୍ଫ ଦେଇ ବସିଲା । ...ସୌଭାଗ୍ୟ, ସମୃଦ୍ଧି ଓ ସାମ୍ୟର ନୂତନ ଦିଗ୍‌ବଳୟ ସମ୍ପ୍ରସାରିତ ହେବ...ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନ ଦାସଙ୍କ ସଂକଳ୍ପ ଘୋଷଣା ।

ଶକ୍ତି ସାଧନ ତନ୍ତ୍ରରେ ଦୁର୍ବୋଧ ହ୍ଲୀଂ କ୍ଲୀଂ ଶ୍ଲୀଂ ପରି ସୌଭାଗ୍ୟ, ସମୃଦ୍ଧି, ସାମ୍ୟ... କ୍ଷମତାତନ୍ତ୍ରର ନୂତନ ଶୂନ୍ୟଗର୍ଭ ବୀଜମନ୍ତ୍ର । ଏହାକୁ ଏକ ସହସ୍ର ଅଷ୍ଟୋତ୍ତରବାର ତ୍ରିକାଳ ସନ୍ଧ୍ୟାରେ ଉଚ୍ଚାରଣ କଲେ ଗଣଦେବୀ ପ୍ରସନ୍ନା ହୋଇ ବରଦା ହେବେ । ସଦାନନ୍ଦଙ୍କର ମନେ ପଡ଼ିଲା, ସେ ମଧ ଏଇ ବୀଜମନ୍ତ୍ର ଅତୀତରେ କମ୍ ଉଚ୍ଚାରଣ କରି ନ ଥିଲେ ।

ତା' ହେଲେ ? ଦେବୀ ହଠାତ୍ ଅପ୍ରସନ୍ନା ହେଲେ କାହିଁକି ?

ଶ୍ୱାନମାନଙ୍କର ରଡ଼ିରେ ସଦାନନ୍ଦଙ୍କର ଚିନ୍ତାର ପ୍ରବାହରେ ହଠାତ୍ ବାଧା ପଡ଼ିଗଲା । ରେସ୍ତୁରାଁ ଭିତରୁ ଖଣ୍ଡେ ଅଇଁଠା ଖଲିପତ୍ର ବାହାର ପ୍ଲାଟ୍‌ଫର୍ମ ଉପରେ ଆସି ପଡ଼ିଲା । ରେସ୍ତୁରାଁର ପ୍ଲେଟ୍‌ଧୁଆଳି ଗୋଟାଏ ଟୋକା ଡାକଦେଲା... ''ଆଃ ତୁଃ...ଭାଲୁଆ ।'' ପତ୍ର ପଡ଼ିବା ମାତ୍ରେ, ଅଦୂରରେ ତଳେ ଥୋମଣି ଲମ୍ବାଇ ଶୋଇଥିବା ଗୋଟାଏ ହୃଷ୍ଟପୁଷ୍ଟ କୁକୁର—ଗର୍ଜନ କରି ପତ୍ର ଉପରକୁ ଲମ୍ଫଦେଇ ଆସିଲା । ଭାଲୁଆ ପଛେ ପଛେ କେତେଟା ରୁମଛଡ଼ା, ହାଡ଼ଗିଲା କୁକୁର ମଧ ପତ୍ର ଆଡ଼କୁ ଧାଇଁଆସିଲେ; କିନ୍ତୁ ଭାଲୁଆ ଯେପରି ଭାବରେ ଦାନ୍ତ ଦେଖାଇ ସେମାନଙ୍କ ଉପରକୁ ଉହୁଙ୍କି ଆସିଲା, ସେଥିରେ ସେମାନେ ଆତଙ୍କିତ ଭାବରେ ପଛକୁ ଫେରି ବଶମ୍ବଦ ପରି ଲାଞ୍ଜସବୁ ହଲାଇବାକୁ ଲାଗିଲେ । ଭାଲୁଆ ଗ୍ରାସରୁ ଯଦି କିଛି ଅବଶିଷ୍ଟ ବଳେ ତା' ହେଲେ ସେଇଥିରେ ସେମାନଙ୍କର କ୍ଷୁଧା ପ୍ରଶମିତ ହେବ । ସେମାନଙ୍କ ପାଇଁ ସେଇ ପ୍ରସାଦ ହିଁ ଯଥେଷ୍ଟ । ଭାଲୁଆକୁ ସେମାନେ ମନେ ମନେ ଅବଶ୍ୟ ଘୃଣା କରନ୍ତି, ଆପାତ ବିଶ୍ୱସ୍ତତାର ନେପଥ୍ୟରେ ଭାଲୁଆ ଉପରେ ଚରମ ଆଘାତ ହାଣିବା ପାଇଁ ସେମାନେ ସବୁବେଳେ ପ୍ରସ୍ତୁତ; କିନ୍ତୁ ଭାଲୁଆର ସେଇ ଦୁଇଟା ମୁନିଆ କଳଦାନ୍ତ ଆଉ ଦୁଇମୁଣ୍ଡା ଜଳନ୍ତା କୋଇଲା ପରି ତା'ର ଦୁଇଟା ଲାଲ ଆଖି ଦେଖିଲେ ସେମାନଙ୍କର ପ୍ରସାଦ ଧାରା ଛୁଟେ, ତଥାପି ଭାଲୁଆ ପ୍ରତି ବଶମ୍ବଦ ସେମାନେ ।

Digitized by srujanika@gmail.com

ଭାଲୁଆର ନେତୃତ୍ୱ ସେମାନଙ୍କୁ ଅନ୍ୟ ଶ୍ୱାନ ପ୍ରତି ବଳିଆର ଆକ୍ରମଣରୁ ଏଯାବତ୍ ରକ୍ଷାକରି ଆସିଛି । ଭାଲୁଆର ବାହୁଚ୍ଛାୟାତଳେ ରେସ୍ତୁରାଁ ଡଷ୍ଟବିନ୍‌ରୁ ଉଚ୍ଛିଷ୍ଟ ପତ୍ରସବୁ ସେମାନେ ନିରାପଦରେ ସଂଗ୍ରହ କରି ପାରିଛନ୍ତି; ସଙ୍ଗିନୀମାନଙ୍କ ସହିତ ସେମାନଙ୍କ ରତିକ୍ରୀଡ଼ା ମଧ୍ୟ ଆପାତତଃ ନିର୍ବିଘ୍ନ ଭାବରେ ସମାହିତ ହୋଇପାରିଛି ! ତା' ନ ହେଲେ ବଳିଆର ଶ୍ୱାନଦଳ, ସେମାନଙ୍କୁ କେଉଁଦିନୁ ଏଇ ପ୍ଲାଟ୍‌ଫର୍ମରୁ ନିପାତ୍ କରି ସାରନ୍ତେଣି ! ରେସ୍ତୁରାଁ ଡଷ୍ଟବିନ୍‌କୁ କେନ୍ଦ୍ରକରି, ଦୁଇଦଳ ଓ କେବେ କେବେ ଆହୁରି ବହୁ ଦଳ ଓ ଉପଦଳ ମଧ୍ୟରେ ଶ୍ୱାନଯୁଦ୍ଧ ଏଠାରେ କିନ୍ତୁ ଏକ ପ୍ରାତ୍ୟହିକ ବ୍ୟାପାର । ଏବେ ମଧ୍ୟ ସେଇ ଇତିହାସର ପୁନରାବୃତ୍ତି ଆରମ୍ଭ ହୋଇଥିଲା ।

ଦୁଇ ସାମନା ଗୋଡ଼ ପଞ୍ଝାରେ ଭାଲୁଆ ଅଇଁଠା ପତ୍ରଟା ଚାପିଧରି ସେଥିରେ ଲାଗିଥିବା ଉଚ୍ଛିଷ୍ଟ ଚାଟି ଯାଉଥିବାବେଳେ ଅପର ପକ୍ଷରୁ କାଳିଆ ଦଳବଳ ଧରି ଲମ୍ଫ ଦେବାପାଇଁ ଦୁଇ ପାଟି ଦାନ୍ତ ଦେଖାଇ ପଳାଣି ଆସୁଥିଲା । ପ୍ଲେଟ୍ ଧୁଆଳି ସେଇ ଟୋକା ଏଥର ମଜା ଦେଖିବା ପାଇଁ ଡାକଦେଲା... 'ଧଃ ବଳିଆ ଧଃ ।'

ବଳିଆର ଜୟନାଦ ଦେବାପାଇଁ ତା' ପଛରେ ଥିବା ଆଉ ଦଳେ କୁକୁର ଦାନ୍ତ ଦେଖାଇ ଅସ୍ଫୁଟ କଣ୍ଠରେ ଗର୍ଜନ କରି ଉଠିଲେ । ମାତ୍ର ଉଚ୍ଛିଷ୍ଟ ପତ୍ରରେ ସେତେବେଳକୁ ଆଉ କିଛି ଅବଶିଷ୍ଟ ନ ଥିଲା । ଶୁଖିଲା ପତ୍ରଟାକୁ କେବଳ ଭାଲୁଆ ଦଳର କେତେଟା କୁକୁର ନିଜ ନିଜ ମଧ୍ୟରେ କାମୁଡ଼ାକାମୁଡ଼ି ହୋଇ ଚାଟିବା ଆରମ୍ଭ କରି ଦେଇଥିଲେ । ପରମ ତୃପ୍ତିରେ ଜିଭ ଚାଟୁଥିବା ଭାଲୁଆ ବଳିଆ ଆଡ଼କୁ ଲମ୍ଫ ଦେଇ ଯେପରି ଉହୁଙ୍କି ଆସିଲା, ସେଥିରେ ଆଉ ଆଗକୁ ମାଡ଼ିବା ପାଇଁ ବଳିଆର ସାହସ କୁଳାଇଲା ନାହିଁ । ସେ ତା'ର ଦଳ ବଳ ଧରି ଫେରିଆସିଲା ରେସ୍ତୁରାଁ ଠାରୁ ଅଳ୍ପ ଦୂରରେ ଆଉ ଗୋଟିଏ ଗଛମୂଳକୁ ।

ସଦାନନ୍ଦ ପୁଣି ଖବରକାଗଜରେ ମନ ନିବେଶ କରିବା ପାଇଁ ଚେଷ୍ଟାକଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନଙ୍କର ସେଇ ଭାଷାରେ ଚାରିସ୍ତମ୍ଭବ୍ୟାପୀ ଶିରୋନାମା ତାଙ୍କର ଆଖି ଭିତରକୁ ଯେପରି ମୁଠା ମୁଠା ବାଲି ଫିଙ୍ଗି ତାଙ୍କୁ ଅନ୍ଧ କରି ଦେଉଥିଲା । ସଦାନନ୍ଦ ଦୁଇ ଆଖି ବୁଜି ଚିନ୍ତାକଲେ— ଏକା ଭାରତ ଇତିହାସ ବ୍ୟତୀତ ବୋଧହୁଏ ଅନ୍ୟ କୌଣସି ଦେଶର ଇତିହାସରେ ଦାସବଂଶ ନାମରେ ଗୋଟିଏ ରାଜବଂଶ ନାହିଁ କିମ୍ବା ଅନ୍ୟ କୌଣସି ଦେଶରେ ଦଳେ କ୍ରୀତଦାସ, ପ୍ରବଞ୍ଚନା ଓ ଷଡ଼ଯନ୍ତ୍ର ବଳରେ ସେମାନଙ୍କ ପ୍ରଭୁମାନଙ୍କୁ ହତ୍ୟା କରି ସିଂହାସନରେ ନିଜକୁ ଅଭିଷିକ୍ତ କରି ନାହାନ୍ତି । ତାହାହିଁ ଭାରତ ଇତିହାସ ଧାରା... ଷଡ଼ଯନ୍ତ୍ର, ବନ୍ଧୁଦ୍ରୋହ, ବିଶ୍ୱାସଘାତକତା । ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପୁରୁଷକାର ବଳରେ ନୁହେଁ; ବିଶ୍ୱାସଘାତକତା ଓ ବନ୍ଧୁ ଦ୍ରୋହ ମଧ୍ୟରେ କାଳେ କାଳେ କ୍ଷମତା ଅଧିକାର କରାଯାଇଆସିଛି । ଭାରତ ଇତିହାସରେ ରାଜତନ୍ତ୍ର, ସାମନ୍ତତନ୍ତ୍ରର ସେଇ ବିଷାକ୍ତ ପରମ୍ପରା ଆଜି ଗଣତନ୍ତ୍ରରେ ନୂଆ ରୀତିରେ ପ୍ରସାରିତ ହୋଇଛି ମାତ୍ର ।

ସଦାନନ୍ଦଙ୍କ ଆଖି ଆଗରେ ଭାସିଉଠିଲା ସେଦିନ ସେଇ ଐତିହାସିକ ସନ୍ଧ୍ୟା ଦୃଶ୍ୟ । ପାର୍ଟି ବୈଠକକୁ ଯିବାପାଇଁ ସଦାନନ୍ଦ ପ୍ରସ୍ତୁତ ହେଉଥାନ୍ତି; ଭିତରକୁ ହଠାତ୍ ପଶିଆସିଲେ

Digitized by srujanika@gmail.com

ସଦାନନ୍ଦଙ୍କ ଚିର ବିଶ୍ୱସ୍ତ ଗୋବର୍ଦ୍ଧନ ଅତ୍ୟନ୍ତ ବଶମ୍ୱଦ ଭାବରେ । ପାର୍ଟି ଭିତରେ ଏକ ନୀରବ ବିକ୍ଷୋଭ କ୍ରମେ ବିଦ୍ରୋହ ଆକାରରେ ପ୍ରକାଶ ପାଇ ଆସୁଛି ସତ୍ୟ, ମାତ୍ର ତାହାକୁ ସମ୍ଭାଳିବାର ଦାୟିତ୍ୱ ସଙ୍ଗଠନକୌଶଳୀ ଗୋବର୍ଦ୍ଧନଙ୍କ ଉପରେ ଛାଡ଼ିଦେଇ ସଦାନନ୍ଦ ପରମ ନିଶ୍ଚିନ୍ତ । ସଦାନନ୍ଦ ଆଶା କରୁଥିଲେ ଗୋବର୍ଦ୍ଧନ ତାଙ୍କୁ ବୋଧହୁଏ ସମ୍ବାଦ ଦେବେ— ସବୁ ଆଶଙ୍କା ଦୂର ହୋଇଛି । ସଦାନନ୍ଦ ନେତୃତ୍ୱ ପ୍ରତି ପାର୍ଟିର ଅବିଚଳିତ ଆସ୍ଥା ଆଉ ଥରେ ନିଃସନ୍ଦେହ ଭାବରେ ଘୋଷିତ ହେବ ସନ୍ଧ୍ୟାର ପାର୍ଟି ବୈଠକରେ ।

ରାଜତନ୍ତ୍ର ହୋଇଥିଲେ ଗୋବର୍ଦ୍ଧନ ସେଦିନ ହୁଏତ ପକେଟରୁ କାଢ଼ିଥାନ୍ତେ ଗୁଳିଭରା ପିସ୍ତଲ, କିନ୍ତୁ ସମ୍ବିଧାନଧର୍ମୀ ଗଣତନ୍ତ୍ର ହୋଇଥିବାରୁ ଗୋବର୍ଦ୍ଧନ ପୋର୍ଟଫୋଲିଓରୁ ନିରୀହ ଭାବରେ ବାହାର କଲେ ଖଣ୍ଡେ କାଗଜ ।

ସଦାନନ୍ଦ ପ୍ରଶ୍ନ କଲେ... ''ଏଟା କ'ଣ ପ୍ରସ୍ତାବର ଚିଠା ?''

ସଦାନନ୍ଦଙ୍କ ଦୁଇ ଆଖି ଭିତରକୁ କଠୋର ଦୃଷ୍ଟିରେ ଚାହିଁ ଗୋବର୍ଦ୍ଧନ ଉତ୍ତର ଦେଲେ— ''ଆପଣଙ୍କ ବିରୋଧରେ ପାର୍ଟିର ମେଜରିଟୀ ସଭ୍ୟଙ୍କ ଅନାସ୍ଥା ।''

ଆଗ୍ନେୟଗିରି ପରି ସଦାନନ୍ଦ ବିସ୍ଫୋରଣ କରି ଉଠିଲେ— ''ମାନେ ?''

''ଏହାର ସମ୍ମୁଖୀନ ହେବା ନ ହେବା ଆପଣଙ୍କ ଉପରେ ନିର୍ଭର କରେ । ସେ ବିଷୟରେ ପରାମର୍ଶ ଦେବାପାଇଁ ମୋର କିଛି ନାହିଁ ।'' ଗୋବର୍ଦ୍ଧନ ଉତ୍ତର ଦେଲେ ଆତତାୟୀର ହିମଶୀତଳ ନିସ୍ପନ୍ଦ କଣ୍ଠରେ ।

ପରିସ୍ଥିତିର ସ୍ୱରୂପ ବୁଝିବା ପାଇଁ ସଦାନନ୍ଦଙ୍କୁ ବିଳମ୍ବ ଲାଗିଲା ନାହିଁ ।

ଅନାସ୍ଥାର ସମ୍ମୁଖୀନ ହେବାପାଇଁ ତାଙ୍କର ସେଦିନ ଶକ୍ତି ନ ଥିଲା ।

ନୀରବରେ ସେଇଠାରେ ସେ ନିଜ ଇସ୍ତଫାପତ୍ରରେ ସ୍ୱାକ୍ଷର ଦେଇ ଗୋବର୍ଦ୍ଧନଙ୍କ ହାତକୁ ତାହା ବଢ଼ାଇ ଦେଇ କହିଥିଲେ— ''ବେଷ୍ଟ ଅଫ୍ ଲକ୍ସ ।''

ଭାରତ ଇତିହାସରେ ସ୍ଲେଭ୍-ଡାଇନାଷ୍ଟୀ, ଦାସବଂଶର ସେଇ ପୁରାତନ ଇତିହାସ ସେଦିନ ମୁହୂର୍ତ୍ତକ ଭିତରେ ଅଭିନୀତ ହୋଇ ଯାଇଥିଲା ସଦାନନ୍ଦଙ୍କ ଅଫିସ ପ୍ରକୋଷ୍ଠରେ ।

ସେଇ ଗୋବର୍ଦ୍ଧନ ଆଜି ମୁଖ୍ୟମନ୍ତ୍ରୀ...

ସୌଭାଗ୍ୟ, ସମୃଦ୍ଧି ଓ ସାମ୍ୟର ତିନି ଦିଗ୍‌ବଳୟ ଉନ୍ମୋଚିତ କରିବା ପାଇଁ ଖବରକାଗଜର ସ୍ତମ୍ଭରେ ଏଇ ତାଙ୍କର ଘୋଷଣା !

ସିକ୍‌ସ ଡାଉନ୍‌ର ଘଣ୍ଟା ପଡ଼ିଲା ପରା ! ସିକ୍‌ସ ଡାଉନ୍ ନା ସେଭେନ୍ ଅପ୍ ?

ରେସ୍ତୁରାଁ ଭିତରୁ ଗୋଟିଏ ପତ୍ରରେ କେତେଖଣ୍ଡ ମାଂସହାଡ଼ ପଡ଼ିଲା ଆସି ପ୍ଲାଟଫର୍ମ ଉପରେ । ମାଂସ ହାଡ଼କୁ ଘେରି ଲାଗିଲା ଭାଲୁଆ ଓ ବଳିଆ ଦଳଙ୍କ ମଧ୍ୟରେ ବିକଟ ଶ୍ୱାନଯୁଦ୍ଧ । ଗୁଡ଼ାଏ ଦାନ୍ତ, ଗୁଡ଼ାଏ ପଞ୍ଝା, ଗୁଡ଼ାଏ ଗର୍ଜନ ମଧ୍ୟରେ ପ୍ଲାଟଫର୍ମର ପରିବେଶ ହଠାତ୍ ବୀଭତ୍ସ ଦାନ୍ତ ଦେଖାଇ ଆର୍ତ୍ତନାଦ କରିଉଠିଲା ।

Digitized by srujanika@gmail.com

ରେସ୍ତୁରାଁ ବାହାରେ ସେଇ ପ୍ଲେଟ୍‌ଧୁଆଳି ଟୋକା, ଲଢ଼େଇ ମଜା ଦେଖିବା ପାଇଁ ଡାକି ଉଠିଲା ''ଧଃ ବଳିଆ ! ଧଃ !''

ଭାଲୁଆ ସେତେବେଳେ ବଳିଆ ଉପରକୁ ଲମ୍ଫ ଦେଉଥିଲା ହିଂସ୍ର ପଞ୍ଝା ମେଲି ଆକ୍ରମଣ କରିବା ପାଇଁ; କିନ୍ତୁ ଦୁଇ ଦଳପତିଙ୍କ ଲଢ଼େଇ ଭିତରେ ସୁବିଧା ଉଣ୍ଡି ଗୋଟାଏ ଗୁମଛଡ଼ା ଧେଡ଼୍ ହଠାତ୍ ହାଡ଼ଖଣ୍ଡ ଦାନ୍ତରେ ଚାପିଧରି ପ୍ଲାଟ୍‌ଫର୍ମର ଲୁହାବାଡ଼୍ ଭିତରେ ଗିଳି ପଳାଇଗଲା ବାହାରକୁ ।

ଯୁଦ୍ଧ ଭୁଲି ଭାଲୁଆ ଓ ବଳିଆ ବିକଟ ରଡ଼ି ଦେଇ ଦଳବଳ ଧରି ଧାଇଁଲେ ସେଇ ଧେଡ଼୍ ପଛରେ । ମାତ୍ର ସେତେବେଳକୁ ଷ୍ଟେସନ ବାହାରେ ସେ କେଉଁଆଡ଼େ ଅଦୃଶ୍ୟ ହୋଇ ଯାଇଥିଲା ।

ପ୍ଲାଟ୍‌ଫର୍ମରେ କୁକୁର ପଲ ଆଉ ଦେଖା ନ ଥିଲେ ।

ଆଉ ଗୋଟେ କୁକୁର କୁଆଡ଼େ ଧାଇଁ ଧାଇଁ ଆସି ରେସ୍ତୁରାଁ ସାମନାରେ ଯେଉଁଠାରେ ହାଡ଼ଖଣ୍ଡ ପଡ଼ିଥିଲା, ସେଠାରେ ଶୁଙ୍ଘି ଶୁଙ୍ଘି ଚାରିପଟ ବୁଲିଲା । ତା'ପରେ ପଛଗୋଡ଼ଟା ଟେକି ସେଠାରେ କିଞ୍ଚିତ୍ ଅଭିଷେକ ବାରି ସିଞ୍ଚନ କରି ଅନାସକ୍ତ ଭାବରେ କୁଣ୍ଡଳୀ ମୋଡ଼ି ଶୋଇପଡ଼ିଲା ସେଇ ନିମ ଗଛମୂଳେ ।

ସିକ୍‌ସ ଡାଉନ୍ ନୁହେଁ— ସେଭେନ୍ ଅପ୍‌ର ତୃତୀୟ ଘଣ୍ଟା ପଡ଼ିଲା । ପ୍ଲାଟଫର୍ମର ବାତାବରଣ ମୁଖରିତ ହୋଇ ଉଠିଲା ଗୋବର୍ଦ୍ଧନଙ୍କ ଜୟଧ୍ୱନିରେ ।

''ଆମର ନେତା ଗୋବର୍ଦ୍ଧନ ଦାସ
ଗୋବର୍ଦ୍ଧନ ଦାସ ଜିନ୍ଦାବାଦ୍ ।''

●

Digitized by srujanika@gmail.com

ପ୍ରତୀକ୍ଷା

ହାଉଡ଼ା ଷ୍ଟେସନ ଟର୍ମିନାଲ୍ ।

"କ୍ରିପା କର୍‌କେ ଶୁନିୟେ... ଅନୁଗ୍ରହ କରେ ଶୁନ୍‌ବେନ୍... ଆଟେନ୍‌ସନ ପ୍ଲିଜ୍..." ଲାଉଡ୍‌ସ୍ପୀକରରେ ଚାଲିଥିଲା ତ୍ରିଭାଷୀ ଘୋଷଣା... ମିଥିଳା ଏକ୍‌ସପ୍ରେସ୍ ଆଜି ମଧ ବାତିଲ୍— କାନ୍‌ସେଲ୍‌ଡ଼ ଅନ୍ ଡେଟ୍ ।

ଏନ୍‌କ୍ୱାରୀ କାଉଣ୍ଟର ସାମ୍‌ନାରେ ଲମ୍ବିଥିବା କ୍ୟୁ ଭାଙ୍ଗି ଆଗକୁ ଠେଲି-ପେଲି ମାଡ଼ିଯାଇ ସାମନାରେ ଭିଡ଼ ବାନ୍ଧି ଠିଆ ହୋଇଥିବା ଲୋକମାନଙ୍କ କାନ୍ଧ ଉପରେ ମୁଣ୍ଡ ଝୁଙ୍କାଇ ଉଦ୍‌ବିଗ୍ନ କଣ୍ଠରେ ସେ ପଚାରିଲା... ''୩୧ ଅପ୍ ଆଜି ପୁଣି କାନ୍‌ସେଲ୍‌ଡ ନୁହେଁ ତ ?''

ଏନ୍‌କ୍ୱାରୀ କାଉଣ୍ଟର ପଛରେ ଚାରିଫୁଟ ଉଚ୍ଚର ଗୋଟାଏ କାଠ ଚଉକି ଉପରେ, ଖଣ୍ଡେ ସିଗାରେଟ ଟାଣି ଆରାମରେ ବସିଥିବା ସେଇ ବାବୁଜଣକ କିନ୍ତୁ ନିର୍ଲିପ୍ତ । ସେ ତାର ପ୍ରଶ୍ନକୁ ଯେପରି ରେଖାଙ୍କିତ କରିବା ପାଇଁ ଆଉଥରେ ପଚାରିଲା..."୩୧ ଅପ୍ ଆଜି ପୁଣି ବାତିଲ ନୁହେଁ ତ ?" ଏନ୍‌କ୍ୱାରୀ ବାବୁ ଉପରକୁ ଚାହିଁ ଲକ୍ଷ୍ୟ କରୁଥିଲେ ସିଗାରେଟ୍ ଧୂଆଁର କୁଣ୍ଡଳୀ । ସେ ନିରୁତ୍ତର ।

କାଉଣ୍ଟର ପାଖରେ ଦଳ ଦଳ ଜିଜ୍ଞାସୁଙ୍କ ଭିଡ଼... ଉଦ୍‌ବିଗ୍ନ, ଉତ୍କଣ୍ଠିତ ଜିଜ୍ଞାସା...ନର୍ଥ ଇଣ୍ଡିଆନ ଡାଉନ୍ ଏକ୍‌ସପ୍ରେସ ଆଉ କେତେଘଣ୍ଟା ଡେରିରେ ପହଞ୍ଚିବ ? ଅମୃତସର ମେଲ୍ କେତେବେଳେ ? ଛାଡ଼ିବ କେଉଁ ପ୍ଲାଟ୍‌ଫର୍ମରୁ ? ଆଉ ତୁନ୍ ଏକ୍‌ସପ୍ରେସ୍...ଏନ୍‌କ୍ୱାରୀ ବାବୁ କିନ୍ତୁ କାଉଣ୍ଟର ପଛରେ ତାଙ୍କର ସେଇ ସିଂହାସନ ଉପରେ ଏଇ ସମସ୍ତ ବ୍ୟସ୍ତ ଜିଜ୍ଞାସାର ଘୂର୍ଣ୍ଣି ଭିତରେ ନିର୍ଲିପ୍ତ ଭାବରେ ବସି ରହିଛନ୍ତି ସିଗାରେଟ୍ ଧୂଆଁର କୁଣ୍ଡଳୀ ଭିତରେ ନିଜକୁ ଆବୃତ କରି । ତାଙ୍କ ଆଖିର ଦୃଷ୍ଟି କୃପାପୂର୍ଣ୍ଣ...ଆଃ । ଏମାନେ କ'ଣ ଜାଣନ୍ତି ନାହିଁ; ଏବେ ଚାଲିଛି କେଉଁଠି ଲୋକୋ-ମେନ୍‌ମାନଙ୍କର ଧର୍ମଘଟ ତ ଆଉ କେଉଁଠି ପଏଣ୍ଟସ୍‌ମାନଙ୍କର ୱାର୍କ-ଟୁ-ରୁଲ୍ । ସବୁ ସମୟ ନିର୍ଘଣ୍ଟ ଆଜି ଭୁଶୁଡ଼ି ପଡ଼ିଛି । କୌଣସି ଉତ୍ତର ଦେଇପାରିବା ଅବସ୍ଥାରେ ଆଜି କେହି ନାହାନ୍ତି । ଧର ଯଦି କେହି ପଚାରେ ଠିକ୍ କେତେ ଘଣ୍ଟା, କେତେ ମିନିଟ୍‌ରେ ଭୂମିକମ୍ପ ହେବ ଅଥବା ସମୁଦ୍ରର ଜଳୋଚ୍ଛ୍ୱାସ ଉଠିବ କେତେବେଳେ, କିଏ ଦେଇପାରିବ ସେପରି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ?

ସେ ଏଥର କଣ୍ଠସ୍ୱର ଆଉରି ଦୃଢ଼ ଆଉ କଠୋର କରି ପଚାରିଲା... ୩୧ -ଅପ୍ ଆଜତ ପୁଣି ବାତିଲ୍ ନୁହେଁ ତ ?

ଏନ୍‌କ୍ୱାରୀ ବାବୁ ଏଥର ଉତ୍ତର ଦେଲେ... ''ସେ ଖବର ଏ ପର୍ଯ୍ୟନ୍ତ ଆମ ପାଖରେ ନାହିଁ । ଚୁପ୍‌ଚାପ୍ ଆନାଉନ୍‌ସମେଣ୍ଟକୁ ଅପେକ୍ଷା କରନ୍ତୁ ।''

Digitized by srujanika@gmail.com

ସେ ଚିତ୍କାର କରି ଉଠିଲା... ''ତା' ହେଲେ ବାହାରେ ଏନ୍‌କ୍ୱାରୀ ସାଇନ୍‌ବୋର୍ଡ଼ ଝୁଲାଇ, ଏଠାରେ ବସି ରହିଛ କାହିଁକି ? ତାମସା ଦେଖିବା ପାଇଁ ?''

ତା'ର କ୍ରୁଦ୍ଧ ମୂର୍ତ୍ତି ଦେଖି, ଏନ୍‌କ୍ୱାରୀ ବାବୁ କୂଟନୈତିକ, ମୋଲାୟେମ୍ କଣ୍ଠରେ ଉତ୍ତର ଦେଲେ... ''ଯଥାସମୟରେ ଆନାଉନ୍‌ସମେଣ୍ଟକୁ ଅପେକ୍ଷା କରନ୍ତୁ । ଧୈର୍ଯ୍ୟ ହରାନ୍ତୁ ନାହିଁ।''

କିନ୍ତୁ ହାଉଡ଼ା ଷ୍ଟେସନରେ ଗତ ତିନିଦିନ ପଡ଼ି ପଡ଼ି ସବୁ ଧୈର୍ଯ୍ୟ ସେ ହରାଇ ସାରିଥିଲା । ଅକାରଣରେ ଧୈର୍ଯ୍ୟହୀନ କ୍ରୋଧରେ ସେ ଏନ୍‌କ୍ୱାରୀ କାଉଣ୍ଟର ଉପରେ ଗୋଟାଏ ମୁଥି ମାରି ବାହାରକୁ ପଳାଇ ଆସିଲା ।...ଏପରି ଉତ୍ତର ପରେ ତ ଆଉ ଝଗଡ଼ା କରିବା ଚଳେ ନାହିଁ । ପ୍ରକୃତ କଥା, ବଞ୍ଚି ରହିବା ପାଇଁ ଆଜି ପ୍ରଚୁର ଧୈର୍ଯ୍ୟ ଆବଶ୍ୟକ।

ବାହାରେ ଷ୍ଟେସନର ଜନାକୀର୍ଣ୍ଣ ଟର୍‌ମିନାଲ।

ଅଣୁବୀକ୍ଷଣ ଲେନ୍‌ସ ତଳେ, ଦଳ ଦଳ ବାକ୍‌ଟ୍ରିୟା ପରି ସାଲୁବାଲୁ ଯାତ୍ରୀଙ୍କ ଭିଡ଼... ଗୋଟାଏ ଅସ୍ଥିର, ଅନିଶ୍ଚିତ ଜନସ୍ରୋତ, କେତେବେଳେ ଦକ୍ଷିଣକୁ, କେତେବେଳେ ବାମକୁ...କେତେବେଳେ ଆଗକୁ, କେତେବେଳେ ଘନିଷ୍ଠ ଭାବରେ ଲଗାଲଗି, ଆଉ କେତେବେଳେ ଛୋଟ ଛୋଟ ଦଳରେ ବିଚ୍ଛିନ୍ନ...ମୁଠାଏ ଶୁଖିଲା ପତ୍ର ଯେପରି ଇତସ୍ତତଃ ଉଡ଼ି ବୁଲୁଛି ଗୋଟାଏ ଖଣ୍ଡିଆଭୂତର ଘୂର୍ଣ୍ଣି ଭିତରେ ।

ଲାଉଡ୍‌ସ୍ପିକର୍‌ରେ ହଠାତ୍ ବାଜି ଉଠିଲା ଗୋଟାଏ ଘୋଷଣା... 'କ୍ରିପା କର୍‌କେ ଶୁନିୟେ'...ଡାଉନ୍ କାମରୂପ ଏକ୍‌ସପ୍ରେସ ଦଶଘଣ୍ଟା ବିଳମ୍ବରେ ଆସୁଛି । କିନ୍ତୁ ୩୧-ଅପ୍ ? ୩୧-ଅପ୍ ? ଗତ ତିନିଦିନ ଧରି ବାତିଲ୍ ତଥାକଥିତ ଫାଷ୍ଟ୍‌କ୍ଲାସ ଉଏଟିଙ୍ଗ୍ ରୁମ୍‌ରେ ତିଳଧାରଣ ପାଇଁ ଆଉ ସ୍ଥାନ ନାହିଁ । ତା' ଭିତରେ କେତୋଟି ପରିବାର ଇତିମଧ୍ୟରେ ବେଶ୍ ନିଶ୍ଚିନ୍ତରେ ସଂସାର ସ୍ଥାପନ କରି ସାରିଲେଣି ଉଦ୍‌ବାସ୍ତୁମାନଙ୍କ ପରି, ସେମାନଙ୍କ ଟ୍ରେନ୍ ସବୁ ଧର୍ମଘଟ ଫଳରେ ଅଚାନକ ଭାବରେ ବାତିଲ୍ । ଏଠାରେ ସେ ମଧ୍ୟ ତିନିଦିନ କଟାଇ ସାରିଲାଣି ୩୧-ଅପ୍ ଅପେକ୍ଷାରେ କିନ୍ତୁ ୩୧-ଅପ୍ ଆଜି ପୁଣି କାନ୍‌ସେଲ୍‌ଡ ନୁହେଁ ତ ?

ଏଇ ପ୍ରତୀକ୍ଷା—ସମୟର ଏଇ ଅତ୍ୟାଚାର ଆସିବ ନା ନାହିଁ, ଛାଡ଼ିବ ନା ଛାଡ଼ିବ ନାହିଁ...ଏକ ଉତ୍ପୀଡ଼କ ଜିଜ୍ଞାସା ।

ସେ ଚିନ୍ତିତ ଭାବରେ ଖଣ୍ଡେ ସିଗାରେଟରେ ନିଆଁ ଲଗାଇଲା। ତା'ପରେ କଳେ ଧୂଆଁ ଛାଡ଼ି, ଧୂଆଁର ନୀଳ କୁଣ୍ଡଳୀ ଭିତରେ ସେ ନିଜକୁ ନିଜେ ପଚାରିଲା... ''ଏ ସମୟ ଅତିକ୍ରାନ୍ତ ହେବ କିପରି ? କିପରି ?'' ଦାଢ଼ି କମେଇବ ନାଃ... ସେଲୁନ୍‌ରେ ମଧ୍ୟ ଭିଡ଼ । ହୁଇଲର୍ ଦୋକାନରେ ବହି ସବୁ ଅନେକ ଥର ଓଲଟପାଲଟ କରି ଦେଖା ସରିଲାଣି । ରେସ୍ତୋଁରାରେ ସେଇ ବିସ୍ୱାଦ ଚା' ଆଉ ପିଇବା ପାଇଁ ରୁଚି ନାହିଁ ହିପ୍‌ଟୋଜେନ୍ ବା ମେଣ୍ଡ୍ରକ୍ସ ବଟିକା ଯଦି ଗୋଟାଏ ଦୁଇଟା ମିଳନ୍ତା । ଆଠ ନମ୍ବର ଗେଟ୍ ପାଖରେ ସେଇ ଡାକ୍ତରୀ ଔଷଧ ଦୋକାନରେ ଅନୁସନ୍ଧାନ କଲେ ମିଳିପାରେ ହୁଏତ ! ଟ୍ରାଙ୍କ୍ୱିଲାଇଜର ଗିଳି ୱେଟିଂରୁମ୍‌ର ଗୋଟିଏ ବେଞ୍ଚ ଉପରେ ପଡ଼ି ନିଶ୍ଚିତ ଭାବରେ ୩୧-ଅପ୍‌କୁ ଅକ୍ଳେଶରେ ଅପେକ୍ଷା କରାଯାଇପାରନ୍ତା।

Digitized by srujanika@gmail.com

'ହିପ୍‌ଟୋଜେନ୍'...ଡାକ୍ତରୀ ଔଷଧ ଦୋକାନ କାଉଣ୍ଟର ପାଖରେ ଠିଆ ହୋଇ ସେ କହିଲା, ''ଦୁଇଟା ହିପ୍‌ଟୋଜେନ୍ ଦିଅତ ଦେଖି, ଚଟାପଟ୍।

କାଉଣ୍ଟର୍ ସେପଟୁ ସେଲସ୍‌ମ୍ୟାନ୍ ଜଣକ ଖିଙ୍କାରି ଉଠିଲା..., ନେହିଁ ମିଲ୍‌ତା ଇଧର୍ ।

ତା'ପରେ ? ତାହେଲେ ସେ ନିଜକୁ ନିଜେ ସାନ୍ତ୍ୱନା ଦେଲା, ହିପ୍‌ଟୋଜେନ୍ ଗିଳି ଏ ଅନିର୍ଦ୍ଦିଷ୍ଟ ପ୍ରତୀକ୍ଷାକୁ ଫାଙ୍କି ଦେଇପାରିବ ନାହିଁ ବନ୍ଧୁ! ଆକ୍‌ସନ୍! ଆକ୍‌ସନ୍ ନିର୍ଦ୍ଦିଷ୍ଟ କର୍ମ, କ୍ରିୟା ମଧ୍ୟରେ କେବଳ ପୂର୍ଣ୍ଣ କରି ହେବ ଏଇ ଶୂନ୍ୟତା, ଏଇ ଅନିଶ୍ଚିତ ପ୍ରତୀକ୍ଷା । କମିଟ୍‌ମେଣ୍ଟ, ସଂକଳ୍ପ ଦରକାର...ହିପ୍‌ଟୋଜେନ୍ ଗିଳି ନିଶ୍ଚେତତା ନୁହେଁ। ଉତ୍ତିଷ୍ଠତ ଜାଗ୍ରତ । ଏନ୍‌କ୍ୱାରୀ କାଉଣ୍ଟର୍ ଆକ୍ରମଣ କର । ଭାଙ୍ଗିଦିଅ ସେଇ ଏନକ୍ୱାରୀବାବୁର ନିରୁଦ୍‌ବିଗ୍ନ ସିଂହାସନ । ବୋମା ଫିଙ୍ଗି ଧୂଳିସାତ୍ କରିଦିଅ ଷ୍ଟେସନ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସେଇ କାଚଦରଜା ଘେରା ସାମ୍ରାଜ୍ୟ। ସେଇମାନେ ତ କେବଳ ଦେଇପାରନ୍ତେ ସବୁ ଉତ୍ପୀଡ଼କ ଜିଜ୍ଞାସାର ଉତ୍ତର । ଏଇ ଅନିଶ୍ଚିତ ପ୍ରତୀକ୍ଷାର ସିଦ୍ଧାନ୍ତ ।

ଦ୍ରୁତ ପାଦରେ ସେ ଆଗେଇ ଗଲା ଷ୍ଟେସନ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କ ଅଫିସ ଆଡ଼େ । ମାତ୍ର ଅଫିସ ଭିତରେ ତାଙ୍କର ସିଂହାସନ ଶୂନ୍ୟ । ଦରବାର ପରିତ୍ୟକ୍ତ ନିଅନ୍ ଆଲୋକରେ ନିର୍ଜନ ଅଫିସ କୋଠରିଟା ଦିଶୁଛି ରହସ୍ୟମୟ ପ୍ରେତଲୋକ ପରି । ସୁଇଙ୍ଗ-ଡୋର ବାହାରେ ଖଣ୍ଡେ ଟୁଲ ଉପରେ ବସି ଢୁଳାଉଛି ଦରଓ୍ୱାନ୍ । କ୍ରୁଦ୍ଧ କଣ୍ଠରେ ସେ ଆକ୍ରମଣ କଲା... "କାହାନ୍ତି ତମର ଷ୍ଟେସନ ସୁପରିନ୍‌ଟେଣ୍ଡେଣ୍ଟ ? ମୁଁ ଏଇ ମୁହୂର୍ତ୍ତରେ ଚାହେ ତାଙ୍କୁ ।"

ଦରଓ୍ୱାନ୍ ଅର୍ଦ୍ଧନିମୀଳିତ ଆଖି ମେଲି ନିଦୁଆ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲା... ''ମାଲୁମ ନେହିଁ ।'' ତା'ପରେ ଗୋଟାଏ ହାଇ ମାରି ସେ ପୁଣି ଢୁଳାଇବା ଆରମ୍ଭ କରିଦେଲା।

ଆଃ... କାହାକୁ ଆଜି କିଛି ମାଲୁମ ନାହିଁ । ସବୁଆଡ଼େ କେବଳ ରାଶିରାଶି ପ୍ରଶ୍ନ ଆଉ ନିରୁତ୍ତରତା। ଯେଉଁମାନେ ଦେଇପାରନ୍ତେ ଉତ୍ତର ସେମାନେ ହୁଏତ ପଳାୟନ କରିଛନ୍ତି ନୋହିଲେ ଆତ୍ମଗୋପନ କରିଛନ୍ତି କେଉଁଠି ।

ଲାଉଡ଼୍‌ସ୍ପିକର ହଠାତ୍ ଘୋଷଣା କରି ଉଠିଲା..."ଶ୍ରୀମତୀ ସିପ୍ରା ଘୋଷ, ବଡ଼ ଘଡ଼ି ତଳକୁ ଚାଲିଆସନ୍ତୁ । ସେଠାରେ ଆପଣଙ୍କ ପାଇଁ ଅପେକ୍ଷା କରିଛନ୍ତି ନବେନ୍ଦୁ ସାନ୍ୟାଲ ।"

କ୍ଳାନ୍ତିକର, ଉତ୍ପୀଡ଼କ ପ୍ରତୀକ୍ଷା ମଧ୍ୟରେ ତାର ସ୍ତିମିତ ସ୍ନାୟୁକେନ୍ଦ୍ର ସବୁ ରୋମାନ୍‌ସର ବାସନା ପାଇ ଚଞ୍ଚଳ ହୋଇଉଠିଲା । ସିପ୍ରା ଘୋଷ ଆଉ ନବେନ୍ଦୁ ସାନ୍ୟାଲ... ଟରମିନାଲର ବଡ଼ ଘଡ଼ି ତଳେ, ଟିକ୍ ଟିକ୍ ହୋଇ ଝରି ପଡୁଥିବା ମୁହୂର୍ତ୍ତ ମଧ୍ୟରେ, କ'ଣ ସ୍ଥିର ହୋଇଥିଲା ସେମାନଙ୍କ ଅଭିସାରର ଲଗ୍ନ ? କିଏ ଏଇ ସିପ୍ରା ଘୋଷ ଆଉ କିଏ ବା ନବେନ୍ଦୁ ସାନ୍ୟାଲ ? ପ୍ରେମିକ-ପ୍ରେମିକା ? କୌଣସି ଲୋକାଲ୍ ଟ୍ରେନରେ ଏକ ନିର୍ଦ୍ଦିଷ୍ଟ ଗନ୍ତବ୍ୟ ପଥରେ ଦୁଇ ସହଯାତ୍ରୀ ? ବଡ଼ ଘଡ଼ି ତଳେ ସେମାନଙ୍କୁ ଥରେ ଦେଖିଆସିଲେ କିପରି ହୁଅନ୍ତା ? ତାହା ହୁଅନ୍ତା ନିଶ୍ଚୟ ଏଇ ଉତ୍ପୀଡ଼କ ପ୍ରତୀକ୍ଷା ମଧ୍ୟରେ ଏକ ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ। ମିଳନ୍ତା ଏଇ ଅନିଶ୍ଚିତତା ମଧ୍ୟରୁ କିଛିଟା ପରିତ୍ରାଣ।

Digitized by srujanika@gmail.com

ବଡ଼ ଘଡ଼ି ତଳେ ପାଳଭୂତ ପରି ଏଇ ଯେ ଲୋକଟା ଠିଆ ହୋଇଛି ସେଇ ବୋଧହୁଏ ନବେନ୍ଦୁ ସାନ୍ୟାଲ । ଛଅଫୁଟ ଡେଙ୍ଗା, ଯୌବନୋତ୍ତୀର୍ଣ୍ଣ ଏକ ହାଡ଼ଗିଳା ମୂର୍ତ୍ତି । ରୁଢ଼ିଆ ମୁହଁରେ ବେଶ୍ ବାରି ହୋଇ ପଡୁଛି ହନୁହାଡ଼ ଦୁଇଟା । ଆଖିରେ ମୋଟା ଲେନ୍‌ସର ଚଷମା । ଫ୍ଲାନେଲ୍ ପଞ୍ଜାବିଟା ନିଅନ ଆଲୋକରେ ମଇଳା ଦିଶୁଛି । କାନ୍ଧରେ ଚଉତା ହୋଇ ପଡ଼ିଛି ଗୋଟାଏ ରଙ୍ଗିନ ଶାଲ୍, ଧୋତି କୁଞ୍ଚଟା ଗୁଞ୍ଜା ହୋଇଛି ପଞ୍ଜାବି ପକେଟରେ । ହାତରେ ଗୋଟାଏ ରଙ୍ଗଛଡ଼ା ବିବର୍ଣ୍ଣ ଆଟାଚି । ନବେନ୍ଦୁ ସାନ୍ୟାଲ ପାଦର ସାଣ୍ଡାଲରେ ଖଣ୍ଡେ ସିଗାରେଟର ଦଗ୍ଧାଂଶ ଦଳି ଦଳି ନିଭାଉଥିଲା ଚିନ୍ତିତ ଭାବରେ— ତାହାହିଁ ସେତେବେଳେ ଥିଲା ଯେପରି ପ୍ରତୀକ୍ଷାର ଅକଳନୀୟ କ୍ଳାନ୍ତି, ଉଦ୍‌ବେଗର ଅପନୋଦନ ପାଇଁ ଏକମାତ୍ର ପନ୍ଥା ।

କିନ୍ତୁ କାହାନ୍ତି ସିପ୍ରା ଘୋଷ ? ହାଓଡ଼ା ଷ୍ଟେସନ୍ ଟରମିନାଲର ଏଇ ବଡ଼ ଘଡ଼ି ତଳେ ହୁଏତ କଥା ଥିଲା ସାକ୍ଷାତ୍ ପାଇଁ। ତା'ପରେ ଷ୍ଟେସନ୍ ରେଷ୍ଟୋରାଁରେ ଦୁଇ କପ୍ ପାଣିଚିଆ ଚା'ର ନେପଥ୍ୟରେ କିଛିଟା ଆଳାପ, କିଛି ହସାହସି, କିଛି ଗୁପ୍‌ଚୁପ୍ କଥା... ତା'ପରେ ବିଦାୟ । ଏଥିପାଇଁ ମହାନଗରୀର ପାର୍କ ସବୁ ହୁଏତ ଥିଲା ଜନାକୀର୍ଣ୍ଣ; ଅନ୍ୟ କେଉଁଠି ଉପଯୁକ୍ତ ସ୍ଥାନ ହୁଏତ ନ ଥିଲା, ମହାନଗରୀର ରେଷ୍ଟୋରାଁମାନଙ୍କରେ ଜନତାର ଭିଡ଼ । ସେ ମନେ ମନେ ବୁଣି ଚାଲିଥିଲା ରୋମାନ୍‌ସର ଜାଲ । ଏପରି ମଧ୍ୟ ହୋଇପାରେ, ଏଇ ହାଉଡ଼ା ଷ୍ଟେସନ୍‌କୁ ଆସି ସିପ୍ରା ଘୋଷ ହଠାତ୍ ହୋଇଛନ୍ତି ନିଖୋଜ...ଆକସ୍ମିକ ଭାବରେ ଦେଖା, ଅନ୍ୟ କେଉଁ ବନ୍ଧୁଙ୍କ ସହିତ ହୁଏତ ରେଷ୍ଟୋରାର କେଉଁ ନିରୋଳା କୋଣରେ ବସି ଢୋକେ ଢୋକେ ଚା ପିଇ ଜମାଇଛନ୍ତି ଆଳାପ... ଆଉ ଏଣେ ବଡ଼ ଘଡ଼ି ତଳେ କାନ୍ଥକୁ ଆଉଜି ପାଳଭୂତ ପରି ଠିଆ ହୋଇଛନ୍ତି ବିଚାରା ନବେନ୍ଦୁ ସାନ୍ୟାଲ୍ ।

ନବେନ୍ଦୁ ସାନ୍ୟାଲଠାରୁ ଅଳ୍ପ ଛଡ଼ାରେ ସେ ଯାଇ ସେହିପରି କାନ୍ଥକୁ ଆଉଜି ଠିଆ ହେଲା, କାହାକୁ ଅପେକ୍ଷା କରିବା ପରି । ତାର ପ୍ରତୀକ୍ଷା—୩୧ ଅପ୍ ପାଇଁ । କିନ୍ତୁ ଇତି ମଧ୍ୟରେ ଆନାଉନ୍‌ସମେଣ୍ଟ ଅଫିସ୍ ଭିତରକୁ ଯାଇଁ କୌଣସି ଏକ କାଳ୍ପନିକ ତୃପ୍ତି ବାନାର୍ଜୀଙ୍କ ନାମ ଧରି ଜଣାଇ ଆସିଲେ କିପରି ହୁଅନ୍ତା... ତୃପ୍ତି ବାନାର୍ଜୀ, ବଡ଼ ଘଡ଼ି ତଳକୁ ଚାଲିଆସନ୍ତୁ; ସେଠାରେ ଆପଣଙ୍କୁ ଅପେକ୍ଷା କରିଛନ୍ତି ଶୁଭେନ୍ଦୁ କୁମାର ।

ପୂରା ଗୋଟାଏ ସିଗାରେଟ ପୋଡ଼ି, ପାଦରେ ଦଳି ଦଳି ନିଭାଇବା ପରେ ସେ ମଧ୍ୟ ଜଣାଇ ଆସିଲା ସେହିପରି ଗୋଟାଏ ସମ୍ବାଦ । ତା'ପରେ ଯଥାରୀତି ଲାଉଡ଼୍‌ସ୍ପିକର୍‌ରେ ବାଜି ଉଠିଲା ଘୋଷଣା... "ତୃପ୍ତି ବାନାର୍ଜୀ ବଡ଼ଘଡ଼ି ତଳକୁ ଚାଲିଆସନ୍ତୁ; ସେଠାରେ ଆପଣଙ୍କ ପାଇଁ ଅପେକ୍ଷା କରିଛନ୍ତି ଶୁଭେନ୍ଦୁ କୁମାର ।" ସେ ହଠାତ୍ ଅବତୀର୍ଣ୍ଣ ହୋଇଥିଲା ଶୁଭେନ୍ଦୁ କୁମାର ଭୂମିକାରେ ।

ବମ୍ବେ ଫିଲ୍‌ମର ହିରୋ, ସିନେମା ପୋଷ୍ଟର୍‌ରେ ରଙ୍ଗିନ ହରଫରେ ଛାପା ହେବା ପରି ନାମ... ଶ୍ରେଷ୍ଠାଂଶେ, ଶୁଭେନ୍ଦୁ କୁମାର ଓ ତୃପ୍ତି ଦେବୀ।

'ଶୁଭେନ୍ଦୁ କୁମାର ଆଡ଼େ ଚାହିଁ, ଚଷମାର ମୋଟା ଲେନ୍‌ସ ତଳେ, ନବେନ୍ଦୁ ସାନ୍ୟାଲର ଦୁଇ କୋଟରଗତ ଆଖିର ଦୃଷ୍ଟି ଦପ୍ ଦପ୍ ହୋଇ ଉଠିଲା ଅହେତୁକ କ୍ରୋଧ ଓ ଘୃଣାରେ। ସିପ୍ରା

Digitized by srujanika@gmail.com

ଘୋଷ ସହିତ ମିଳନର ଏଇ ନିଭୃତ କୁଞ୍ଜରେ, ଶୁଭେନ୍ଦୁ କୁମାର ଅନହୂତି ଦେଖା ଦେଇଥିଲା ଯେପରି ଏକ ରସଭଙ୍ଗ ରୂପେ।

"ତମର ତୃପ୍ତି ବାନାର୍ଜୀ ପାଇଁ ଆଉ କେଉଁଠି ଜାଗା ପାଇଲ ନାହିଁ ବାବା ? ଯେତେ ସବୁ ଲୋଫର୍ କୁଆଚୋର୍‌ମାନଙ୍କର ଆଡ୍‌ଡ଼ା ଏଇଠି ।" ନବେନ୍ଦୁ ସାନ୍ୟାଲର ଆଖିର ଦୃଷ୍ଟିକୁ ଭାଷାରେ ରୂପାନ୍ତରିତ କଲେ, ତାହା ହୁଅନ୍ତା ଏଇପରି ।

ବ୍ୟର୍ଥ ପ୍ରତୀକ୍ଷା ପରେ ନବେନ୍ଦୁ ସାନ୍ୟାଲ ବିରକ୍ତିରେ ସାଣ୍ଡାଲ୍ ଘୋଷାରି ଚାଲିଗଲେ କେଉଁ ବିସ୍ମୃତ ସାମ୍ରାଜ୍ୟର କୀର୍ତ୍ତିସ୍ତମ୍ଭ ପରି ଠିଆ ହୋଇଥିବା ସେଇ ଲେଟର-ବକ୍‌ସ ପାଖକୁ । ଲେଟର-ବକ୍‌ସ ସବୁ ଏପରି ଲିଙ୍ଗାକୃତି କାହିଁକି ? ଏହାର ନେପଥ୍ୟରେ ଅଛି କ'ଣ କିଛି ଫ୍ରୟେଡୀୟ ରହସ୍ୟ ? ଲେଟରବକ୍‌ସ ସବୁ ଚାରିକୋଣିଆ ହେଉଥିଲେ କି ଅସୁବିଧା ବା ହେଉଥାନ୍ତା ? ...ଗବେଷଣାସାପେକ୍ଷ ।

ତା'ର ଚିନ୍ତାଧାରାରେ ବାଧା ସୃଷ୍ଟି କରି ଟରମିନାଲ ଚଟାଣ ଉପରେ ହଠାତ୍ ଜଳି ଉଠିଲା ଗଦାଏ ନିଆଁ। ଗୋଟାଏ ବୁଲା ଭିକାରୁଣୀ ଦିନସାରା ପ୍ଲାଟଫର୍ମମାନଙ୍କରେ ବୁଲି ଯେତେ ସବୁ ଅଳିଆ କାଗଜ ଆଉ କାଠି କୁଟା ସଂଗ୍ରହ କରିଥିଲା; ସେ ସବୁ ଏକାଠି କରି ସେଥିରେ ନିଆଁ ଲଗାଇ ଦେଇଥିଲା, ହେମାଳିଆ ଉତ୍ତରା ପବନର କିଛିଟା ପ୍ରତିରୋଧ ପାଇଁ । ସେଇ ଧୁନି ଚାରିପଟେ ଗଢ଼ି ଉଠିଥିଲା ଏକ ମାତୃପ୍ରଧାନ ସମାଜ । ଭିକାରୁଣୀ ସ୍ତ୍ରୀ ଲୋକଟିର ବୟସ ଅନୁମାନ କରିବା କଠିନ । ମୁଣ୍ଡର ବାଳ ସବୁ ରୁକ୍ଷ, ମୁହଁ ଉପରକୁ ଝୁଲି ପଡ଼ିଥିଲା । ଉତ୍ତରାର ଆକ୍ରମଣରୁ ନିଜକୁ ବଞ୍ଚାଇବା ପାଇଁ ସେ ଯେତେବେଳେ ଛିଣ୍ଡା, ଗଣ୍ଠିପକା ଶାଢ଼ିର କାନି ପିଠି ଉପରକୁ ଟାଣି ନେଉଥିଲା ସେତେବେଳେ ଛାତିଟା ହୋଇ ଯାଉଥିଲା ଲଙ୍ଗଳା । ଲଙ୍ଗଳା ଛାତିଟାକୁ ଢାଙ୍କିବା ବେଳେ ମୁକୁଳା ପିଠି ଉପରେ ଉତ୍ତରା ପବନ ଯେପରି ଫୁଟାଇ ଯାଉଥିଲା ଶହ ଶହ ଛୁଞ୍ଚି । ଧୁନି ନିଆଁର ଉତାପ ତାକୁ କ'ଣ ମନେ ପକାଇ ଦେଉଥିଲା, କେଉଁ ବାସ୍ତୁହରା ବେକାର ଭାଗାବଣ୍ଡ୍‌ର ଉଷ୍ମ ଆଲିଙ୍ଗନ...କେଉଁଠି ଫୁଟ୍‌ପାଥ୍ କଡ଼ରେ; ଅଥବା କେଉଁ ନିର୍ଜନ ପରିତ୍ୟକ୍ତ ପ୍ଲାଟଫର୍ମ ଉପରେ, ଲୋକାଲ୍ ସବୁ ଚାଲିଯିବା ପରେ ? ତାକୁ ବେଢ଼ି ବସିଥିବା ଚାରିଗୋଟି ଅକାଳବୃଦ୍ଧ ଶିଶୁ କ'ଣ ସେଇ ଆଲିଙ୍ଗନର ପରିଣତି ? ହୋଇପାରେ ଏକାଧିକ ପିତା, ସାମୟିକ ଉତ୍ତେଜନାରେ ବୀର୍ଯ୍ୟବିକ୍ଷେପ ପରେ ଆଦିମା ଜନନୀଠାରେ ନିଜ ନିଜର ସୃଷ୍ଟି ଅର୍ପଣ କରିଦେଇ ନିର୍ଲିପ୍ତ ଭାବରେ ସେମାନେ ହୋଇଛନ୍ତି ନିଖୋଜ ! କିନ୍ତୁ ଏଇ ଆଦିମାର ସେଥିରେ କ୍ଷୋଭ ନାହିଁ, ଅବସୋସ ନାହିଁ । ନିଶ୍ଚିନ୍ତ, ନିରୁଦ୍‌ବିଗ୍ନ ଭାବରେ, ଏଇ ଟରମିନାଲ୍‌ରେ ସେ ଗଢ଼ିଛି ତା'ର ମାତୃପ୍ରଧାନ ପରିବାର । ଧୁନି ନିଆଁର ମେଲାୟେମ୍ ଆଲୋକରେ ସେଇ ଅକାଳବୃଦ୍ଧ ଶିଶୁମାନଙ୍କର ଶେଥା, ପାଉଁଶିଆ କ୍ଷୁଧିତ ମୁହଁ ସବୁ ପ୍ରାଣବନ୍ତ ଦିଶୁଛି ଈଷତ୍ ସେମାନଙ୍କର ଆଖିର ଦୃଷ୍ଟି ନିର୍ବାକ୍ ନିସ୍ପନ୍ଦ ଧୁନି ନିଆଁ ଭିତରକୁ ସେମାନେ ଚାହିଁ ବସିଛନ୍ତି ଯଜ୍ଞାଚରୁପ୍ରତ୍ୟାଶୀ ଯଜମାନମାନଙ୍କ ପରି ପ୍ରତ୍ୟେକଙ୍କ ସାମନାରେ ପଡ଼ିଛି ଗୋଟିଏ ଗୋଟିଏ ଶୂନ୍ୟ ଆଲୁମିନିୟମ୍ ବାଟୀ ।

Digitized by srujanika@gmail.com

କେଉଁଠି ଗୋଟାଏ ସୁ-ସାଇନ୍ ପିଲା ଆସି ତାର ଜୋତା ପାଲିସର କାଠ ବାକ୍ସ ଧରି ସେଇ ଧୁନି ପାଖରେ ବସି ପଡ଼ିଲା । ତା ପରେ ଧୀରେ ସୁସ୍ଥେ ଗୋଡ଼ ହାତ ଲମ୍ୱାଇ ସେ ଆହରଣ କରିବାକୁ ଲାଗିଲା ଧୁନିନିଆଁର ଉତ୍ତାପ ! ହେମାଳିଆ ଉତୁରା ପବନ ଆଉ ଶୀତ ପ୍ରବାହରେ ବୁଲି ବୁଲି ସେ ମଧ ଅବସନ୍ନ ହୋଇ ପଡ଼ିଥିଲା । ଏଠାରେ ସେକିସାକି ହୋଇ ଦେହଟା ଉଷୁମ ହୋଇଯିବା ପରେ ସେ ଯାଇଁ ଶୋଇ ପଡ଼ିବ ସେଇ ରିଟାୟାରିଙ୍ଗ ରୁମ୍ ଶିଡ଼ି ତଳେ, ଗୋଟାଏ ଭଙ୍ଗା ଟ୍ରଲୀ ଉପରେ ।

କିନ୍ତୁ ତା'ର ସବୁ ଆରାମରେ ବାଧା ଦେଇ ସେଇ ଭିକାରୁଣୀ କର୍କଶ କଣ୍ଠରେ ଚିତ୍କାର କରି ଉଠିଲା... ''ଭାଗ୍, ଭାଗ୍ ଏଠୁ; ଏ ନିଆଁରେ ତୋର ଭାଗ କାହିଁରେ ହତଭାଗା ? ତୁ ମୋର ଚୁଲି ନା ପାଉଁଶ ।''

ସୁ-ସାଇନ୍ ପିଲାଟି କିନ୍ତୁ ନିର୍ବିକାର । ହାପ୍ ପ୍ୟାଣ୍ଟ୍ ପକେଟରୁ ଖଣ୍ଡେ ଖଣ୍ଡିଆ ସିଗାରେଟ କାଢ଼ି ଧୁନି ନିଆଁରେ ସେ ସିଗାରେଟ୍ ଜଳାଇଲା। ତା'ପରେ କଳେ ଧୂଆଁ ଛାଡ଼ି କହିଲା... ''ଆଃ, ଥଣ୍ଡା ଲାଗୁଛି ଯେ'' ।

''ଥଣ୍ଡା ଲାଗୁଛି ?'' ...କଣ୍ଠସ୍ୱର ବିକୃତ କରି ଭିକାରୁଣୀ ଚିତ୍କାର କରି ଉଠିଲା ।

ତାକୁ ଆଉ ତାର ପିଲାମାନଙ୍କୁ କ'ଣ ଭୋକ କରେ ନାହିଁ ? ଥଣ୍ଡା ଲାଗେ ନାହିଁ ? କିଏ ବା ସେମାନଙ୍କୁ ଆହାରରେ ଭାଗ ଦେଇଥାଏ ? ବର୍ଷା ଶୀତରେ କିଏ ବା ସେମାନଙ୍କୁ ଡାକି ଦେଇଥାଏ ଆଶ୍ରୟ ? ପୂର୍ବବଙ୍ଗ ଶରଣାର୍ଥୀମାନଙ୍କର ସେ ଦ୍ୱିତୀୟ ପିଢ଼ୀ । ନୋଆଖାଲି ଦଙ୍ଗା ସମୟରେ ସେ ସେତେବେଳେ ବାପ ମା'ଙ୍କ ସଙ୍ଗେ ଦେଶାନ୍ତରୀ ହୋଇ ପଳାଇ ଆସିଥିଲା ଯେତେବେଳେ ତାର ବୟସ ଥିଲା ପାଞ୍ଚ ବା ଛଅ, କଲିକତା ସହରର ଫୁଟ୍‌ପାଥ କଡ଼ରେ ବାପା ମା କେଉଁଦିନୁ ଆଖି ବୁଜିଲେଣି । ଦିନେ ସେଇ ଫୁଟ୍‌ପାଥ କଡ଼ରେ ତାର ମାଳା ବଦଳ ହୋଇଥିଲା ଜଣେ ଉଦ୍‌ବାସ୍ତୁ ଶରଣାର୍ଥୀ ଯୁବକ ସଙ୍ଗରେ... ତା'ର ଚେହେରାଟା ସୁଦ୍ଧା ଏବେ ଠିକ୍ ମନେ ପଡ଼େ ନାହିଁ, କିନ୍ତୁ ସେ ମଧ କୁଆଡ଼େ ହଜିଗଲାଣି । ତା'ପରେ ଏଇ ଷ୍ଟେସନ୍‌ରେ ପ୍ଲାଟ୍‌ଫର୍ମମାନଙ୍କରେ ବୁଲି ବୁଲି ସେ ଗଢ଼ିଛି ତା'ର ମାତୃପ୍ରଧାନ ସଂସାର ।

ଧୁନି ପାଖରେ, ସୁ-ସାଇନ୍ ପିଲାଟା ତଥାପି ଆରାମରେ ଗୋଡ଼ ହାତ ଲମ୍ୱାଇ ବସି ସିଗାରେଟ ଟାଣୁଛି । ଭିକାରୁଣୀ ଚିତ୍କାର କରି ଉଠିଲା, ''ଏଠୁ ଯାଉଛୁ ନା ଦେଖିବୁ ?''

''ଆଃ ବାହାରେ ଯେଉଁ ଥଣ୍ଡା''... ସୁ-ସାଇନ୍ ପିଲାର ନିର୍ଲିପ୍ତ ଉତ୍ତର ।''

''ଥଣ୍ଡା ଲାଗୁଛି ଯଦି ନିଆଁ ଜାଳ । ନଇଲେ ମର୍ ମର୍ ମରଣ ହେଉ ତତେ । ମୋର କ'ଣ ଅଛି ?'' ...ଭିକାରୁଣୀ ଚିତ୍କାର କରି ଉଠିଲା ।

କିନ୍ତୁ ସୁ-ସାଇନ୍ ପିଲା ସେ ପରାମର୍ଶ ଶୁଣିବ କାହିଁକି ? ନିଆଁ ଜାଳିବା ପାଇଁ ଧୁନି ତିଆରି କରିବା ତ ସହଜ କଥା ନୁହେଁ । ସାରାଦିନ ସେଥି ପାଇଁ ବୁଲି ବୁଲି ଇନ୍ଧନ ସଂଗ୍ରହ କରିବାକୁ ପଡ଼ିବ । ସେ ଆଉରି ଆରାମରେ ସେଇ ଧୁନି ପାଖରେ କୁଣ୍ଡଳୀ ମୋଡ଼ି ଶୋଇବାର ଉପକ୍ରମ କରୁଥିଲା, ମାତ୍ର ତା'ର ଆରାମରେ ବାଧା ଦେଇ 'ଭାଗ୍, ଭାଗ୍, ଏଠୁ' ବୋଲି ଚିତ୍କାର

Digitized by srujanika@gmail.com

କରି, ଭିକାରୁଣୀ ଗୋଟାଏ ଆଲୁମିନିୟମ ବାଟୀ ସେଇ ଧୁନି ଉପରେ ପିଟି ପିଟି ନିଆଁ ଲିଭାଇ ଦେଲା । ଧୁନି ଲିଭାଇ ସେ ବରଂ ନିଜେ ଶୀତରେ କମ୍ପିବ କିନ୍ତୁ ଏତେ କଷ୍ଟରେ ତିଆରି ଧୁନିରୁ କୋଉଠିକାର ଏ ମୋଚି ପିଲାକୁ ଭାଗ ଦେବ ନାହିଁ କଦାପି । କିଏ ବା ତାକୁ କେଉଁଦିନ କେଉଁଠି ଭାଗ ଦେଇଥିଲା ?

ଆଦିମାର ଯୁକ୍ତି ଅକାଟ୍ୟ, ପରାମର୍ଶ ମଧ ସାଧୁ । ଥଣ୍ଡା ଲାଗୁଛି ଯଦି ନିଜେ ନିଆଁ ନ ଜାଳି ଅନ୍ୟର ଧୁନି ପାଖରେ ବସି ଉଷୁମ ଟାଣିବାର ଏ ସଉକ୍ କାହିଁକି ?

ଭିକାରୁଣୀର ଉଗ୍ର ମୂର୍ତ୍ତି ଦେଖି ସୁ-ସାଇନ୍ ପିଲାଟି କାଠ ବାକ୍ସ ଧରି ଅନ୍ୟ ଆଡ଼େ ଉଠି ଯାଉଥିଲା, ବଡ଼ ଘଡ଼ି ତଳୁ ସେ ଡାକିଲା... 'ଏଇ ପିଲା ଶୁଣ ।'

ସେ ଭାବୁଥିଲା ଗୋଟିଏ ଟିଣ ପେଟ୍ରୋଲ ମିଳିପାରିଲେ ଏଠାରେ ହୋଇପାରନ୍ତା ବହ୍ନ୍ୟୁତ୍ସବ । ସେଇ ଭିକାରୁଣୀ ଓ ତା'ର ସନ୍ତାନ ଗୋଷ୍ଠୀଙ୍କଠାରୁ ଆରମ୍ଭ କରି ଏଇ ସୁ-ସାଇନ୍ ପିଲା ଆଉ ତା'ରି ପରି ଯେତେକ କମ୍ପୁଛନ୍ତି, ଉତ୍ତରା ପବନର ହାଡ଼ଥରା ଶୀତରେ, ସମସ୍ତେ ପାଇପାରନ୍ତେ ଉତ୍ତାପ ଓ ଆଶ୍ୱସ୍ତି; ଉଦ୍‌ବେଗ, ଉତ୍କଣ୍ଠା, କଣ୍ଟକିତ, ଭୂତଖାନା ପରି ଏଇ ଟର୍‌ମିନାଲ୍‌ଟା ମଧ ପୋଡ଼ି ପାଉଁଶ ହୋଇଯାନ୍ତା; ତା' ପରେ ତିଆରି ହୁଅନ୍ତା ନୂଆ ଟରମିନାଲ୍, ଖୋଲନ୍ତା ନୂଆ ଏନ୍‌କ୍ୱାରୀ...ଯେଉଁଠୁ ଅନ୍ତତଃ ସବୁ ଜିଜ୍ଞାସାର ଗୋଟାଏ କିଛି ନିର୍ଦ୍ଦିଷ୍ଟ ଉତ୍ତର ମିଳିପାରନ୍ତା ।

ସୁ-ସାଇନ୍ ପିଲାଟା ତାର ଡାକ ଶୁଣି ନ ଶୁଣିବା ପରି ଚାଲି ଯାଉଥିଲା । ସେ ଆଉଥରେ ଡାକିଲା... ''ଏ ପିଲା ।''

ଭୀତ, ଶଙ୍କିତ ଦୃଷ୍ଟିରେ ସୁ ସାଇନ୍ ପିଲାଟା ଫେରି ଚାହିଁଲା । ମାତ୍ର ଏଇ ରାତିରେ କିଏ ବା ଜୋତା ପାଲିସ୍ କରିଥାଏ ? ସେ ସବୁ ସକାଳର ଧନ୍ଦା, ଏ ଲୋକଟା ପାଗଳ, ନୋହିଲେ ପକେଟ୍-ମାର୍ ନିଶ୍ଚୟ...ସୁ-ସାଇନ୍ ପିଲାଟା ଚାଲିଗଲା, ରିଟାୟାରିଙ୍ଗ୍ ରୁମ୍ ଶିଡ଼ି ତଳେ, ସେଇ ଭଙ୍ଗା ଟ୍ରଲୀ ଉପରେ କୁଣ୍ଡଳୀ ମୋଡ଼ି ଶୋଇବା ପାଇଁ ।

ଆଉ 'ଆଟେନ୍‌ସନ ପ୍ଲିଜ୍' ଶୁଭୁ ନାହିଁ । ସବୁ ଘୋଷଣାର ହୁଏତ ଏକ ପୂର୍ଣ୍ଣଚ୍ଛେଦ ପଡ଼ିଗଲାଣି । ସେ ସବୁ ଘୋଷଣା, ଉଦ୍‌ଘୋଷଣାରେ ମଧ ଆଉ କାହାର କୌଣସି ଆଗ୍ରହ ନାହିଁ।

'ତୃପ୍ତି ବାନାର୍ଜୀ ତ ଆସିବେ ନାହିଁ । କିମ୍ବା ଆସନ୍ତେ ନାହିଁ । ସେ କାଳ୍ପନିକା । 'ଶୁଭେନ୍ଦୁ କୁମାର'ଙ୍କ ଚେତନାରୁ ମଧ ବିଦାୟ ନେଲାଣି ରୋମାନ୍‌ସ । ବହ୍ନ୍ୟୁତ୍ସବର ଆଗ୍ନେୟ ସଂକଳ୍ପ ସେଠାରେ ପ୍ରଜ୍ୱଳିତ କରିଦେଇ ଯାଇଛି ଯେପରି ହୁତାଶନ ଶିଖା । ଟର୍‌ମିନାଲ ଭିତରେ ସେ ଇତସ୍ତତଃ ବୁଲିବା ପାଇଁ ଲାଗିଲା।

ଆଃ...କିପରି ନିଶ୍ଚିନ୍ତ, ନିରୁଦ୍‌ବିଗ୍ନ ଭାବରେ ଟର୍‌ମିନାଲର ଚଟାଣ ଉପରେ କମଳାଲେମ୍ବୁ, କଦଳୀ ଚୋପା ଆଉ ଛିଣ୍ଡା କାଗଜର ଜଞ୍ଜାଳ ଭିତରେ ଚେକାମାଉଲି ପକାଇ ମୁଣ୍ଡଠାରୁ ପାଦ ପର୍ଯ୍ୟନ୍ତ ମଇଳା ଆଲୁଆନ ଆଉ ମଫଲରରେ ଡାଙ୍କି ତୁଙ୍କି ହୋଇ ବସି ଯାଇଛନ୍ତି

Digitized by srujanika@gmail.com

ଏମାନେ ? ମାଟି ଭାଣ୍ଡମାନଙ୍କରୁ ଢୋକେ ଢୋକେ ପାଣିଚିଆ ଚା'ପିଇ ସେମାନେ ମେଲି ଦେଇଛନ୍ତି ଗପର ଆସର... ସତେ ଯେପରି ଏଇ ଟର୍‌ମିନାଲଟା ସେମାନଙ୍କ ଗାଁ ମୁଣ୍ଡର ଚଣ୍ଡୀମଣ୍ଡପ । କେଉଁ ଲୋକାଲ୍ ଟ୍ରେନ୍ ହଠାତ୍ ବାତିଲ୍ ହୋଇଯିବା ଫଳରେ ସେମାନେ ହୁଏତ ଅଟକି ପଡ଼ି ଯାଇଛନ୍ତି ଏଇଠି । କିନ୍ତୁ ଟ୍ରେନ୍ ପରେ ଟ୍ରେନ୍ ବାତିଲ ଥିବା ଫଳରେ ହଜାର ହଜାର ଯାତ୍ରୀ ସେ ଉଦ୍‌ବାସ୍ତୁମାନଙ୍କ ପରି ଏଠାରେ ପଡ଼ି ରହିଛନ୍ତି, ସେଥିପାଇଁ ଦାୟୀ କିଏ ? ଦାୟିତ୍ୱ କାହାର ? ଏହାର ସମାଧାନ କିପରି ? ...ଏସବୁ ପ୍ରଶ୍ନ ସେମାନଙ୍କୁ ଯେପରି ଆଦୌ ସ୍ପର୍ଶ କରୁ ନାହିଁ । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସେମାନେ ମାଟିଭାଣ୍ଡମାନଙ୍କରୁ ଏଇପରି ଢୋକେ ଢୋକେ ଚା' ପିଇ ଆଉ ଗପ ଯୋଡ଼ି ଅକ୍ଲେଶରେ କଟାଇ ଦେଇପାରିବେ ନିଶ୍ଚିନ୍ତ ଭାବରେ ।

କିନ୍ତୁ ବହ୍ନ୍ୟୁତ୍ସବ ପାଇଁ ଏମାନଙ୍କୁ କ'ଣ ଉଦ୍‌ବୁଦ୍ଧ କରି ହେବ ନାହିଁ ?

ଟର୍‌ମିନାଲ ବଟାଣ ଉପରେ ବେୱାରିସ୍ ମାଲ୍ ପରି ପଡ଼ିଥିବା ଗୋଟାଏ କାଠ ପେଟି ଉପରେ ଠିଆ ହୋଇ ସେ ହଠାତ୍ ଆରମ୍ଭ କରିଦେଲା ବକ୍ତୃତା... 'ବନ୍ଧୁଗଣ, ସାଥୀଗଣ, ସହଯାତ୍ରୀ ଗଣ... ଆଉ କେତେ କାଳ ମାଟିଭାଣ୍ଡରୁ ଏମିତି ପାଣିଚିଆ ଚା' ଢୋକେ ଢୋକେ ପିଇ ପିଇ ଚଣ୍ଡୀମଣ୍ଡପରେ ଆସର ଜମାଇଥିବ ? ଆଉ କେତେ ଦୀର୍ଘ କରିବ ଏଇ ପ୍ରତୀକ୍ଷା ? ଏନ୍‌କ୍ୱାରୀବାଲା ବି ତ କୌଣସି ଉତ୍ତର ଦେବା ଅବସ୍ଥାରେ ନାହାନ୍ତି । ସୁପରିନ୍‌ଟେଣ୍ଡେଣ୍ଟ ନିଖୋଜ୍... ।'

—'ଶଳା, ଗୋଟାଏ ପାଗଳ' ସେଇ ଯାତ୍ରୀ ଦଳ—ତା'ର ଶ୍ରୋତା ମଣ୍ଡଳୀ— ଭିତରୁ ଉଠିଲା ପରିହାସ ମିଶ୍ରିତ ଟିପ୍‌ପଣୀ । ''ଜୋର୍ ଟାଣିଦେଇଛି ମାଲ୍ ନାକ ପର୍ଯ୍ୟନ୍ତ ।''

ତା'ର ଭାଷଣରେ ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଏଇ କୌତୂହଳପ୍ରଦ ଦୃଶ୍ୟ ଦେଖିବା ପାଇଁ ସେଠାରେ ଇତିମଧ୍ୟରେ ଭିଡ଼ ଜମି ଉଠିଥିଲା । ସମସ୍ତଙ୍କ କଣ୍ଠରେ ସ୍ଲୋଗାନ ପରି ସେଇ ଗୋଟିଏ କଥା... ''ଶଳା ! ଗୋଟାଏ ପାଗଳ ।''

ଭିଡ଼ ଠେଲି ବାହାରକୁ ପଳାଇବାର ଉପାୟ ନ ଥିଲା । କିନ୍ତୁ ଭିଡ଼ଟା ହଠାତ୍ ମୁହାଁଇଗଲା ଅନ୍ୟ ଆଡ଼େ । ଭିଡ଼ ଭିତରେ ସୁବିଧା ଦେଖି, ଗୋଟାଏ ପକେଟମାର କାହାର ପକେଟରୁ ଉଠାଇ ନେଇଥିଲା ମନିବ୍ୟାଗ୍ ବା ଆଉ କିଛି । ଯାହାର ପକେଟରୁ ଚୋରି ଯାଇଥିଲା, ସେ ପାଗଳ ପରି ଚିତ୍କାର କରୁଥିଲା, 'ପକେଟ୍‌ମାର୍ ।' ପକେଟ୍‌ମାର୍‌କୁ ଧରିବାର ବ୍ୟସ୍ତତା ମଧ୍ୟରେ ସମସ୍ତେ ଭୁଲି ଯାଇଥିଲେ କାଠପେଟି ଉପରେ ବହ୍ନ୍ୟୁତ୍ସବର ସେଇ ଉଦ୍‌ଗାତାକୁ । କିନ୍ତୁ ପକେଟ୍‌ମାର୍‌ର ପତ୍ତା ନ ଥିଲା ।

ଭିଡ଼ ଭିତରୁ ମୁକ୍ତି ପାଇ ନିରୁଦ୍ଦିଷ୍ଟ ଭାବରେ ସେ ଟର୍‌ମିନାଲର ଆଉ ଗୋଟାଏ ପାଖକୁ ପଳାଇ ଆସିବା ପରେ ଟୁରିଷ୍ଟ ଡିପାର୍ଟମେଣ୍ଟର କାଉଣ୍ଟର ପାଖରେ ତା ଆଖିରେ ପଡ଼ିଲା— ସେଇ ଐତିହାସିକ ଅଭିଲେଖ । ସମାଧି ସ୍ତୂପ ପରି, ଲୁହାରେଲିଙ୍ଗ୍ ଘେରା ଗୋଟାଏ ଚଉକୋଣିଆ ସ୍ତମ୍ଭ ଦେହରେ ପଥରରେ ବଙ୍ଗଳା ଓ ଇଂରାଜୀ ହରଫରେ ଉତ୍କୀର୍ଣ୍ଣ ହୋଇଥିଲା... '୧୯୦୮ ଖ୍ରୀଷ୍ଟାବ୍ଦରେ ମହାତ୍ମାଗାନ୍ଧୀ ପ୍ରଥମେ ଏଇ ମହାନଗରୀ କଲିକତାରେ ପଦାର୍ପଣ କରିଥିଲେ ।'

Digitized by srujanika@gmail.com

ଭାଗ୍ୟ ନିଶ୍ଚୟ ମହାତ୍ମାଙ୍କର । ଜବ୍ ଚାର୍ଣକ୍, ଲର୍ଡ଼ କ୍ଲାଇଭ୍, ଲର୍ଡ଼ କର୍ଜନଙ୍କ କଲିକତା ମହାନଗରୀରେ ସେ ସର୍ବପ୍ରଥମେ ୧୯୦୮ ଖ୍ରୀଷ୍ଟାବ୍ଦରେ ପଦାର୍ପଣ କରିଥିଲେ । ଜୀବନ ତାଙ୍କର କୃତାର୍ଥ ହୋଇଥିଲା ନିଶ୍ଚୟ । ବାରମ୍ବାର ସେଇ ଅଭିଲେଖ ପଢ଼ି ସୁଦ୍ଧା ସେ ଯେପରି ତାହାର ମର୍ମ ବୁଝିପାରୁ ନ ଥିଲା । ତା ପକ୍ଷରେ ତାହା ଥିଲା ଯେପରି ହେରୋଗ୍ଲାଫିକ୍‌ସ ବା ସେହିପରି କୌଣସି ଲିପିରେ ଲିଖିତ ଏକ ଶିଳାଲେଖ ।

ଟୁରିଜମ୍ ଡିପାର୍ଟମେଣ୍ଟ କାଉଣ୍ଟର ଉପରେ ଆଉଜି ଠିଆ ହୋଇଥିଲେ ବେଲ୍‌ବଟମ୍ ଆଉ ଉଲେନ୍ ପୁଲ୍-ଓଭର୍ ପିନ୍ଧା ଦୁଇଜଣ ଯୁବକ । ସେମାନଙ୍କ ମୁଣ୍ଡର ବାବୁରୀବାଳ ଲମ୍ବି ଆସିଥିଲା କାନ୍ଧ ଉପରକୁ, ଗାଲମୁଛା କଲୀ ମିଶି ଯାଇଥିଲା ନିଶର ଶେଷାଗ୍ର ସହିତ । ସେମାନେ ସିଗାରେଟ୍ ଟାଣୁଥିଲେ ଆଉ ଉପରକୁ ଚାହିଁ ନିଆଁର କୁଣ୍ଡଳୀ ଲକ୍ଷ୍ୟ କରୁଥିଲେ ।

ସେମାନଙ୍କର ଟ୍ରେନ୍ ମଧ୍ୟ ହୁଏତ ହୋଇଥିଲା ବାତିଲ୍ । ସେମାନେ ହୁଏତ କୌଣସି ଟ୍ରେନ୍‌ର ଅପେକ୍ଷାରେ ସେଠାରେ ଠିଆ ହୋଇ ସିଗାରେଟ୍ ଧୂଆଁର କୁଣ୍ଡଳୀ ଉଡ଼ାଉଥିଲେ । ସେ ଲମ୍ବା ଲମ୍ବା ପାହୁଲ ପକାଇ ସେମାନଙ୍କ ପାଖକୁ ଯାଇ ଗୋଟାଏ ଅଶ୍ରୁତପୂର୍ବ ତଥ୍ୟ ଘୋଷଣା କରିବା ପରି କହିଲା... 'ଡୁ ୟୁ ନୋ...ଜାଣନ୍ତି ଆପଣମାନେ, ୧୯୦୮ ଖ୍ରୀଷ୍ଟାବ୍ଦରେ ମହାତ୍ମା ଗାନ୍ଧୀ ପ୍ରଥମେ ଏଇ ମହାନଗରୀରେ ପଦାର୍ପଣ କରିଥିଲେ... ଏଇ ଟର୍‌ମିନାଲ୍ ତା' ହେଲେ ଗୋଟାଏ ଐତିହାସିକ ତୀର୍ଥ ।'

ତା'ର ଏଇ ଅଦ୍ଭୁତ ଘୋଷଣା ଶୁଣି ସେମାନଙ୍କ ମଧ୍ୟରୁ ଜଣେ ଗାଲମୁଛା କଲୀର ଶେଷ ଭାଗଟା ତାର ଅନ୍ୟ ଜଣକ ତୁଳନାରେ ଅଧିକ ଚଉଡ଼ା, ଚିବୁକ ତଳେ ପୁଣି ଅରାଏ ଫ୍ରେଞ୍ଚ୍ କଟ୍ ଦାଢ଼ି— କଳେ ସିଗାରେଟ୍ ଧୂଆଁ ଉଡ଼ାଇ ପବ୍‌ଲିକ୍ ସ୍କୁଲ ସୁଲଭ ଉଚ୍ଚାରଣ ଭଙ୍ଗୀରେ ପଚାରିଲା... 'କିଏ ସେ ମହାତ୍ମା ? Who is that bloke ?'

ବ୍ଲୋକ୍ ? ମହାତ୍ମା ଗାନ୍ଧୀ ବ୍ଲୋକ୍ ? ...ଏଇ ଦୁର୍ବିନୀତ ଅପୋଗଣ୍ଡଟାର ମୁହଁରେ ଗୋଟାଏ ମୁଥା ମାରି, ତା'ର କେତେଟା ଦାନ୍ତ ଝଡ଼ାଇ ଦେବାପାଇଁ ତା'ର ହାତ ପଞ୍ଝାଟା ଯେପରି ମୁଷ୍ଟିବଦ୍ଧ ହୋଇ ଉଠୁଥିଲା । ମାତ୍ର ତାହା ହୁଅନ୍ତା ମହାତ୍ମାଙ୍କ ସମ୍ପୂର୍ଣ୍ଣ ବିପରୀତପନ୍ଥୀ ଆଚରଣ... ଅନ୍‌ମହାତ୍ମାଟିକ୍ । ସେ ନମ୍ର ଅଥଚ ଦୃଢ଼ କଣ୍ଠରେ ଘୋଷଣା କଲା... ''ମହାତ୍ମା, ଫାଦର ଅଫ୍ ଦି ନେସନ । ଜାତିର ଜନକ ।''

ଏହା ଇତିହାସର ଏକ କଠୋର ସତ୍ୟ... ଏଥିରେ ତ ହାସ୍ୟୋଦ୍ଦୀପକ ହେବାଭଳି କିଛି ନ ଥିଲା । ତଥାପି ଆରଜଣକ ଉଚ୍ଚକଣ୍ଠରେ ଠୋ ଠୋ ହସି ଇତସ୍ତତଃ ସାଲୁ ବାଲୁ ହେଉଥିବା ପଞ୍ଝା ପଞ୍ଝା ଯାତ୍ରୀ, ଟର୍‌ମିନାଲ ଚଟାଣ ଉପରେ ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଢାଙ୍କି ହୋଇ ମୁର୍ଦ୍ଦାର ପରି ଗଡ଼ି ପଡ଼ିଥିବା ଦଳ ଦଳ 'ଉଦ୍‌ବାସ୍ତୁ' ଆଉ ବୁଲା ଭିକାରିଙ୍କୁ ଜଳନ୍ତା ସିଗାରେଟ୍ ଦେଖାଇ ଦେଇ ସେ ପଚାରିଲା... ''ଓ ! ଏଇ ତମର ନେସନ୍ ? ଆଉ ମହାତ୍ମାଗାନ୍ଧୀ ଏଇ ଜାତିର ଜନକ ? ତା' ହେଲେ କିଏ ଏହାର ଜନନୀ ? କାହାର ଗର୍ଭରେ ଏଇ ଭ୍ରୂଣ ସଞ୍ଚାରିତ ହୋଇଥିଲା ?''

Digitized by srujanika@gmail.com

ଅଦ୍‌ଭୁତ ଅଶ୍ଳୀଳ ପ୍ରଶ୍ନ । ସେ ଏହାର କି ଉତ୍ତର ଦେବ ସ୍ଥିର କରି ନ ପାରି ସେ ଦୁଇଜଣଙ୍କ ଆଡ଼େ କିଂକର୍ତ୍ତବ୍ୟବିମୂଢ଼ ପରି ଅନାଇ ରହିଲା ।

ପ୍ରଥମେ ଯିଏ ମହାତ୍ମାଙ୍କୁ 'ବ୍ଲୋକ୍' ବୋଲି ଆକ୍ଷେପ କରିଥିଲା, ସେ ପଚାରିଲା... ''ମାସ୍ତ୍ରେଲୋ ମାସ୍ତ୍ରୀନ୍‌ଙ୍କ ନାମ ଶୁଣିଛ ? ଆଉ ସୋଫିଆ ଲରେନ୍ ?''

ଅସହାୟ କଣ୍ଠରେ ସେ ଉତ୍ତର ଦେଲା... ''କିଏ ସେମାନେ ? ଲାଟୀନ୍ ଆମେରିକାର କୌଣସି ଗରିଲା ସର୍ଦ୍ଦାର ?''

ଗାଲମୁଛା କଲୀବାଲା ଜଣକ ଠୋ ଠୋ ହସି ପଚାରିଲା... ''କୋଉ ଶତାବ୍ଦୀର ଲୋକ ହେ ତୁମେ ? ଅଷ୍ଟାଦଶ ଶତାବ୍ଦୀର ନିଶ୍ଚୟ । ପ୍ରିଷ୍ଟସ୍ ୱାଇଫ୍ ପିକ୍‌ଚର ଦେଖି ନାହଁ ? ...ସେଥିରେ ମାସ୍ତ୍ରେଲୋ ମାସ୍ତ୍ରୀନ୍‌ଙ୍କ ଅଭିନୟ ।''

ବେତ୍ରାହତ ପରି ସେଠାରୁ ସେ ପଳାଇ ଆସିଲା । ବାସ୍ତବିକ, କେଉଁ ଶତାବ୍ଦୀର ମଣିଷ ସିଏ ? ଏଇ କିମ୍ଭୂତ ଶତାବ୍ଦୀର ନୁହେଁ ନିଶ୍ଚୟ । କିନ୍ତୁ କିଏ କିମ୍ଭୂତ ? ସିଏ ନିଜେ ? ନା ତାକୁ ଆବୋରି ରଖିଥିବା ଏଇ କାଳ ?

ଇଏ ମଧ୍ୟ ଏକ ପ୍ରହେଳିକା । ଏହାର ସମାଧାନ ପାଇଁ ସେ ପୁଣି ଫେରି ଆସିଲା, ସେଇ ସ୍ମୃତିସ୍ତମ୍ଭ ପାଖକୁ...ତା'ପରେ ଗୋଟି ଗୋଟି କରି ଅକ୍ଷର ଚିହ୍ନି ପଢ଼ିବା ପରି ସେ ପଢ଼ି ଲାଗିଲା ୧୯୦୮ ଖ୍ରୀଷ୍ଟାବ୍ଦରେ ମହାତ୍ମା ଗାନ୍ଧୀ ପ୍ରଥମେ ଏଇ ମହାନଗରୀରେ ପଦାର୍ପଣ କରିଥିଲେ ।

ସେ ହଠାତ୍ ବିସ୍ଫୋରଣ କରି ଉଠିଲା ବୃଥା, ବୃଥା ଏ ଅଭିଲେଖ । ମହାତ୍ମା ଗାନ୍ଧୀ ଆଉ ଏଇ ନଗରୀରେ ପଦାର୍ପଣ କରିବେ ନାହିଁ । ପଦାର୍ପଣ କରିବେ କେସିଞ୍ଜର ଓ ବ୍ରେଜନେଭ୍ । ବାହାରିଛି ଖବରକାଗଜରେ । ମାଓ-ସେ-ତୁଙ୍ଗ୍ ? କାଷ୍ଟ୍ରୋ ? ନାଃ । ସେମାନେ କେହି ଆସିବେ ନାହିଁ । ସମାଧିଫଳକ ପରି ଏଇ ସ୍ମୃତିସ୍ତମ୍ଭ ସେମାନଙ୍କ ପଥରେ ସୃଷ୍ଟି କରିଛି ଯେପରି ଏକ ଅଲଙ୍ଘନୀୟ ପ୍ରତିବନ୍ଧକ ।

ତା' ହେଲେ ? ତା' ହେଲେ ? କାହାକୁ ସେ ଯେ ଏଇ ସବୁ ପ୍ରଶ୍ନ ପଚାରୁଥିଲା । ତାହା ସେ ନିଜେ ବୁଝିପାରୁ ନ ଥିଲା । କିଏ ବା ଦେବ ତାକୁ ତାର ଏଇ ଜିଜ୍ଞାସାର ଉତ୍ତର ? ଏନ୍‌କ୍ୱାରୀ-ବାବୁ ଆରାମରେ ସିଗାରେଟ ଟାଣି ବସିଛି, ଷ୍ଟେସନ ସୁପରିନ୍‌ଟେଣ୍ଡେଣ୍ଟର ସିଂହାସନ ଶୂନ୍ୟ; ସୁ-ସାଇନ୍ ପିଲାଟି ଚେନାଏ ଉତ୍ତାପ ପାଇଁ ଶୀତ କାତର କୁକୁର ପରି ବୁଲୁଛି, ସେଇ ଭିକାରୁଣୀ ତାର ମାତୃପ୍ରଧାନ ସଂସାର ସମ୍ଭାଳିବାରେ ବ୍ୟସ୍ତ, ଲୋକାଲ୍ ଟ୍ରେନ୍ ନ ପାଇ ଅଟକ ପଡ଼ିଥିବା ସେଇ ଯାତ୍ରୀମାନେ ମାଟି ଭାଣ୍ଡମାନଙ୍କରୁ ପାଣିଚିଆ ଚା' ଢୋକେ ଢୋକେ ପିଇ ଜମାଇଛନ୍ତି ଚଣ୍ଡୀମଣ୍ଡପ ନୋହିଲେ ଭାଗବତ ଟୁଙ୍ଗିର ଆସର, ଆଉ ଲମ୍ବା ଗାଲମୁଛାବାଲା ସେଇ ବିଟ୍‌ନିକୀ ଯୁବକମାନେ ବ୍ୟସ୍ତ ମାସ୍ତ୍ରେଲୋ ମାସ୍ତ୍ରିନ୍, ସୋଫିଆ ଲରେନ୍ ଆଉ ପ୍ରିଷ୍ଟସ୍ ୱାଇଫ୍‌କୁ ଘେନି ।

ଲୁହା ରେଲିଙ୍ଗ୍ ଘେରା ସେଇ ସ୍ମୃତିସ୍ତମ୍ଭ ଚାରିପଟେ ଦଳ ଦଳ ଉଦ୍‌ବାସ୍ତୁ ଅଥବା ଭିକାରି, ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଛିଣ୍ଡା କନ୍ଥାରେ ଢାଙ୍କିହୋଇ ପଡ଼ିଛନ୍ତି ଅଚେତନ ଶବପିଣ୍ଡ ପରି । ନିଅନ୍

Digitized by srujanika@gmail.com

ଆଲୋକରେ ଟର୍ମିନାଲର ପରିବେଶ ଦିଶୁଛି ଯେପରି ଏକ ମହାଶ୍ମଶାନ । ସେଇ ମହାଶ୍ମଶାନ ମଝିରେ ମହାତ୍ମାଗାନ୍ଧୀଙ୍କ ସ୍ମୃତିସ୍ତମ୍ଭ ତଳେ ଗୋଟିଏ ଶିଶୁ, ଅତନ୍ଦ୍ର ପ୍ରହରୀ ପରି ବସି ରହିଥିଲା, କାନମୁଣ୍ଡାଠାରୁ ପାଦ ପର୍ଯ୍ୟନ୍ତ ଖଣ୍ଡେ ଛିଣ୍ଡା ଚାଦରରେ ଢାଙ୍କି ହୋଇ । ତାର ବୟସ ଅନୁମାନ କରିବାର ଉପାୟ ନ ଥିଲା । ଖାଦ୍ୟ ଓ ପୁଷ୍ଟି ଅଭାବରୁ ସେ ଖର୍ବକାୟ ଦିଶୁଥିଲା, ଆମେରିକାନ୍ ମାଗାଜିନ୍‌ମାନଙ୍କରେ ପ୍ରକାଶିତ ବାଏଫ୍ରାର ଦୁର୍ଭିକ୍ଷ ପ୍ରପୀଡ଼ିତ, ଜୀବନ୍ମୃତ ଶିଶୁମାନଙ୍କ ପରି । ତାର ଆଖି ଦୁଇଟିରୁ କେବଳ ମିଳୁଥିଲା ଜୀବନର କ୍ଷୀଣ ସଙ୍କେତ । ମାତ୍ର ସେଥିରେ ଜିଜ୍ଞାସା, ଉତ୍କଣ୍ଠା, ଅଥଚ କୌତୂହଳର ଲେଶମାତ୍ର ନ ଥିଲା । ତାର ସବୁ ପୁଞ୍ଜୀଭୂତ ଅସମାଧିତ ଜିଜ୍ଞାସା ହଠାତ୍ ଯେପରି ରୂପାୟିତ ହୋଇଥିଲା ସେଇ ପରିତ୍ୟକ୍ତ ଶିଶୁଟିର ଦୁଇ ଶୂନ୍ୟ ଦୃଷ୍ଟି ମଧରେ ।

ସେଇ ଶିଶୁ ସାମ୍ନାରେ ବସିପଡ଼ି ସେ ଆଙ୍ଗୁଠିରେ ଫୁଟ୍‌କି ମାରି ତାର ଦୃଷ୍ଟି ଆକର୍ଷଣ କରିବା ପାଇଁ ଚେଷ୍ଟା କଲା । ମାତ୍ର ତାର ଶେଥା, ପ୍ରାଣହୀନ ଆଖିରେ ସ୍ପନ୍ଦନର କ୍ଷୀଣତମ ସତ୍ତା ସୁଦ୍ଧା ନ ଥିଲା । ନିରୀହ, ନିର୍ବୋଧ ଦୃଷ୍ଟିରେ ସେ କେବଳ ଚାହିଁ ଦେଖୁଥିଲା ଟର୍ମିନାଲର ଲୋକାରଣ୍ୟ । ଆଉ ତା'ର ଫୁଟ୍‌କୀ ।

ସେ କ'ଣ ମହାତ୍ମାଙ୍କ ସ୍ମୃତିସ୍ତମ୍ଭ ତଳେ ବସି ରହିଥିଲା; ପୁଣି ତାଙ୍କ ପଦାର୍ପଣର ପ୍ରତୀକ୍ଷାରେ ? କିନ୍ତୁ କିପରି ବା ସେ ଏଇ ନିର୍ବୋଧ ଶିଶୁକୁ ବୁଝାଇବ, ...ମହାତ୍ମାଗାନ୍ଧୀ ଆଉ ଆସିବେ ନାହିଁ । ଖବରକାଗଜରେ ବାହାରିଛି—ଆସିବେ କୂଟନୀତି ବିଶାରଦ କେସିଞ୍ଜର, ଆସିବେ ବ୍ରେଜନେଭ୍ ନୋହିଲେ 'ଦି ପ୍ରିଷ୍ଟସ୍ ୱାଇଫ୍' ଛବି...ସେଥିରେ ମାସ୍ତ୍ରୋଲୋ ମାସ୍ତ୍ରୀନ୍ ଆଉ ସୋଫିଆ ଲରେନ୍ ।

ଏଇ ଶିଶୁ ମୂର୍ତ୍ତିଟା କିନ୍ତୁ ମୃତ ନା ଜୀବିତ ?

ତାର ସନ୍ଦେହ ଜନ୍ମିଲା ।

ହଠାତ୍ ତା ମୁଣ୍ଡରେ ଗୋଟାଏ ବୁଦ୍ଧି ଜୁଟିଲା। ପାଖରେ ଗୋଟାଏ ଷ୍ଟେସନାରୀ ଦୋକାନରୁ ସେ ଦୁଇଖଣ୍ଡ ବିସ୍କୁଟ ଆଣି ବଢ଼ାଇ ଦେଲା ସେଇ ଶିଶୁ ଆଡ଼େ । ଶିଶୁଟି ଶଙ୍କିତ, କୁଣ୍ଠିତ ହାତରେ ବିସ୍କୁଟ ଦୁଇଖଣ୍ଡ ନେଇ ନିସ୍ପୃହ ଦୃଷ୍ଟିରେ ତାହାକୁ ଚାହିଁ ଦେଖିଲା । ତା'ପରେ ପୁଣି ଆଖି ଫେରାଇ ନେଲା ଅନ୍ୟ ଆଡ଼େ— ଏ ପଦାର୍ଥକୁ ନେଇ ସେ କ'ଣ କରିବ, ଯେପରି ବୁଝିପାରୁ ନ ଥିଲା । ଏପରି ପଦାର୍ଥ ସେ ଆଗରୁ ଆଉ କେବେ ହୁଏତ ଦେଖି ନ ଥିଲା । ଶୁଖିଲା ରୁଟି ଟୁକୁରା ଅଥବା ପ୍ଲାଟଫର୍ମରେ ଅନ୍ୟ ଉଚ୍ଛିଷ୍ଟ ଖାଦ୍ୟ ସହିତ ତାହାର ଅବଶ୍ୟ ପରିଚୟ ଥିଲା । କିନ୍ତୁ ଏ ଦୁଇଟା ଗୋଲ୍, ଏ କି ପଦାର୍ଥ ?

ବିସ୍କୁଟରେ ହେଲା ନାହିଁ । ତା'ର ନିସ୍ପୃହ, ଶୂନ୍ୟ ଦୃଷ୍ଟିରେ ପ୍ରାଣସ୍ପନ୍ଦନର ସଞ୍ଚାର ପାଇଁ ସେ ଚାଲିଗଲା ଗୋଟାଏ ରଙ୍ଗିନ ବେଲୁନ୍ ପାଇଁ । ମାତ୍ର ବେଲୁନ ଆଣିବା ବେଳକୁ ଗୋଟାଏ ଲଙ୍ଗଳା ରିଫ୍ୟୁଜି ପିଲା କେଉଁଆଡୁ ଚିଲ ପରି ଆସି ସେଇ ଶିଶୁ ହାତରୁ ଝାମ୍ପି ନେଇଗଲା ଦୁଇଖଣ୍ଡ ବିସ୍କୁଟ ।

Digitized by srujanika@gmail.com

ପ୍ରାଣାନ୍ତକ ଚିତ୍କାର କରି, କାନ୍ଦିଉଠିଲା ସେଇ ଶିଶୁ— କିଏ ଯେପରି ଲୁଣ୍ଠନ କରି ନେଇଥିଲା ତାର ସର୍ବସ୍ୱ । କାନ୍ଦି କାନ୍ଦି ସେ ଲୋଟି ପଡ଼ିଲା ଟର୍‌ମିନାଲର ହେମାଳିଆ ଚଟାଣ ଉପରେ । ଏଇ ଅସହାୟ କ୍ରନ୍ଦନ ମଧ୍ୟରେ ଯେପରି ଜୀବନ୍ତ ହୋଇ ଉଠିଥିଲା ତାର ବିସ୍ମୃତ ପ୍ରାଣସତ୍ତା ।

ଲାଉଡ଼୍‌ସ୍ପିକର୍ ହଠାତ୍ ଚିତ୍କାର କରି ଉଠିଲା... ''ଆଟେନ୍‌ସନ୍ ପ୍ଲିଜ୍, ୩୧ ଅପ୍ କାନ୍‌ସେଲ୍‌ଡ଼୍ ଅନ୍ ଡେଟ୍...କ୍ରିପା କର୍ କେ ଶୁନିୟେ...''

୩୧ ଅପ୍ ଆଜି ପୁଣି ବାତିଲ୍ ।

କାନ୍ଦି କାନ୍ଦି ତଳେ ଲୋଟୁଥିବା ସେଇ ଶିଶୁ ଉପରକୁ ଗୋଟିଏ ରଙ୍ଗିନ୍ ବେଲୁନ୍ ଫିଙ୍ଗି ଦେଇ ସେ ପାଗଳ ପରି ନିଷ୍ଫଳ ଉତ୍ତେଜନାରେ, ମୁଣ୍ଡର ଲମ୍ବା କହରା ବାଳ ଆଉ ଅଯତ୍ନବର୍ଦ୍ଧିତ ଦାଢ଼ି ଓଟାରୁଥିଲା...ଏଇ ଦୁଃସହ ପ୍ରତୀକ୍ଷାରୁ ପରିତ୍ରାଣ ପାଇଁ । କିନ୍ତୁ କିପରି ? କିପରି ?

ଦୂରରେ, କେଉଁ ନିର୍ଜନ ୟାର୍ଡ଼ରେ ଗୋଟାଏ ପରିତ୍ୟକ୍ତ ଇଞ୍ଜିନ୍‌ର ହୁଇସିଲ ବାଜି ଉଠି ନିଷ୍ଫଳ ଆହ୍ୱାନ ପରି ପୁଣି ମିଳାଇ ଯାଉଥିଲା ଟର୍‌ମିନାଲର ଅର୍ଥହୀନ କୋଳାହଳ ମଧ୍ୟରେ ।

●

★ ଏ ଗଳ୍ପଟି ୧୯୭୪ ମସିହା ରେଲଓଏ ଶ୍ରମିକ ଧର୍ମଘଟର ପୃଷ୍ଠଭୂମିରେ ଲିଖିତ ।

Digitized by srujanika@gmail.com

ଅସାଧାରଣ

କୃଷ୍ଣପ୍ରସାଦ ଅଫିସରୁ ଛୁଟି ନେଇଛନ୍ତି 'ଗବେଷଣା' ପାଇଁ— ଗାଈ (ଗୋ) ଖୋଜିବା (ଏଷଣା) ଅର୍ଥରେ। ଆଜିକାଲି ଅଧିକାଂଶ ଗବେଷଣା ବି ଏଇପରି ଗୋରୁ ଖୋଜିବା ।

ଦୁଇଦିନ ହେଲା ଗାଈ ହଜିଛି । କାଳୀ ଗାଈ, ମୁଣ୍ଡରେ ଚାନ୍ଦ । ପେଟ ତଳେ ଦି'ପଟା ଧଳା ଦାଗ ।

ଖତସାର ଦପ୍ତରର କିରାଣି ଶ୍ରୀମାନ୍ କୃଷ୍ଣପ୍ରସାଦ ଦାସ 'ଗବେଷଣା' କରୁଛନ୍ତି, ରସାୟନାଗାରରେ ନୁହେଁ, ଗ୍ରନ୍ଥଶାଳାରେ ନୁହେଁ, ଜନାକୀର୍ଣ୍ଣ ରାଜପଥରେ, କାଞ୍ଜିଆହୁଦାରେ, ଗାଈଗୋଠରେ ।

ଗାଈ ନାଁ ମୋତି । ଅଳ୍ପଦିନରେ ବିଅଣ ଯାଇଥାନ୍ତା । ଅତି ଆଦରର ମୋତି । ଖତସାର ଦପ୍ତରରୁ ନିତି ସଞ୍ଜରେ ଫେରି, ମୋତି ଦେହରେ ହାତ ନ ବୁଲାଇଲେ ମୋତି କୁଣ୍ଡାପାଣି ଛୁଏଁ ନାହିଁ । ଥରେ କୃଷ୍ଣପ୍ରସାଦଙ୍କୁ ଜର ହୋଇଥିଲା। ପନ୍ଦର ଦିନ କାଳ ସେ ବିଛଣାରୁ ଉଠିପାରିଲେ ନାହିଁ । ସେ ପନ୍ଦର ଦିନ ମୋତି ଆଖିରୁ ଖାଲି କଳା କଳା ଲୁହଧାର ବୋହିଲା । ସେହି ସ୍ମୃତିରେ ଗବେଷକ କୃଷ୍ଣପ୍ରସାଦଙ୍କ ଅନ୍ତସ୍ତଳ ପ୍ରଚଣ୍ଡ ଆଘାତରେ ପ୍ରକମ୍ପିତ ହୋଇ ଉଠିଲା ।

ରବି, ବଡ଼ପୁଅ । ମାଟ୍ରିକ୍ ପରୀକ୍ଷାଟା ପାସ୍ କଲା ଏବର୍ଷ । ଚାକିରି ଖଣ୍ଡେ ପାଇଁ ଚେଷ୍ଟା କଲେ ହୁଅନ୍ତା । ଆଉ ବେଶୀ ପାଠ ପଢ଼ାଇବାକୁ ଶକ୍ତି ନାହିଁ । ରବିର ଇଚ୍ଛା କିନ୍ତୁ ନେତା ହେବା ପାଇଁ । ମାତ୍ର ଜଣକ ରୋଜଗାର ଉପରେ ଏଣେ ଚଳିବାକୁ ଯେ ଦଶଜଣ ।

ଅଜାଣତରେ କେତେବେଳେ କୃଷ୍ଣପ୍ରସାଦଙ୍କ ଲୁଗା କୁଞ୍ଚ ଆଣ୍ଠୁତଳକୁ ଖସି ତଳେ ଲୋଟି ପଡ଼ିଥିଲା । କୃଷ୍ଣପ୍ରସାଦ କୁଞ୍ଚଟା ତଳୁ ଉଠାଇ ମାଲକଛା ମାରିଲା ପରି ଉପରେ ଖୋସିଦେଲେ । ଜୀବନ ଯୁଦ୍ଧରେ ଅପରାଜିତ ସୈନିକର ବେଶ । ସନ୍ଧ୍ୟାର ମାଛି ଅନ୍ଧାର ଧୀରେ ଧୀରେ ପରଳ ମାଡ଼ିଲାପରି ମାଡ଼ି ଆସିଲାଣି । ରାସ୍ତା ଧାରେ ଧାରେ ବିଜୁଳିବତିମାନ ଜଳି ଆସିଲାଣି । ମୁଣ୍ଡ ଉପରେ ତାଳିପକା ଛତାଟା ମେଲି ଧରିବା ପାଇଁ ଭାରୀ ଲାଗୁଛି । ବନ୍ଧୁକ ବେୟୋନେଟ ପରି ଛତାଟା ବୁଜି କୃଷ୍ଣପ୍ରସାଦ କାନ୍ଧ ଉପରେ ଉଠାଇ ଧରିଲେ ।

ଆସୁ ଯେତେ ଝଡ଼, ଝଞ୍ଜା, ସମସ୍ୟା, ସଙ୍କଟ, ଅଭାବ, ଅନଟନ... ସବୁ ସେ ଏ ଛତା ମୁନରେ ଦଳି ଚୂନା କରିଦେବେ । ଭାଗ୍ୟ ଓ ଦୁର୍ଭାଗ୍ୟ ବିରୋଧରେ ସ୍ପର୍ଦ୍ଧିତ ଆସ୍ଫାଳନ ।

ଗୋବିନ୍ଦ ହେ ! କୃଷ୍ଣପ୍ରସାଦ ଅସ୍ଫୁଟ କଣ୍ଠରେ ଯୁଦ୍ଧର ଜୟଧ୍ୱନି ଦେଲେ । ମାଣିକ ସବା ସାନଝିଅ । ତା' ଉପରେ ଦୁଇ ଝିଅଙ୍କ ବିବାହକାର୍ଯ୍ୟ କୌଣସିମତେ ବଢ଼ିଯାଇଛି । ମାଣିକର ବୟସ ଦିନୁଦିନ ବଢ଼ୁଛି । ମାତ୍ର ବରପାତ୍ର ମିଳୁଛି କେଉଁଠି ? ମାଣିକର ମାମୁଙ୍କ ପାଖକୁ ଥରେ ଗଲେ ହୁଅନ୍ତା । ମାତ୍ର ଛୁଟି ମିଳୁଛି କାହିଁ ?

Digitized by srujanika@gmail.com

ଗୋଟିଏ ଜୀବନରେ ଏମିତି କୋଟିଏ ସମସ୍ୟା ଲାଗି ରହିଛି । ମହାଶୂନ୍ୟକୁ ଘଣ୍ଟାରେ ଅଠରହଜାର ମାଇଲ ବେଗରେ ରକେଟ୍ ଚାଲିବାର ସମସ୍ୟା ଏ ନୁହେଁ । ଶୂନ୍ୟ ପଥରେ ବାୟୁମଣ୍ଡଳ ଊର୍ଦ୍ଧ୍ୱରେ ଶୂନ୍ୟମଞ୍ଚ ନିର୍ମାଣର ଯୋଜନା ଏ ନୁହେଁ । ଅଥବା ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠାର ଆକାଂକ୍ଷା ଏ ନୁହେଁ ।

ତେଣୁ ଏସବୁ ସମସ୍ୟାର କିଛି ନା କିଛି ଗୋଟାଏ ସମାଧାନ ହେବ, ହୋଇଯିବ । ଜୀବନରେ ସବୁ ସଙ୍କଟ ଓ ସମସ୍ୟାର କିଛି ନା କିଛି ସମାଧାନ ହୋଇଯାଏ । କିଛି ଅଟକେ ନାହିଁ ।

ଜୀବନ ଯୁଦ୍ଧର କମାଣରେ ନିଆଁ ଧରାଇଲା ପରି କୃଷ୍ଣପ୍ରସାଦ ଖଣ୍ଡେ ବିଡ଼ିରେ ନିଆଁ ଲଗାଇଲେ ।

କିନ୍ତୁ ମୋତି ଗାଈ ଆଉ କ'ଣ ମିଳିବ ? ଯଦି କଂସେଇମାନେ ହଡ଼ାପଲଙ୍କ ସଙ୍ଗରେ ମୋତିକୁ ଧରିନେଇ ହାଣି ଦେଇଥାନ୍ତି ? ତା' ହେଲେ ? କୃଷ୍ଣପ୍ରସାଦ ମନେ ମନେ ଆର୍ତ୍ତନାଦ କରି ଉଠିଲେ । ଏ ବର୍ବର ସହରରେ ସବୁ ସମ୍ଭବ ।

କଚେରି ଆଗରେ ଯେଉଁ ଦାଢ଼ିଆ ବାବା ବସନ୍ତି ସେ ଆଗତ ଭବିଷ୍ୟ ସବୁ କହିପାରନ୍ତି । ତାଙ୍କ ପାଖରେ ସେ ପଚିଶ ପଇସା ଦେଇ ପ୍ରଶ୍ନ ଗଣନା କରାଇଥିଲେ । ବାବା କହନ୍ତି... 'ଜରୁର୍ ମିଲେଗା ।'

କିନ୍ତୁ ଆଉ କେଉଁଠି ମିଲେଗା ? ସେ ତ କାଞ୍ଜିଆହୁଦାରୁ କାଞ୍ଜିଆହୁଦା ନଈ ପଠାରେ ଗାଈଗୋଠରୁ ଗାଈଗୋଠ ବୁଲି ବୁଲି ନୟାନ୍ତ ହେଲେଣି ।

ରାସ୍ତା ଉପରେ କାଳୀ ମନ୍ଦିର ଆଗରେ ଭିଡ଼ । ସନ୍ଧ୍ୟା ଆଳତିବେଳ ହୋଇଥିବାରୁ ଭକ୍ତ ଓ ଦର୍ଶକମାନଙ୍କ ଭିଡ଼ ଲାଗିଛି । ଡଜ୍, ପ୍ଲିମଥ୍ ଗାଡ଼ିଠାରୁ ଆରମ୍ଭ କରି ରିକ୍ସା ପର୍ଯ୍ୟନ୍ତ ନାନା ଯାନବାହନର ଭିଡ଼ । କୃଷ୍ଣପ୍ରସାଦ କେତେଥର ଭାବିଛନ୍ତି ଦେବୀଙ୍କ ଆଗରେ ଦଣ୍ଡେ ଆଖିବୁଜି ଠିଆହୋଇ କାଳିକାସ୍ତୋତ୍ର ଆବୃତ୍ତି ପାଇଁ । ମାତ୍ର ସମୟ କାହିଁ ? ମନ୍ଦିର ବାଟ ଦେଇ ଗଲାବେଳେ ସେ ଖାଲି ନାକକାନ ମୋଡ଼ି ହୋଇ ନିଜର ଦୁଇଗାଲରେ ଦୁଇଟି ମୃଦୁ ଚଟକଣା ପକାଇ ପକାଇ ଚାଲିଯାଆନ୍ତି ।

ଆଜି କିନ୍ତୁ ସାରାଦିନର ବ୍ୟର୍ଥ ଗବେଷଣା ପରେ ଭାଙ୍ଗି ପଡୁଥିବା ଦେହର କ୍ଳାନ୍ତି ମେଣ୍ଟାଇବା ପାଇଁ ସେ ମନ୍ଦିର ଭିତରକୁ ପଶି ଆସିଲେ । ମୋତି ଗାଈର ଶୁଭ ପ୍ରତ୍ୟାବର୍ତ୍ତନ ମନାସି ସେ ଦଶପଇସିଆ ଦୀପଟିଏ ଜାଳି ଦେବୀଙ୍କ ଆଗରେ ଶୂନ୍ୟରେ କେତେଥର ମୁଣ୍ଡଳୀ କାଟି ବୁଲାଇ ଗଲେ । ତା' ପରେ ମନ୍ଦିର ବାହାରକୁ ଆସି ବେଢ଼ା ଭିତରେ ଚଉତରା ଉପରେ ବସିପଡ଼ିଲା ବେଳକୁ ସେଠାରେ ଦେଖାହେଲା ଅଫିସର ସହକର୍ମୀ ବ୍ରଜକିଶୋରଙ୍କ ସହିତ । ଏ ଦୁର୍ମୂଲ୍ୟ, ଦୁର୍ଭିକ୍ଷ ଓ ଦୁଷ୍ପ୍ରାପ୍ୟତା ଯୁଗରେ ସୁଦ୍ଧା ବ୍ରଜକିଶୋରଙ୍କ ଉଦରଟି କ୍ରମେ ପୃଥୁଳରୁ ପୃଥୁଳତର ହେଉଛି । ଦେହର ପଞ୍ଜାବି ମଇଳା; ସେଥିରେ ନାନା ଦାଗ । ପିନ୍ଧା ଲୁଗା ମଧ

Digitized by srujanika@gmail.com

ତଦ୍ରୂପ । ଭାରୀ ଦେବୀଭକ୍ତ ସେ । ପ୍ରତି ସନ୍ଧ୍ୟାରେ ଥରେ କାଳୀଦର୍ଶନ ନ କଲେ ସେ ଜଳସ୍ପର୍ଶ କରନ୍ତି ନାହିଁ । ମାର୍କେଟକୁ ପରିବା କିଣି ଯିବାବେଳେ ସେ ଦଣ୍ଡେ ମନ୍ଦିରରେ ଆସି ବସନ୍ତି ।

କୃଷ୍ଣପ୍ରସାଦଙ୍କ ସହିତ ଦେଖା ହେବାରୁ ବ୍ରଜକିଶୋର କହିଲେ... ''କିହୋ ତମର କ'ଣ ହେଇଛି ? ଅଫିସ ଆସୁ ନାହଁ ଯେ !''

କୃଷ୍ଣପ୍ରସାଦ କହିଲେ... ''ଗାଈଟା କୁଆଡ଼େ ହଜିଯାଇଛି ଯେ, ଘରେ ମହା ମୁସ୍କିଲ । ରନ୍ଧାବଢ଼ା ନାହିଁ । ଗାଈ ଖୋଜୁଚି । ଟିକିଏ ଆଖି ରଖିଥିବ । କାଳୀ ଗାଈ, ମୁଣ୍ଡରେ ଚାନ୍ଦ, ଶିଙ୍ଗ ଦୁଇଟା ବଙ୍କା, ପେଟ ତଳେ ଦି'ପଟା ଧଳା ଦାଗ ।''

ଆଉ ବସିବାକୁ ବେଳ ନାହିଁ । ଘର ପୁଣି ଦୁଇମାଇଲ ବାଟ । କୃଷ୍ଣପ୍ରସାଦ ଉଠିଲେ । ବ୍ରଜକିଶୋର ମଧ୍ୟ ଉଠିଲେ । କିଛି ବାଟ ଏକ ସଙ୍ଗରେ ଯିବାପାଇଁ ତାଙ୍କୁ ସାଥୀ ମିଳିଗଲା ।

ବ୍ରଜକିଶୋର କହିଲେ... ''ଚାଲ ଏଇ ବାଟେ ମାର୍କେଟକୁ ଗଳି ପଡ଼ିବ । ଖଡ଼ା ଗଛ ତ ପଚିଶ ପଇସା ।''

ମାତ୍ର ଖଡ଼ା ଗଛର ମୂଲ୍ୟ ଚିନ୍ତା କରିବାକୁ କୃଷ୍ଣପ୍ରସାଦଙ୍କ ବେଳ ନାହିଁ । ମୋତି ଗାଈଟା ଖାଲି ମିଳିଗଲେ ତାଙ୍କର ସବୁ ସମସ୍ୟା ଓ ସଙ୍କଟର ସମାଧାନ ହୋଇଯା'ନ୍ତା ।

କୃଷ୍ଣପ୍ରସାଦ କହିଲେ... ''ହଇହୋ ବ୍ରଜବାବୁ, କାଳୀଙ୍କ ପାଖରେ ଘିଅ ଦୀପ ଦେଇଛି । ଗାଈ ମିଳିବ ନାହିଁ ?''

ବ୍ରଜକିଶୋର କହିଲେ... ''ସବୁ ମା'ର ଇଚ୍ଛା ।''

କୃଷ୍ଣପ୍ରସାଦ ଓ ବ୍ରଜକିଶୋର ଦୁହେଁ ଗୋଟିଏ ଅନ୍ଧାରୁଆ ଗଳି ଭିତରକୁ ବାଙ୍କିଲେ । ଯୁଦ୍ଧ ଓ ଯୋଜନା ମଉକାରେ ସହରରେ ସବୁଆଡ଼େ ଉଞ୍ଚା କୋଠା ହେଲା, ବିଜୁଳି ଆଲୁଅ ଆସିଲା, ନିଅନବତି ଜଳିଲା; ମାତ୍ର ଏ ଗଳିଟା ତଥାପି ସେମିତି ଆଣ୍ଠେଇ ମୁହଁମାଡ଼ି ପଡ଼ି ରହିଛି । ଗଳି ଦୁଇପଟର ଛପର ଘର, ମ୍ୟୁନିସିପାଲିଟିର କିରାସିନି ବତି ଆଉ ଗୋଡ଼ିଆ ରାସ୍ତାର ବାଲି ଧୂଳି, ସବୁ ଅପରିବର୍ତ୍ତିତ ରହିଛି ।

ନିଧି ସାହୁର ବରା, ଗୁଲୁଗୁଲା ଦୋକାନରେ ନିତିଦିନିଆ ଭିଡ଼ । ସାହୁଆଣୀ କଡ଼େଇରୁ ବରା ଛାଣୁଛି । ସାହୁଙ୍କ କନିଷ୍ଠ ପୁତ୍ର ଚା' କେଟେଲୀରୁ ସିଝା ଚା'ପାଣି ଢାଳି ଚା' ତିଆରି କରୁଛି । ନିଧି ସାହୁ ଦୋକାନ ତଳେ ଖଣ୍ଡେ କାଠ ବେଞ୍ଚ ଉପରେ ପଦ୍ମାସନରେ ଯୋଗ କଲାପରି ବସିଛି । ବହୁତ ଦିନର ପୁରୁଣା ଦୋକାନ । ଆଜକୁ ତିରିଶ ବର୍ଷ ତଳେ କୃଷ୍ଣପ୍ରସାଦ ଚାକିରି ଆରମ୍ଭରେ ଏଇ ଗଳିରେ 'ଦୁଃଖୀ ବାନ୍ଧବ' ମେସ୍‌ରେ ରହୁଥିଲାବେଳେ ନିଧି ସାହୁ ଦୋକାନରେ ନିତିଦିନିଆ ଗରାଖ ଥିଲେ । ଆଜି ସେହି ବାଟେ ଆସିଲା ବେଳେ କୃଷ୍ଣପ୍ରସାଦ ପଚାରି ଦେଲେ... ''କେମିତି ଅଛ ସାହୁଏ ! ସବୁ ଭଲ ତ ?''

ନିଧି ସାହୁର ପାକୁଆ ମୁହଁ ପ୍ରଶାନ୍ତ ପରିତୃପ୍ତିର ଗୋଟିଏ ହାସ୍ୟରେଖାରେ ଉଜ୍ଜ୍ୱଳ ହୋଇ ଉଠିଲା । ସେ ବେଞ୍ଚ ଉପରୁ ଉଠିପଡ଼ି କହିଲା... ''ଆସନ୍ତୁ, ଆସନ୍ତୁ ବାବୁ । ବହୁଦିନ ପରେ ଦେଖା ।''

Digitized by srujanika@gmail.com

କୃଷ୍ଣପ୍ରସାଦ ଓ ବ୍ରଜକିଶୋର ବେଞ୍ଚ ଉପରେ ବସିବା ପରେ ଦୁଇ ଗ୍ଲାସ ଚା' ପାଇଁ ନିଧି ସାହୁ ଦୋକାନ ଉପରକୁ ଉଠିଗଲା ।

ଓଃ, ଦିନଗୁଡ଼ା କେମିତି ଚାହୁଁ ଚାହୁଁ ଗଡ଼ିଯାଉଛି ।

କୃଷ୍ଣପ୍ରସାଦ ମୁଣ୍ଡ ଉପରେ ଥରେ ହାତ ବୁଲାଇ ନେଲେ । ମୁଣ୍ଡ ଚନ୍ଦା ପଡ଼ି ଆସୁଛି ।

ଯା'ଭିତରେ ତିରିଶ ବର୍ଷ ବିତିଗଲାଣି । ଆଉ ବର୍ଷ କେତେଟାରେ ପେନସନ୍ ନେବେ । ଜୀବନରେ ଦୁଃଖ ନାହିଁ, ଅତୃପ୍ତିର ହା' ହୁତାଶ ନାହିଁ, ଆକାଂକ୍ଷାର ଅବସୋସ ନାହିଁ...ଝିଅଟି ଦିନେ ନା ଦିନେ ପର ଘରକୁ ଯିବ । ରବି ଚାକିରି ପାଇବ । ସେ ଶେଷ ଗ୍ରେଡ଼ରେ ପହଞ୍ଚି ଚାରିଶହ ଟଙ୍କା ଦରମା ପାଇବେ । ତା'ପରେ ପେନ୍‌ସନ । ଗୋବିନ୍ଦଙ୍କ ଇଚ୍ଛା ଥିଲେ ହେଡ୍ କିରାଣି ମଧ ହୋଇପାରନ୍ତି । କିନ୍ତୁ ମୋତି ଗାଈଟା ମିଳନ୍ତା କି ।

ଚା' ପିଉ ପିଉ କୃଷ୍ଣପ୍ରସାଦ କହିଲେ... "ଗାଈଟା ହଜିଛି ଯେ, ଖୋଜି ଖୋଜି ନୟାନ୍ତ ହେଲିଣି । କାଳୀ ଗାଈ ମୁଣ୍ଡରେ ଚାନ୍ଦ, ପେଟ ତଳେ ଦି'ପଟା ଧଳା ଦାଗ, ଶିଙ୍ଗ ବଙ୍କା । ତମେ ଟିକିଏ ଆଖି ରଖିଥିବ ସାହୁ ।"

ନିଧି ସାହୁ ପୁଣି ଡୁଳାଇବା ପାଇଁ ଆରମ୍ଭ କରିଥିଲେ ।

ସଞ୍ଜ ପହର ଗଡ଼ିପଡ଼ିଥିଲା । ବ୍ରଜକିଶୋର ମାର୍କେଟ ଆଡ଼େ ମୁହାଁଇ ଗଲେ । କୃଷ୍ଣପ୍ରସାଦ ସାରା ଦିନର ବ୍ୟର୍ଥ ଗବେଷଣା ପରେ ଆଉ ଗୋଟାଏ ଗଳିରେ ପଶି ଘରଆଡ଼େ ମୁହାଁଇଲେ । ନିଧି ସାହୁର ଚା' ଗ୍ଲାସଟା ତାଙ୍କ ଦେହ ଓ ମନରେ ଗୋଟାଏ ନୂତନ ପ୍ରଫୁଲ୍ଲତା ଆଣି ଦେଇଥିଲା ।

ମ୍ୟୁନିସିପାଲିଟି ବତି ଖୁଣ୍ଟର କିରାସିନି ଆଲୁଅରେ ଦିଶିଲା, କାଳୀ ଗାଈଟିଏ ଢଳି ଢଳି ଯାଉଛି । ମୋତି, ମୋତି ନୁହେଁ ତ ! କାଳୀଙ୍କ ପାଖରେ ଘିଅ ଦୀପ ଦେଇଛନ୍ତି । ବାବାଜି ପୁଣି କହିଛନ୍ତି... 'ଜରୁର୍ ମିଲେଗା ।' କୃଷ୍ଣପ୍ରସାଦ ପରମ ଉତ୍ସାହରେ ଗାଈଆଡ଼େ ଧପାଲି ଗଲେ ।

ପଛରେ ମଣିଷର ପାଦ ଶବ୍ଦ ଶୁଣି ଗାଈଟା ଦଉଡ଼ିବାକୁ ଆରମ୍ଭ କଲା । 'ମୋତି ମୋତି' ଡାକି କୃଷ୍ଣପ୍ରସାଦ ଗାଈ ପଛେ ପଛେ ମଧ ଧାଇଁଲେ । ଗାଈ ବେକର ପଘାଟା ତଳେ ଲୋଟୁଥିଲା । କୃଷ୍ଣପ୍ରସାଦ ସେଇ ପଘାଟାକୁ ଜାବୁଡ଼ି ଧଇଲେ । ମାତ୍ର ଉଦଣ୍ଡୀ ଗାଈର ଗୋଟାଏ ଝାପ୍‌ଟାରେ ତାଙ୍କ ହାତରୁ ଦଉଡ଼ିଟା ଖସିଗଲା । କୃଷ୍ଣପ୍ରସାଦ ତଳେ ଝୁଣ୍ଟି ମୁହଁମାଡ଼ି ପଡ଼ିଗଲେ । ରାସ୍ତା ଉପରୁ ଝାଡ଼ିଝୁଡ଼ି ହୋଇ ଉଠିଲା ବେଳକୁ ଗାଈ ଅଦୃଶ୍ୟ ହୋଇଯାଇଥିଲା । କୃଷ୍ଣପ୍ରସାଦ ଆଣ୍ଠୁରେ ଗୋଡ଼ି ବାଜି ଖଣ୍ଡିଆ ହୋଇ ସେଥିରୁ କଳା କଳା ରକ୍ତ ବୋହୁଥିଲା ।

କୃଷ୍ଣପ୍ରସାଦ ତଳୁ ଉଠି ଗଳିଧାରରୁ ଛତା ଖଣ୍ଡ ସାଉଣ୍ଟି ଘରମୁହାଁ ଛୋଟେଇ ଛୋଟେଇ ଆସିଲେ । ଗାଈଟା ମୋତି ନୁହେଁ । ମୋତି ହୋଇଥିଲେ ନିଶ୍ଚୟ ଡାକ ଶୁଣି ରହିଥାନ୍ତା । ମିଛଟାରେ ସେ ଗାଈ ପଛରେ ଧାଇଁ ଖଣ୍ଡିଆଖାବଡ଼ା ହେଲେ ।

କାଳୀଙ୍କ ପ୍ରସାଦରୁ ହେଉ ବା ବାବାଜିଙ୍କ ଭବିଷ୍ୟତ୍ ବାଣୀରୁ ହେଉ କୃଷ୍ଣପ୍ରସାଦ ଘରେ ପହଞ୍ଚିଲାବେଳକୁ ମୋତି ଗାଈ କୁଆଡ଼ୁ ଆସି ପହଞ୍ଚି ସାରିଥିଲା । ମୋତି ଚାରିପଟେ କୃଷ୍ଣପ୍ରସାଦଙ୍କ

Digitized by srujanika@gmail.com

ସ୍ତ୍ରୀ, ଝିଅ ମାଣିକ ଓ ସାନପୁଅ ଗୋବିନ୍ଦ ଘେରି ଠିଆ ହୋଇଥିଲେ । ମାଣିକ ଡିବିଟା ଗୋଟାଏ ହାତରେ ଧରି ଆଉ ଗୋଟାଏ ହାତରେ ମୋତିର ଦେହ ଆଉଁଶୁଥିଲା । କୃଷ୍ଣପ୍ରସାଦ ସ୍ତ୍ରୀ ଘାସ ଟୋକେଇରୁ ବିଡ଼ା ବିଡ଼ା ଘାସ ଫିଟାଇ ମୋତି ଆଗରେ ପକାଇ ଦେଉଥିଲେ । ମୋତି ତଳକୁ ମୁଣ୍ଡ ନୁଆଁଇ ଅପରାଧୀ ପରି ଘାସ ଚାକୁଳେଇ ଯାଉଥିଲା ।

ଦୂରରୁ ରାସ୍ତା ଉପରୁ ସେ ଦୃଶ୍ୟ ଦେଖି କୃଷ୍ଣପ୍ରସାଦ ପରମ ଉଲ୍ଲାସରେ ବିଜୟ ଧ୍ୱନି ଦେଲେ... 'ଗୋବିନ୍ଦ ହେ !'

ସାନପୁଅ ଗୋବିନ୍ଦ, କୃଷ୍ଣପ୍ରସାଦଙ୍କ ପାଟି ଶୁଣିକରି କହିଉଠିଲା... "ହେଇ ବାପା ଆସିଲେଣି ।"

କୃଷ୍ଣପ୍ରସାଦ ସ୍ତ୍ରୀ କ୍ଲାନ୍ତ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସହାନୁଭୂତି ପ୍ରକାଶ କରି ଆଗେ ଗୋଡ଼ ଧୋଇବା ପାଇଁ ତାଙ୍କେ ପାଣି ଆଣି ଦିଅନ୍ତେ କ'ଣ, ତୀକ୍ଷ୍ଣ କଣ୍ଠରେ ଚିତ୍କାର କରି ଉଠିଲେ, 'ତମେ ମିଣିପିଟିଏ ସକାଳୁ ଅଚିନ୍ତା ପରି ବୁଲୁଚ ଯେ ବୁଲୁଚ ! ପିଲାମାନେ ତମକୁ ଖୋଜି ଖୋଜି ନୟାନ୍ତ ହେଲେଣି ।'

କୃଷ୍ଣପ୍ରସାଦ ଭିତରେ ଭିତରେ ଗୋଟାଏ ବିସ୍ଫୋରଣ ପାଇଁ ପ୍ରସ୍ତୁତ ହେଉଥିଲେ, ସେ ଖୋଜୁଥିଲେ ଗାଈ, ତାଙ୍କୁ ଖୋଜୁଥିଲେ ପିଲାମାନେ । ଅନନ୍ତ ଗବେଷଣାର ଏହି ବିଚିତ୍ର ଗୋଲକ ଧନ୍ଦା ତାଙ୍କୁ ଦାର୍ଶନିକ କରିଦେଲା ।

ସେ ଗୋଟିଏ ଦୀର୍ଘଶ୍ୱାସ ପକାଇ ଜୀବନ ଯୁଦ୍ଧର ଜୟଧ୍ୱନି ଦେଲେ, 'ଗୋବିନ୍ଦ ହେ ! ସବୁ ତୋ'ରି ଇଚ୍ଛା ।'

(୧୯୭୨)

Digitized by srujanika@gmail.com

ମୃତ୍ୟୁ : ଗାଷ୍ଟ୍ରୋଏଣ୍ଟ୍ରାୟିଟିସ୍

ମଙ୍ଗଳପୁର ଗାଁର ଅଖ୍ୟାତ ଅଜ୍ଞାତ କେଳୁଚରଣ ହଠାତ୍ ପ୍ରଖ୍ୟାତ ହୋଇଥିଲା; ସମ୍ବାଦପତ୍ରମାନଙ୍କରେ ତିନିସ୍ତମ୍ଭବ୍ୟାପୀ ଶିରୋନାମାରେ । କେଳୁଚରଣକୁ କେନ୍ଦ୍ର କରି ବିଧାନସଭାରେ ସରକାରୀ ଓ ବିରୋଧୀ ପକ୍ଷଙ୍କ ମଧ୍ୟରେ ତୁମୁଳ ବାକ୍‌ଯୁଦ୍ଧ । କେଳୁଚରଣ ହଠାତ୍ ହୋଇ ଉଠିଥିଲା ଯେପରି ବିରୋଧୀପକ୍ଷର ଇଷ୍ଟନାମ...ସାଂପ୍ରତିକ ରାଜନୀତିକ ସଂଘର୍ଷର କେନ୍ଦ୍ରବିନ୍ଦୁ । ଶୀତତାପ ନିୟନ୍ତ୍ରିତ ବିଧାନସଭା ପ୍ରକୋଷ୍ଠରେ କେଳୁଚରଣ ଘେନି ବିରୋଧୀ ପକ୍ଷରେ କେତେ କ୍ଷିପ୍ତ ହଟ୍ଟଗୋଳ; ପୁଣି ତାହାର ସମ୍ମୁଖୀନ ହେବାର ସରକାରୀ ପକ୍ଷରୁ ଖାଦ୍ୟମନ୍ତ୍ରୀ କେତେ ଗଳଦ୍‌ଘର୍ମ ! କେଳୁଚରଣର ଫଟୋଚିତ୍ର ସୁଦ୍ଧା ପ୍ରକାଶ ପାଇଥିଲା । ଏକ ବିଶିଷ୍ଟ ଦୈନିକ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ଉପରକୁ ଆଁ କରି ପଡ଼ିରହିଛି ଗୋଟିଏ କଙ୍କାଳସାର ଦେହ, ପେଟଟା ଫୁଲିଯାଇଛି ଗୋଟିଏ ଫୁଟ୍‌ବଲ-ପରି; ମଙ୍ଗଳପୁର ଗାଁର କେଳୁଚରଣ । ହରିପୁର ବସ୍ ଷ୍ଟାଣ୍ଡରେ, ବ୍ଲକ ଅଫିସ ସାମନାରେ ଅନ୍ୟ କଙ୍କାଳମାନଙ୍କ ମଧ୍ୟରେ ଏଇ କେଳୁଚରଣ ମଧ୍ୟ କେତେ ଦିନ ତଳେ ବୁଲୁଥିଲା...ଗୋଟିଏ ହାତରେ ଯଷ୍ଟି ଅନ୍ୟ ହାତରେ ଗୋଟିଏ ଆଲୁମିନିୟମ ବାଟୀ, ଛାତିହାଡ଼ ପଞ୍ଜରା ଉପରେ ଗୋଟିଏ ଛିଣ୍ଡା ନେଳୀ ଗାମୁଛା ସବୁଜ ବିପ୍ଳବର ସନ୍ତାନ ।

ସ୍କୁଲ ବୋର୍ଡ଼ିଙ୍ଗ୍ ପିଣ୍ଡାରେ ହାତ ଭଙ୍ଗା ଖଣ୍ଡେ କାଠଚଉକି ଉପରେ ବସି ନରୋତ୍ତମ ପଣ୍ଡିତେ ଆଖି ବୁଲାଇ ବୁଲାଇ ବିଳିବିଳେଇବା ପରି କଣ୍ଠରେ ସ୍ୱଗତୋକ୍ତି କରୁଥିଲେ... ''ହ୍ୟାପଃ, କେଳୁଚରଣଟା ଇତିହାସରେ ଅମର ହୋଇଗଲା । କେତେ ଲୋକ ନିତି ପ୍ରତି ମରୁ ନାହାନ୍ତି । କିନ୍ତୁ କାହା ନାଁ ଏମିତି ପଡୁଛି ଖବରକାଗଜରେ । କାହା ମଡ଼ାର ଚିତ୍ର ବାହାରୁଛି ଖବର କାଗଜରେ ?''

କେଳୁଚରଣର 'ଅମରତ୍ୱ' ପ୍ରତି ନରୋତ୍ତମ ପଣ୍ଡିତଙ୍କ ସୋଛାରିତ ଈର୍ଷା ।

''କିଏ ଅମର ହୋଇଗଲା ? କିପରି ?'' ବୋର୍ଡ଼ିଙ୍ଗ୍ ଘରର ଗୋଟାଏ ଅନ୍ଧାରୁଆ କୋଠରି ଭିତରୁ ବାହାରି ଆସି ପଚାରିଲେ ବଂଶୀବାବୁ— ନୂଆ ଇତିହାସ ଶିକ୍ଷକ, ମାଷ୍ଟରୀ ଚାକିରିରେ ହାଲ୍ ଯୋଗ ଦେଇଛନ୍ତି, ସେଥିପାଇଁ ବିଶ୍ୱବିଦ୍ୟାଳୟରେ ଛାତ୍ର ଦିନର ଦାମ୍ଭିକ ତାର୍କିକତା ତଥାପି ଏ ପର୍ଯ୍ୟନ୍ତ ଛାଡ଼ିପାରି ନାହାନ୍ତି ସେ । ମାଷ୍ଟରୀ ଜୁଆଳି ବେକରେ ପଡ଼ିବା ପରେ ଆପେ ଆପେ ଛାଡ଼ିଯିବ ସେ ସବୁ ପ୍ରଗଲ୍‌ଭତା । ପଦ୍ମଚରଣବାବୁ ପ୍ରଥମେ ଏ ସ୍କୁଲକୁ ଆସିବାର କେତେ ଦିନ ପର୍ଯ୍ୟନ୍ତ କଥା କଥାକେ କହୁଥିଲେ ସମାଜ ବିପ୍ଳବ ପାଇଁ ଶିକ୍ଷକମାନେ କ୍ଷେତ୍ର ପ୍ରସ୍ତୁତ କରିବା କଥା । ନରୋତ୍ତମ ପଣ୍ଡିତେ ତାଙ୍କ ଦୃଷ୍ଟିରେ ଥିଲେ ରକ୍ଷଣଶୀଳ ପେଟୀବୁର୍ଜୁୟା ଗୋଷ୍ଠୀର (ନରୋତ୍ତମ ପଣ୍ଡିତେ ଏ ପର୍ଯ୍ୟନ୍ତ ଏ ଶବ୍ଦଟାର ତାତ୍ତ୍ୱିକ ଓ ବ୍ୟାବହାରିକ ଅର୍ଥ ଠିକ୍ ବୁଝିପାରି ନାହାନ୍ତି) ପୁରୋହିତ ବୋଲି । ମାତ୍ର ସେଇ ପଦ୍ମଚରଣବାବୁ ଏବେ ସକାଳ ସନ୍ଧ୍ୟା ଟିଉସନ୍ କରିବାରେ ବ୍ୟସ୍ତ । ଆଉ ସେପରି ଦୁର୍ବୋଧ ଶବ୍ଦ ସବୁ ସେ ଉଚ୍ଚାରଣ କରୁ ନାହାନ୍ତି ।

Digitized by srujanika@gmail.com

ଗ୍ରନ୍ଥିଳ କରୋଟି ପରି ନରୋତ୍ତମ ପଣ୍ଡିତଙ୍କ ମୁହଁ ବିରକ୍ତିରେ କୁଞ୍ଚିତ ହୋଇ ଉଠିଲା । ବଂଶୀଧରଙ୍କ ଆଡ଼େ ଖବରକାଗଜଟା ବଢ଼ାଇ ଧରି କହିଲେ... ''ଦେଖ, ପଢ଼, ଖବରକାଗଜରେ ବାହାରିଛି''...କେଳୁଚରଣର ଅନାହାର ମୃତ୍ୟୁ ଓ ତାହାକୁ କେନ୍ଦ୍ର କରି ବିଧାନସଭା ପ୍ରକୋଷ୍ଠରେ ସରକାରୀ ଓ ବିରୋଧୀ ପକ୍ଷଙ୍କ ମଧରେ ହଇଗୋଳର ବିବରଣୀ । ବଂଶୀଧର ସେଇ ଶିରୋନାମା ଓ ସମ୍ବାଦ ଉପରେ ଆଖି ବୁଲାଇ ନେଇ ତାଚ୍ଛଲ୍ୟପୂର୍ଣ୍ଣ କଣ୍ଠରେ ପଚାରିଲେ ''ଏ ଦେଶରେ ଜୀଅନ୍ତା ମୁର୍ଦ୍ଦାରମାନଙ୍କର ଏଇ ସମାଜର ଅନାହାର ମୃତ୍ୟୁ କ'ଣ ଗୋଟାଏ ସମ୍ବାଦ ? ମୁରଲୀବାବୁ ଯେତେବେଳେ ଏଇ ଅଞ୍ଚଳରୁ ନିର୍ବାଚିତ ହୋଇ ଯାଇଛନ୍ତି; ତାଙ୍କ ପକ୍ଷରେ ଏପରି ଗୋଟିଏ ମାମୁଲି ଘଟଣାକୁ ନେଇ ହଇଗୋଳ କରିବା ସ୍ୱାଭାବିକ; ତା' ନ ହେଲେ ନିର୍ବାଚନ ମଣ୍ଡଳୀ ପାଇଁ ତାଙ୍କର ଆଉ କି କୃତିତ୍ୱ ରହିଲା ? କିନ୍ତୁ ଅନାହାର ମୃତ୍ୟୁ ସମ୍ବାଦ ନୁହେଁ...ବରଂ ଧୂତୁରାମଞ୍ଜିମିଶା ଚାଉଳ, ଅଗରାମଞ୍ଜିମିଶା ତେଲ, ତେନ୍ତୁଳୀ ମଞ୍ଜି ଆଉ ଚୋକଡ଼ମିଶା ଅଟା, କେଆର ଫିଡ଼ିଙ୍ଗ୍ ଖାଇ ଆମେ ଯେ ବଞ୍ଚିରହି ପାରିଛୁ, ତାହାହିଁ ପ୍ରକୃତରେ ଆଜିର ସମ୍ବାଦ ।''

ନରୋତ୍ତମ ପଣ୍ଡିତ ମନେ ମନେ ଭାବିଲେ ବାସ୍ତବିକ ନିତି ପ୍ରତି କେତେ ଅନାହାର ମୃତ୍ୟୁ ନ ଘଟୁଛି ? ତାଙ୍କ ଗାଁରେ ଗୋପୀ ପଧାନ ଅନାହାରରେ ପଡ଼ି ଶୁଖି ଶୁଖି ମରିଗଲା । ତା' ମୁହଁରେ ଟୋପାଏ ପାଣି ଦେବା ପାଇଁ କେହି ଆସି ନ ଥିଲେ । ମାତ୍ର ତା ପ୍ରାଣ ଛାଡ଼ିଯିବା ପରେ ଆସିଥିଲେ ୱାର୍ଡ଼ମେମ୍ବର, ସରପଞ୍ଚ, ବି.ଡି.ଓ., ପୋଲିସ୍ ଇନ୍‌ସପେକ୍ଟର ଓ ଆଉରି ଅନେକ ଗଣ୍ୟମାନ୍ୟ ଲୋକ । ଅନୁସନ୍ଧାନ କରି ଦେଖାଗଲା ଗୋପୀ ପଧାନ ଭଙ୍ଗା କୁଡ଼ିଆରେ ଗୋଟାଏ କୋଣରେ କେଉଁଠି ଗୋଟାଏ ମାଟି ବଢ଼ା ଭିତରେ ପଡ଼ିଥିଲା ପୋଷେ ଭଳି ଖୁଦ । ବି.ଡି.ଓ.ଙ୍କ ଆଖି ଉଜ୍ଜ୍ୱଳ ହୋଇ ଉଠିଲା । ଗଡ଼ ଜିଣିବା ପରି କଣ୍ଠରେ ସେ ସରପଞ୍ଚଙ୍କୁ ପଚାରିଲେ... ''ଗୋପୀ ପଧାନ ଘରେ ଖୁଦ ଚାଉଳ ମହଜୁଦ ଥିବାବେଳେ ସେ ଅନାହାରରେ ମରିପାରିବ କିପରି ? ଇଏ ତୁଚ୍ଛା ମିଛ ।''

ସରପଞ୍ଚଙ୍କର ମଧ ହଠାତ୍ ମନେ ପଡ଼ିଲା ଗୋପୀ ପଧାନର ବାତ ବେମାରି ଥିଲା; ଅବଶେଷରେ ସ୍ଥିର ହେଲା ଗୋପୀ ପଧାନ ଅନାହାରରେ ମରି ନାହିଁ । ମରିଛି ବାତ ବେମାରିରେ । ବାତ ବେମାରିରେ ମରିବାଟା କେଉଁ ସମ୍ବାଦ ? କିନ୍ତୁ ଏଇ କେଳୁଚରଣ ମହା ଭାଗ୍ୟବାନ୍ । ଖବରକାଗଜରେ ବଡ଼ ବଡ଼ ହରଫରେ ବାହାରିଲା କେବଳ ତାରି ମୃତ୍ୟୁ ସମ୍ବାଦ । ତା ମଢ଼ାର ଚିତ୍ର ସୁଦ୍ଧା ବାହାରିଲା । ତା ନ ହେଲେ ଗୋପୀ ପଧାନର ଫଟୋଚିତ୍ର ତ ଦୂରର କଥା । ତା ନାଁ ସୁଦ୍ଧା ବାହାରିଲା କେଉଁ ଖବରକାଗଜରେ ? ସିଏ ତ ପୁଣି ଅନାହାରରେ ମରିଥିଲା ।

କିନ୍ତୁ କେଳୁଚରଣର ବିକୃତ ଶବପିଣ୍ଡର କଦାକାର ଫଟୋଚିତ୍ର ଆଡ଼େ ଚାହିଁ ବଂଶୀଧରଙ୍କ ମୁହଁ ବିରକ୍ତିରେ କୁଞ୍ଚିତ ହୋଇ ଉଠିଲା । ଏଇ ସମ୍ପାଦକଙ୍କ ରୁଚି ବଡ଼ ବିକୃତ । ତାଙ୍କ ଖବରକାଗଜରେ ବାହାରେ କୌଣସି ମୋଟର ଦୁର୍ଘଟଣାଠାରୁ ଆରମ୍ଭ କରି ଏଣ୍ଡ୍ରିସ ଖାଇ ଅଥବା ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଯେତେସବୁ ମୁର୍ଦ୍ଦାରଙ୍କ ବିକଟ ଚିତ୍ର । କେଳୁଚରଣ ବଞ୍ଚିଥିବାବେଳେ ତାର ଅନାହାରକ୍ଲିଷ୍ଟ କଙ୍କାଳସାର ଦେହର ଫଟୋଚିତ୍ର ଖବରକାଗଜରେ ଛାପିଥିଲେ ହୁଏତ ଆଉ କେତେଟା ଦିନ ବଞ୍ଚିବା ପାଇଁ କେଳୁଚରଣର କିଛି ଗୋଟିଏ ବ୍ୟବସ୍ଥା ହୋଇ ପାରିଥାନ୍ତା । ଏ ଅଞ୍ଚଳରେ ଅନାହାର କ୍ଲିଷ୍ଟ ଜନତାର ଦୁଃଖ ଦୈନ୍ୟ ପ୍ରତି ଶାସନ କଳର

Digitized by srujanika@gmail.com

ଦୃଷ୍ଟି ପଡ଼ି ପାରିଥାନ୍ତା । ମାତ୍ର ଏଇ ସମ୍ପାଦକଙ୍କ ରୁଚିରେ କିଅନ୍ତା ଲୋକଙ୍କ ସେପରି ଚିତ୍ର ପ୍ରକାଶ ନିଷିଦ୍ଧ । ଏହାର ସ୍ତମ୍ଭ ଉଦ୍ଦିଷ୍ଟ କେବଳ ନେତା ନୋହିଲେ ମୂର୍ଦ୍ଧାରମାନଙ୍କ ପାଇଁ।

ଖବରକାଗଜଟା ନରୋତ୍ତମ ପଣ୍ଡିତଙ୍କୁ ଫେରାଇ ଦେଲାବେଳେ ବଂଶୀଧରଙ୍କର ମନେ ପଡ଼ିଗଲା, ଏଇ ଲୋକଟାକୁ ସେଦିନ ସେ ଦେଖିଥିଲେ ବୋଧହୁଏ ବି.ଡି.ଓ. ଅଫିସ ସାମ୍ନାରେ...ସେଇ ଓସ୍ତଗଛତଳେ । ଦୁଇଦିନ ଖାଡ଼ା ଖାଡ଼ା ଓପାସ ରହିବା ପରେ କେଳୁଚରଣ ସେଦିନ ବ୍ଲକ୍ ଅଫିସକୁ ଆସିଥିଲା ମାଫିକାର୍ଡ଼ ପାଇଁ, ଗାଁରେ ଶୁଣିଥିଲା ତାରି ପରି ଅନାହାରକ୍ଲିଷ୍ଟମାନଙ୍କ ପାଇଁ ଦୟାମୟ ସରକାର କୁଆଡ଼େ କରିଛନ୍ତି ମାଫିକାର୍ଡ଼ର ବ୍ୟବସ୍ଥା । ବ୍ଲକ୍ ଅଫିସ ସାମନା ସେଇ ଓସ୍ତଗଛକୁ ଆଉଜି ରହିଥିଲା ଯେପରି ଗୋଟାଏ ପ୍ରାଣହୀନ ନରକଙ୍କାଳ । ସେ କାହାକୁ କିଛି କହିପାରୁ ନ ଥିଲା କିମ୍ବା କହିବା ପାଇଁ ତାର ଶକ୍ତି ନ ଥିଲା । କାଚ ତିଆରି ଆଖି ପରି ନିର୍ଜୀବ ଆଖି ମେଲି ବି.ଡି.ଓ.ଙ୍କ ଅଫିସଆଡ଼େ ନିଷ୍ପଲକ ଦୃଷ୍ଟିରେ ଚାହିଁ ସେ କେବଳ ବସି ରହିଥିଲା ଯେପରି ସେଇ ବି.ଡି.ଓ.ଙ୍କ ଅଫିସ ଉପରେ ନିର୍ଭର କରୁଥିଲା ତାର ମରିବା ବଞ୍ଚିବା ପ୍ରଶ୍ନର ଶେଷ ସମାଧାନ। କେଳୁଚରଣ ସେଠାରେ ବସି ରହିଥିଲା ମାଫିକାର୍ଡ଼ ପାଇବା ଅପେକ୍ଷାରେ। ବି.ଡି.ଓ. ଅଫିସର କୌଣସି ଅମଲା କି ଚପରାଶୀ ତାକୁ ଆଶ୍ୱାସନା ଦେଉଥିଲେ ଯେଉଁଦିନ ତା ପାଳି ପଡ଼ିବ ସେଇଦିନ ତାକୁ ମିଳିବ ମାଫିକାର୍ଡ଼। ମାତ୍ର କେଳୁଚରଣର ଜୀବଦ୍ଦଶାରେ ସେ ପାଳି ଆଉ ପଡ଼ିପାରିଲା ନାହିଁ ।

ପାଞ୍ଚଟଙ୍କା ଅଣ୍ଟାଗୁଞ୍ଜା ଦେଇଥିଲେ ପାଳି ପଡ଼ିଥାନ୍ତା। ମାଫିକାର୍ଡ଼ ମିଳିଥାନ୍ତା। ଯେଉଁମାନଙ୍କ ଘରେ ପାଞ୍ଚବସ୍ତା ଦଶବସ୍ତା ଧାନ ଖୋଜିଲେ ମିଳିବ; ସେମାନେ ସୁଦ୍ଧା ଅଣ୍ଟାଗୁଞ୍ଜା ଦେଇ ପାଉଛନ୍ତି ମାଫିକାର୍ଡ଼। ସେଇ ମାଫିକାର୍ଡ଼ରୁ ଚାଉଳ, ଗହମ ନେଇ ସେଇଆକୁ ପୁଣି ସେଇ ଗୋଦାମରେ ବିକ୍ରି କରି ସେମାନେ ସେଥିରୁ ଆୟ କରୁଛନ୍ତି ପାଞ୍ଚଟଙ୍କାର ଦଶଗୁଣ, କୋଡ଼ିଏ ଗୁଣ । ଏ ଦେଶରେ କ୍ଷୁଧା ଓ ଅନାହାର ମଧ୍ୟ ହୋଇପାରେ ଏକ ଲାଭପ୍ରଦ ବ୍ୟବସାୟ ମାତ୍ର ଅଣ୍ଟାଗୁଞ୍ଜା ଯୋଗାଡ଼ କରିବା ପାଇଁ ଦୁର୍ଭାଗା କେଳୁଚରଣର ସମ୍ବଳ ନ ଥିଲା ।

ବଂଶୀଧର ସେଦିନ ସେଇ ଓସ୍ତଗଛମୂଳେ କେଳୁଚରଣର ଆଲୁମିନିୟମ୍ ବାଟି ଭିତରକୁ ଦଶପଇସିଟାଏ ପକାଇ ଦେଇ ସେଠାରୁ ଚାଲିଆସିଥିଲେ । କେଳୁଚରଣ ତାଙ୍କୁ ଆଶୀର୍ବାଦ କରି ନ ଥିଲା । ଭଗବାନ୍ ଦାତାର କଲ୍ୟାଣ କରନ୍ତୁ ବୋଲି ପ୍ରାର୍ଥନା କରି ନ ଥିଲା କିମ୍ବା ମୌନ କୃତଜ୍ଞତା ପ୍ରକାଶର ସୁଦ୍ଧା କୌଣସି ସୂଚନା ଦେଇ ନ ଥିଲା । ଅପରପକ୍ଷରେ ପ୍ରତିବାଦ ଓ ପ୍ରତିରୋଧର କାଠିନ୍ୟରେ ତାର ଆଖି ଦୁଇଟା ଯେପରି କଠୋର ହୋଇ ଉଠିଥିଲା— ତାର କ୍ଷୁଧା, ତାର ଅନାହାର, ତା'ର ଦୈନ୍ୟ ପାଇଁ ଏଇ ଦାତାଜଣକ ଯେପରି ଦାୟୀ ! ଦଶ ପଇସିଟା ପକାଇ ଦେଇ ସେଠାରୁ ଚାଲିଆସିବାବେଳେ ବଂଶୀଧରଙ୍କୁ ନିଜକୁ ମଧ୍ୟ ଲାଗିଥିଲା ଅପରାଧୀ ପରି। ଏଇ ଦଶପଇସିଟାରେ ମେଣ୍ଟିବ କ'ଣ କେଳୁଚରଣର ବଞ୍ଚିବାର କ୍ଷୁଧା ? ସେଇ ଦଶପଇସିଟା ବରଂ ତାର କ୍ଷୁଧା ଓ ଦୁର୍ଭାଗ୍ୟପ୍ରତି ଏକ ଉତ୍କଟ ପରିହାସ।

ତଥାପି ସେଇ ଦଶପଇସିଟା ପାଇବା ପରେ କେଳୁଚରଣ ଫେରି ପାଇଥିଲା ଯେପରି ବଞ୍ଚିରହିବା ପାଇଁ ଅପହୃତ ଆଶା ଓ ସାହସ । ଅନ୍ୟ ସମୟରେ 'ବି.ଡି.ଓ. ସାହେବ'ଙ୍କ ଖଦଡ଼ ପର୍ଦ୍ଦାଢଙ୍କା ଅଫିସ କୋଠରି ଭିତରକୁ ଅନହୂତି ପଶିଯିବା ପାଇଁ ସେ ସାହସ ଖୋଜି ପାଏ ନାହିଁ ।

Digitized by srujanika@gmail.com

ଅମଲାତନ୍ତ୍ର ଏ ଦେଶର ଛାତି ଉପରେ, ବ୍ରହ୍ମରାକ୍ଷସ ପରି ତଥାପି ଯେପରି ମାଡ଼ିବସି ରହିଛି— 'ବି.ଡ଼ି.ଓ.ସାହେବ' କେଜାଣେ ସେଇ ବ୍ରହ୍ମରାକ୍ଷସର ଚେଲାଚାମୁଣ୍ଡା। ତାଙ୍କ ସାମନାରେ ପଡ଼ିଗଲେ ଦେହର ସବୁ ରକ୍ତ ଏକ ଲଦ୍‌ମାକେ ଶୋଷିନେବେ ଯେପରି। ମାତ୍ର ଆଜି ତାଙ୍କ ଅଫିସ ଭିତରକୁ ପଶିଯାଇଁ ତାଙ୍କର ସାମନା ସାମନି ହେବାପାଇଁ କେଳୁଚରଣର କୁଣ୍ଠା କିମ୍ବା ଭୟ ନ ଥିଲା। ସେଇ ଦଶପଇସିଟା ଯେପରି କେଳୁଚରଣକୁ ଆଣିଦେଇଥିଲା ବଞ୍ଚିବା ପାଇଁ ଅବଦମିତ ସାହସ। ତନ୍ଦ୍ରାଚାଳିତ ପରି ସେ ଗଣ୍ଡିଫୁଲା, କମ୍ପିତ, ଥର ଥର ପାଦରେ କଙ୍କାଳସାର ଦେହ ଉପରେ ଚିରା ଗାମୁଛା ଖଣ୍ଡକ ସଂଭ୍ରମରେ ଟାଣି ହାତରେ ଯଷ୍ଟି ଖଣ୍ଡକ ଧରି 'ବି.ଡି.ଓ. ସାହେବଙ୍କ' ସ୍ୱାସ୍ଥ୍ୟପୁଷ୍ଟ ଲହୁଣିବୋଳା ନଧର ମୂର୍ତ୍ତି ଆଗରେ ସାଷ୍ଟାଙ୍ଗ ଦଣ୍ଡବତ ହେବାପରି ସେ ଚଟାଣ ଉପରେ ମୁହଁ ମାଡ଼ି ଲୋଟିପଡ଼ିଲା ।

"ବି.ଡି.ଓ.ସାହେବ" ଚିତ୍କାର କରି ଉଠିଲେ... ''ଆରେ ଉଠ ଉଠ। କଥା କ'ଣ ? କଥା କ'ଣ ? ହେ, ହେଡକ୍ଲର୍କ ବାବୁ...''

ହେଡ୍‌କ୍ଲର୍କ ବାବୁ ବି.ଡ଼ି.ଓ. ସାହେବଙ୍କ ପାଖରେ ଗୋଟାଏ ନଥି ଧରି କ'ଣ ପରାମର୍ଶ କରୁଥିଲେ । ସେ ମଧ୍ୟ ଚିତ୍କାର କରି ଉଠିଲେ... ''ଆରେ ଅଫିସ ଭିତରେ ଇଏ କ'ଣ ! ଉଠ, ଉଠ।''

କେଳୁଚରଣ ତଳୁ ହଠାତ୍ ଉଠି ପାରୁ ନ ଥିଲା । ଯଷ୍ଟି ଉପରେ ଭାରା ଦେଇ କମ୍ପିତ ପାଦରେ ସେ ଧୀରେ ଧୀରେ ଠିଆ ହୋଇ କହିଲା... 'ହଜୁର୍, ମାଫିକାର୍ଡ଼ ।'

ବି.ଡି.ଓ. ପଚାରିଲେ—''ତୁମ ଘର କେଉଁ ଗାଁ ? କେଉଁ ପଞ୍ଚାୟତ ?'' —'ମଙ୍ଗଳପୁର।'

ବି.ଡି.ଓ. ସାହେବଙ୍କର ହଠାତ୍ କ୍ରୁଦ୍ଧ ହେବାର କି କାରଣ ଥିଲା କେଳୁଚରଣ ବୁଝିପାରୁ ନ ଥିଲା । କିନ୍ତୁ ମୁଖସ୍ଥ କରିଥିବା କଣ୍ଠରେ ବି.ଡି.ଓ. ସାହେବ ଗଡ଼ ଗଡ଼ କରି କହି ଚାଲିଲେ— ''ଗ୍ରାମସେବକଙ୍କ ରିପୋର୍ଟ ଅନୁସାରେ ବୃଷ୍ଟିପାତର ପରିମାଣ ୩୬ ଇଞ୍ଚରୁ ୪୦ ଇଞ୍ଚ ଅର୍ଥାତ୍ ଶତକଡ଼ା ୬୦ ଭାଗ ବୃଷ୍ଟିପାତ, ମାତ୍ର ଶତକଡ଼ା ୨୩ ଭାଗ ଜମି ଚାଷ ହୋଇପାରି ନାହିଁ, ପଞ୍ଚାୟତରେ ଲୋକସଂଖ୍ୟା ଆଠହଜାର ସତର, ଟେଷ୍ଟ ରିଲିଫ୍ ପାଇଁ ଦିଆ ହୋଇଛି ଚଉଦ ହଜାର ଛୟାଳିଶ ଟଙ୍କା ପନ୍ଦର ପଇସା । ଯାଅ, ଖଟିକରି ଖାଅ । ଉତ୍ପାଦନ ବୃଦ୍ଧି କର। (ବି.ଡି.ଓ.ଙ୍କ ଅଫିସ କାନ୍ଥରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିକୃତି ସମ୍ବଳିତ ବିରାଟ ରଙ୍ଗିନ ପୋଷ୍ଟରରେ ଉତ୍ପାଦନ ବୃଦ୍ଧି ପାଇଁ ଚିତ୍ରିତ ଉଦ୍‌ବୋଧନ ।) ମାଫିକାର୍ଡ଼ କ'ଣ ? ଦେଶଟାକୁ କ'ଣ ମାଗିଖିଆ ଭିକାରିଙ୍କ ଦେଶ କରିଦେବ ? ହୁଃ !'' ବି.ଡି.ଓ. ସାହେବଙ୍କ ଦେଶାତ୍ମବୋଧ ବିସ୍ଫୋରଣ କରି ଉଠିଲା ।

ମାଫିକାର୍ଡ଼ ମିଳିବାର ଆଶା ତା'ହେଲେ ନାହିଁ ।

କେଳୁଚରଣ ବେତ୍ରାହତ ପରି ସେଠାରୁ ବାହାରକୁ ଚାଲିଆସିଲା । ମାଫିକାର୍ଡ଼ ନ ମିଳିବା ତାକୁ ଯେତେ ବାଧିଲା ନାହିଁ; ସେତେ ବାଧିଲା ମାଗିଖିଆର ଆକ୍ଷେପ । କେଳୁଚରଣ ଚାଷୀ, ଯେଉଁଠି ଆଦୌ ପତ୍ର କଅଁଳେ ନାହିଁ, ସେଠାରେ ସେ ତାର ବାହୁବଳରେ ମାଟି ତାଡ଼ି ତାକୁ

Digitized by srujanika@gmail.com

କରିଛି ଶସ୍ୟଶ୍ୟାମଳା । ସେ ସମସ୍ତଙ୍କୁ ଦେଇ ଆସିଛି ଖାଦ୍ୟ, ଅନ୍ନ । କିନ୍ତୁ ବର୍ଷ ପରେ ବର୍ଷ ଧରି କ୍ରମାଗତ ଭାବରେ ଲୁଣା, ଚଢ଼ି, ମରୁଡ଼ି ମଧ୍ୟରେ ପ୍ରକୃତି ସୁଦ୍ଧା ମଣିଷର ଲୁଣ୍ଠନ ସହିତ ହାତ ମିଳାଇ ଗୋଟାଏ ଜାତିକୁ ଧ୍ୱଂସ କରିଦେବା ପାଇଁ ଆରମ୍ଭ କରିଛି ଯେଉଁ ଷଡ଼ଯନ୍ତ୍ର; କେଲୁଚରଣ ହୋଇଛି ତାର ଅସହାୟ ଶିକାର ।

ବାରଣ୍ଡାରେ ଚପରାସୀ ଜଣକ ଅସ୍ଫୁଟ କଣ୍ଠରେ ଖିଙ୍କାରି ଉଠିଲା— ''ପାଞ୍ଚ ଟଙ୍କା ନ ଦେଇ ମାଫିକାର୍ଡ଼ ପାଇଁ ପଶିଯାଉଥିଲୁ ଯେ । ହ୍ୟାପଃ ! ମାଗିଖିଆ ।''

ନା—ନା ସେ ମାଫିକାର୍ଡ଼ରେ ତା'ର ପ୍ରୟୋଜନ ନାହିଁ । ସେ ତ ମାଗିଖିଆ ନୁହେଁ । ମାଫିକାର୍ଡ଼ ପାଇ ସେ ତ ଆଉ କଳାବଜାର କରି ନ ଥାନ୍ତା । କ୍ଷେତ୍ରରେ ପୁଣି ଚାଷବାସ ଆରମ୍ଭ ହେବା ପର୍ଯ୍ୟନ୍ତ ଦିନ କେତେଟା ସେ କେବଳ ବଞ୍ଚିଯାଇ ପାରିଥାନ୍ତା । ନ ମିଳୁ ପଛେ ମାଫିକାର୍ଡ଼— ସେ ବଞ୍ଚି ରହିପାରିବ । ... ଯିଏ ଜନ୍ମ ଦେଇଛି ସେ ତା ପାଇଁ ବ୍ୟବସ୍ଥା କରି ରଖିଛି ଆଧାର । ଛିଣ୍ଡା ଗାମୁଛା କାନିରେ ଗଣ୍ଠି ପକାଇ ରଖିଥିବା ଦଶପଇସିଟା ଉପରେ କେଲୁଚରଣ ପୁଣି ଥରେ ହାତ ବୁଲାଇଲା । ସେ ତ କେବେ ହାତ ପତାଇ କାହାକୁ ମାଗି ନ ଥିଲା । ତଥାପି ଯେଉଁ ଦାତାଜଣକ ତା ଉପରକୁ ଦଶପଇସିଟା ପକାଇ ଗଲେ ତାଙ୍କର ଜୟ ହେଉ । କଲ୍ୟାଣ ହେଉ ।

ବ୍ଲକ ଅଫିସ ହତାରୁ ସେ ଆସିଲା ବଜାରକୁ । ଦଶ ପଇସାରେ ଗିଲାସେ କସରା ଚା ପାଣି ଛଡ଼ା ଆଉ କ'ଣ ବା ମିଳିପାରିବ ? ତଥାପି ଏଇ ଚା'ଟା ଅଦ୍ଭୁତ ବସ୍ତୁ । ଭୋକ ମାରିଦିଏ ଦଣ୍ଡକ ପାଇଁ... ଦେହକୁ ମଧ ତାଜା କରି ରଖେ । କେଲୁଚରଣ ଗୋଟାଏ ଚା' ପିଇଲା । ଚା' ଦୋକାନ ରେଡ଼ିଓରେ ପ୍ରଚାରିତ ନେତାଙ୍କ ଭାଷଣ, ଦେଶର ଇସ୍ପାତ ଉତ୍ପାଦନ ସମ୍ପର୍କରେ ବିସ୍ତୃତି ପରିସଂଖ୍ୟାନ । କେଲୁଚରଣ ସେଥିରୁ କିଛି ବୁଝିପାରୁ ନ ଥିଲା କିମ୍ବା ସେସବୁ ବୁଝିବା ପାଇଁ ତାର କୌଣସି ପ୍ରୟୋଜନ ମଧ ନ ଥିଲା । ଚା' ଗ୍ଲାସଟା ପିଇସାରିବା ପରେ ଦେହଟା ତାର ତାଜା ଲାଗୁଥିଲା ।

କେଲୁଚରଣ ସେଠାରୁ ଗାଁଆଡ଼େ ଫେରିଲା— ଝଡ଼ା ଦୁଇକୋଶ ବାଟ— ସେଇ ଟେଷ୍ଟ୍ ରିଲିଫ୍ ରାସ୍ତାରେ ନୁହେଁ, ହୁଡ଼ାମାଳ ଭିତରେ ଆଉ ଗୋଟାଏ କଟି ବାଟରେ । ଶ୍ରାବଣ ମାସରେ ସୁଦ୍ଧା ହୁଡ଼ାମାଳ ଗହୀର ଭିତରେ ଖଣ୍ଡିଆ ଭୂତ ନାଚୁଛି । ଉପରେ ମୁଣ୍ଡଫଟା ଖରା । ହିଡ଼ କଡ଼େ କଡ଼େ କେଲୁଚରଣ ସନ୍ଧାନ କରୁଥିଲା ମୁଠିଶାଗ, ଖୁଦ ସାଙ୍ଗରେ ମିଶାଇ ସିଝାଇ ଦେଲେ ଚଳିଯିବ ବେଶ୍ । କିନ୍ତୁ ମୁଠିଶାଗର କୁଆଁଟି ସୁଦ୍ଧା ସେତେବେଳକୁ ମଣିଷର ବିଶ୍ୱଗ୍ରାସୀ କ୍ଷୁଧା ମଧ୍ୟରେ ନିଶ୍ଚିହ୍ନ ହୋଇ ସାରିଥିଲା । ମୁଠିଶାଗର ପତ୍ରଟିଏ ସୁଦ୍ଧା ନ ଥିଲା । କୋଇଲିଖିଆ ପତ୍ରଗୁଡ଼ାକରେ କେବଳ କଣ୍ଟା ଭର୍ତ୍ତି ।

ସାମନାରେ କେଲୁଣୀଯୋଡ଼ଟା ଡେଇଁ ଗଲେ ଏଇ ଦେଖାଯାଏ ମଙ୍ଗଳପୁର ଗାଁ ସରପଞ୍ଚ ହରି ଚଉଧୁରୀଙ୍କ ଦାଣ୍ଡ ନଡ଼ିଆ ଗଛ । ଯୋଡ଼ଟାରେ ଶ୍ରାବଣ ମାସରେ ସୁଅ ଛୁଟେ, ମାତ୍ର ଏବେ ଶୁଖିଲା ପଡ଼ିଛି ଗୋଟାଏ ମଲା ସାପ ପରି । ଠାଏ ଠାଏ କେଉଁଠି ମୁନ୍ଦାଏ ମୁନ୍ଦାଏ ପାଣି । କିନ୍ତୁ ଏହାରି ଭିତରେ ରହିଛି ପୁଣି ଏତେ ଐଶ୍ୱର୍ଯ୍ୟ ! ଆଉ...ଆଉ ଦିନ କେଇଟା ଆଗରୁ ସେ ଏଠାକୁ ଆସି ନ ପାରିଲା କାହିଁକି ? ତା' ହେଲେ ତା' ସ୍ତ୍ରୀ ଚନ୍ଦା ଆଉ ଝିଅ କୁସୁମୀକୁ ହୁଏତ

Digitized by srujanika@gmail.com

ଆଉ ଦିନ କେତେଟା ଅଟକାଇ ରଖିପାରିଥାଆନ୍ତା । ଚନ୍ଦା କୁସୁମୀକୁ ଧରି ଦେଶାନ୍ତରୀ ହୋଇ ପଳାଇ ନ ଥାନ୍ତା । କୁଆଡ଼େ ଗଲା ଚନ୍ଦା ?

ତା' ବାପଘର ଗାଁରେ ବି ତ ମରୁଡ଼ି । ଶଳା ମଙ୍ଗଳପୁର ଆସିଥିଲା ଧାନ କରଜ ପାଇଁ । ସେମାନେ ଚନ୍ଦା ଆଉ କୁସୁମୀକୁ ଚଳାଇବେ କୋଉଁଠୁ ? ଗାଁଲୋକେ କୁହନ୍ତି ଚନ୍ଦା ପଳାଇଲା ସେଇ ଟେଷ୍ଟ୍-ରିଲିଫ୍ ଠିକାଦାରର ଗୁମାସ୍ତା ସାଙ୍ଗରେ । ଯୁଆଡ଼େ ଯାଉ ପଛେ ଚନ୍ଦା... ବିଚାରୀ ବଞ୍ଚିଯାଉ । ସାରୁନାଡ଼ ସିଝା ଖାଇ, ଅଧେ ଦିନ ନ ଖାଇ, ସତୀତ୍ୱ ମୋହରେ ଚନ୍ଦା ଏଠି ପଡ଼ି ରହନ୍ତା ଆଉ କେତେ ଦିନ ? ଚନ୍ଦା ବିରୋଧରେ ତା'ର ଅଭିଯୋଗ ନ ଥିଲା... ଥିଲା ବୋଧହୁଏ କେବଳ ଅଭିମାନ । ଚନ୍ଦାର ସ୍ମୃତି କେଳୁଚରଣକୁ ମୁହୂର୍ତ୍ତକ ପାଇଁ ଉଦାସ କରି ଦେଇଥିଲା । ପରମୁହୂର୍ତ୍ତରେ ସେ ମନକୁ ଟାଣ କରି ଭାବିଲା ତଥାପି ବଞ୍ଚିବା ପାଇଁ ପଡ଼ିବ । ବଞ୍ଚିବା ପାଇଁ ପଡ଼ିବ ।

ଯୋଡ଼ ଭିତରେ ଅରାଏ ପାଣି ଭିତରେ ଅସୁମାରି କଇଁ ମୂଳ । ଆଃ... ପାଣି ଧାରେ ଧାରେ ସୁନ୍ସୁନି ଶାଗ ଭର୍ତ୍ତି । ଏତିକିରେ କେଳୁଚରଣର ସପ୍ତାହେ ଚଳିଯିବ । ତା'ପରେ ହୁଏତ ଆରମ୍ଭ ହୋଇଯିବ ଚାଷକାମ । ଅସରାଟାଏ ବର୍ଷା ଖାଇଗଲେ ଆରମ୍ଭ ହୋଇଥାନ୍ତା ତଳିରୁଆ । କେଳୁଚରଣ ବେକ ଭାଙ୍ଗି ଆକାଶକୁ ଚାହିଁଲା । କିନ୍ତୁ ଆକାଶ ନିର୍ମେଘ । ଗୋଟାଏ ଶାଗୁଣା କେବଳ ଚକ୍କର କାଟି ଉଡୁଥିଲା ମଢ଼ର ସନ୍ଧାନରେ ।

ଯୋଡ଼ଆଡ଼େ ଚାହିଁ କେଳୁଚରଣ ଭାବିଲା ସେ ବଞ୍ଚିଥିବ, ନିଶ୍ଚୟ ବଞ୍ଚିଥିବ । ଚନ୍ଦା ଦିନେ ଝିଅ କୁସୁମୀକୁ ଧରି ପୁଣି ହୁଏତ ଫେରି ଆସିବ । ମାଫିକାର୍ଡ଼ରେ ତା'ର ଆଉ ପ୍ରୟୋଜନ କ'ଣ ? ଯିଏ ଜନ୍ମ ଦେଇଛି; ସିଏ ନିଶ୍ଚୟ ବ୍ୟବସ୍ଥା କରି ରଖିଛି ଆଧାର । ଥର ଥର କମ୍ପିତ, ଦୁଇ ହାତ ଯୋଡ଼ି କେଳୁଚରଣ ସେଇ ଅଦୃଶ୍ୟ ଇଷ୍ଟଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲା । ତା'ପରେ ଯୋଡ଼ ଭିତରେ ପଶି ମନଇଚ୍ଛା କଇଁମୂଳ ସଂଗ୍ରହ କଲା— ଆଉ କିଛି ସୁନ୍ସୁନି ଶାଗ ବି । ଗୋଟାଏ ଚେଙ୍ଗମାଛ ସୁଦ୍ଧା ତା' ହାବୁଡ଼ରେ ପଡ଼ିଗଲା ।

ଦୁଇଦିନ ପରେ ଗାଁ ଲୋକଙ୍କୁ ଲୁଚି ଲୁଚି କେଳୁଚରଣ ପୁଣି ଆସିଲା ସେଇ କେଳୁଣୀ ଯୋଡ଼କୁ । ଏ ଐଶ୍ୱର୍ଯ୍ୟ ଉପରେ ଅନ୍ୟ କଙ୍କାଳମାନଙ୍କର ଆଖି ପଡ଼ିଲେ ଦିନ କେତେଟାରେ ଏତକ କଇଁମୂଳ ଆଉ ସୁନ୍ସୁନି ଶାଗ ସଫା ହୋଇଯିବ । କିନ୍ତୁ କେଳୁଣୀଯୋଡ଼ ପାଖରେ ପହଞ୍ଚିଲାବେଳକୁ ତା' ଭିତରେ କେଉଁଠୁ ଦଳ ଦଳ ଲଙ୍ଗଳା ପିଲା ଆଉ ଦର ଲଙ୍ଗୁଳୀ ବୁଢ଼ୀ ଆସି ସେଇ ଐଶ୍ୱର୍ଯ୍ୟକୁ ଲୁଟ୍ କରୁଥିଲେ; କ୍ଷୁଧିତ ପଙ୍ଗପାଳ ପରି । ଅନେକ ଦିନର ଅନାହାର ପରେ ସେମାନେ ମଧ୍ୟ ପାଇଥିଲେ ଯେପରି ଖାଦ୍ୟର ସନ୍ଧାନ ।

କିନ୍ତୁ ତା'ର ଖାଦ୍ୟଭଣ୍ଡାର, ତା'ର ଐଶ୍ୱର୍ଯ୍ୟ ଉପରେ କେଉଁ ଗାଁର ଏଇ ପଙ୍ଗପାଳ ଦଳଙ୍କର ଆକ୍ରମଣ, କେଳୁଚରଣ ବରଦାସ୍ତ କରି ପାରୁ ନ ଥିଲା । ସେମାନେ ଦସ୍ୟୁ ପରି ଲୁଣ୍ଠନ କରୁଥିଲେ ଯେପରି କେଳୁଚରଣର ଅନ୍ନ ତା'ର ବଞ୍ଚି ରହିବାର ସମ୍ବଳ, ତା'ର ଉତ୍ତରାଧିକାର ।

କେଳୁଚରଣ ଚେଁଚେଇଁଆ କଣ୍ଠରେ ଚିତ୍କାର କରି ଉଠିଲା... ''ଏଃ । ତମେ ସବୁ ଏଠି ଆମ ଗାଁ ଯୋଡ଼ରୁ କଇଁମୂଳ ନଉଚ କାହିଁକି ? ପଳା, ପଳା ଏଠୁ । ନଇଲେ ଏଇ ଶୂଳା ପକାଇବି ।''

Digitized by srujanika@gmail.com

ହୁଡ଼ା ବିଲରୁ ଗୋଟାଏ ଶୁଖିଲା ଟେକା ଶୂନ୍ଯା କେଲୁଚରଣ ହାତରେ ଉଠାଇ ଧରିଲା; ସେମାନଙ୍କୁ ତଗାଡ଼ିବା ପାଇଁ । କେଲୁଣୀଯୋଡ଼ର କଇଁମୂଳ ଆଉ ସୁନ୍‌ସୁନି ଶାଗ ଉପରେ ଏକା ତା'ରି ଯେପରି ପାରମ୍ପରିକ ଉତ୍ତରାଧିକାର । ସେଥିରେ ଅନ୍ୟର ହସ୍ତକ୍ଷେପ ସେ ବରଦାସ୍ତ କରି ପାରୁ ନ ଥିଲା ।

କିନ୍ତୁ କେଲୁଚରଣର ଚିତ୍କାର ଚେତାବନୀ ପ୍ରତି କେହି କର୍ଣ୍ଣପାତ କରିବା ଅବସ୍ଥାରେ ନ ଥିଲେ । ଗୋଟାଏ ବୁଢ଼ୀ କେବଳ ଏପରି ଅଶ୍ଳୀଳ ଭାଷାରେ କେଲୁଚରଣକୁ ଗାଳିଗୁଲଜ ଆରମ୍ଭ କରିଦେଲା ଯେ, ସେଥିରେ ଆଉ ଠିଆ ହୋଇ ରହିବା କେଲୁଚରଣ ପକ୍ଷରେ ସମ୍ଭବ ହେଲା ନାହିଁ ଲଜ୍ଜାରେ । ଯୋଡ଼ କଡ଼ରେ ବାଉଁଶ ବଣ ଧାରେ ଧାରେ ଯୁଆଡ଼େ ପାଦ ଟାଣିଲା ସେଆଡ଼େ ଚାଲିଯିବା ପରି କ୍ଳାନ୍ତ ପାଦ ଦୁଇଟା ଟାଣି ଟାଣି ସେ ଚାଲିଗଲା ଅନ୍ୟତ୍ର କେଉଁଠି ଖାଦ୍ୟ ସନ୍ଧାନରେ...ଯିଏ ଜନ୍ମ ଦେଇଛି ସେ ନିଶ୍ଚୟ କେଉଁଠି ବ୍ୟବସ୍ଥା କରି ରଖିଥିବ ଆଧାର । ଏ କଙ୍କାଳମାନଙ୍କ ସହିତ ଝଗଡ଼ା କରି ଲାଭ କ'ଣ ?

ମଙ୍ଗଳପୁର ସ୍କୁଲ ପାଖକୁ ଏତେବେଳେ ଗଲେ କିପରି ହୁଅନ୍ତା ? ଏଇଟା ପିଲାମାନଙ୍କର ଜାଉଖିଆ ବେଳ । ଏତେବେଳେ ପିଲାମାନଙ୍କୁ ଖଣ୍ଡେ ଖଣ୍ଡେ କଦଳୀ ପତ୍ରରେ ଦିଆଯାଏ ମୋଟ୍ଠାଏ ମୋଟ୍ଠାଏ କେଆର୍‌ଫିଡ଼ିଙ୍ଗ୍ ଜାଉ । ପୁଷ୍ଟିକର ଖାଦ୍ୟ ବିତରଣ ଯୋଜନାର କଲ୍ୟାଣଧର୍ମୀ କାର୍ଯ୍ୟକ୍ରମ । ଆହା! କିଏ ସେ କେଆର୍ ? ଠାକୁରେ ତାଙ୍କର କଲ୍ୟାଣ କରନ୍ତୁ । କେଆରଫିଡ଼ିଙ୍ଗର ସାଲାଦ୍ ଅୟଲ୍ ଟିଣ ସବୁ ସରପଞ୍ଚ ଆଉ ସ୍କୁଲ ସେକ୍ରେଟାରୀ ମିଶି କୁଆଡ଼େ କିଳାପୋଡେଇ କରନ୍ତି । ସେଥିପାଇଁ ମଙ୍ଗଳପୁର ଗାଁରେ ଦୁଇଦଳ ହୋଇ ଗାଁରେ ଫଟାଫଟି, କୁରୁପାଣ୍ଡବ ଯୁଦ୍ଧ । ଆଉ ସୁନ୍‌ସୁନି ଶାଗ ତୁଳନାରେ ତାହା ବି ନିତାନ୍ତ ଅଖାଦ୍ୟ ନୁହେଁ । ଦିନେ ଦିନେ ଏଇ ସମୟରେ ସ୍କୁଲ ବାରଣ୍ଡା ତଳେ ନାକେଇ ଠିଆ ହେଲେ ଗୋଟିଏ କଦଳୀ ପତ୍ର ଠୁଙ୍ଗାରେ ମଧ୍ୟ ମିଳିଥାଏ କିଛି ଜାଉ । ନୋହିଲେ କୌଣସି ପିଲାକୁ ସେଇ ପାଣିଚିଆ ଜାଉ ଭଲ ନ ଲାଗିଲେ କଦଳୀପତ୍ର ଠୁଙ୍ଗାଟା ସେ ଫିଙ୍ଗି ଦିଏ । କେଲୁଚରଣ ଓ ତାରି ପରି ଅନ୍ୟମାନଙ୍କ ଗାମୁଛା କାନି ଅଥବା ଚେପ୍‌ଟା ଆଲୁମିନିୟମ୍ ବାଟି ଭିତରକୁ; ମାତ୍ର ସେଠାରେ ସୁଦ୍ଧା ତା'ରି ପରି ଭୋକିଲା ମଣିଷ ଆଉ କୁକୁରଙ୍କର ଗହଳି । ଠେଲାପେଲା, କାମୁଡ଼ା କାମୁଡ଼ି । କେଲୁଚରଣର ଆତ୍ମସମ୍ମାନକୁ ତାହା ଖୁବ୍ ବାଧେ । ଏହା ଅପେକ୍ଷା ଆଉ କେଉଁଠି କନ୍ଦା କି କଇଁନାଡ଼ ଖୋଜିବା ବରଂ ଭଲ ।

ସ୍କୁଲ ଆଡ଼େ ଯିବାର ଚିନ୍ତା ଛାଡ଼ି କେଲୁଚରଣ ବାଉଁଶ ବଣ ଧାରେ ଧାରେ ତଳକୁ ମୁଣ୍ଡ ନୁଆଁଇ ନିରୀକ୍ଷଣ କରି କରି ଚାଲିଥିଲା ଭୂତତ୍ତ୍ୱବିତ୍ ଆବିଷ୍କାରକ ପରି । କେଲୁଚରଣ ଭୂତତ୍ତ୍ୱ ଆବିଷ୍କାରକ ନ ହେଉ ପଛେ, ବଞ୍ଚିବାର ଆବିଷ୍କାରକ । କିଆ କନ୍ଦା ଖୋଜୁ ଖୋଜୁ ସେ ଗୋଟିଏ ସ୍ଥାନରେ ଅଟକି ଠିଆ ହୋଇଗଲା । ସେଠାରେ ଗୋଟିଏ କିଆବୁଦା କଡ଼ରେ ମାଡ଼ିଥିଲା ଗୁଡ଼ାଏ ଲତା । ତାର ପତ୍ର ସବୁ ଦେଖିବାକୁ କଲରା ପତ୍ରପରି । ସେଥିରୁ ସେ ଗୋଟିଏ ପତ୍ର ଛିଣ୍ଡାଇ ହାତରେ ଦଳି ନାକ ପାଖକୁ ନେଇ ଶୁଙ୍ଘିଲା । ତା'ପରେ ଆଶା ଓ ଆନନ୍ଦରେ ତାର ଆଖି ଦୁଇଟା ଉଜ୍ଜ୍ୱଳ ହୋଇ ଉଠିଲା । ତାର ଅନ୍ତରାତ୍ମା ଚିତ୍କାର କରି ଉଠିଲା... ''ପିତାଲୁ ପିତାଲୁ !'' ଏଇ ପିତାଲୁ ପାଇଁ ସେ କେତେ ଖୋଜି ହେଉ ନ ଥିଲା । ପିତାଲୁ ଯେତେ ସିଝାଇଲେ ସୁଦ୍ଧା

Digitized by srujanika@gmail.com

ଅବଶ୍ୟ ପିତା; କିନ୍ତୁ ଚନ୍ଦା ଜାଣିଥିଲା ପିତାଳୁ ଧୋଇବାର କାଇଦା । ଚନ୍ଦା ପିତାଳୁ ସିଝାଇ ପାରିଲେ ଲାଗେ ଠିକ୍ ସକ୍ରୁପୋଡ଼ା ପରି । ଏଇ ପିତାଳୁ ଖାଇ କେଳୁଚରଣର କେତେ ପୂର୍ବପୁରୁଷ କେତେ ମରୁଡ଼ି, କେତେ ମନ୍ୱନ୍ତର ପାରି କରିଛନ୍ତି । କେଳୁଚରଣ ମଧ୍ୟ ଏ ଦୁର୍ଭିକ୍ଷ ଅତିକ୍ରମି ଯିବ । ବଞ୍ଚିବାର ଆଶା ଓ ସମ୍ଭାବନାରେ କେଳୁଚରଣର ଭିତିରି ସ୍ୱପ୍ନଗୁଡ଼ିକ ଅଳ୍ପ ପ୍ରାଣଚଞ୍ଚଳ ହୋଇ ଉଠିଲା । ସେ ଲମ୍ବ ଲମ୍ବ ପାଦ ପକାଇ ଗାଁ ଆଡ଼େ ଚାଲିଲା ଯେମିତି ଶାବଳ କିମ୍ବା ଖଣତି ସଂଗ୍ରହ କରିବା ପାଇଁ । ଅନ୍ତତଃ ମୁଠାଏଁ ନ ଖୋଳିଲେ ପିତାଳୁ ତ ମିଳିବ ନାହିଁ !

ପିତାଳୁ ଖୁଣ୍ଟାଏ ଖୋଳି ସେ ଗାଁକୁ ଫେରିବା ବେଳକୁ ସଞ୍ଜ ହୋଇ ଯାଇଥିଲା. ପିତାଳୁ ଧୋଇ ଦେଇଥିଲେ ଚନ୍ଦା ସିଝାଇବାର କାଇଦା ତାକୁ ଜଣା ନ ଥିଲା । ଚନ୍ଦା କିନ୍ତୁ ପିତାଳୁ ଦୁଇଥର ଭଲକରି ସିଝାଇ ବହନ୍ତ ପାଣିରେ ତାକୁ ରାନ୍ଧିଦେବା ବୁଢ଼ୀଙ୍କ ରୀତି । ତା ପରେ ସେ ଦେଇ ପିତାଳୁକୁ ସିଝାଇଲେ, ଲାଗେ ସକ୍ରୁପୋଡ଼ା ପରି

କେଳୁଚରଣର ପରି ଲାଗୁଥିଲା.

ମାତ୍ର ପିତାଳୁ ଦୁଇଥର ସିଝାଇ ରାନ୍ଧିବାର ତାକୁ ବହନ୍ତ ପାଣିରେ ବୁଡ଼ାଇ ରଖି ସେଥିରେ ଦୁଇ ତାକୁ ସିଝାଇବାକୁ କେଳୁଚରଣର ଆଉ ଧୈର୍ଯ୍ୟ ନ ଥିଲା । ପେଟର କାଉଁଳା ଆଉ ଦୁଇଦୁଇ ଶହଶହ ପଞ୍ଚଭୂତ ପେଟରେ ଆଉ ଟିକିଏ ଅପେକ୍ଷା କରୁ ନାହିଁ । ସେଥିପାଇଁ ପରି ବୁଢ଼ୀ ମୁଠିଆ ତାକୁ ତା ପେଟ ଭିତରକୁ ପେଲିଦେଲା ଯେମିତି ତାକୁ ଥିଲା.

ଗାଁ ମୁଣ୍ଡ ପୋଖରୀ ପାଖରେ ଖଣ୍ଡ ଖଣ୍ଡ ପିତାଳୁ ଧୋଇ ଦେଲା କେଳୁଚରଣ । ସେତିକି ବେଳେ ଥିଲା ବିଲୁଆଣି ପାଇଁ । ତା ପରେ ଚୁଲି ପାଖରେ ବସି ଖଣ୍ଡ ଖଣ୍ଡ ପିତାଳୁ ସେ ପୋଡ଼ି ଖାଇଲା । ପରମ ତୃପ୍ତିରେ । ଅଦ୍ଭୁତ ଆତ୍ମୀୟ କଥା, ଅହିଂସା ପିତାଳୁ... ଯାହାକୁ ଚନ୍ଦା ରାନ୍ଧିଥାନ୍ତା କେତେ କାଇଦାରେ ବହନ୍ତା ପାଣିରେ ବୁଡ଼ାଇ ରଖି— କେଳୁଚରଣକୁ ପିତା ଲାଗୁ ନ ଥିଲା କିମ୍ବା ତାର ତଣ୍ଟି କୁଣ୍ଡାଇ ହେଉ ନ ଥିଲା ।

ଦୁଇଦିନର ଉପବାସ ପରେ ଆଜି ତାକୁ ମିଳିଥିଲା ଯେତକିଭି ଖାଦ୍ୟ । କାଲି ପୁଣି ସେ ହେଇ କିଆ ଗୋହିରୀକୁ ଯିବ ପିତାଳୁ ଖୋଳିବା ପାଇଁ । ଏଥର ପିତାଳୁ ଆଣିଲେ କିନ୍ତୁ ବହନ୍ତା ପାଣିରେ ରାତିସାରା ସେ ତାକୁ ବୁଡ଼ାଇ ରଖିବ... ଆଃ ! ଲୁଣ ଟିକିଏ ହୋଇଥିଲେ ଏଇ ପିତାଳୁ ଆହୁରି ସୁଆଦ ଲାଗିଥାନ୍ତା । ପିତାଳୁ ହ୍ୟାପଃ, ଭାରି ପାଣିଚିଆ ଲାଜୁଆ ।

ଖଣ୍ଡ ଖଣ୍ଡ ପିତାଳୁ ଆକଣ୍ଠ ଚୋବାଇ, ଅଧାମାଠିଆ ପାଣି ପିଇ, କେଳୁଚରଣ ଦାଣ୍ଡ ପିଣ୍ଡା ଉପରେ ଗଡ଼ିପଡ଼ିଲା । ସାରାଦିନର ଖଟଣି ବିଶେଷତଃ ପିତାଳୁ ଖୋଳିବା ପାଇଁ ସେଇ ଶୁଖିଲା ଟାଙ୍ଗରା ମାଟି ମୁଠୁଣିଏ ତାଡ଼ିବା ପରେ ତାର ହାତଗୋଡ଼ ଝିମ୍‌ଝିମ୍ ହୋଇ ଉଠୁଥିଲା । ମୁଣ୍ଡ ବୁଲାଇ ଦେଉଥିଲା; ଯେପରି ତଳେ କଚାଡ଼ି ହୋଇ ପଡ଼ିବ ।

ଗାଁ ଟୋକାଙ୍କ କ୍ଲବଘରେ ରେଡ଼ିଓରେ କୃଷି ସଂସାର କାର୍ଯ୍ୟକ୍ରମରେ ଚାଲିଥିଲା 'ସବୁଜ-ବିପ୍ଳବ' ସମ୍ପର୍କରେ କୌଣସି ନେତାଙ୍କ ଭାଷଣ । ଅନ୍ୟ ଦିନ ହୋଇଥିଲେ କ୍ଲବ୍‌ଘର ପାହାଚ ଉପରେ ବସି ସେ ରେଡ଼ିଓରେ ଶୁଣିଥାନ୍ତା କୃଷିସଂସାର, ପୁଣି ଭଜନ— ଜଗନ୍ନାଥ କିଛି ମାଗୁ ନାହିଁ ତୋତେ । ଆଜି କିନ୍ତୁ ସେ ବଡ଼ କ୍ଳାନ୍ତ, ବଡ଼ ଅବସନ୍ନ ।

Digitized by srujanika@gmail.com

ରାତିରେ କେତେବେଳେ ତାର ପୁଣି ନିଦ ଭାଙ୍ଗିଲା । କେଲୁଚରଣର ହେତୁ ନ ଥିଲା । ସେତେବେଳେ ପେଟ ଫାମ୍ପି ନିଶ୍ୱାସ ନେବାପାଇଁ କେଲୁଚରଣର କଷ୍ଟ ହେଉଥିଲା । ପେଟ ଉପରେ ହାତ ବୁଲାଇ ତାହା ନିଜର ପେଟ ବୋଲି କେଲୁଚରଣ ଜାଣିପାରୁ ନ ଥିଲା । ହ୍ୟାପଃ... ପେଟ ନ ଧାନଉଷୁଆଁ ହାଣ୍ଡି ? ପେଟ କ୍ରମେ ଆଉରି ଫାମ୍ପୁଥିଲା ପିଲାଙ୍କ ରବର ବେଲୁନ୍ ପରି। ଲୁଟ୍ ହୋଇଯାଉ ଏଣିକି କେଲୁଣୀଯୋଡ଼ର କଇଁମୂଳ । ସେଇ କିଆ ଗୋହିରୀରୁ ପିତାଲୁ ସବୁ ତାଡ଼ି ନେଇଯାନ୍ତୁ ଅନ୍ୟମାନେ ଯାହାକୁ ଯେତେ। ସେ ସବୁଥିରେ ଏବେ ତାର ଆଉ ପ୍ରୟୋଜନ ନ ଥିଲା। ଏବେ କେବଳ ଶୋଷ। କିନ୍ତୁ ଭିତରକୁ ଯାଇ ମାଠିଆରୁ ପାଣି ପିଇବା ପାଇଁ କେଲୁଚରଣର ପାଦରେ ଆଉ ଶକ୍ତି ନ ଥିଲା । ଗଣ୍ଠି ଉପରେ ଭାରା ଦେଇ ସୁଦ୍ଧା ସେ ଟଳୁ ଉଠି ଠିଆ ହୋଇପାରୁ ନ ଥିଲା । ଆହତ ବନ୍ୟପଶୁ ପରି ସେ ପିଣ୍ଡା ଉପରେ ପଡ଼ି ଗଁ ଗଁ ହେଉଥିଲା ।

ସକାଳେ ମଙ୍ଗଳପୁର ଗାଁରେ ରଟିଗଲା କେଲୁଚରଣର ମୃତ୍ୟୁ ସମ୍ବାଦ । ପେଟ ଫମ୍ପାଇ, ଆଖି ତରାଟି, ପାଟି ଆଁ କରି ଦାଣ୍ଡ ପିଣ୍ଡାରେ ପଡ଼ିଥିଲା କେଲୁଚରଣର ଲାସ୍ । ସମ୍ବାଦ ପାଇବା ମାତ୍ରେ ସରପଞ୍ଚ, ୱାର୍ଡ଼ମେମ୍ବର ଓ ଅନ୍ୟ ମୁଖିଆ ଗ୍ରାମବାସୀମାନେ ସେଠାରେ ଆସି ଜୁଟିଗଲେ । କେଲୁଚରଣର ଲାସ୍‌କୁ ସଙ୍ଖୋଳିବା ପାଇଁ ସେ ଅଞ୍ଚଳର 'ନେତା' ବିଧାନସଭାର ପ୍ରତିନିଧି ମୁରଲୀବାବୁ ମଧ୍ୟ କେଉଁଠୁ ସମ୍ବାଦ ପାଇ ଜୀପ୍‌ରେ ଆସି ସେଠାରେ ପହଞ୍ଚିଗଲେ । କେଲୁଚରଣର ଲାସ୍ ଆଡ଼େ ଚାହିଁ ଖବରକାଗଜରେ ଛପାଇବା ପାଇଁ ମନେ ମନେ ସେ ଗୋଟିଏ ବିବୃତ୍ତିର ଚିଠା କରୁଥିଲେ ।

ସରପଞ୍ଚ ୱାର୍ଡ଼ମେମ୍ବରଙ୍କୁ କହିଲେ... "ଆଉ ଠିଆ ହୋଇ ରହିଲେ କ'ଣ ହେବ ? ଏଇ ଦଶଟଙ୍କା ଧର । ଶବ ସତ୍କାରର ଯୋଗାଡ଼ କର । ପଞ୍ଚାୟତ ପାଣ୍ଠିରୁ ଏ ଟଙ୍କା ମଞ୍ଜୁର ନ ହେଲେ ମୁଁ ପଛେ ପକେଟରୁ ଦେଉଛି।" ...ସରପଞ୍ଚ ସରକାରୀ ପକ୍ଷର ଲୋକ । ନିଜ ପଞ୍ଚାୟତ, ନିଜ ଗାଁରେ ପୁଣି ଏକ ଅନାହାର ମୃତ୍ୟୁର ଏଇ ପ୍ରାମାଣିକ ସଙ୍କେତକୁ ସେ ଯଥାଶୀଘ୍ର ଖତମ୍ କରିଦେବାକୁ ଚାହୁଁଥିଲେ।

ସରପଞ୍ଚଙ୍କ ଉଦାର ମହାନୁଭବତାରେ କେହି କେହି ଆଃ ଚୁଃ ଚୁଃ କଲେ । କେଲୁଚରଣ ପରି ସେମାନେ ମଧ୍ୟ କେଉଁଦିନ ଏହିପରି ଗଡ଼ି ମରିବେ । କିନ୍ତୁ ଆଶାର କଥା; ସେମାନଙ୍କର ଶବସତ୍କାର ପାଇଁ ସେଦିନକୁ ନିଶ୍ଚୟ ଥିବେ ଏଇ ମହାନୁଭବ ସରପଞ୍ଚ। ପଞ୍ଚାୟତ ପାଣ୍ଠିରୁ ଟଙ୍କା ମଞ୍ଜୁର ନ ହେଲେ ସୁଦ୍ଧା ନିଜ ପକେଟରୁ ଟଙ୍କା କାଢ଼ିବା ପାଇଁ ସେ କୁଣ୍ଠିତ ହେବେ ନାହିଁ । ସେମାନଙ୍କ ମଢ଼ା ବାସୀ ହେବ ନାହିଁ ।

ମୁରଲୀବାବୁ ଚିତ୍କାର କରି ଉଠିଲେ... "ଏ ଲାସ୍ ଏଠାରୁ ଉଠିପାରିବ ନାହିଁ । ଇଏ ଅନାହାର ମୃତ୍ୟୁ। ନିଶ୍ଚୟ ଅନାହାର ମୃତ୍ୟୁ। ବି.ଡି.ଓ. ଆସନ୍ତୁ, ପୋଲିସ୍ ଆସୁ, ତାପରେ ଯାଇଁ ଶବସତ୍କାର ହେବ ।" ସ୍ଲୋଗାନ ଦେବା ପରି କଣ୍ଠରେ ସେ କହିଲେ... "ଏ ମୃତ୍ୟୁ ପାଇଁ ଦାୟୀ ସରକାର।"

Digitized by srujanika@gmail.com

ନେତା ମୁରଲୀବାବୁଙ୍କ ହକରାରେ ଯଥାସମୟରେ ସେଠାରେ ଆସି ପହଞ୍ଚିଲେ ବି.ଡି.ଓ., ପୋଲିସ ଇନ୍‌ସପେକ୍ଟର, ପ୍ରାଇମେରୀ ହେଲ୍‌ଥ ସେଣ୍ଟରର ଡାକ୍ତର । ଜୀପ୍ ଗଡ଼ିରେ ମଙ୍ଗଳପୁର ଗାଁ ଦାଣ୍ଡ ପଡ଼ିଲା ଉଠିଲା ।

ବି.ଡି.ଓ. ଚିନ୍ତିତ କଣ୍ଠରେ ପଚାରିଲେ... ''କେଳୁଚରଣର ବାତବେମାରି ନ ଥିଲା ?'' ତାଙ୍କର ମନେ ପଡ଼ିଗଲା, ଏଇ ଲୋକଟା ସେଦିନ ତାଙ୍କ ଅଫିସ ଭିତରକୁ ପଶିଆସି ବାତ ମାରିବା ପରି ତଳେ ପଡ଼ି ଯାଇଥିଲା ।

ସରପଞ୍ଚ ନୀରବ ରହିଲେ । ପୋଲିସ ଇନ୍‌ସପେକ୍ଟର କହିଲେ, ''ଆସାମୀ ବିଷଖାଇ ଆତ୍ମହତ୍ୟା ମଧ୍ୟ କରିପାରିଥାଏ । ତେଣୁ ପ୍ରଥମେ ଲାସ୍ ମାଇନା ହେବା ଦରକାର ।''

ସରପଞ୍ଚ ଟିପ୍‌ପଣୀ କଲେ... ''କେଳୁଚରଣ ବିଷ ଖାଇଥିବା ମଧ୍ୟ ଅସମ୍ଭବ ନୁହେଁ ? ତା ସ୍ତ୍ରୀ ତାକୁ ଛାଡ଼ି କୁଆଡ଼େ ପଳାଇ ଯାଇଛି କି'ନା । ହୁଏତ ସେଇ ଦୁଃଖରେ...''

ପ୍ରାଇମାରୀ ହେଲ୍‌ଥ ସେଣ୍ଟରରେ ଶବମାଇନା ପାଇଁ ବ୍ୟବସ୍ଥା ନ ଥିଲା । କେଳୁଚରଣର ଶବପିଣ୍ଡ ଆମ୍ବୁଲାନ୍‌ସ ଗାଡ଼ିରେ ଚଢ଼ିଆସିଲା ସବ୍‌ଡିଭିଜନ ମହକୁମାର ସଦର ହାସପାତାଳକୁ । ସେଠାରେ ପୋଷ୍ଟ୍‌ମର୍ଟମ୍‌ରେ ଦେଖାଗଲା ଲାସର ଖାଦ୍ୟନଳୀ ଓ ଅନ୍ତନଳୀରେ କେବଳ ଖାଦ୍ୟ ଆଉ ଖାଦ୍ୟ । ଇଏ କେବେ ଅନାହାର ମୃତ୍ୟୁ ହୋଇ ନ ପାରେ । ଫୋରେନ୍‌ସିକ୍ ଟେଷ୍ଟ୍‌ରେ ବିଷାକ୍ତ ପ୍ରକ୍ରିୟାର ମଧ୍ୟ କୌଣସି ପ୍ରମାଣ ନ ଥିଲା । ଏ ମୃତ୍ୟୁ ତେଣୁ ଉଦରାମୟ— ଗାଷ୍ଟ୍ରୋଏଣ୍ଟ୍ରାୟିଟିସ୍ ଜନିତ । ଅତିରିକ୍ତ ଖାଦ୍ୟ ଖାଇ ।

ବିଧାନସଭାରେ ସେଇ ପୋଷ୍ଟ୍‌ମର୍ଟମ ରିପୋର୍ଟ ଉପସ୍ଥାପିତ କରି ଖାଦ୍ୟ ମନ୍ତ୍ରୀ କହିଥିଲେ... ''ଏ ମୃତ୍ୟୁକୁ ଅନାହାର ମୃତ୍ୟୁ ଆଖ୍ୟାଦେବା ତେଣୁ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ... ଏ ମୃତ୍ୟୁ ପୂରାପୂରି ଉଦରାମୟ ଜନିତ ।''

ବସ୍ତୁତଃ ଏପରି ନିରୋଳ ଡାକ୍ତରୀ ପରିଭାଷାରେ ପ୍ରସ୍ତୁତ ହୋଇଥିଲା ପୋଷ୍ଟ୍‌ମର୍ଟମ ରିପୋର୍ଟ; କେବଳ ଯୁକ୍ତି, ଏପରିକି ଟେବୁଲ ବାଡ଼ିଆ ଦ୍ୱାରା ତାହାକୁ ଖଣ୍ଡନ କରିବା ? ଉପାୟ ନ ଥିଲା । ସରକାରୀ ତଥ୍ୟ ଅନୁସାରେ କେଳୁଚରଣ ମରିଥିଲା ଖାଦ୍ୟ ବାହୁଲ୍ୟରେ, ଖାଦ୍ୟାଭାବରେ ନୁହେଁ । ତା ନ ହେଲେ ତାର ଖାଦ୍ୟନଳୀରୁ ଏତେ ପ୍ରଚୁର ପରିମାଣରେ ଲାଳମିଶ୍ରିତ ଅପରିପକ୍ୱ ଖାଦ୍ୟ ମିଳିଥାନ୍ତା କିପରି ?

ଖବରକାଗଜରେ ସେଇ ବିବରଣୀ । ଆମୂଳଚୂଳ ବାରମ୍ବାର ପାଠକରି ସୁବ୍ବା ନରୋତ୍ତମ ପଣ୍ଡିତଙ୍କ ତୃପ୍ତି ନ ଥିଲା । ସେ ମନକୁ ମନ କହି ହେଉଥିଲେ ''କେଳୁଚରଣଟା ଥିଲା ହ୍ୟାପଃ ଭାଗ୍ୟବାନ୍ । ଖବରକାଗଜ ଆଉ ଇତିହାସରେ 'ଅମର' ହୋଇଗଲା ।''

(୧୯୭୪)

Digitized by srujanika@gmail.com

ପଲାଶପୁର ଓ ପୋର୍ସିଲେନ୍

ନାମର ବିଚିତ୍ର ପରିହାସ... ପଲାଶପୁର । ଚୈତ୍ରର ଉଜ୍ଜ୍ୱଳ ଆକାଶତଳେ ଏଠାରେ କିନ୍ତୁ ପଲାଶର ରକ୍ତିମ ଉଲ୍ଲାସ ମିଳିବ ନାହିଁ । (ଏଇ ସମୁଦ୍ରକୂଳିଆ ଲୁଣା ଅଞ୍ଚଳରେ ଅନେକ ଚେଷ୍ଟା କରି ଏ ପର୍ଯ୍ୟନ୍ତ ଗୋଟିଏ ପଲାଶ କିମ୍ବା ଶାଳ୍ମଳୀ ସୁଦ୍ଧା ଆଖିରେ କେଉଁଠି ପଡ଼ିଲା ନାହିଁ... ।)

''ସାର୍, ଆପଣ ପଲାଶ ଗଛ ଖୋଜି ହେଉଛନ୍ତି କାହିଁକି ? କ'ଣ କିଛି ଔଷଧପତ୍ର କରିବେ ? କବିରାଜମାନେ ପଲାଶ ଗଛର ପତ୍ର, ଛାଲ ଖୋଜିଥାନ୍ତି ।'' ମହୀମାଷ୍ଟର କୌତୂହଳ ଚାପି ନ ପାରି ଦିନେ ପଚାରିଦେଲେ । କିନ୍ତୁ ସେ ବା କିପରି ଜାଣିବେ ଧାନ ପରଚେଜିଙ୍ଗ୍ ଏଜେଣ୍ଟ ଶେଠ କେରୁଡ଼ିମଲ୍ଲଙ୍କ ଏଇ ମ୍ୟାନେଜରଜଣକ ମଧ୍ୟ ଏକଦା ଥିଲେ ଏକ 'କବିରାଜ'— ଅବଶ୍ୟ କବିତ୍ୱ ଅର୍ଥରେ । ଜୀବନର ପୁଣି କି ବିଚିତ୍ର ବିଡ଼ମ୍ବନା । ଏଇ ସମୁଦ୍ରକୂଳିଆ ଲୁଣିମଡ଼ା ଅଞ୍ଚଳରେ କଳା ଓ କବିତ୍ୱ ଛାଡ଼ି ଶେଠ କେରୁଡ଼ିମଲ୍ଲଙ୍କ ଧାନ ପରଚେଚିଙ୍ଗ୍ ଏଜେନ୍ସୀର ସେ ମ୍ୟାନେଜର ହୋଇ ବସିବେ... ଏ କଥା ସ୍ୱପ୍ନରେ ସୁଦ୍ଧା ଦିନେ ହେଲେ ତ ସେ କେବେ ଭାବି ନ ଥିଲେ ।

ପ୍ରଥମେ ପଲାଶପୁର ନାମଟାର ଅଲଙ୍ଘ୍ୟ ଆକର୍ଷଣ ଥିଲା । ଶାନ୍ତ, ନିଭୃତ ପଲ୍ଲୀର ଶ୍ୟାମ ଅଞ୍ଚଳ ତଳେ କାବ୍ୟଚର୍ଚ୍ଚା ପାଇଁ ସେ ପାଇବେ ପ୍ରଚୁର ଅବସର । ମାତ୍ର ପଲାଶପୁରର ଲୁଣୀ ହାଓ୍ୱାରେ କାବ୍ୟ କାହିଁ ? ଚାଷୀମାନଙ୍କ ପାଖରୁ ଧାନ ଖରଦୀ ଆଉ ଡଙ୍ଗା ଓ ଟ୍ରକ୍‌ରେ ଧାନ ଚୋରାଚାଲାଣର ହିସାବଖାତା ପଲାଶପୁରର ଏକମାତ୍ର କାବ୍ୟ ।

ଜୁଆରିଆ ପାଟୁଆ ନଈ କୂଳରେ ପଲାଶପୁର...ନଦୀର ଚପଳଛନ୍ଦା ଲାବଣ୍ୟ ନାହିଁ । କର୍ଦ୍ଦମପଙ୍କ ମଧ୍ୟରେ ପାଟୁଆ ପଡ଼ି ରହିଥାଏ ବୋଡ଼ାସାପ ପରି, ଜୁଆର ବେଳେ ଭୟଙ୍କର, ଚହୁସ୍ଫୀତ ଆଉ ଭଟ୍ଟା ବେଳେ ଶୀର୍ଣ୍ଣକାୟ କ୍ଷୁଧିତ । ହାଟପାଳି ଦିନମାନଙ୍କରେ ପାଲବନ୍ଧା ହୁଲିଡଙ୍ଗା ସବୁ କେବଳ ତାହାର କର୍ଦ୍ଦମାକ୍ତ ଜୁଆରିଆ ଦେହରେ ଆଣିଥାନ୍ତି ନଦୀର ଲାବଣ୍ୟ । ସେତେବେଳେ ମନେହୁଏ... ହ, ପାଟୁଆ ଗୋଟାଏ ନଦୀ ।

''ଏବେ ସାର୍ ଯେଉଁ ବଜାର ଦେଖୁଛନ୍ତି, ଏଇ ଯେଉଁ ହାଟ ହେଉଛି, ମୋ ପିଲାଦିନେ ଦେଖିଛି ସେଠାରେ ଥିଲା କେବଳ କାଦୁଅପନ୍ତା; କିଆବଣ ଆଉ ବାଇଗୀ ହାଣ୍ଡି କୁଦ । ସେଇ ଯେଉଁଠି ବ୍ଲକ ଅଫିସ ହୋଇଛି ସେଠି ଥିଲା ଗୋଟିଏ ଛୋଟିଆ ବଜାର... । ଏଇ ଧରନ୍ତୁ ଦୁଇ ତିନିଟା ଗୁଡ଼ିଆ, ତେଜରାତି ଦୋକାନ ଆଉ ଗୋଟାଏ ଚଟି ଘର । ...ତେଣିକି ପଲାଶପୁର ଗାଁ, କୋଡ଼ିଏ ତିରିଶଟା ଘର । ବର୍ଷ କେଇଟା ଭିତରେ ପଲାଶପୁରର ଚେହେରା ବଦଳି ଗଲାଣି ।'' ପାଟୁଆ ନଈର ଲୁଣାବନ୍ଧ ଉପରେ ମୋ ପଛେ ପଛେ ମହୀ ମାଷ୍ଟର ଚାଲିଥିଲେ ଦୁଇ ଖିଲି ପାନ ଆଉ ଅତୀତ ସ୍ମୃତିର ରୋମନ୍ଥନ କରି । ପଲାଶପୁରର ସେ ଐତିହାସିକ ।

Digitized by srujanika@gmail.com

ଇଲେକ୍‌ଟ୍ରିକ୍ ଆସିଲାଣି ପଲାଶପୁର ବଜାର ପର୍ଯ୍ୟନ୍ତ । ଲିଫ୍‌ଟଇରିଗେସନ ପଏଣ୍ଟ ମଧ ବସିଗଲାଣି ପାଟଗହୀରମାନଙ୍କରେ। କିମ୍ବିରିଆ ବନ୍ଧ ଉପରେ ଲାଲସୁର୍‌କି ବିଛା ରାସ୍ତା । ପଲାଶପୁର ଘାଟରୁ ଦଶମାଇଲ ପର୍ଯ୍ୟନ୍ତ ପାଦରେ ଅଥବା ସାଇକେଲ୍‌ରେ ଗୋପାଳପୁର ପର୍ଯ୍ୟନ୍ତ ଗଲେ ତେଣିକି ପଡ଼ିବ ପିଚୁରାସ୍ତା । ସେଇ ରାସ୍ତାରେ ଦଳ ଦଳ ଟେରୀକଟ୍ ପ୍ୟାଣ୍ଟ୍ ଆଉ ହାଓ୍ୱାଇନ୍ ପିନ୍ଧା ଯୁବକ ସାଇକେଲ୍‌ରେ ଚାଲିଥିଲେ ଘାଟ ପାର ହୋଇ ସହର ଅଭିମୁଖରେ... ସମ୍ଭବତଃ ଚାକିରି ଅନ୍ୱେଷଣରେ, ନୋହିଲେ କେଉଁ ନେତା ବା ଉପନେତାଙ୍କ ଦରବାରରେ ହାଜିରା ଦେଇ, ଚାକିରିର ଉମେଦାରୀ ପାଇଁ, କିଛି ନ ହେଲେ ବି ଚିନି ବା ଚୋକଡ଼ର ପର୍‌ମିଟ୍ । ସଭ୍ୟତାର ମାନଚିତ୍ରରେ ପଲାଶପୁର ଏବେ ସୁ-ପ୍ରତିଷ୍ଠିତ ।

ତା' ନ ହେଲେ ଶେଠ୍ କେରୁଡ଼ିମଲ୍ଲ ଏଠାରେ ଧାନ କାରବାର ପାଇଁ ଡିପୋ ଖୋଲିଥାନ୍ତେ କିପରି ? ଆଉ ମୁଁ ବା କାହିଁକି ସଭ୍ୟତାର ପ୍ରତିନିଧି ରୂପେ ଏଠାକୁ ଆସିଥାନ୍ତି ଡିପୋ ମ୍ୟାନେଜର ହୋଇ ?

ମହୀମାଷ୍ଟର କହିଚାଲିଥିଲେ... ''ବୁଝିଲେ ସାର୍, ଏବେ ସିନା ଏଇ ରାସ୍ତା ସଡ଼କ ଦେଖୁଛନ୍ତି, ଗୋପାଳପୁରରୁ ବସ୍‌ରେ ବସିଲେ ସିଧା କଟକ, ଛଅଘଣ୍ଟାର ରାସ୍ତା । ନୋହିଲେ କଚେରି କାମ ଥିଲେ ବାପା ସକାଳୁ ପାଦରେ ଚାଲି ବାହାରୁଥିଲେ ଯେ କଟକ ଧରୁଥିଲେ ସଞ୍ଜରେ, ସତୁରି ମାଇଲ ।''

''ସତୁରି ମାଇଲ ରାସ୍ତା ସେ ପାଦରେ ଚାଲି ଏକାଦିନରେ ପହଞ୍ଚି ଯାଉଥିଲେ ?''— ମୋ କଣ୍ଠରେ ସନ୍ଦେହ ଓ ବିସ୍ମୟ ।

''ଖାଲି କ'ଣ ଚାଲି ଯାଉଥିଲେ ?'' ...ମହୀମାଷ୍ଟର ଉତ୍ତର ଦେଲେ... ''କଟକୀ ପାଞ୍ଚସେର ଚାଉଳ, ଗୋଟାଏ ପିତ୍ତଳ ତସଲା ଆଉ ଡାଲଟାଏ ବୁଜୁଲିରେ ବାନ୍ଧି କାନ୍ଧରେ ନ ପକାଇଲେ କଟକ ବାହାରୁ ନ ଥିଲେ ସେ ।''

''ସହରରେ କ'ଣ ହୋଟେଲ ନ ଥିଲା ?''

''କିନ୍ତୁ ତାଙ୍କ ଖାଇବା କୋଉ ହୋଟେଲ ସମ୍ଭାଳି ପାରିବ ? ବକ୍ତକୁ କଟକୀ ସେରେ ଚାଉଳ ।''

ଆମେ ଚାଲିଥିଲୁ ଚୁଙ୍ଗୁଡ଼ି ମାଛ ସନ୍ଧାନରେ । ମହୀମାଷ୍ଟରଙ୍କ ଆଶଙ୍କା ସକାଳୁ ସକାଳୁ ବରଫଗାଡ଼ି ଆସି ମାଛ ସବୁ ବୋହି ନେଇ ଯିବଣି । ତା' ହେଲେ ମୀନ ଗୋଟାଏ ସୁଦ୍ଧା ଆଜି ମିଳିବ ନାହିଁ ଆଉ । ...ଇଏ ମଧ ଅର୍ଥନୀତିର ଗୋଟାଏ ପରିହାସ, ମାଛ ବିଶେଷତଃ ଚୁଙ୍ଗୁଡ଼ି, ଭେକ୍‌ଟି ପାଇଁ ସାରା ଜିଲ୍ଲାରେ ପ୍ରସିଦ୍ଧ ଏଇ ପଲାଶପୁରରେ ଗୋଟାଏ ମୀନ ସୁଦ୍ଧା ଖୋଜିଲେ ଏବେ ମିଳୁ ନାହିଁ, ସହରର ବନ୍ଧୁମାନେ କିନ୍ତୁ ଏ ପରିସ୍ଥିତି ବିଶ୍ୱାସ କରିବା ପାଇଁ କୁଣ୍ଠିତ । ସେମାନଙ୍କର ବିଶ୍ୱାସ ଏଠାରେ ମୋର ପ୍ରାତ୍ୟହିକ ଖାଦ୍ୟ ଲୋବଷ୍ଟର୍, ପ୍ରନ୍‌ଫ୍ରେ ଆଉ... ?

Digitized by srujanika@gmail.com

ସ୍ୱର୍ଗତ ପିତାଙ୍କ ସ୍ମୃତି ଭୁଲି ମହୀମାଷ୍ଟର ହଠାତ୍ ଚିତ୍କାର କରି ଉଠିଲେ... ''ଏଇ ଗୌରା ! ଗୌରା...''

ଘାଟଠାରୁ ଅଳ୍ପ ଦୂରରେ ଗୋଟାଏ ଓସ୍ତଗଛ ମୂଳେ ବୁଢ଼ାଟିଏ ବସିଥିଲା ଗୋଟିଏ ଖାଳେଇ ଧରି, ବୋଧହୁଏ ହୁଲିଡଙ୍ଗା ଅପେକ୍ଷାରେ । ଚୁଙ୍ଗୁଡ଼ି ଅଛି କିରେ ? ସାର୍ ଅନେକ ଦିନ ହେଲା ଚୁଙ୍ଗୁଡ଼ି ଖାଇ ନାହାନ୍ତି ।''

ଆମେ ସେତେବେଳକୁ ସେଇ ଓସ୍ତମୂଳେ ପହଞ୍ଚି ସାରିଥିଲୁ । ଗୌରାର ଖାଳେଇ ଭିତରେ ପ୍ରାୟ କିଲେ ଓଜନର ବଡ଼ ଚୁଙ୍ଗୁଡ଼ି । ମହୀମାଷ୍ଟର ଅଣନିଃଶ୍ୱାସୀ ହୋଇ କହିଲେ... ''ସେତକ ଆମକୁ ଦେଇ ଦେ । ଦାମ୍ କେତେ ?'' ବିଳମ୍ବ କରିବା ପାଇଁ ମହୀମାଷ୍ଟରଙ୍କ ଧୈର୍ଯ୍ୟ ନ ଥିଲା ।

ଗୌରା ଚୁଙ୍ଗୁଡ଼ିତକ ଖାଳେଇ ଭିତରୁ କାଢ଼ିବା ପାଇଁ ମନେ ମନେ ଯେପରି କୁଣ୍ଠିତ ଥିଲା । ମହୀମାଷ୍ଟର ଯେଉଁ ଲୋକ, ଦର କଷାକଷି ତାଙ୍କୁ ପାରିବ କିଏ ? ... ''ଆରେ ସେତକ ଦେଇଦେ, କେତେ ନେବୁ ?''

ଗୌରା ଶେତା ଶେଥା, କେମ୍ପା ଆଙ୍ଗୁଠିରେ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ କହିଲା... ''କିଲୋ ବାରଟଙ୍କା ।''

''ଚୁଙ୍ଗୁଡ଼ି କିଲୋ ବାର ଟଙ୍କା ?''—ମୁଁ ଆର୍ତ୍ତନାଦ କରି ଉଠିଲି ।

ଗୌରା ନିସ୍ପୃହ କଣ୍ଠରେ ଉତ୍ତର ଦେଲା... "ଆଜି ଡେରି ହୋଇଗଲା । ମୁଁ ଆସିଲା ବେଳକୁ ବରଫଗାଡ଼ି ଯାଇସାରିଲାଣି । ତା ନ ହେଲେ ଏତକ ତ କିଲୋ ପନ୍ଦର ଟଙ୍କାରେ ତମେ ପାଇ ନ ଥାନ୍ତ ବାବୁ ।" ...ମୋର ଦୈନ୍ୟ ବା କାର୍ପଣ୍ୟ ପ୍ରତି ଗୌରା କଣ୍ଠରେ ତାଚ୍ଛଲ୍ୟ । ବାର ଟଙ୍କାରେ ଚୁଙ୍ଗୁଡ଼ିତକ ଦେବା ପାଇଁ ରାଜି ହୋଇ ଗୌରା ମୋ ପ୍ରତି ଯେପରି ଅନୁଗ୍ରହ ପ୍ରଦର୍ଶନ କରୁଥିଲା । ମହୀମାଷ୍ଟର କହିଲେ... ''ଚୁଙ୍ଗୁଡ଼ି ତ ମାତ୍ର ସାତଟା, ସେଥିରୁ ଦୁଇଟା ପୁଣି ସାନ । ସାତ ଟଙ୍କାରେ ଛିଣ୍ଡାଇ ଦେ । ଏତକ ଯା ସାର୍‌ଙ୍କ ବସାରେ ଦେଇଆସିବୁ ।''

ଚିଙ୍ଗୁଡ଼ି ଏତେବେଳେ ଆଉ ବା କିଣିବ କିଏ ? ହଉ ସେଇ ସାତ ଟଙ୍କା ଯଥେଷ୍ଟ । ନିଜର ତ ଭୁଲ୍ ହୋଇ ଯାଇଛି । ଆସିଲାବେଳକୁ ସେପାଖ ଘାଟରୁ ବରଫ ଗାଡ଼ି ମାଛ ନେଇ ଚାଲିଗଲାଣି । ତା' ନ ହେଲେ ଏତକ ଚିଙ୍ଗୁଡ଼ି ସେ ଚଉଦ ଟଙ୍କାରୁ କମ୍‌ରେ ବିକ୍ରି କରି ନ ଥାନ୍ତା । ଏଇ ଚିଙ୍ଗୁଡ଼ିକୁ ବର୍ଷ କେତେଟା ତଳେ କେହି ପଚାରୁ ନ ଥିଲେ । ଖାଳେଇଏ ଚିଙ୍ଗୁଡ଼ି ପାଇଁ ଟଙ୍କାଟିଏ ମିଳିଲେ ଢେର । ଏବେ କିଲୋ ପନ୍ଦର ଟଙ୍କା, ଷୋଳ ଟଙ୍କା ଦେଇ ଏଇ ଚିଙ୍ଗୁଡ଼ି ନେବାପାଇଁ ଏତେ ବାଡ଼ାବାଡ଼ି କାହିଁକି ? ବରଫ ଗାଡ଼ି କାହିଁକି ଆସୁଛି ସହରରୁ ? ...ଗୌରା ବୁଝି ପାରୁ ନ ଥିଲା । ମହୀମାଷ୍ଟର ମଧ୍ୟ ବୁଝିପାରୁ ନ ଥିଲେ । ମହୀମାଷ୍ଟର ସ୍ୱଗତୋକ୍ତି କରିବା ପରି କହିଲେ... ''ଆରେ ଏ ଚୁଙ୍ଗୁଡ଼ିକୁ ପଳାଶପୁରରେ ପଚାରୁଥିଲା କିଏ ?'' ସଭ୍ୟତାର ଅର୍ଥନୀତି, ମହୀମାଷ୍ଟରଙ୍କୁ ବୁଝାଇବା ପାଇଁ ମୋର ମଧ୍ୟ ମାନସିକ ପ୍ରସ୍ତୁତି ନ ଥିଲା । ସଭ୍ୟତାର

Digitized by srujanika@gmail.com

ଅର୍ଥ ଦାରିଦ୍ର୍ୟ ଓ ଅଭାବବୋଧ; ମହୀମାଷ୍ଟରଙ୍କୁ କିପରି ବା ବୁଝାଇବି, ନିଜେ ବୁଝିପାରୁ ନ ଥିଲି ।''

ଖାଳେଇ ଧରି ଗୌରା ଉଠିଗଲା । ସକାଳ ଖରା କ୍ରମେ ଟାଣ ହୋଇ ଆସିଥିଲା । ଆମେ ଡିପୋ ଆଡ଼େ ଫେରିଲୁ ।

...ଏ ବର୍ଷ ଧାନ ସଂଗ୍ରହ ଆଶାନୁରୂପ ନୁହେଁ । ଧାନଫସଲ ଅମଳ ବେଳକୁ ଥିଲା ଝଡ଼ ଆଉ ତା ସାଙ୍ଗରେ ଲୁଣା । ପାଚିଲା ଧାନ ସବୁ ଲୁଣା ପାଣିରେ ପଚିଗଲା । ତା ନ ହେଲେ ଡିପୋ ଆଡ଼େ ଏଇ ସମୟରେ ପିମ୍ପୁଡ଼ି ପରି ଚାଷୀମାନେ ଭାରଭାର ଧାନ ଧରି ଛୁଟିଥାନ୍ତେ ଧାନ ମପେଇବା ପାଇଁ । ଡିପୋରୁ ଋଣ ନେଇଥାନ୍ତି ସେମାନେ ଧାନ ଚାଷ ପୂର୍ବରୁ, ଅମଳ ପରେ ସୁଧ ସହିତ ମୂଳ ଆଦାୟ ଦିଅନ୍ତି ଧାନ ଫସଲରେ । ସେ ଧାନ ଡଙ୍ଗାମାନଙ୍କରେ ଯାଏ ଚୋରା ଚାଲାଣରେ ପଡ଼ୋଶୀ ରାଜ୍ୟର ବଜାରମାନଙ୍କୁ। ଶେଠ୍ କେରୁଡ଼ିମଲ୍ଲଙ୍କ ଲକ୍ଷ୍ମୀଲାଭର ଇତିହାସ। ଏବେ ତ ଧାନ ନାହିଁ । ସେମାନେ ଆସୁଛନ୍ତି କେବଳ ଆଉରି ଋଣ ପାଇଁ, ଦାଦନ ପାଇଁ । ଲାଞ୍ଚ ଘୁଷ ଦେଇ ସରକାରୀ ଦପ୍ତରରୁ ତଗାଦୀ ଋଣ ପାଇଁ ଦଉଡ଼ିବା ଅପେକ୍ଷା କେରୁଡ଼ି ମଲ୍ଲଙ୍କ ଡିପୋରୁ ଋଣ ନେବା ଅନେକ ସୁବିଧାଜନକ, ଯଦ୍ୟପି ସୁଧର ହାରଟା ଉତ୍କଟ ।

ଡିପୋ ଦାଣ୍ଡରେ କେତେଜଣ ଚାଷୀ କିଛି ଧାନ ଧରି ବସିଥିଲେ । ଧାନ ମପେଇବା ପାଇଁ ସେମାନଙ୍କର ଅପେକ୍ଷା । ମହୀମାଷ୍ଟର କହିଲେ... ''କିରେ ଏତିକି ଧାନ କ'ଣ ? ତମେ ସବୁ କ୍ୱିଣ୍ଟାଲ ଉପରେ ଧାନ ଦେବା ପାଇଁ ଦାଦନ ନେଇଥିଲଟି ।''

ଚାଷୀମାନେ ନିରୁତ୍ତର। ଲୁଣା ଉପରେ, ପାଗଯୋଗ ଉପରେ ହାତ କାହାର ? ଦଣ୍ଡିଆମାନେ ଧାନ ମପାଇ ହିସାବ ଖାତାରେ ଚଢ଼ାଇଦେଲେ । ଚାଷୀମାନେ ତଥାପି ଡିପୋ ପିଣ୍ଡାତଳେ ବସି ରହିଥିଲେ କେଉଁ ଅପେକ୍ଷାରେ କେଜାଣି ? ସେମାନଙ୍କ ନିର୍ବୋଧ ଆଖିରେ ଅନୁଚ୍ଚାରିତ ପ୍ରଶ୍ନ । ଏଇ ଚଇତ ମାସରୁ ଧାନ ସରିଲା । ତା'ପରେ ?

ମହୀମାଷ୍ଟର ପାନ ଚୋବେଇ ଚୋବେଇ ହିସାବଖାତାରେ ଡୋରି ବାନ୍ଧି କହିଲେ... ''ସମସ୍ତଙ୍କଠାରୁ ଧାନ ଆଦାୟ ସରୁ । ତା ପରେ ବୈଶାଖ ବେଳକୁ ନୂଆ ଦାଦନ ପାଇଁ ଆସିବ ।'' ସେମାନଙ୍କର ଅନୁଚ୍ଚାରିତ, ଅସହାୟ ଜିଜ୍ଞାସା ମହୀମାଷ୍ଟର ବୁଝି ପାରିଥିଲେ । ମୁଁ ମଧ ବୁଝିଥିଲି । ମୁଁ କିନ୍ତୁ ସେମାନଙ୍କୁ କୌଣସି ଉତ୍ତର ଦେଇପାରୁ ନ ଥିଲି ।

ଚାଷୀମାନେ ଜଣ ଜଣ ହୋଇ କ୍ଳାନ୍ତ ପାଦରେ ଉଠି ଚାଲିଗଲେ । ଗୌରା ମଧ ସେତେବେଳେ ଅଲକ୍ଷିତରେ ଆସି ଚୁଙ୍ଗୁଡ଼ି ମାଛର ଦାମ ନେଇ ଚାଲିଗଲାଣି । ଡିପୋ ଦାଣ୍ଡ ନିର୍ଜନ । ଡିପୋ ପାଖ ଚା' ଦୋକାନରେ ଯାହା ଲୋକ ଭିଡ଼ । ଚା' ଦୋକାନ ସାମନା ପାନ ବିଡ଼ି ଦୋକାନରେ ଟ୍ରାଞ୍ଜିଷ୍ଟର ରେଡ଼ିଓରେ ଚାଲିଥିଲା ବିବିଧ ଭାରତୀର ହିନ୍ଦୀ ସିନେମା ସଙ୍ଗୀତ । ସଙ୍ଗୀତର ଆର୍ତ୍ତନାଦ ମଧରେ, ସଭ୍ୟତା ଯେପରି ତାହାର ଉପସ୍ଥିତି ଏଇ ଲୁଣିଆ ମୁଲକରେ ଘୋଷଣା କରୁଥିଲା ।

Digitized by srujanika@gmail.com

ସେଇ ବିରକ୍ତିକର ଏକଟଣା ମୁହୂର୍ତ୍ତର ଅତ୍ୟାଚାରରୁ ମୁକ୍ତି ପାଇଁ ମହୀମାଷ୍ଟରଙ୍କୁ ମୁଁ ପଚାରିଲି... ''ଏ ଅଞ୍ଚଳକୁ ଏବେ ଲିଫ୍‌ଟଇରିଗେସନ୍ ଆସିଲା, ଫର୍ଟିଲାଇଜର୍ ଆସିଲା, ନୂଆ ନୂଆ ବିହନ ଆସିଲା; ତଥାପି ଧାନଫସଲ ଭଲ ଉତୁରୁ ନାହିଁ କାହିଁକି ?

ମହୀମାଷ୍ଟରଙ୍କ ପାଟି ଗୋଟିଏ ପାନଚୋବା କଳ । ପାନ ଚୋବେଇ ଚୋବେଇ ସେ ଯେଉଁ ଉତ୍ତର ଦେଲେ ତାହା ତାଙ୍କର ସେଇ ସ୍ୱର୍ଗତ ପିତୃଦେବଙ୍କୁ କେନ୍ଦ୍ର କରି । ବାପା ଯେତେବେଳେ ହାତରେ ଚାଷ କରୁଥିଲେ— ଆମର ଥିଲା ବାଟିକ ଉପରେ ଜମି— ସେତେବେଳେ ଆପଣଙ୍କ ଫର୍ଟିଲାଇଜର ଥିଲା ନା ଜଳସେଚନ ଥିଲା ? ଜମି ହଳ କରି ବାପା ଧାନ ଛାଟି ଦେଇ ଆସୁଥିଲେ । ଧାନ କଟା ବେଳକୁ ଯାଉଥିଲେ ଅମଳ ପାଇଁ । ଗୋପାଳପୁର ମାଇନର ସ୍କୁଲ ବୋର୍ଡ଼ିଙ୍ଗ୍‌ରେ ମାସକୁ ଟଙ୍କାକର ଚାଉଳ ଆଉ ଆଠଣା ପଇସା ଦେଲେ ସେଇଥିରେ ଦୁଇଓଳି ଖାଇବା ଖର୍ଚ୍ଚ ଚଳିଯାଉଥିଲା । ଚାଉଳ ଟଙ୍କାକୁ କେତେ ଜାଣନ୍ତି ? ବାଇଶ ସେର କଟକୀ, ଇଏ ମୋ ପିଲାଦିନ କଥା ।''

''ସେତେବେଳେ କ'ଣ ଲୁଣା ମାଡୁ ନ ଥିଲା ? ଝଡ଼ ହେଉ ନ ଥିଲା ?''

ମହୀମାଷ୍ଟର ଉତ୍ତର ଦେଲେ... ''ସମୁଦ୍ର କୂଳେ କୂଳେ ଥିଲା ଜଙ୍ଗଲ । ଏଇ ପଲାଶପୁର ଗାଁ ମୁଣ୍ଡ ପର୍ଯ୍ୟନ୍ତ ସୁଦ୍ଧା ବାଘ ଆସୁଥିଲେ । ସଞ୍ଜ ହେଲେ ଆପଣଙ୍କର ଚାରା ଅଛି; ଏକୁଟିଆ ବାହାରିବା ପାଇଁ ? ସେଇ ଜଙ୍ଗଲ ଅଟକାଇ ଥିଲା ଝଡ଼ ଆଉ ଲୁଣା । ଏବେ ତ ଜଙ୍ଗଲ ସବୁ କଟା ହୋଇ ପଦା ହୋଇଗଲା ।'' ଜଙ୍ଗଲ ସଭ୍ୟତାର ଶତ୍ରୁ । ଜଙ୍ଗଲ ପଦା ନ ହେଲେ ସଭ୍ୟତା ବାଟ ବଣା ହୋଇଯିବ ନାହିଁ ?

ବାଘ ଗପ ଶୁଣିବା ପାଇଁ ମୋର ଆଦିମ କୌତୂହଳ । ମୁଁ ପଚାରିଲି.. ''ତୁମେ ତାହେଲେ ପିଲାଦିନେ ବାଘ ଦେଖିଥିବ ନିଶ୍ଚୟ ।''

ବାଘ ଦେଖି ନାହିଁ, ତେବେ ହେଣ୍ଟାଳ ଶୁଣିଛି । ବାଘ ଗପ ପୁଣି ଫେରିଆସିଲା ମହୀମାଷ୍ଟରଙ୍କ ସେଇ ସ୍ୱର୍ଗତ ପିତୃଦେବଙ୍କ ପାଖକୁ । ମହୀମାଷ୍ଟର କହିଲେ ''ବାପା କିନ୍ତୁ ଅନେକ ବାଘ ଦେଖିଥିଲେ । ଜଙ୍ଗଲ ତଳିରେ ଆମର ଧାନଜମି ଥିଲା କିନା । ଥରେ ବାପା ଏକୁଟିଆ ପଡ଼ି ଯାଇଥିଲେ ଗୋଟାଏ ବାଘ ହାବୁଡ଼ରେ ସାଙ୍ଗରେ ଅସ୍ତ୍ରଶସ୍ତ୍ର ନାହିଁ । ହାତରେ ଖାଲି ଚିତାଏ ଉଞ୍ଚର ଗୋଟାଏ ଠେଙ୍ଗା । ସେଇ ଠେଙ୍ଗାରେ ପିଟି ପିଟି ସେ ବାଘଟାକୁ ମାରି ଦେଇଥିଲେ । ଗୋପାଳ ପ୍ରଧାନ ବାଘ ସାଙ୍ଗରେ ଲଢ଼ି ବାଘ ମୁହଁରୁ ବର୍ତ୍ତିଥିଲା ବୋଲି ଏବେ ସୁଦ୍ଧା ଏ ଅଞ୍ଚଳରେ ବୁଢ଼ା ବୁଢ଼ା ଲୋକେ କହିଥାନ୍ତି ।''

ମହୀମାଷ୍ଟରଙ୍କ ପିତୃକୈନ୍ଦ୍ରିକ କାହାଣୀଗୁଡ଼ିକରେ କେତେ ପରସେଣ୍ଟ ଡିସ୍‌କାଉଣ୍ଟ ଦିଆଯାଇପାରେ; ବେଳେ ବେଳେ ତାହା ମୋ ପକ୍ଷରେ ହୋଇଉଠେ ଏକ ସମସ୍ୟା ''ତା ହେଲେ ତୁମ ବାପା ନିଶ୍ଚୟ ଏକ ମହାମଲ୍ଲ ଥିବେ ?'' ମୋ କଣ୍ଠରେ ସଂଶୟ ।

''ଆପଣ ତ ବାପାଙ୍କୁ ଦେଖି ନାହାନ୍ତି । ବାପାଙ୍କର କାଳ ହୋଇଗଲାଣି ଏଃ ଚଉଡ଼ା ଛାତି, କଦଳୀ ପୁଆ ପରି ଗୋଡ଼ପେଣ୍ଡା, ଶାଳଗଜା ପରି ବାହା । ଯାହାକୁ ଗୋଟାଏ ଚାପୁଡ଼ା

Digitized by srujanika@gmail.com

ଦେବେ ସେଇଠି ସିଏ ଶେଷ । ହେଲେ ବାପା ରାଗୀ ନ ଥିଲେ କି ରାଗ କ'ଣ ଜାଣି ନ ଥିଲେ ।'' ମହୀମାଷ୍ଟର ପୁଣି ପାନ ଚାକୁଳେଇବା ପାଇଁ ଲାଗିଲେ ।...

ମୋ ଆଖି ଆଗରେ ଭାସି ଉଠିଥିଲା ପ୍ରାକ୍‌ଯନ୍ତ୍ରଶୈଳ୍ପିକ ଏକ କୃଷିସର୍ବସ୍ୱ ସମାଜର ଆଦିମ ଚିତ୍ର । ମଣିଷମାନେ ଥିଲେ ସ୍ୱାସ୍ଥ୍ୟବାନ୍; କିନ୍ତୁ ଖାଦ୍ୟାଭାବ ସାଙ୍ଗରେ ଥିଲା ମଧ୍ୟ ଖାଦ୍ୟର ପ୍ରାଚୁର୍ଯ୍ୟ । ବିଳାସବ୍ୟସନର ସାମଗ୍ରୀ ଥିଲା ସାମାନ୍ୟ । ଜୀବନସଂଗ୍ରାମର ମୁକାବିଲା ପାଇଁ ମଣିଷର ସେଦିନ ଭୟ ନ ଥିଲା, ହାତରେ ଚିତାଏ ଉଞ୍ଚର ଠେଙ୍ଗାଧରି ବାଘର ମୁକାବିଲା ପାଇଁ ସୁଦ୍ଧା ସେ ଥିଲା ପ୍ରସ୍ତୁତ ।

ଅଦୂରରେ ସମୁଦ୍ରକୂଳର ଦିଗନ୍ତରେଖା ଆଡ଼େ ଚାହିଁ, ମୁଁ ସେଇ ଆଦିମ କୃଷିସର୍ବସ୍ୱ ସମାଜର ଗୋଟାଏ ଚିତ୍ର ମନେ ମନେ ରଚନା କରୁଥିଲି... ତା'ର ପୃଷ୍ଠଭୂମିରେ ଭାସି ଉଠୁଥିଲେ ମହୀମାଷ୍ଟରଙ୍କ ସ୍ୱର୍ଗତ ପିତା ଗୋପାଳ ପ୍ରଧାନ; ଯାହାଙ୍କୁ ମୁଁ ଦେଖିବାର ସୁଯୋଗ ପାଇ ନ ଥିଲି । (ମୁଁ ପଲାଶପୁର ଡିପୋକୁ ଆସିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା ।)

ସମୁଦ୍ରକୂଳ ପର୍ଯ୍ୟନ୍ତ ଚୈତ୍ରର ରୌଦ୍ରଦଗ୍ଧ ପୂର୍ବାହ୍ନ ତଳେ ଲମ୍ବି ଯାଇଛି ଧୂ ଧୂ ବିଲ ଗହୀର । ଯେଉଁଠାରେ ଦିନେ ଛାୟାଘନ ଅରଣ୍ୟ ରଚିଥିଲା ସ୍ୱପ୍ନିଳ ତନ୍ଦ୍ରାତାପ, ଏବେ ସେଠାରେ ନାଚି ଉଠୁଥିଲା ନୀଳ ମରୀଚିକା । ପଲାଶପୁର ଇତିହାସରେ ସେଇ ଦୁଇଟି ଯୁଗର ତୁଳନା କରି ମୁଁ କୌଣସି କୂଳ କିନାରା ଖୋଜି ପାଉ ନ ଥିଲି । ଜୀବନକୁ କିଏ ବେଶୀ ଉପଭୋଗ କରିଥିଲେ... ସେମାନେ ନା ଆମେ ? ଗୋପାଳ ପଧାନ ନା ମହୀମାଷ୍ଟର ? (ମହୀ ଏକଦା କେବେ ଥିଲେ ପଲାଶପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ୍ ପଣ୍ଡିତ । ସେଇ ଉଚ୍ଚପ୍ରାଥମିକ ସ୍କୁଲ ଏବେ ଏକ ଉଚ୍ଚ ଇଂରାଜୀ ସ୍କୁଲରେ ପରିଣତ ହେଲାଣି । ମହୀପଣ୍ଡିତ ପରିଣତ ହେଲେଣି ମହୀମାଷ୍ଟରରେ) ।

ଚିଙ୍ଗୁଡ଼ି ମାଛଭଜା ହୁଏତ ସେହି ମାତ୍ର ଆରମ୍ଭ ହୋଇଥିଲା । ତାହାର ବାସନା ଆଘ୍ରାଣ କରି ମହୀମାଷ୍ଟର କହିଲେ... ''ସାର୍ ରୋଷେଇ ତ ଆଉରି ପ୍ରାୟ ଘଣ୍ଟାଏ ଡେରି । ଦୁଇକପ୍ ଚା ମଗାଇବି ?''

ଚା' ପ୍ରୟୋଜନ ଥିଲା ମହୀମାଷ୍ଟରଙ୍କର । ଦିନରେ ଅନ୍ତତଃ ଆଠ ଦଶ କପ୍ ଚା' ତାଙ୍କର ଏକମାତ୍ର ବିଳାସ । ଚା' ପାଇଁ ମୁଁ କେବଳ ନିମିତ୍ତ ମାତ୍ର । ସମୟର ଆତ୍ୟ ଭୁଲିବା ପାଇଁ ମୁଁ କହିଲି...

''ମନ୍ଦ କ'ଣ ?''

ମହୀମାଷ୍ଟର ଡିପୋ ପିଣ୍ଡାର ସେଇ ଗଦୀ ଉପରୁ ବସି ଡାକ ଦେଲେ... ''ହୋ ବଂଶୀନନା, ଦୁଇଗ୍ଲାସ୍ ସ୍ପେଶାଲ୍ ଚା' ।''

ମହୀମାଷ୍ଟରଙ୍କ କଣ୍ଠସ୍ୱରରୁ ଏବେ ମଧ୍ୟ ଅନୁମାନ କରିହେବ ଗୋପାଳ ପଧାନଙ୍କ ଗଳାର ଆୱାଜ... କୁହାଟ ଦେଲେ ଅନ୍ତତଃ ମାଇଲକ ଦୂରକୁ ଶୁଭୁଥିବ ନିଶ୍ଚୟ ।

Digitized by srujanika@gmail.com

ବଂଶୀଧରଙ୍କର ଚା' ଦୋକାନରୁ ଛିଣ୍ଡା ହାପ୍‌ପ୍ୟାଣ୍ଟ ପିନ୍ଧା ଗୋଟାଏ ପିଲା ଦୁଇ ଗ୍ଲାସ ଚା' ଆଣି ତିପୋ ଗଦୀରେ କଚାଡ଼ି ଦେଇଗଲା ।

ଚା' ଗ୍ଲାସରେ ଗୋଟାଏ ଚୁମ୍ବନ ଦେଇ ମୁଁ ପଚାରିଲି... ''ଆଚ୍ଛା ମହୀମାଷ୍ଟ୍ରେ, ତୁମ ବାପା କ'ଣ ଚା' ପିଉଥିଲେ !''

ମହୀମାଷ୍ଟ୍ରେ ପାଟିରୁ ଥୂ ଥୂ କରି ପାନ ଖଦରା ଫିଙ୍ଗି ପ୍ରସନ୍ନ କଣ୍ଠରେ କହିଲେ... ''ବାପାଙ୍କ ଚା' ପିଆ ଦେଖିଲେ ଆପଣ ତାଜୁବ୍ ହୋଇଯାନ୍ତେ ସାର୍।'' ଗୋଟାଏ ମୋଟା କଂସାରେ କଂସାଏ ନିରୁତା କ୍ଷୀର, ତା' ଉପରେ ଟିକିଏ କଷରା ଚା' ପାଣି, ସେଥିରେ ଚିନି ନ ଥିଲା । ଚିନି ସେର ସେତେବେଳେ ଦଶପଇସା, ତିନିଅଣା ହେଲେ ଚିନି ଖାଉଥିଲା କିଏ ? ଚା' କଂସାରେ ମୁଠାଏ ଚୁଡ଼ାଭଜା ନୋହିଲେ ମୁଢ଼ି । ସକାଳେ ଗାଧୋଇ ପୂଜାପାଠ ସାରି ସେଇ କଂସାଏ ଚା' ସେ ପିଇବେ; ତା ପରେ ବାହାରିଯିବେ ବିଲକୁ। ...ସେ କଂସାକୁ ମୁଁ ଏବେ ସୁଦ୍ଧା ସାଇତି ରଖିଛି ସାର୍ ସେ ଯୁଗର ସନ୍ତକ ରୂପ।''

ମହୀମାଷ୍ଟ୍ରେ ଚା' ଗ୍ଲାସରେ ଗୋଟାଏ ଚୁମ୍ବନ ଦେଇ କହିଲେ... ''ଆଜିକାଲି ଏ ଚା'ରେ କ୍ଷୀର ନାହିଁ, ପାଉଡର ମିଶା ପାଣି ଚା'ର ସେ ଖୁସବୁ ବି କାହିଁ ? ଏ ଅଞ୍ଚଳର କ୍ଷୀର ସବୁ ବୋହି ଯାଉଛି ସେଇ ସହରକୁ। କିନ୍ତୁ ଚା' ପତି ସବୁ ଏମିତି ଗମରା କାହିଁକି କେଜାଣି ?''

ସହର ସବୁ ଶୋଷି ନେଉଛି କ୍ଷୁଧିତ ଅଜଗର ପରି। ସେଇ ତ ଆଜିର ସଭ୍ୟତା... ଶିଳ୍ପବିପ୍ଳବୋତ୍ତର ସମାଜ ! ସେ ତତ୍ତ୍ୱ ମୁଁ କିନ୍ତୁ ମହୀମାଷ୍ଟରଙ୍କୁ ବୁଝାଇବି କିପରି ?

ନୀରବରେ ଚା' ଗ୍ଲାସରୁ ଚା' ଢୋକେ ଢୋକେ ପିଇ ମହୀମାଷ୍ଟରଙ୍କ ସ୍ୱର୍ଗତ ପିତୃଦେବ ଗୋପାଳ ପଧାନଙ୍କ ଚା' ପିଆର ଚିତ୍ର ମନେ ମନେ ଆଙ୍କିବା ପାଇଁ ମୁଁ ଚେଷ୍ଟା କରୁଥିଲି;

ମହୀମାଷ୍ଟର ହଠାତ୍ ଆରମ୍ଭ କଲେ.. 'ସାର୍...'

ପୁଣି ହୁଏତ ସେ ବର୍ତ୍ତମାନ ଆରମ୍ଭ କରିବେ ତାଙ୍କର ସେଇ ପିତୃକୈନ୍ଦ୍ରିକ ପଲାଶପୁରର କଥା ଯାହାକୁ ଶୁଣିବା ପାଇଁ ମୋର ଆଉ ଧୈର୍ଯ୍ୟ ନ ଥିଲା।

ମୁଁ ତେଣୁ ମାନସିକ ପ୍ରତିରକ୍ଷାର ଏକ ବ୍ୟୂହ ରଚନା କରି ନାଟକୀୟ ଗାମ୍ଭୀର୍ଯ୍ୟରେ କହିଲି... 'କୁହ।'

''ଗୋପୀ ପାଇଁ କିଛି ଗୋଟିଏ ବ୍ୟବସ୍ଥା ହୋଇପାରନ୍ତା ନାହିଁ ସାର। ଦିନକୁ ଦିନ ମୁଁ ତା' ପାଇଁ ଦୁଷ୍ଚିନ୍ତାରେ ବୁଡ଼ିଗଲିଣି ।''

''ଗୋପୀ ! ଗୋପୀ କିଏ ?'' ...ମୁଁ ପଚାରିଲି। କୌଣସି ଏକ ଦୁଃସ୍ଥ ଗୋପୀ ପାଇଁ କିଛି ଚିନ୍ତା କରିବା ପାଇଁ ପଡ଼ିବ । ସମବେଦନାରେ ମୋର ମାନସିକ ପ୍ରତିରକ୍ଷାର ବ୍ୟୂହ ଭୁଶୁଡ଼ି ପଡ଼ିଥିଲା।

ମହୀମାଷ୍ଟର ଉତ୍ତର ଦେଲେ... ''ଗୋପୀ ମୋ ପୁଅ ପରା ! କେତେଥର ଆପଣଙ୍କ ପାଖକୁ ଆସିଛି। ଏତେ ଶୀଘ୍ର ଭୁଲିଗଲେ ?''

Digitized by srujanika@gmail.com

"ଓ ! ଗୋପୀ ! ସେଇ ତମର ପୁଅ ଯିଏ ଏମ୍. ଏ. ପଢୁଛି ।" ମୋର ଆଖି ଆଗରେ ଭାସିଉଠିଲା ଟେରିକଟ୍ ଚିପା ନଳୀ ପ୍ୟାଣ୍ଟ୍ ଆଉ ହାଓ୍ୱାଇ ପିନ୍ଧା ଗୋଟିଏ ଯୁବକର ମୂର୍ତ୍ତି...ପାଦରେ ହଳେ ବାଟା ଚଟୀ, ମୁଣ୍ଡରେ ହିପୀ ଢାଞ୍ଚାର ବାବୁରୀ ବାଳ, ଗାଲମୁଚା କଲି, ଓଠ ତଳେ ଛୋଟିଆ ଦାଢ଼ି, ଆଖିରେ ଗୋ-ଗୋ କଳା ଚଷମା । ଅତୀତରେ ସେ କେବେ କେବେ ଆମ ଡିପୋକୁ ଆସିଛି ଇଂରାଜୀ ଖବରକାଗଜ ନୋହିଲେ ମାଗାଜିନ୍ ଉପରେ ଆଖି ବୁଲାଇ ଯିବାପାଇଁ । ପ୍ରଥମେ ତାକୁ ପଲାଶପୁର ଗାଁ ଦାଣ୍ଡରେ ଦେଖି ମନେ ମନେ ବିସ୍ମିତ ହୋଇଥିଲି...ଲୁଣୀ ସମୁଦ୍ରକୂଳିଆ ଏଇ ନିପଟ ମଫସଲ ଅଞ୍ଚଳରେ ଏ ମୂର୍ତ୍ତିଙ୍କର ଆବିର୍ଭାବ ହେଲା କୁଆଡ଼େ ? କିନ୍ତୁ ପାଟୁଆ ନଈର ଚିଙ୍ଗୁଡ଼ି ଯଦି ଗୌରା ମାଝିର ଖାଳେଇରୁ ବାହାରି ବମ୍ବେର ହୋଟେଲମାନଙ୍କର ଡାଇନିଙ୍ଗ୍ ଟେବୁଲ ଉପରେ ବିରାଜିତ ହୋଇପାରୁଛି, ତା' ହେଲେ ଇଂରାଜୀ ମାଗାଜିନ୍‌ମାନଙ୍କର ବିଜ୍ଞାପନ ପୃଷ୍ଠାରେ ରଙ୍ଗିନ ଚିତ୍ର ପରି ଦିଶୁଥିବା, ଛିଟ ଟେରେଲିନ, ହାଓ୍ୱାଇ ଆଉ ଗୋ-ଗୋ ଚଷମା ପିନ୍ଧା ଗୋପୀ ପଲାଶପୁର ଗାଁ ଦାଣ୍ଡରେ ସମ୍ଭବ ହେବ ନାହିଁ କାହିଁକି ? ଏଇତ ସଭ୍ୟତା...ଆଦିମ କୃଷିପ୍ରଧାନ ଗ୍ରାମ ଓ ଯନ୍ତ୍ରଶିଳ୍ପବିପ୍ଳବୋତ୍ତର ମହାନଗରୀ ମଧ୍ୟରେ ସମ୍ପର୍କର ଧାରା । ଆଦିମ କୃଷିପ୍ରଧାନ ଗ୍ରାମ ସବୁ ପରିଣତ ହେବା ପାଇଁ ଚାଲିଛି ମହାନଗରୀମାନଙ୍କର ଆବର୍ଜନାପୂର୍ଣ୍ଣ ସ୍ଲମ ଆଉ ମହାନଗରୀ ସବୁ ଆଦିମ କୃଷିପ୍ରଧାନ ଗ୍ରାମର ଦାରିଦ୍ର୍ୟ କ୍ଷୁଧା ନିପୀଡ଼ିତ ବସ୍ତି ଆଡ଼େ ।

ମହୀମାଷ୍ଟର ଚା' ଗ୍ଲାସ୍‌ରେ ଗୋଟାଏ ଶେଷ ଚୁମୁକ୍ ଦେଇ କହିଲେ... "ବଡ଼ ଝିଅଟି ବାହା ହୋଇଗଲାଣି । ଗୋପୀ ତଳେ ଆଉ ଏକ ଝିଅ । ମାତ୍ର ତା' କଥା ଚିନ୍ତା କରିବା ପାଇଁ ଆଉରି ସାତ ଆଠ ବର୍ଷ ଡେରି । ଏବେ ମୋର ଦୁଷ୍ଚିନ୍ତାର ଏକମାତ୍ର କାରଣ ଗୋପୀ । ଆପଣ ଯଦି କିଛି ଗୋଟାଏ ବ୍ୟବସ୍ଥା କରି ଦେଇପାରନ୍ତେ ସାର୍ ।"

ମୁଁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ କହିଲି "ଆହା ! ବ୍ୟସ୍ତ କାହିଁକି ? ଗୋପୀ ଆଗେ ଏମ୍.ଏ. ଟା ପାସ୍ କରିଯାଉ । ସବ୍‌ଜେକ୍ଟ କ'ଣ ତା'ର ?"

ମହୀମାଷ୍ଟର ଗୋଟିଏ ଦୀର୍ଘଶ୍ୱାସ ପକାଇ ଉତ୍ତର ଦେଲେ— "ଧାନ ବିକି ତାକୁ ପାଠ ପଢ଼ାଉଛି । କିନ୍ତୁ ପାଠରେ କ'ଣ ତା'ର ମନ ଅଛି ସାର୍ ? ମାସରେ ଅଧେ ଦିନ ଗାଁରେ । କିରେ ଗୋପୀ କଲେଜ ମାରା କରି ଏଠି ଗାଁରେ କାହିଁକି ?"

ଗୋପୀର ଉତ୍ତର— "ଧେତ୍‌ତେରୀ କଲେଜ । କଲେଜ ସଙ୍ଗେ ପାଠର କ'ଣ ସମ୍ପର୍କ ?"

"ତା ହେଲେ ଏମ୍. ଏ. ପାସ୍ କରିବୁ କିପରି ?"

ମହୀମାଷ୍ଟରଙ୍କ ଅଜ୍ଞତା ପ୍ରତି କୃପା ପ୍ରଦର୍ଶନ କରିବା ପରି କଣ୍ଠରେ ଗୋପୀ ଉତ୍ତର ଦିଏ, "ଏମ୍.ଏ. ପାସ୍ କରିବା ପାଇଁ କଲେଜ ଆଟେଣ୍ଡ୍ କରିବା କ'ଣ ଦରକାର ? ସାର୍‌ମାନଙ୍କୁ ତୋୟାଜ୍ ରଖିପାରିଲେ ହେଲା । କେତେବେଳେ ଠେକିଏ ଘିଅ ନୋହିଲେ ବସ୍ତାଏ ସରୁ ଚାଉଳ । ଆଉ ପରୀକ୍ଷାବେଳେ ସେମାନଙ୍କ ଦରବାରରେ ଆଡ଼୍‌ଡ଼ା ।"

Digitized by srujanika@gmail.com

ମହୀମାଷ୍ଟରଙ୍କୁ ସାନ୍ତ୍ୱନା ଦେବାପରି କଣ୍ଠରେ ମୁଁ କହିଲି— "ଗୋପୀ ମିଥ୍ୟା କହି ନାହିଁ। କଲେଜସବୁ ଏବେ କେବଳ ନାମକୁ ମାତ୍ର ଗୋଟିଏ ଗୋଟିଏ ଅନୁଷ୍ଠାନ, ମାତ୍ର ବିଦ୍ୟା ଏକ ମୂଲ୍ୟବୋଧ। ଅନୁଷ୍ଠାନ ସହିତ ମୂଲ୍ୟବୋଧର ପ୍ରକୃତରେ କୌଣସି ସମ୍ପର୍କ ନାହିଁ । ତା ହେଲେ ଗୋପୀ କ'ଣ ଘରବାଡ଼ି କଥା ବୁଝୁଛି ?"

ମହୀମାଷ୍ଟରଙ୍କ କଣ୍ଠରେ ଗୋଟାଏ ଆର୍ତ୍ତନାଦ ଯେପରି କେଉଁଠି ଅଟକି ରହିଗଲା । ଗୋପୀ ଘରବାଡ଼ି କଥା ବୁଝୁଥିଲେ ମୁଁ ତ ନିସ୍ତାର ପାଉଥାନ୍ତି ସାର୍।"

'ଚାଷବାସ ?'

"ଚାଷବାସ କଥା ବୁଝିବ ଗୋପୀ ?" ...ମହୀମାଷ୍ଟର ପୁଣି ଆର୍ତ୍ତନାଦ କରି ଉଠିଲେ । "ଭାଗଚାଷୀମାନଙ୍କ ଉପରେ ବର୍ଷ ବର୍ଷ ଧରି ଭାଗ ଧାନ ବାକି ପଡ଼ି ରହୁଛି । ଗାଁ ଚକରେ କେଉଁଠି ଆମର କେଉଁ ଜମି ଗୋପୀ ଆଗେ ଚିହ୍ନି ପାରିବନା ସାର୍ ?"

"ତାହେଲେ ଗୋପୀ କ'ଣ କରୁଛି ପଲାଶପୁର ଗାଁରେ ?"

ମହୀମାଷ୍ଟରଙ୍କ କଣ୍ଠ ଅତ୍ୟନ୍ତ ବିଷଣ୍ଣ ଉଦାସ ଶୁଭିଗଲା । ସେ କହିଲେ... "ଗୋପୀ ଗାଁକୁ ଆସିବା ମାନେ ଆମ ପକ୍ଷରେ ଗୋଟିଏ ବିପଦ । ସହର ଭଲ ଲାଗେ ନାହିଁ ବୋଲି ଗାଁକୁ ପଳାଇଆସେ । ଗାଁକୁ ଆସିଲେ ସବୁବେଳେ ଅକାରଣରେ ଚିଡ୍ ଚିଡ୍; ଏଠି ତାକୁ କୌଣସି କଥା ଭଲ ଲାଗେ ନାହିଁ । ସେ ଚାହେ ସବୁ ଭାଙ୍ଗିବାକୁ; ଏଠୁ ଘର ଭାଙ୍ଗି ଜମିବାଡ଼ି ବିକ୍ରି କରି ଗୋପାଳପୁର ବଜାରକୁ ଉଠିଯିବା ପାଇଁ । ସାତପୁରୁଷଙ୍କ ଶେଷନିଃଶ୍ୱାସ ଏଇ ମାଟିରେ ମିଶିଲା। ଏଇ ଘର; ଗାଁ ପାଇଁ ବାପାଙ୍କର ଏପରି ମମତା, ଏପରି ଆକର୍ଷଣ ଥିଲା ଯେ କଟକ ସହର କିମ୍ବା କୌଣସି ବନ୍ଧୁଘର ଯାଇଥିଲେ ସେ ଦିନକରୁ ଦୁଇଦିନ ରହିପାରନ୍ତି ନାହିଁ । କିନ୍ତୁ ଗୋପୀ କହେ— ଏ ଲୁଣିଆ ସମୁଦ୍ର କୂଳିଆ ପନ୍ତା ଅଞ୍ଚଳରେ କ'ଣ ଭଦ୍ରଲୋକ ରହନ୍ତି ? ଏଇ ଘରଟାକୁ ଯଦି ଗୋଟାଏ ତୋଫାନ ଉଡ଼ାଇ ନିଅନ୍ତା; କି ସମୁଦ୍ର କୁଆର ଭସାଇ ନିଅନ୍ତା, ଆଉ ତା' ସାଙ୍ଗରେ ଭସାଇ ନିଅନ୍ତା ବାପା ଗୋସେଇଁ ବାପା ଅମଳର ସାଇତା, ଯେତେସବୁ ପୁରୁଣା ଜିନିଷ; ତାହେଲେ ଗୋପୀ ଯେପରି ଶାନ୍ତି ପା'ନ୍ତା । ଘରକୁ ଆସିଲେ ଆଖି ଆଗରେ ଯାହା ପଡ଼ିଲା ତା' ଉପରେ ଗୋଟାଏ ଲାଥି । ସେଦିନ ବାପାଙ୍କ କୋଥଳୀ ପେଡ଼ିଟା କିଏ କାଢ଼ି ଦାଣ୍ଡଘର ଟେବୁଲ ଉପରେ ରଖି ଦେଇଥିଲା । ଗୋପୀର କି ରାଗ ! ଗୋଟିଏ ଲାଥି ମାରି ପେଡ଼ୀଟାକୁ ସେ ଦାଣ୍ଡକୁ ଫିଙ୍ଗି ଦେଲା । ସାନ ଝିଅ କୁସୁମ ଯାଇ ସେ ପେଡ଼ୀଟାକୁ ଝଡ଼ାପୋଛା କରି ପୁଣି ଘରକୁ ଆଣିଲା । ଗୋପୀ ପାଇଁ କ'ଣ କରିବି; ମୁଁ ପ୍ରକୃତରେ ଭାବି ସ୍ଥିର କରି ପାରୁ ନାହିଁ ସାର୍।"

ମୁଁ ଉତ୍ତର ଦେଲି— "ପରିସ୍ଥିତି ସହିତ ନିଜକୁ ଖାପ୍ ଖୁଆଇ ନ ପାରିଲେ ଏଇପରି ମାନସିକ ବିକୃତି ପ୍ରକାଶ ପାଇଥାଏ । ଇଏ ଗୋଟିଏ ମାନସିକ ବିକୃତି...ଆଲିଏନେସନ୍।"

ମହୀମାଷ୍ଟରଙ୍କ ପକ୍ଷରେ ମୋର ଉତ୍ତର ଗୋପୀର ଆଚରଣଠାରୁ ବଳି ଥିଲା ଆଉରି ଦୁର୍ବୋଧ ।

Digitized by srujanika@gmail.com

ମୁଁ ମନେ ମନେ ଭାବୁଥିଲି, ଜୀବନକୁ କେଉଁମାନେ ବେଶୀ ଉପଭୋଗ କଲେ ? କେଉଁମାନେ ପାଇଲେ ବଞ୍ଚିବାର ବିପୁଳତାର ଆସ୍ୱାଦନ ? ଗୋପାଳ ପଧାନ ନା ଗୋପୀ ? ସେଦିନ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲା କ୍ଷୁଧା; ଆଜି କ୍ଷୁଧା ମଧ୍ୟରେ ପ୍ରାଚୁର୍ଯ୍ୟ । ସେଦିନ ଜୀବନର ଦିଗନ୍ତ ଥିଲା ସୀମିତ; ଆଜି ବିସ୍ତୃତ ଦିଗନ୍ତ ମଧ୍ୟରେ ଜୀବନ କିନ୍ତୁ ସଙ୍କୁଚିତ । ସେଦିନ ଦାରିଦ୍ର୍ୟର ଶତ ଅପରିଚ୍ଛନ୍ନତା ମଧ୍ୟରେ ଥିଲା ଏକ ଶୁଚି । ଆଜି ଶୁଚି ମଧ୍ୟରେ ଏକ ଉତ୍କଟ ଅପରିଚ୍ଛନ୍ନତା। ଅନ୍ଧ ବାଦୁଡ଼ୀ ପରି ଆମେ ସମସ୍ତେ ଖୋଜି ହେଉଛୁ ଏଇ ବିଷଚକ୍ର ମଧ୍ୟରୁ ନିର୍ଗମନର ଏକ ପଥ—ଗୋପୀ, ସେଇ ବିଫଳ ସଂଗ୍ରାମର ଏକ ସଙ୍କେତ । ତା'ର ବିସ୍ଫୋରଣ ସେଇ ବ୍ୟର୍ଥତାର ଏକ ପରିଣତି ।

ମହୀମାଷ୍ଟର ଘରକୁ ଯିବା ପାଇଁ ଉଠିଲେ । ଗଲାବେଳେ ଆମନ୍ତ୍ରଣ କରିଗଲେ—"ଆସିବାଦିନୁ କେବେ ତ ଥରେ ଆମ ଘରେ ପାଦ ପକାଇଲେ ନାହିଁ! ଆଜି ସନ୍ଧ୍ୟାକୁ ଆସିବେ ।"

ଗୋପାଳ ପଧାନଙ୍କ ତା' ପିଆ କଂସା, ପ୍ରବାସରେ ଭାତରନ୍ଧା ତସଲା, କୋଥଳୀ, ଠେଙ୍ଗା ପ୍ରଭୃତି ଦେଖିବା ପାଇଁ ମୋର ମଧ ଥିଲା ଗୋଟାଏ ପ୍ରଚ୍ଛନ୍ନ ଆଗ୍ରହ ।

ଦିବାନିଦ୍ରା ପରେ ଉଠିଲା ବେଳକୁ ବାହାରେ ଲମ୍ବିଯାଇଥିଲା ଗୋଧୂଳିର ଛାୟା । ନିର୍ଜନ ଡିପୋ ଦାଣ୍ଡରେ ସମୟ ଝୁଲି ରହିଥିଲା; ହଠାତ୍ ବନ୍ଦ ହୋଇ ଯାଇଥିବା ଏକ ପେଣ୍ଡୁଲମ୍ ପରି । ବି.ଡି.ଓ. ନାହାନ୍ତି । ସ୍କୁଲର ହେଡ୍‌ମାଷ୍ଟର ମଧ ଯାଇଛନ୍ତି ଛୁଟିରେ । ସନ୍ଧ୍ୟାରେ ତାସ ଆଡ୍‌ଡ଼ା ଜମିବାର ସମ୍ଭାବନା ନାହିଁ । ମନେ ପଡ଼ିଗଲା ସନ୍ଧ୍ୟାରେ ତାଙ୍କ ଘରକୁ ଯିବାପାଇଁ ମହୀମାଷ୍ଟରଙ୍କ ଆମନ୍ତ୍ରଣ ।

ବଜାରଟା ଡେଇଁଗଲେ ଆରମ୍ଭ ହୋଇଛି ପଲାଶପୁର ଗାଁ— ମହୀମାଷ୍ଟରଙ୍କ ଘର ସେଇ ଗାଁ ମଝି ନଡ଼ିଆଗଛ ପାଖରେ । ବଜାର ଡେଇଁଯିବା ପରେ ଗାଁଆଡ଼େ ଯିବାପାଇଁ ଯେଉଁଠୁ ଆରମ୍ଭ ହୋଇଛି ସୁର୍‌କୀବିଛା ରାସ୍ତା, ଆଗେ ଚିତାବାଘ କୁଆଡ଼େ ଆସୁଥିଲା ସେ ପର୍ଯ୍ୟନ୍ତ, ଗୁହାଳରୁ ଗାଈ, ଛେଳି, ହାବୁଡ଼ରେ ପଡ଼ିଲେ ମଣିଷମାନଙ୍କୁ ସୁଦ୍ଧା ଟେକି ନେବାପାଇଁ । ଏବେ କିନ୍ତୁ ସେଠାରେ ଇଲେକ୍‌ଟ୍ରିକ୍ ବତି ଖୁଣ୍ଟରେ ଜଳି ଉଠିଥିଲା ଗୋଟାଏ ମିଞ୍ଜିମିଞ୍ଜିଆ ଆଲୁଅ ।

ଗାଁ ମୁଣ୍ଡରେ ଠାକୁରାଣୀ ଘର । ସେଇ ମୁହଁ ସଞ୍ଜବେଳେ ଠାକୁରାଣୀ ବର ତଳେ ମହୀମାଷ୍ଟ୍ରେ କାନ୍ଧରେ ଖଣ୍ଡେ ଗାମୁଛା ପକାଇ ଚଉପାଢ଼ୀ ଉପରେ ଏକୁଟିଆ ବସିଥିଲେ ବୋଲି, ମୁଁ ଆଦୌ ଭାବି ପାରୁ ନ ଥିଲି । ଦୃଷ୍ଟିଶକ୍ତିର ଭ୍ରମ ନୁହେଁ ତ ? ଏ ନିଶ୍ଚୟ ମହୀମାଷ୍ଟର । କ'ଣ ମୋତେ ପାଛୋଟି ନେବା ପାଇଁ ?

"ମହୀମାଷ୍ଟ୍ରେ, ତୁମେ ଏଠି ?"

ମହୀମାଷ୍ଟର ଚଉପାଢ଼ୀ ଉପରୁ ଉଠିପଡ଼ି ମୋର ହାତ ଦୁଇଟା ଧରିପକାଇ କାନ୍ଦିବା ପରି କଣ୍ଠରେ କହିଲେ... "ମୋତେ ମାଫ୍ କରିବେ ସାର୍ । ମୁଁ ଆଉ ସେ ଘର ମୁହଁ ଚାହିଁବି ନାହିଁ । ଆପଣଙ୍କୁ ଆମନ୍ତ୍ରଣ କରି ମହା ଅପରାଧ କରିଛି ।"

Digitized by srujanika@gmail.com

ମୁଁ ସାନ୍ତ୍ୱନା ଦେଇ କହିଲି... ''କଥା କ'ଣ ମାଷ୍ଟ୍ରେ ? ବାବାଜି ହୋଇଯିବ ନା କ'ଣ ?''

ଅପସ୍ମାରଗ୍ରସ୍ତ ରୋଗୀ ପରି ମହୀମାଷ୍ଟର ଚିତ୍କାର କରି ଉଠିଲେ... ''ସେଇ ଗୋପୀ ସବୁ ମୋର ସତ୍ୟାନାଶ କରିଦେଲା। ସବୁ ସତ୍ୟାନାଶ କରିଦେଲା । ଆଉ ସେ ଘରେ କ'ଣ ଅଛି ? କାହିଁକି ଫେରିବି ସେଇ ଘରକୁ ?''

କିନ୍ତୁ ଗୋପୀ କ'ଣ କିପରି ସତ୍ୟାନାଶ କଲା, ମହୀମାଷ୍ଟରଙ୍କ ଅସଂଲଗ୍ନ କଥାରୁ ତାହାର ବୃତ୍ତାନ୍ତ କିଛି ଜଣା ପଡୁ ନ ଥିଲା ।

ବହୁ କଷ୍ଟରେ ମହୀମାଷ୍ଟରଙ୍କ କଥାରୁ ମୁଁ ଯାହା ବୁଝିଲି ତାଙ୍କ ବାପା ଗୋପାଳ ପଧାନଙ୍କ ସେଇ ଐତିହାସିକ ଚା'ପିଆ କଂସା, ଭାତରନ୍ଧା ତସଲା, ଯାହା ସବୁ ଫାଟିଫୁଟି ଯାଇଥିବାରୁ ମହୀମାଷ୍ଟର ସାଇତି ରଖିଥିଲେ ଗୋଟିଏ ସିନ୍ଦୁକ ଭିତରେ, ହତଭାଗା ଗୋପୀ ସେସବୁ କେଉଁଦିନ ବିକ୍ରି କରିଦେଇ ସେଇ ପଇସାରେ କିଣି ଆଣିଛି ଗୋଟିଏ ଦାମିକା ହାଲ ଫେସନର ଚା' ସେଟ୍ । ଡିମ୍ବ ଖୋଳପାପରି କପ୍‌ପ୍ଲେଟ୍ ସବୁ ପତଳା । ଆଙ୍ଗୁଠି ଟିପାଟାଏ ମାରିଦେଲେ ଫାଟିଯିବ । ଇତ୍ୟାଦି ।

ମୁଁ କହିଲି... ''ଏଇ ସାମାନ୍ୟ କଥାରେ ତୁମେ ଘରଛାଡ଼ି ଚାଲିଯିବ ମାଷ୍ଟ୍ରେ । ବରଂ ଏଇ ପରିବର୍ତ୍ତନକୁ ମାନି ନିଅ, ଆନନ୍ଦ ପାଇବ। ଗୋପାଳ ପଧାନଙ୍କ ଅମଳରେ ଚା' ପିଆର କାୟଦା ଥିଲା ଏକପ୍ରକାର, ଏବେ ଗୋପୀ ବେଳକୁ ତାହା ଅଲଗା ପ୍ରକାରର। ସହରର ଆଦବ୍ କାୟଦାରେ ଗୋପୀ ବଢ଼ିଛି କିନା। ସେଥିପାଇଁ ତାର ଦରକାର ସୌଖୀନ ଚା' ସେଟ୍।''

ମୋର ଯୁକ୍ତିରେ ମହୀମାଷ୍ଟର କେତେଦୂର ପ୍ରଭାବିତ ହୋଇଥିଲେ ଜାଣେ ନାହିଁ; କିନ୍ତୁ ମୋ ଆଗେ ଆଗେ ସେ ତାଙ୍କ ଘରଆଡ଼େ ମୋତେ ପାଛୋଟି ନେଇ ଚାଲିଲେ ।

ବୋଧହୁଏ ଗୋପୀର ଜିଦ୍‌ଧରି ମହୀମାଷ୍ଟରଙ୍କ ଚାଳଘରକୁ ଆସିଛି ଇଲେକ୍ଟ୍ରିସିଟି । ଗୋଟିଏ ଟିଉବ୍ ଲାଇଟ୍‌ର ସ୍ନିଗ୍ଧ ଆଲୋକ ବିଛୁ ହୋଇ ପଡ଼ିଥିଲା ଦାଣ୍ଡରେ।

''ଆସନ୍ତୁ, ଆସନ୍ତୁ ସାର୍'' ...ମହୀମାଷ୍ଟର ଦାଣ୍ଡଘର ଭିତରକୁ ମୋତେ ପାଛୋଟି ନେଲେ । ଏଇ ଦାଣ୍ଡଘରେ ସମ୍ଭବତଃ ଗୋପୀର ବୈଠକଖାନା । ମୋର ସମ୍ବର୍ଦ୍ଧନା ପାଇଁ ଇତି ମଧ୍ୟରେ ସେଠାରେ ପଡ଼ିଥିଲା ବେତବୁଣା ଦୁଇଟା କାଠ ଚୌକି, ମଝିରେ ଗୋଟିଏ ଟି'ପୟ ଆଉ ଟି'ପୟ ଉପରେ ଗୋଟିଏ ଆସ୍‌ଟ୍ରେ । ଛିଟକନାର ଟେବୁଲ୍ କ୍ଲଥ ଢଙ୍କା ଟେବୁଲ୍ ଉପରେ ଗୋଟାଏ ଟ୍ରାଞ୍ଜିଷ୍ଟରରେ ଚାଲିଥିଲା ବିବିଧ ଭାରତୀର ବିଜ୍ଞାପନୀ ସଙ୍ଗୀତ... ''ବଜ୍ରଦନ୍ତୀ, ବଜ୍ରଦନ୍ତୀ ଟୁଥ ପେ—ଷ୍ଟ ।''

ମୁଁ କିନ୍ତୁ ଚଉକି ଛାଡ଼ି କେଉଁ ପ୍ରପିତାମହ ଅମଳର ଖଣ୍ଡେ ଖଟ ଉପରେ ବସିପଡ଼ିଲି । ବସ୍ତୁତଃ ସେ ଘରର ପରିବେଶ ସହିତ ପ୍ରପିତାମହ ଅମଳର ସେଇ ଖଟ ଯେପରି ଖାପ୍ ଖାଉଥିଲା; ବେତବୁଣା କାଠ ଚୌକି ଆଉ ଟି'ପୟ ସେପରି ଖାପ୍ ଖାଇ ପାରୁ ନ ଥିଲା । ତାହା ଲାଗୁଥିଲା ଖାପଛଡ଼ା । ବିଷସଦୃଶ ।

Digitized by srujanika@gmail.com

ଗୋପୀର ନୂଆ ଚା' ସେଟ୍ ଉଦ୍‌ଘାଟନ ଉତ୍ସବରେ ମୁଁ ଥିଲି ଯେପରି ପୁରୋଧା । ମହୀମାଷ୍ଟ୍ରେ ସେତେବେଳକୁ ମଧ ଭୁଲି ସାରିଥିଲେ ମନର ଜ୍ୱାଳା ଓ ଉତ୍ତାପ । ସେ କହିଲେ... ''ସାର୍‌ଙ୍କ ପାଇଁ ଚା' ଆଣ ଗୋପୀ ।''

ଲୁଙ୍ଗି ଆଉ ହାଓ୍ୱାଇନ୍ ପିନ୍ଧି ଗୋପୀ ତାର ନୂଆ ଚା' ସେଟ୍‌ରେ ଆମ ଦୁଇ ଜଣଙ୍କ ପାଇଁ ଚା' ଆଣି ରଖିଦେଲା ଟି'ପୟ ଉପରେ; ତା'ପରେ ଆମଠାରୁ ଅଦୂରରେ ଠିଆ ହୋଇ ରହିଲା ଯେପରି ନିଜ କୀର୍ତ୍ତି ଓ କୃତିତ୍ୱର ଗୌରବ ଉପଭୋଗ କରିବା ପାଇଁ ।

ଟି'ପଟ୍‌ରେ ଚା' ପାଣି ଭର୍ତ୍ତି; ମାତ୍ର ମିଲ୍‌କ ପଟ୍‌ରେ କ୍ଷୀରର ପରିମାଣ ସାମାନ୍ୟ, ଚିନିପାତ୍ରରେ ମାତ୍ର କେଇ ଚାମୁଚ ଚିନି । ମହୀମାଷ୍ଟର ତାର ଗୋଟାଏ ଅଗ୍ରିମ କୈଫିୟତ ଦେଇ କହିଲେ... ''ଏ ଗାଁରେ କ୍ଷୀର ଟୋପେ ଏତେବେଳେ ଖୋଜିଲେ ସୁଦ୍ଧା ପାଇବେ ନାହିଁ । ଚିନି କିଲୋ ଛଅ ଟଙ୍କା ଦେଲେ ସୁଦ୍ଧା ମିଳିବା ମୁସ୍କିଲ୍ ।

ପ୍ରାଚୁର୍ଯ୍ୟ ମଧ୍ୟରେ ଦୈନ୍ୟ...ଏଇ ଯନ୍ତ୍ରଶିଳ୍ପୋତ୍ତର କାଳର ପ୍ରକୃତି । ମୁଁ ତେଣୁ ସେଥିରେ ବିସ୍ମିତ ହେଉ ନ ଥିଲି ।

ମହୀମାଷ୍ଟର ପୁଣି ଫେରିଆସିଲେ ତାଙ୍କର ସେଇ ପିତୃକୈନ୍ଦ୍ରିକ ପୃଥିବୀକୁ । ସେ କହିଲେ... ''କ୍ଷୀର ହେବ ନାହିଁ କେଇ ଶାମୁକା । ବାପା କ'ଣ ଏତିକି କ୍ଷୀରରେ ଚା' ପିଉଥିଲେ ? ନିରୁତା କ୍ଷୀର କଂସାଟେ ନ ହେଲେ ନ ହୁଏ । ଆଜିକାଲି ବାହାରକୁ ସବୁ ଚିକ୍‌କଣ । ଭିତରେ କିନ୍ତୁ ସାରବତ୍ତା ନାହିଁ ।''

ଗୋପାଳ ପଧାନଙ୍କ ଚା' ପିଆର ଇତିବୃତ୍ତ ଅକାରଣ ବିରକ୍ତିରେ ଗୋପୀର ସ୍ନାୟୁତନ୍ତ୍ରୀମାନଙ୍କୁ ଯେପରି ଉତ୍ତେଜିତ କରିଦେଲା । କପାଳ ଉପରେ ଉଡ଼ି ବୁଲୁଥିବା ମେଞ୍ଚାଏ ଅଲରା ବାଳ ସେ ବାଁ ହାତ ଉପରକୁ ଛାଟିଦେଲା, ବିଦ୍ରୋହ ଘୋଷଣା କରିବା ପରି ଭଙ୍ଗୀରେ । ମହୀମାଷ୍ଟ୍ରଙ୍କ ଟିପ୍‌ପଣୀ ଉପରେ ସେ ଯେପରି ଅନୁଭବ କରୁଥିଲା ନିଜର ସାମ୍ପ୍ରତିକ କାଳ ପ୍ରତି ଅଙ୍କୁଶାଘାତ ।

ଚା' କପ୍‌ରେ ମୁଁ ନୀରବରେ ଚୁମକ୍ ଦେଉଥିଲି । ବିସ୍ୱାଦ ଚା' ସିଝାପାଣି, ପ୍ରକୃତରେ ସେଥିରେ ଚା'ର ସ୍ୱାଦ ନ ଥିଲା କିମ୍ବା ଗନ୍ଧ ନ ଥିଲା । ମହୀମାଷ୍ଟ୍ରେ ହଠାତ୍ ତାଙ୍କ ଚା' କପ୍‌ଟା ରଖିଦେଇ କହିଲେ... ''ସାର୍ ବାପାଙ୍କ ଚା'ପିଆ କଂସା ଆଉ ଭାତଖିଆ ତସଲା ତ ଆପଣଙ୍କୁ ଦେଖାଇ ପାରିଲି ନାହିଁ । ରୁହନ୍ତୁ ଦେଖାଇବି ତାଙ୍କ ପାଣିପିଆ ଗିଲାସ ।''

ସେ ଗିଲାସ ନିଶ୍ଚୟ ହୋଇଥିବ ଗୋଟିଏ ଛୋଟିଆ ବାଲ୍‌ତି ପରି । ମୁଁ ତାହା ଦେଖିବା ପାଇଁ କୌତୂହଳୀ ହୋଇଉଠିଲି ।

ଗୋପାଳ ପଧାନଙ୍କ ଚା'ପିଆ କଂସା ନ ଥାଉ, ଭାତଖିଆ ତସଲା ନ ଥାଉ; ପାଣିପିଆ ଗିଲାସ ଅଛି ତ । ଚାରିଗ୍ଲାସ ପାଣି ଧରିବ ସେଥିରେ । ସକାଳେ ଉଠି ସେଇ ଗିଲାସରେ ଗିଲାସେ ବାସୀ ପାଣି ପିଉଥିଲେ ଗୋପାଳ ପଧାନ । ମୋତେ ସେଇ ଗିଲାସ ଦେଖାଇବା ପାଇଁ

Digitized by srujanika@gmail.com

ମହୀମାଷ୍ଟର ଅସମ୍ଭାଳ ହୋଇ ଉଠିଥିଲେ । ବାପାଙ୍କ ସେଇ ଚିତାଏ ଉଅର ଠେଙ୍ଗା ବି । ''ଆରେ ଗୋପୀ ଦେଖିଲୁ, ଦେଖିଲୁ ଠାକୁର ଘର କଣରେ ବାପାଙ୍କ ସେଇ ଠେଙ୍ଗା ଥିବ ।''

ଅସ୍ତବ୍ୟସ୍ତ ଭାବରେ ମହୀମାଷ୍ଟର ଉଠି ଯାଉଁ ଯାଉଁ ତାଙ୍କ ଧକ୍‌କାରେ ଟି'ପୟ ଉପରୁ ଟି ସେଟ୍‌ଟା ପଡ଼ି ତଳେ ଚୂନା ହୋଇଗଲା । ମହୀମାଷ୍ଟରଙ୍କ ଆଖିରେ ଉଦ୍‌ବେଗ ଗ୍ରସ୍ତ ଆତଙ୍କ ଗୋପୀର ଦୁଇ କିଂକର୍ତ୍ତବ୍ୟବିମୂଢ଼ ଆଖି ଆଗରେ ତାର ପୋର୍ସିଲେନ୍‌ର ପୃଥିବୀ ଯେପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଥିଲା । ସେମାନେ ଉଭୟ ଯେପରି ଚରମ ବିୟୋଗାନ୍ତ ମୁହୂର୍ତ୍ତର ସମ୍ମୁଖୀନ ହୋଇଥିଲେ । ସେମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ମୋର କିନ୍ତୁ କିଛି ନ ଥିଲା । ସେମାନଙ୍କୁ ମୁଁ ବା କିପରି ବୁଝାଇପାରିବି; ଆଦିମ କୃଷିପ୍ରଧାନ ସମାଜରେ ସବୁ ଥିଲା ଯଦି ଜଗଦଳ ପଥର ପରି ଅକ୍ଷୟ, ଅପରିବର୍ତ୍ତନୀୟ, ଯନ୍ତ୍ରଶିଳ୍ପୋତ୍ତର ସମାଜରେ ସବୁ ଭଙ୍ଗୁର, ମୁହୂର୍ତ୍ତକୁ ମୁହୂର୍ତ୍ତ ପରିବର୍ତ୍ତନଶୀଳ । ଏଇ ଭଙ୍ଗୁରତା ଉପରେ ହିଁ ଗଢ଼ା ଆଜିର ଉତ୍ପାଦନ ପଦ୍ଧତିର ଭିତ୍ତି ।

କିନ୍ତୁ ସେସବୁ ସମାଜନୀତିର ତତ୍ତ୍ୱ । ଗୋପୀ ବା ମହୀମାଷ୍ଟର କେହି ତାହା ବୁଝିବା ଅବସ୍ଥାରେ ନ ଥିଲେ ।

ମୁଁ ନୀରବରେ ବାହାରକୁ ଉଠି ଚାଲିଆସିଲି । ମୋର ପାଦତଳେ ପୋର୍ସିଲେନ୍‌ର ଟୁକୁରା ସବୁ ଆଉରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଥିଲା । ଇଏ ତ ଆଉ ଗୋପାଳ ପଧାନଙ୍କ କଂସା ନୁହେଁ ।

●

Digitized by srujanika@gmail.com

ଏଇ ଗଣତନ୍ତ୍ର !

ଆର୍ଥନୀତିଜ୍ଞମାନଙ୍କର ସନ୍ଦର୍ଭ ଓ ରାଜନୀତିଜ୍ଞମାନଙ୍କର ପ୍ରଗଲ୍‌ଭ ଭାଷଣରେ ଭାରତୀୟ ଦାରିଦ୍ର୍ୟ-ଶୀତଳ ନିଷ୍ପ୍ରାଣ ପରିସଂଖ୍ୟା, ଦଶମିକ ଚିହ୍ନବିଶିଷ୍ଟ ଅଙ୍କର ହିସାବ । ମାତ୍ର ସହରର ବସ୍ତି ଅଞ୍ଚଳରେ ତାହାର ପ୍ରତିରୂପ ଏଇ ସବୁ ଝାଟିମାଟି, ଚାଳଘର । ରାସ୍ତା ଉପରୁ ଦେଖାଯାଉଥିବା ତାର ଅନ୍ଧକାର ଗହ୍ୱର ସବୁ କଙ୍କାଳ-କରୋଟୀର ଶୂନ୍ୟଦୃଷ୍ଟି ପରି; ପରସ୍ତ ପରସ୍ତ ହୋଇ ଚୂନ ପଲସ୍ତରା ଖସି ପଡୁଥିବା ପକ୍‌କା ଘରମାନଙ୍କର କାନ୍ଥସବୁ ଗଳିତ କୁଷ୍ଠରୋଗୀର କ୍ଷତଚିହ୍ନ ।

ଏବେ କିନ୍ତୁ ଆସନ୍ନ ନିର୍ବାଚନ ପାଇଁ ସେଇ ସବୁ କ୍ଷତଚିହ୍ନ, ଝାଟିମାଟି ଘରମାନଙ୍କର ଲୁଣିଧରା ବିବର୍ଣ୍ଣ କାନ୍ଥ ଉପରେ 'ସାମ୍ୟବାଦ' ଓ 'ପ୍ରଗତି'ର ପ୍ରଲେପ। ଶାସନକ୍ଷମତାପନ୍ନ ଘୋଡ଼ାଚିହ୍ନ ଦଳର ପ୍ରାର୍ଥୀ ରାଧାମୋହନଙ୍କର ରାଶି ରାଶି ରଙ୍ଗିନ୍ ପୋଷ୍ଟର...ସାମ୍ୟବାଦର ସୂର୍ଯ୍ୟୋଦୟ ପାଇଁ 'ପ୍ରଗତି' ର ସଙ୍କେତ ଘୋଡ଼ାଚିହ୍ନରେ ଭୋଟ ଦେବାପାଇଁ ଉଦ୍‌ବୋଧନ। ପୋଷ୍ଟର ମଝିରେ 'ସେବକ' ରାଧାମୋହନଙ୍କର ଫଟୋଚିତ୍ର...ହାସ୍ୟବିକଶିତ ଦନ୍ତପଂକ୍ତି, ମାକ୍‌ଲ୍ଲୀନ୍ ବା କୋଲ୍‌ଗେଟ୍ ଟୁଥପେଷ୍ଟ୍‌ର ବିଜ୍ଞାପନ ପରି।

ରାଧାମୋହନଙ୍କ ପୋଷ୍ଟର ଗହଳି ଭିତରେ କେଉଁଠି କେଉଁଠି ହାତୀ ଚିହ୍ନ ଦଳର ପ୍ରାର୍ଥୀ ଗୋବର୍ଦ୍ଧନଙ୍କ ପୋଷ୍ଟର ମଧ୍ୟ ଉଙ୍କି ମାରୁଛି । ସାମ୍ୟବାଦ ଓ ପ୍ରଗତି ନାମରେ ନବ୍ୟ-ପୁଞ୍ଜିବାଦ ଏକଚ୍ଛତ୍ରବାଦ ହଟାଇବା ପାଇଁ ହାତୀ ଚିହ୍ନରେ ଭୋଟ ଦିଅନ୍ତୁ।

ବସ୍ତି କାନ୍ଥମାନଙ୍କରେ ପୋଷ୍ଟରର ଯୁଦ୍ଧ...

ସାମ୍ୟବାଦ, ନବ୍ୟ-ପୁଞ୍ଜିବାଦ, ପ୍ରଗତି, ପ୍ରତିକ୍ରିୟା...ବସ୍ତିବାସୀଙ୍କ ପକ୍ଷରେ ଏ ଶବ୍ଦ ସବୁ ଦୁର୍ବୋଧ। ସେମାନଙ୍କ ଚିନ୍ତା ଚାଉଳ ଦର, ଚିନିରେ କଳାବଜାର, ଡାଲି ଦର ସୁଦ୍ଧା ଦୁର୍ମୂଲ୍ୟ । ତେଲ, ଲୁଣର ସଂସାରରେ ସେମାନଙ୍କର ଏ ଶବ୍ଦ ସବୁ ପ୍ରହେଳିକା।

ହାତୀ ଚିହ୍ନ ଦଳ କିନ୍ତୁ ଏଇ ସବୁ ସମସ୍ୟାକୁ କେନ୍ଦ୍ର କରି ବସ୍ତି ବାସୀମାନଙ୍କୁ ଆବେଦନ କରିପାରୁଛି ବେଶ୍ । ହାତୀ ଚିହ୍ନ ଦଳର ପ୍ରାର୍ଥୀ ଗୋବର୍ଦ୍ଧନଙ୍କ ସଭାରେ ବସ୍ତିବାସୀ ଶ୍ରୋତାମାନଙ୍କର ଭିଡ଼, କରତାଳିର ପ୍ରାଚୁର୍ଯ୍ୟ । ସେଥିପାଇଁ ଘୋଡ଼ାଚିହ୍ନ ଦଳର ପୋଷ୍ଟର ଗହଳି ଭିତରେ ହାତୀଚିହ୍ନ ଦଳର ପୋଷ୍ଟର ମଧ୍ୟ କ୍ରମେ ବହୁ ସଂଖ୍ୟାରେ ଉଙ୍କି ମାରି ଉଠିଲାଣି ।

ରାଜେନ୍ଦ୍ର ନିଷ୍ଫଳ କ୍ରୋଧରେ ଘୋଡ଼ା ଚିହ୍ନ ଦଳର ନିର୍ବାଚନ ଅଫିସ ଭିତରୁ ସାମନା କାନ୍ଥରେ ଗୋବର୍ଦ୍ଧନଙ୍କ ପୋଷ୍ଟର ଆଡ଼େ ଚାହିଁ ଦାନ୍ତରେ ଦାନ୍ତ ଚିପି ଚିତ୍କାର କରିଉଠିଲା— ଏ ସବୁ ସେଇ ରିଆକ୍‌ସାନାରୀ ବିନୟର ଗୁଲ୍‌ତାନି । ତା' ନ ହେଲେ ଏ ପର୍ଯ୍ୟନ୍ତ ଏ ବସ୍ତି ଥିଲା ଘୋଡ଼ା ଚିହ୍ନ ଦଳର ପ୍ରାର୍ଥୀ ରାଧାମୋହନଙ୍କ ଦୁର୍ଗ । ଏହା ଭିତରକୁ ହାତୀଚିହ୍ନ ଦଳର ବିଲେଇ ଛୁଆଟିଏ ପଶିବା ସୁଦ୍ଧା ସମ୍ଭବ ନ ଥିଲା । କିନ୍ତୁ ସେଇ ରିଆକ୍‌ସନାରୀ ବିନୟ ହାତୀ ଚିହ୍ନ ଦଳର ଦଲାଲୀ କଲା ଦିନୁ ବସ୍ତି ଲୋକେ ଇତସ୍ତତଃ ହେବା ପାଇଁ ଆରମ୍ଭ କଲେଣି ।

Digitized by srujanika@gmail.com

ବସ୍ତି ନେତା ରାଜେନ୍ଦ୍ରର ସେ ବିରୋଧୀ...ରାଜେନ୍ଦ୍ର ଘୋଡ଼ା ଚିହ୍ନ ଦଳରେ କାରପଟଦାରୀ କରୁଥିବା ହେତୁ ବିନୟ ନେଇଛି ହାତୀ-ଚିହ୍ନ ଦଳର ଦାୟିତ୍ୱ । ଏ ରାଜନୀତିକ ସମୀକରଣ ଅତି ସହଜ ଓ ସୁସ୍ପଷ୍ଟ । ଲଜେଞ୍ଚ ବିସ୍କୁଟ୍ ଲାଞ୍ଚ ଦେଇ ସେ ତିଆରି କରିଛି ଲଙ୍ଗଳା ପିଲାଙ୍କ ଦଳ, ସକାଳେ ସନ୍ଧ୍ୟାରେ ସ୍ଲୋଗାନ ଦେଇ ବୁଲିବା ପାଇଁ । ''ଭୋଟ୍ ଦେବ କେଉଁଠି ? ହାତୀ ଚିହ୍ନ ଯେଉଁଠି ।'' ଗୋଟାଏ ସ୍ଥାନରେ ଦୁଇଟା ଲଜେଞ୍ଚ ବା ଦୁଇଟା ବିସ୍କୁଟ୍ ପାଇଲେ ଘୋଡ଼ା ଚିହ୍ନରେ ଭୋଟ ଦେବା ପାଇଁ ସମାନ ଉତ୍ସାହରେ ସ୍ଲୋଗାନ୍ ଦେବାପାଇଁ ସେମାନଙ୍କର ମଧ ଆପତ୍ତି ନାହିଁ । ଗଣତନ୍ତ୍ରର ଦୁହାଇ ଦେଇ ସମଗ୍ର ଉତ୍ତର-ପୁରୁଷକୁ ସାମାନ୍ୟ ଲଜେଞ୍ଚ ବିସ୍କୁଟ ମୋହରେ ଏଇପରି ଶୈଶବରୁ କରାଯାଉଛି ମିଥ୍ୟାଭାଷୀ ଟାଉଟର...

ବସ୍ତିରେ କେଉଁଠି ଶୁଭୁଥିଲା ହାତୀ-ଚିହ୍ନ ଦଳର ସ୍ଲୋଗାନ... ''ଭୋଟ ଦେବ କେଉଁଠି ? ହାତୀ ଚିହ୍ନ ଯେଉଁଠି ।'' ରାଜେନ୍ଦ୍ର ମୁହଁର ରେଖାସବୁ କଠିନ ହୋଇ ଉଠୁଥିଲା ।

ନର୍ଦ୍ଦମା କଡ଼ରେ ରାଧାମୋହନ ନିର୍ବାଚନ ଅଫିସ ଖୋଲିଛି ବସ୍ତି ଯୁବକମାନଙ୍କ କ୍ଲବ ଘରେ । ରାଧାମୋହନ ପ୍ରତିଶ୍ରୁତି ଦେଇଛନ୍ତି ନିର୍ବାଚନରେ ଜିଣିଲେ କ୍ଲବ ଘର ପକ୍କା ହେବ । ସେଥିପାଇଁ କ୍ଲବର ସଭ୍ୟମାନେ ହୋଇଛନ୍ତି ରାଧାମୋହନଙ୍କ ନିର୍ବାଚନ ପ୍ରଚାରକ । ସନ୍ଧ୍ୟାବେଳେ ଅଫିସ ଘରେ ଦେଶୀ ମଦବୋତଲ ଘେରି ଜମିବ ଆସର । ଗୋବର୍ଦ୍ଧନଙ୍କ ଅମାନତ ଉଡ଼ାଇଦେବା ପାଇଁ ଆସ୍ଫାଳନ ଓ ଘୋଷଣା । ରାଜେନ୍ଦ୍ର କିନ୍ତୁ ରାଧାମୋହନଙ୍କ ନିର୍ବାଚନରେ କାରପଟଦାରୀ କରିବା ଦିନୁ ଦେଶୀ ପରିବର୍ତ୍ତେ ଧରିଛି ବିଲାତୀ ରମ୍ ? ସେ ତ ଆଉ ସାଧାରଣ କର୍ମୀ ନୁହେଁ... ସେ ବର୍ତ୍ତମାନ ଯୁବନେତା ।

ଗତ ରାତିରୁ ଗୋଟାଏ ରମ୍ ବୋତଲ ଅଧା ହୋଇ ପଡ଼ିଥିଲା ଡ୍ରୟର ଭିତରେ । ରାଜେନ୍ଦ୍ର ବୋତଲ ଭିତରୁ କେଇ ଢୋକ ଗଳାଧଃକରଣ କରି ବୋତଲଟା ଲୁଚାଇ ଦେଲା ଡ୍ରୟାର ଭିତରେ । ତା'ପରେ ହାତପାପୁଲିରେ ମୁହଁ ପୋଛି ରମ୍‌ର ବାସନା ଦୂର କରିବା ପାଇଁ ଖଣ୍ଡେ ସିଗ୍ରେଟରେ ନିଆଁ ଲଗାଇଲା । ଅବସ୍ଥା ଯଦି ଏଇପରି ଗତି କରେ ତା ହେଲେ ଏ ବସ୍ତିର ଦୁଇଟା ବୁଥ୍‌ରେ ଅନ୍ତତଃ ରାଧାମୋହନ ବିଶେଷ ଭୋଟ ପାଇବାର ସେପରି କୌଣସି ଆଶା ନାହିଁ । ତା ହେଲେ ନିର୍ବାଚନ ପରେ ରାଧାମୋହନଙ୍କଠାରୁ ଗୋଟିଏ ସ୍କୁଟର ମିଳିବାର ଯେଉଁ ପ୍ରତିଶ୍ରୁତି ଓ ସମ୍ଭାବନା ଥିଲା ସେ ସବୁ ବୃଥା ହୋଇଯିବ ସିନା । ରାଜେନ୍ଦ୍ର ଆଖିରେ ଗୋ-ଗୋ ଗଗଲସ୍ ପିନ୍ଧି ତଳର ରାସ୍ତାକୁ ଓହ୍ଲାଇ ଆସିଲା ।

କଟା ଘା'ରେ ଲୁଣଛିଟା ପରି ଅବଶ୍ୟ ସାମନା କାନ୍ଥରେ ହାତୀ-ଚିହ୍ନ ଦଳର ଗୋଟିଏ ବିରାଟ ପୋଷ୍ଟର । ରାଜେନ୍ଦ୍ର ଓଠରୁ ସିଗାରେଟ ଖଣ୍ଡ ତଳେ ଫିଙ୍ଗି ପାଦ ଚଟିରେ ତାକୁ ମକଚି ଦେଲା, 'ପ୍ରତିକ୍ରିୟାଶୀଳ' ବିନୟର ସବୁ ଷଡ଼ଯନ୍ତ୍ରକୁ ପାଦରେ ଦଳିଦେବା ପରି ।

ରାଧାମୋହନଙ୍କ ପ୍ରତି ରାଜେନ୍ଦ୍ରର ଗୋଟିଏ ପ୍ରବଳ ଆନୁଗତ୍ୟ ଅଛି ଅଥବା ସାମ୍ୟବାଦ ପ୍ରତି ଆସ୍ଥା କିମ୍ବା ସେଥିପାଇଁ ଅଛି ସଂକଳ୍ପ ତା ନୁହେଁ । ନିର୍ବାଚନ ତା ପକ୍ଷରେ ରୋଜଗାରର ଗୋଟିଏ ମୌସୁମ ।

ଗଣତନ୍ତ୍ର ନାମରେ ନିର୍ବାଚନ ହୋଇଛି ଏବେ ଏକ ଫଟକା ବଜାର ଓ ଭୋଟ ଏକ ପଣ୍ୟ ସାମଗ୍ରୀ । ରାଜେନ୍ଦ୍ର ଓ ତା'ପରି ଅନ୍ୟମାନେ ସେଥିରେ ଠିକାଦାର—ଏଇ

Digitized by srujanika@gmail.com

ଠିକାଦାରମାନଙ୍କର କର୍ମକୁଶଳତା ଉପରେ ନିର୍ଭର କରେ, ନିର୍ବାଚନରେ ପ୍ରାର୍ଥୀମାନଙ୍କର ଜୟପରାଜୟ, ପ୍ରଗତି ଓ ପ୍ରତିକ୍ରିୟାର ଚରମ ନିଷ୍ପତ୍ତି ।

ସେଦିନ ରାଧାମୋହନ ପଚାରିଥିଲେ... ''ତୁମ ବସ୍ତିରେ ଦୁଇଟା ବୁଥ୍ ସମ୍ଭାଳିପାରିବ ତ ରାଜେନ୍ଦ୍ର ? ଶୁଣୁଛି ସେ ଅଞ୍ଚଳରେ ଗୋବର୍ଦ୍ଧନ ପାଇଁ ସମର୍ଥନ କ୍ରମେ ବୃଦ୍ଧି ପାଉଛି ।''

ରାଜେନ୍ଦ୍ର ଉତ୍ତର ଦେଇଥିଲା... ''ବସ୍ତିଲୋକେ ଦିନମଜୁରିଆ ଦରିଦ୍ର ତ । ଦରଦାମ ସେମାନଙ୍କୁ ବାଧୁଛି । ସେଥିପାଇଁ ଗୋବର୍ଦ୍ଧନ ପ୍ରତି ସେମାନେ ଢଳୁଛନ୍ତି । କିନ୍ତୁ...''

ରାଧାମୋହନ ପଚାରିଲେ... ''ତା' ହେଲେ ?''

''ଆପଣ ତ ଜାଣନ୍ତି ସାର୍'' ରାଜେନ୍ଦ୍ର ଉତ୍ତର ଦେଇଥିଲା, ''ଟଙ୍କା ଫିଙ୍ଗିଲେ କ'ଣ ଭୋଟ ଅଭାବ ହେବ ?''

ରାଧାମୋହନଙ୍କ ଟଙ୍କାର ବା କି ଅଭାବ ? ବଜାରରେ ଚଲତି କଳା ଟଙ୍କାର ପରିମାଣ ମୋଟେ ସଇଁତ୍ରିଶ ଶହ କୋଟି ଟଙ୍କା, ସରକାରୀ ରିପୋର୍ଟ ଅନୁସାରେ । ସେଇ କଳା ଟଙ୍କା ବର୍ତ୍ତମାନ ରାଜନୀତିକ କ୍ଷମତା ଆହରଣର ଅସ୍ତ୍ର, ସେଇ କଳାଟଙ୍କା ବଳରେ ଚାଲିଛି 'ସାମ୍ୟବାଦ' ଓ 'ପ୍ରଗତି'ର ଜୟ ବା ଜୟକାର । ରାଧାମୋହନଙ୍କ ଦଳରେ ଟଙ୍କାର ତ ଅଭାବ ନାହିଁ । ରାଜେନ୍ଦ୍ରର ପରାମର୍ଶ ଯଥାର୍ଥ । ଦରିଦ୍ରର ନିଜସ୍ୱ ମତାମତ କ'ଣ ଥାଇପାରେ ? ଟଙ୍କା ହିଁ ତା ପକ୍ଷରେ ଦରିଦ୍ର-ନାରାୟଣ । ଟଙ୍କା ବଳରେ ତାର ଭୋଟ କିଣିବାଟା କେଉଁ ବଡ଼ କଥା ?

ରାଧାମୋହନ ବିଡ଼ାଏ ନୋଟ ରାଜେନ୍ଦ୍ର ଆଡ଼େ ଫିଙ୍ଗିଦେଇ କହିଲେ... ''ଏ ହଜାର ଟଙ୍କା ଅଗ୍ରିମ, କାର୍ଯ୍ୟ ଆରମ୍ଭ କରିଦିଅ । ତୁମର ସେ ଦୁଇଟା ବୁଥ୍‌ରେ ଫଳ ଭଲ ହେଲେ ପାଇବ ଗୋଟିଏ ସ୍କୁଟର, ଠିକାଦାରୀ ମଧ୍ୟ ଯୋଗାଡ଼ କରିଦେବି ମନ୍ତ୍ରୀଙ୍କୁ ଧରି ।''

ରାଜକନ୍ୟା ଆଉ ଅର୍ଦ୍ଧେକ ରାଜ୍ୟଲାଭ ପରି ବ୍ୟାପାର ।

ନିର୍ବାଚନ ଅଫିସ ସାମନା ରାସ୍ତାରେ ଠିଆ ହୋଇ ରାଜେନ୍ଦ୍ର ନିଜକୁ ନିଜେ ପଚାରୁଥିଲା... ''ଗୋବର୍ଦ୍ଧନ ଟଙ୍କାର କି ମୁକାବିଲା କରିବ ? ଇଡ଼ିୟଟ୍ ଭାବିଛି ଲେକ୍‌ଚର ଖାଲି ଦେଇଦେଲେ ଭୋଟ ମିଳିଗଲା । ତା' ହେଲେ ତ କଲେଜ ଲେକ୍‌ଚରର୍‌ମାନେ ହୋଇ ସାରନ୍ତେଣି ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ।''

ରାଜେନ୍ଦ୍ର ଅନ୍ୟମନସ୍କ ଭାବରେ ଚାଲି ଚାଲି ଗୋଟିଏ ଝାଟି ମାଟି ଘର ଆଗରେ ଠିଆ ହୋଇଗଲା । ଝାଟି ମାଟି ଘର କାନ୍ଥରେ ଗୋବର୍ଦ୍ଧନର ହାତୀ-ଚିହ୍ନ ପୋଷ୍ଟରର ବିପୁଳ ପ୍ରଦର୍ଶନୀ ।

''ଧନେଶ୍ୱର— ଧନୀବାବୁ'' ଘର ବାହାରେ ଠିଆ ହୋଇ ରାଜେନ୍ଦ୍ର ଡାକିଲା ।

କିଛିକ୍ଷଣ ପରେ ପ୍ରାଗୈତିହାସିକ ଗହ୍ୱର ପରି ଦେଖାଯାଉଥିବା ସେଇ ଘର ଭିତରୁ ଜଣେ ଅକାଳବୃଦ୍ଧବୟସ୍କ ମଣିଷ ପଦାକୁ ବାହାରି ଆସିଲା । ତା'ର ଯେ ନିଜର ଗୋଟିଏ ନାମ ଅଛି, ସତ୍ତା ଅଛି, ସଂଜ୍ଞା ଅଛି ଓ ଅନ୍ୟମାନେ ବିଶେଷତଃ ଟେରିକଟ୍ କନାର ଚିପାନଳୀ ଆଉ ଛିଟକନାର ହାୱାଇ ପିନ୍ଧି ଏଇ 'ବାବୁ' ଅଥବା 'ନେତା' ପରି ଲୋକେ ଯେ ତା'ର ଖବର ରଖନ୍ତି ଧନେଶ୍ୱର ପକ୍ଷରେ ତାହା ଥିଲା ଏକ ବିସ୍ମୟର ବସ୍ତୁ । ତଥାପି ସେ ନିଜର ସନ୍ଦେହ ମୋଚନ ପାଇଁ ପଚାରିଲା... ''ବାବୁ କେମିତି ମୋ ନାଁ ଜାଣିଲେ ଆଁ ?''

Digitized by srujanika@gmail.com

—"ଆରେ ତୁମର ନାମ ଆପଣଙ୍କର ନାମ ଯେ ଭୋଟର ତାଲିକାରେ ରହିଛି" --—ରାଜେନ୍ଦ୍ର ହସି ହସି ଉତ୍ତର ଦେଲା ।

ପକେଟରୁ ଖଣ୍ଡେ ଲମ୍ବା କାଗଜ କାଢ଼ି ରାଜେନ୍ଦ୍ର ମିଳାଇ ଦେଖିଲା କ୍ରମିକ ନଂ ୨୨୭, ଘର ନଂ ୧୧, ଧନେଶ୍ୱର ପି : ଯଜ୍ଞେଶ୍ୱର, ବୟସ ୬୧ ।

ତା'ର ନାମ ସୁଦ୍ଧା ସରକାରୀ ରେକର୍ଡ଼ରେ ଛାପା ଅକ୍ଷରରେ ଲେଖା ରହିଛି ? ଏପରି ଭାଗ୍ୟ ତ ଧନେଶ୍ୱର ପକ୍ଷରେ ଥିଲା କଳ୍ପନାତୀତ । ଗଣତନ୍ତ୍ର ପାଇଁ ସିନା ଏ ଦୌଲତି । ତା' ନ ହେଲେ କିଏ ରଖିଥାନ୍ତା ଏ ଅରକ୍ଷିତର ଖବର ?

ଧନେଶ୍ୱର ସନ୍ତର୍ପିତ କଣ୍ଠରେ କହିଲା "ଭୋଟ କଥା ଆମେ କ'ଣ ଜାଣିଚୁ ଆଜ୍ଞା ? ଚାଉଳ କିଲୋ ଟଙ୍କାଏ ଅଶୀ। ଆଉ ଭୋଟ ଦେବୁ କାହାକୁ, କେଉଁଥିପାଇଁ ?"

ରାଜେନ୍ଦ୍ର ପାଟିରୁ କଳେ ସିଗାରେଟ ଧୂଆଁ ଛାଡ଼ି ଧୂଆଁର କୁଣ୍ଡଳୀ ଭିତରେ ଧନେଶ୍ୱର ଆଡ଼େ ନିରୀକ୍ଷଣ କରି ଚାହିଁଲା। ଏ କଥା ଧନେଶ୍ୱରର ନୁହେଁ ଧନେଶ୍ୱର ପରି ଲୋକେ ଯେ ପ୍ରତିବାଦ କରିପାରନ୍ତି, ପ୍ରତିରୋଧ କରିପାରନ୍ତି ଏ ଧାରଣା ରାଜେନ୍ଦ୍ରର ନ ଥିଲା। ସେଇ ରିଆକ୍‌ସନାରୀ ବିନୟ ଏମାନଙ୍କୁ ପ୍ରଭାବିତ କରି ନ ଥିଲେ ଧନେଶ୍ୱର ଯେ ଏପରି କଥା ମୁହଁ ଉପରେ କହିପାରନ୍ତା ରାଜେନ୍ଦ୍ର ବିଶ୍ୱାସ କରି ପାରୁ ନ ଥିଲା।

ରାଜେନ୍ଦ୍ର ପଚାରିଲା... । "ସେଇଥିପାଇଁ ଘର କାନ୍ଥରେ ଏତେ ହାତୀ ଚିହ୍ନ ପୋଷ୍ଟର ଲଗାଇଛ ପରା ।"

ଧନେଶ୍ୱର ଉତ୍ତର ଦେଲା "ଆମପାଇଁ ହାତୀ ଘୋଡ଼ା ସବୁ ସମାନ ବାବୁ । ମୁଁ କି ଜାଣେ କିଏ କାହାର କାନ୍ଥରେ ଲଗାଇଛି ।"

କଥା କଟାକଟି ନିରର୍ଥକ। ରାଜେନ୍ଦ୍ର ଅସଲ କଥା ଉଠାଇ ପଚାରିଲା... "ତୁମ କାନ୍ଥରେ ପୋଷ୍ଟର ଲଗାଇବା ପାଇଁ ବିନୟବାବୁଙ୍କଠାରୁ କିଛି ପାଇଛ ନା ମୋଫତ୍ ? ସେମାନେ ତ ଦୀପ ତେଜି ହାତ ଚିକ୍‌କଣ କରୁଛନ୍ତି ବେଶ୍ ।"

କିନ୍ତୁ ନିଜ କାନ୍ଥରେ ପୋଷ୍ଟର ଲଗାଇବା ପାଇଁ କିଏ ଯେ କେବେ ଟଙ୍କା ଦିଏ ଏ ଧାରଣା ଧନେଶ୍ୱରର ନ ଥିଲା । ଧନେଶ୍ୱରର ପିଲାମାନେ ଘର ସଜାଇବା ପାଇଁ କେଉଁଠୁ ଏ ପୋଷ୍ଟର ସବୁ ଆଣି କାନ୍ଥରେ ଲଗାଇଥିଲେ ତାହା ମଧ୍ୟ ଧନେଶ୍ୱରକୁ ଜଣା ନ ଥିଲା । ହାତୀ ପୋଷ୍ଟର ପରିବର୍ତ୍ତେ ଘୋଡ଼ାଚିହ୍ନ ପୋଷ୍ଟର ଆଣି ଲଗାଇଥିଲେ ମଧ୍ୟ ଧନେଶ୍ୱରର କୌଣସି ଆପତ୍ତି ନ ଥିଲା।

ଧନେଶ୍ୱର କହିଲା... "ଆମ ମୁଣ୍ଡ ତ ସବୁଦିନେ ନୁଖୁରା । କିଏ ଦୀପ ତେଜି ହାତ ଚିକ୍‌କଣ କଲେ ଆମର କି ଯାଏ ଆସେ ?"

ରାଜେନ୍ଦ୍ର ପକେଟରୁ ଦୁଇଖଣ୍ଡ ଦଶଟଙ୍କିଆ ନୋଟ କାଢ଼ି ଧନେଶ୍ୱରକୁ ଧରାଇ ଦେଇ କହିଲା "ତୁମ ପିଣ୍ଡାରେ ଘୋଡ଼ା ଚିହ୍ନ ଦଳର ଅଫିସ ଖୋଲିବ । ଭଡ଼ା ବାବଦକୁ ଏଇ କୋଡ଼ିଏ ଟଙ୍କା ଅଗ୍ରିମ । ତୁମ ସାଇରେ ଘୋଡ଼ା ଦଳ ପାଇଁ ବେଶୀ ଭୋଟ ପଡ଼ିଲେ ଆଉରି ଏତିକି ପାଇବ। ହେଲା ତ ।"

Digitized by srujanika@gmail.com

ଏକାଥରେ ହାତରେ ଦୁଇଖଣ୍ଡ ନୂଆ ଦଶଟଙ୍କିଆ ନୋଟ ଧରିବାର ସୌଭାଗ୍ୟ ଧନେଶ୍ୱର ପକ୍ଷରେ ଏଇ ପ୍ରଥମ । ସେ କହିଲା... ''ହଁ ମ, ଘୋଡ଼ାଚିହ୍ନ ଛାଡ଼ି ଆମେ କ'ଣ ଆଉ କେଉଁଠି ଦେଉଚୁ ? ସେଇ ଗୋବର୍ଦ୍ଧନବାବୁ ଆସି ସାଇ ଲୋକଙ୍କୁ ମତାଇଛି ସିନା ।''

ରାଜେନ୍ଦ୍ର ଅଫିସ ଆଡ଼େ ଫେରିଆସିଲା ।

ଖଣ୍ଡେ ଭୋଟର ଦାମ କେତେ ? ପାଞ୍ଚ ? ଦଶ ? କୋଡ଼ିଏ ? ...ରାଧାମୋହନ ଅଭୟ ଦେଉଛନ୍ତି, ଚିନ୍ତା ନାହିଁ ।

ଗୋବର୍ଦ୍ଧନିଆ ଲେକ୍‌ଚରବାଜୀ କରି ବୁଲୁଥାଉ । ଇଡ଼ିଏଟ୍ ଭାବିଛୁ ଭୋଟ ଅଛି ବକ୍ତୃତା ? ହାତ ତାଳିରେ, ଯେଉଁ ହାତ ବିପକ୍ଷ ଦଳର ଭାଷଣ ଶୁଣି କରତାଳି ଦିଏ ସେହି ହାତ ମଧ ଭୋଟ ବାକ୍‌ସର ସପକ୍ଷରେ ଭୋଟ ପକାଏ ।

'' ଏ, ବିନୟ । ଗୋଟିଏ ଗଳି ଭିତରୁ ବିନୟ ବାହାରି ଆସିବାବେଳେ ରାଜେନ୍ଦ୍ର ତାକୁ ଦେଖି ଡାକିଲା ।''

ବିନୟ ହାତରେ ବିଡ଼ାଏ ପୋଷ୍ଟର ପାମ୍ପଲେଟ୍ ଆଉ ଚିରୁକୁଟି ଧରି ବାହାରିଥିଲା ଗୋବର୍ଦ୍ଧନର ପ୍ରଚାର ପାଇଁ ।

ବିନୟ କୌଣସି ପ୍ରତ୍ୟୁତ୍ତର ନ ଦେଇ ଚାଲି ଯାଉଥିଲା, ରାଜେନ୍ଦ୍ର ତା'ର ଗୋଟାଏ ହାତ ଟାଣି ଧରି କହିଲା, ''ଭୋଟ ବେଳେ ତ ଭୋଟ ହେବ । ଏତିକିବେଳୁ ଏମିତି ଧଇଁ ସଇଁ ହୋଇ ଧାଉଁଛୁ କାହିଁକି ? ଆ...ଆମ ଅଫିସ ଭିତରକୁ ।''

ରାଜେନ୍ଦ୍ର ଟାଣି ଟାଣି ବିନୟକୁ ଅଫିସ ଭିତରକୁ ଆଣି ଗୋଟାଏ ଚଉକି ଉପରେ ବସାଇ ଦେଲା । ତା'ପରେ ଡ୍ରୟାରରୁ ରମ୍ ବୋତଲ କାଢ଼ି ଦୁଇଟି ଗ୍ଲାସରେ ଦୁହିଁଙ୍କ ପାଇଁ ରମ୍ ଢାଳୁ ଢାଳୁ କହିଲା... ''ତୁ ସେ ରିଆକ୍‌ସନାରୀ ଦଳରେ ଦଲାଲୀ କରୁଛୁ କାହିଁକି ?''

ଏ ଖରାବେଳଟାରେ ରମ୍ ପିଇବା ପାଇଁ ବିନୟର ପ୍ରବୃତ୍ତି ନ ଥିଲା । ତଥାପି ରମ୍‌ର ଆକର୍ଷଣ ଏଡ଼ାଇବା ତା ପକ୍ଷରେ ମଧ ସମ୍ଭବ ନୁହେଁ । ରାଜେନ୍ଦ୍ର ଓ ବିନୟ ମଧରେ ପ୍ରଚ୍ଛନ୍ନ ବିରୋଧ ସତ୍ତ୍ୱେ ଏକଦା ଦୁହେଁ ଥିଲେ ଅଭିନ୍ନ ସୁହୃଦ । ମାମଲତ୍‌କାରୀରେ ପ୍ରତିଦ୍ୱନ୍ଦ୍ୱିତା ମଧରେ ଦୁହେଁ ଦୁହିଁଙ୍କର ଶତ୍ରୁ ହୋଇଥିଲେ ହେଁ ଅତୀତର ସୌହାର୍ଦ୍ଦ୍ୟ ପୂରାପୂରି ଲୋପପାଇ ନ ଥିଲା । ରମ୍ ଗ୍ଲାସ୍‌ରେ ପୁନରୁଜ୍ଜୀବିତ ହେଉଥିଲା ସେମାନଙ୍କ ଅତୀତର ସେଇ ବନ୍ଧୁତ୍ୱ, ନିତାନ୍ତ ଆକସ୍ମିକ ଭାବରେ ।

ରାଜେନ୍ଦ୍ର ରମ୍ ଗ୍ଲାସରୁ ଗୋଟିଏ ଢୋକ ପିଇ କହିଲା... "ତୋ ପରି ଜଣେ ପ୍ରଗ୍ରେସିଭ୍ ଯୁବକ ଗୋବର୍ଦ୍ଧନର ସେଇ ରିଆକ୍‌ସନାରୀ ଦଳରେ ପ୍ରଚାର କରିବା ସୁନ୍ଦର ଦିଶୁ ନାହିଁ । କିନ୍ତୁ ରାଧାମୋହନବାବୁ ଶାସକ ଦଳର ପ୍ରାର୍ଥୀ, ତାଙ୍କ ବିରୋଧରେ ଯାଇ ତୁ ନିଜର ଭବିଷ୍ୟତ୍‌କୁ ମାଟି କରୁଛୁ ସିନା ।"

ବିନୟ ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ କହିଲା... "ପ୍ରଗତି ଆଉ ପ୍ରତିକ୍ରିୟାର ସଂଜ୍ଞା କ'ଣ ରାଜେନ୍ଦ୍ର ? ରାଜନୀତିର ଅଭିଧାନରେ ଏ ଦୁଇଟା ଶବ୍ଦ ଆପେକ୍ଷିକ । ମୁଁ ଯାହା

Digitized by srujanika@gmail.com

ବିଶ୍ୱାସ କରେ ତାହା ପ୍ରଗତି, ତୁମେ ଯାହା ବିଶ୍ୱାସ କର ତାହା ପ୍ରତିକ୍ରିୟା... । ଫରଗେଟ୍ ପଲିଟିକ୍‌ସ।"

ବିନୟର ଶୂନ୍ୟ ଗ୍ଲାସରେ ରାଜେନ୍ଦ୍ର ରମ୍ ବୋତଲଟାକୁ ଓଜାଡ଼ି ଖାଲି କରିଦେଲା ।

ବିନୟ ପକ୍ଷରେ ମଧ୍ୟ ରାଜନୀତି ଗୋଟାଏ ଉତ୍ତେଜନା, ନିର୍ବାଚନ ସାମୟିକ ଉପାର୍ଜନର ଗୋଟିଏ ଉପାୟ । ରାଜନୀତି କ୍ରମେ ଆଦର୍ଶ ଓ ସ୍ୱପ୍ନବର୍ଜିତ ହୋଇ କ୍ଷମତା ଆହରଣର ଯନ୍ତ୍ରରେ ଯେତିକି ପରିଣତି ହେଉଛି, ରାଜେନ୍ଦ୍ର ବା ବିନୟ ପରି କାରପଟଦାରମାନେ ସେତିକି ନିର୍ବାଚନ ରାଜନୀତିର କର୍ଣ୍ଣଧାରରେ ପରିଣତ ହୋଇଛନ୍ତି । ରାଧାମୋହନ, ଗୋବର୍ଦ୍ଧନ, ହାତୀ ଓ ଘୋଡ଼ା ସେଥିରେ କେବଳ ନିମିତ୍ତ ମାତ୍ର।

ରାଜେନ୍ଦ୍ର ପକେଟରୁ ଖଣ୍ଡେ ଶହେଟଙ୍କିଆ ନୋଟ କାଢ଼ି ଟେବୁଲ୍ ଉପରେ ରଖିଲା । ଏହାର ଇଙ୍ଗିତ ବିନୟ ପକ୍ଷରେ ଅସ୍ପଷ୍ଟ ନ ଥିଲା । ବିନୟ ସେଇ ଶହେ ଟଙ୍କିଆ ନୋଟ୍ ଆଡ଼େ ଥରେ ଆଖିପକାଇ ଅନାସକ୍ତ ଭାବେ କହିଲା... ''ଉଠେ ଏଥର ଥାଙ୍କସ୍ ଫର୍ ଏଭ୍ରିଥିଙ୍ଗ୍।''

ବିନୟର ହାତ ଟାଣି ତାକୁ ଚଉକି ଉପରେ ବସାଇ ଦେଇ ରାଜେନ୍ଦ୍ର କହିଲା... ''ପ୍ରତ୍ୟେକର ଗୋଟାଏ ମୂଲ୍ୟ ଅଛି, ଜାଣିଛୁ ବିନୟ ?''

ରାଜେନ୍ଦ୍ର ପକେଟରୁ ଆହୁରି ଦଶଖଣ୍ଡ ଶହେ ଟଙ୍କିଆ ନୋଟ୍ କାଢ଼ି ଟେବୁଲ୍ ଉପରେ ଥାକ କରି ରଖିଲା ।

ବିନୟ ନିଜର ଆଖିକୁ ହଠାତ୍ ବିଶ୍ୱାସ କରି ପାରୁ ନ ଥିଲା । ତାର ବେକାର ଜୀବନରେ ଏକାଥରେ ହଜାରେ ଟଙ୍କା ଦେଖିବା ଥିଲା ସମ୍ପୂର୍ଣ୍ଣ ସ୍ୱପ୍ନାତୀତ ।

ରାଜେନ୍ଦ୍ର ବିନୟ ହାତରୁ ପୋଷ୍ଟର ଓ ହ୍ୟାଣ୍ଡବିଲ୍ ପ୍ରଭୃତିର ବିଡ଼ା କାଢ଼ିରଖି ହାତରେ ଟଙ୍କାର ନୋଟ୍ ବିଡ଼ା ଧରାଇ ଦେଲା ।

ପରଦିନ ବସ୍ତିରେ ଥିଲା ଗୋବର୍ଦ୍ଧନଙ୍କର ନିର୍ବାଚନ ସଭା । କିନ୍ତୁ ସେଥିପାଇଁ ଆୟୋଜନର ନାମଗନ୍ଧ ନ ଥିଲା। ଗୋବର୍ଦ୍ଧନଙ୍କ ନିର୍ବାଚନ ଅଫିସ୍‌ରେ ତାଲା । କାନ୍ଥ ଦେହରେ ଘୋଡ଼ା ଚିହ୍ନର ରାଶି ରାଶି ପୋଷ୍ଟର, ବିନୟ ନିଖୋଜ । ଗୋବର୍ଦ୍ଧନଙ୍କ ଜୀପ୍‌କୁ ଧରି ଦଳେ ଲଙ୍ଗଳା ପିଲାଙ୍କ ଚିତ୍କାର... ''ଭୋଟ୍ ଦେବ କେଉଁଠି, ଘୋଡ଼ା ଚିହ୍ନ ଯେଉଁଠି।'' ଲଙ୍ଗଳା ପିଲାଙ୍କ ସେଇ ଦଳର ପୁରୋଭାଗରେ ସେଇ ବୃଦ୍ଧ ଧନେଶ୍ୱର । ସେ ମଧ୍ୟ ଆଜି ପିଲା । ଦୁଇଖଣ୍ଡ ନୂଆ ଦଶଟଙ୍କିଆ ନୋଟର ସଂଜୀବନୀ ଶକ୍ତି ତ କମ୍ ନୁହେଁ !

ଗୋବର୍ଦ୍ଧନ ଗୋଟିଏ ଦୀର୍ଘଶ୍ୱାସ ପକାଇ ଜୀପ୍ ଫେରାଇଲେ ।

ତାଙ୍କ ପଛରେ ଲଙ୍ଗଳା ପିଲାଙ୍କ ଚିତ୍କାର ଶୁଭୁଥିଲା...

''ଭୋଟ ଦେବ କେଉଁଠି, ଘୋଡ଼ା ଚିହ୍ନ ଯେଉଁଠି ।''

(୧୯୭୩)

●

Digitized by srujanika@gmail.com

ବୃତ୍ତ : କେନ୍ଦ୍ରହୀନ

ଜେଲଖାନା ନିସ୍ତବ୍ଧ...କବରସ୍ଥାନ ପରି । ପାଗଳର ସେଲ୍‌ଆଡୁ ହରିଧ୍ୱନି କିମ୍ବା ରଘୁପତି ରାଘବ ରାଜାରାମ ସଂକୀର୍ତ୍ତନ ସୁଦ୍ଧା ଆଉ ଶୁଣାଯାଉ ନ ଥିଲା । ଅଥଚ ଅଳ୍ପ ପୂର୍ବେ ତାର ହରିବୋଲ— ବୋଲ ହରିବୋଲ ଧ୍ୱନିରେ ଓ୍ୱାର୍ଡ଼ଟା ସାରା ଫାଟି ପଡୁଥିଲା । ଓ୍ୱାର୍ଡରଟି ହରିଭକ୍ତ, ବୈଷ୍ଣବ— ସେଥିପାଇଁ ପାଗଳର ହରିନାମ ସଂକୀର୍ତ୍ତନରେ ସେ ବାଧା ଦେଉ ନ ଥିଲେ । ତା ନ ହେଲେ ତାହା ତ ହରିନାମ କୀର୍ତ୍ତନ ନ ଥିଲା ତାହା ଥିଲା ଯେପରି ଅଶ୍ରାବ୍ୟ ଏକ ପ୍ରମତ୍ତ ଚିତ୍କାର । ‘‘ପାଗଳ ତୁମେ ଏପରି ଉତ୍କଟ ହରିଧ୍ୱନି କର କାହିଁକି ?’’ ପାଗଳ ଥରେ ଉତ୍ତର ଦେଇଥିଲା— ‘‘ମୁଁ ବଞ୍ଚିଛି ବୋଲି ଘୋଷଣା କରିବା ପାଇଁ ।’’ ସେହିଦିନୁ ଆମ ଦୁହିଁଙ୍କ ବନ୍ଧୁତ୍ୱ । ତଥାପି ବେଳେ ବେଳେ ଅସହ୍ୟ ହୋଇଉଠେ ପାଗଳର ହରିଧ୍ୱନି । ସେ ପାଗଳ। ଗୋଟାଏ ନିର୍ଘାତ ପାଗଳ। ହଁ ବଞ୍ଚିବା ପାଇଁ ଚିତ୍କାର ଆବଶ୍ୟକ। ଚିତ୍କାର ହିଁ ମୁକ୍ତି ।

ମେଣ୍ଟାଲ ହାସପାତାଳରେ ନ ରଖି ପାଗଳଟାକୁ ଏଠି ଓ୍ୱାର୍ଡ଼ରେ, ସେଲ୍ ଭିତରେ ରଖି ଆମମାନଙ୍କୁ ଏପରି ଅତିଷ୍ଠ କରିବାର ମତଲବ କ’ଣ ? ଏବି କ’ଣ ଆମ ପ୍ରତି ଏକ ଶାସ୍ତି ? —ଦିନେ ବିରକ୍ତିରେ ମୁଁ ପଚାରିଥିଲି ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ, ସେଦିନ ସେ ଆମ ସେଲ୍ ସବୁ ବୁଲି ତଦାରଖ କରୁଥିଲେ । କଏଦୀମାନଙ୍କର ସୁବିଧା ଅସୁବିଧା ପଚାରି ବୁଝୁଥିଲେ ।

ସୁପରିନ୍‌ଟେଣ୍ଡେଣ୍ଟ୍ ଉତ୍ତର ଦେଇଥିଲେ...କିନ୍ତୁ ‘‘ମେଣ୍ଟାଲ ହସ୍‌ପିଟାଲ ଡାକ୍ତରମାନେ ତାକୁ ପରୀକ୍ଷା କରି ଦେଖି ସାରିଛନ୍ତି । ସେ ପାଗଳ ନୁହେଁ କିମ୍ବା ତାର କୌଣସି ମାନସିକ ବିକୃତି ନାହିଁ । କଥାବାର୍ତ୍ତାରେ ସେ ଅତି ସାଧାରଣ । ଆଚରଣରେ ମଧ୍ୟ । ସାଇକିଆଟ୍ରିକ୍ ଓ୍ୱାର୍ଡ଼ରେ ତାକୁ ରଖିବା ପାଇଁ ସେମାନେ ମନା କରିଦେଲେ । ସେମାନେ କହିଲେ ସେ ଜଣେ ହରିଭକ୍ତ ।’’

‘‘ତା’ ହେଲେ ଆପଣମାନେ ତାକୁ କୌଣସି ମଠ ବା ମନ୍ଦିରକୁ ନ ପଠାଇ ଏଠି ଜେଲ୍‌ରେ ରଖିଛନ୍ତି କାହିଁକି ?’’

ସୁପରିନ୍‌ଟେଣ୍ଡେଣ୍ଟ ବାଟନ୍‌ଟା ହାତରେ ନଚାଇ ନଚାଇ ଗୋଟାଏ ଦୀର୍ଘଶ୍ୱାସ ପକାଇ ନୀରବ ରହିଲେ । ଓଠରେ ତାଙ୍କର ତୀକ୍ଷ୍ଣ ହସର ଗୋଟାଏ କ୍ଷୀଣରେଖା ଉକୁଟି ଉଠି ମିଳାଇଗଲା ।

ପାଗଳ ପ୍ରତି ମୁଁ ଆରମ୍ଭରୁ ଥିଲି ବୀତସ୍ପୃହ । କିନ୍ତୁ କ୍ରମେ ତାହା ସହିତ ମୋର ବନ୍ଧୁତ୍ୱ ଜମି ଉଠିଲା, ଯେଉଁଦିନ ମୁଁ ବୁଝିଲି ସେ ମୋର ଶୂନ୍ୟଗର୍ଭ ସ୍ଥିତିର ଭିତ୍ତିଭୂମି, ମୋର ପରିଧିହୀନ ବୃତ୍ତର କେନ୍ଦ୍ରବିନ୍ଦୁ । ଯେଉଁ ସମୟରେ ସେ ବୋଲ୍ ହରିବୋଲ୍ ଚିତ୍କାର କରେ, ଘାଗଡ଼ା ଗଳାରେ ରଘୁପତି ରାଘବ ରାଜାରାମ ସଂକୀର୍ତ୍ତନ ବୋଲେ ସେତିକି ସମୟ ମୁଁ ଅନୁଭବ କରେ ଅତଳ ଶୂନ୍ୟତା ଭିତରେ ମୋର ଗୋଟାଏ ସ୍ଥିତି ଅଛି । ମୋଟ କଥା ମୁଁ ଉପଲବ୍ଧି କରେ ମୁଁ ବଞ୍ଚିଛି ।

Digitized by srujanika@gmail.com

କିନ୍ତୁ ଆଜି ପାଗଳର ଆକସ୍ମିକ ନୀରବତା ମୋର ନିଜର ସ୍ଥିତି ପ୍ରତି ମୋତେ ସନ୍ଦିଗ୍ଧ କରି ଦେଇଥିଲା । ମୁଁ ବଞ୍ଚିଛି ନା ଏକ ମୁର୍ଦ୍ଦାର ସ୍ଥିର କରିପାରୁ ନ ଥିଲି । ମୋତେ ଯେପରି ଘେରି ହୋଇଥିବା ସେଲ୍‌ଟା ଲାଗୁଥିଲା, କବରର ଶିଉଳି ବସା କାନ୍ଥ ପରି ଆଉ ଛାତଟା ଯେପରି ସଫେଦ କଫିନ । ଇଲେକ୍‌ଟ୍ରିକ୍ ବଲବ୍‌ଟା ଜଳୁଥିଲା ବୃଶ୍ଚିକର ଦଂଶନ ପରି । ବଲ୍‌ବ୍‌ଟା ସେଇପରି ଜଳେ ଦିନରାତି । କର୍ତ୍ତାମାନଙ୍କ ଆଖିରେ ଏଇ ମଧ୍ୟାହ୍ନଟା ଯେପରି ଅନ୍ଧକାର, ବିନିଦ୍ର ମଧ୍ୟରାତ୍ରି ।

'ଭାଇ ପାଗଳ'—

ସେଇ ନିପୀଡ଼ନ ନୀରବତାକୁ ହତ୍ୟା କରିବା ପାଇଁ ମୁଁ ସେଲ୍‌ର ଲୁହା ରେଲିଙ୍ଗ୍ ଉପରେ ମୁହଁ ଚାପି ଡାକିଲି... 'ଭାଇ ପାଗଳ'

ପାଗଳ ନିରୁତ୍ତର । ସେମାନେ କ'ଣ ପାଗଳକୁ ନେଇଗଲେ ମେଣ୍ଟାଲ୍ ହସପିଟାଲକୁ ? ତାହେଲେ ତ ମୁଁ ଜାଣି ପାରିଥାନ୍ତି । ଆଉଥରେ ଡାକିଲି— 'ଭାଇ ପାଗଳ ।'

ପାଗଳ ମୌନବ୍ରତ ପାଳନ କରିଛି ନା କ'ଣ ? ସେଇ ଅସ୍ୱସ୍ତିକର ଶ୍ୱାସ-ନିରୋଧକ ନୀରବତାରୁ ମୁକ୍ତି ପାଇଁ ମୁଁ ଚାହୁଥିଲି ପାଗଳ ସହିତ ଆଳାପ ।

ପାଗଳ କିନ୍ତୁ ନିରୁତ୍ତର । ତାର ଆଶଙ୍କା ଏଇ କୟଦୀଟା ହୁଏତ ଗୋଟାଏ ଭୟଙ୍କର ଡାକୁ ନୋହିଲେ ଖୁଣୀ । ଗଣ୍ଡା ଗଣ୍ଡା ମଣିଷ ଖୁଣ୍‌ରେ ତାର ହାତ ଲାଲ ହୋଇଛି । ତା ନ ହେଲେ କର୍ତ୍ତାମାନେ ତାକୁ ହାତକଡ଼ି ପିନ୍ଧାଇ ଗାରଦ ଭିତରେ ବନ୍ଦକରି ରଖିଥାନ୍ତେ କାହିଁକି, ଗୋଟାଏ ଜାନୁଆର ପରି ?

ପାଗଳର ଭାବନାର ସ୍ରୋତ ଅଟକି ଗଲା । ପାଗଳର ଆଖି ଆଗରେ ଭାସିଉଠିଲା ମୁସୋଲିନୀ, ହିଟ୍‌ଲର, ଷ୍ଟାଲିନଙ୍କ ଚେହେରା । ସେମାନଙ୍କ ପରି ଯେଉଁମାନଙ୍କ ହାତ ଶହ ଶହ ମଣିଷଙ୍କ ଖୁନ୍‌ରେ ଲାଲ୍ ହୋଇଥାଏ; ସେମାନେ ପାଇଥାନ୍ତି ମେଡାଲ୍, ଡେକୋରେସନ୍, ଉପାଧି, ପଦବୀ । ସେମାନଙ୍କୁ ପିନ୍ଧାଇ ଦିଆଯାଇଥାଏ ଅଭିନନ୍ଦନର ବରଣମାଳା । କିନ୍ତୁ ସେମାନଙ୍କ ହାତରେ ତ କେବେ ପଡ଼ି ନ ଥାଏ ବନ୍ଧନର ଶୃଙ୍ଖଳ ! ସେମାନଙ୍କୁ ତ ଅଟକ ରଖାଯାଏ ନାହିଁ— ଗାରଦ ଭିତରେ ଆବଦ୍ଧ ପଶୁ ପରି ? ତା' ହେଲେ ଏ ନିରୀହ ପାଗଳଟିକୁ ସେମାନେ ସେପରି ବନ୍ଦକରି ରଖିଛନ୍ତି କାହିଁକି ?

ପାଗଳ ଏ ପ୍ରଶ୍ନର କୌଣସି ଉତ୍ତର ଖୋଜି ନ ପାଇ ଚିତ୍କାର କରି ଉଠିଲା... "ହରିବୋଲ...ବୋଲ୍ ଭାଇ ହରିବୋଲ ।" ନିସ୍ତବ୍ଧ ଓ୍ୱାର୍ଡ଼ଟା ପୁଣି ପ୍ରତିଧ୍ୱନିତ ହୋଇ ଉଠିଲା ତାର ପ୍ରମତ୍ତ ହରିଧ୍ୱନିରେ । ମୁଁ ଆଶ୍ୱସ୍ତ ହେଲି ମୁଁ ମରି ନାହିଁ । ମୁଁ ମୁର୍ଦ୍ଦାର ନୁହଁ । ମୁଁ ବଞ୍ଚିଛି ।"

ପାଗଳର ମୌନବ୍ରତ ଭାଙ୍ଗିଛି । ମୁଁ ଡାକିଲି... 'ଭାଇ ପାଗଳ...' ପାଗଳ ପଚାରିଲା କେତେ ମଣିଷଙ୍କୁ ଖୁନ୍ କରିଛ ତୁମେ ? କେତେଟା ଡକାୟତିରେ ସର୍ଦ୍ଦାରୀ କରିଛ ?"

"ନା ଭାଇ, କାହାକୁ ଖୁନ୍ କରି ନାହିଁ ମୁଁ । ଗୋଟାଏ ଫଳକଟା ଛୁରୀ ଦେଖିଲେ ସୁଦ୍ଧା ଚମକି ପଡ଼ିବା ମଣିଷ ମୁଁ ।"

Digitized by srujanika@gmail.com

''ତମେ ନିଶ୍ଚୟ ଖୁଣୀ । ତା' ନ ହେଲେ ସେମାନେ ତୁମକୁ ହାତକଡ଼ା ପିନ୍ଧାଇ ରଖିଥାନ୍ତେ କାହିଁକି, ଏକୁଟିଆ ସେଲ୍‌ରେ ଗୋଟାଏ ଜାନୁଆର ପରି ?'' —ପାଗଳର ପ୍ରଶ୍ନ । ହାଃ...ହାଃ...ହାଃ— ମୁଁ ଅଟ୍ଟହାସ୍ୟ କରିଉଠିଲି । ଲୋକଟା ନିର୍ଘାତ୍ ପାଗଳ । ତା' ନ ହେଲେ ସେ କ'ଣ ମୋତେ ରଖିଥାନ୍ତା ଖୁଣୀ, ତାକୁ ତାଲିକାରେ ? କିନ୍ତୁ ସେହି ନିୟାମକ ଅନୁସାରେ କର୍ତ୍ତାମାନେ ତା' ହେଲେ କ'ଣ ପାଗଳ ନୁହନ୍ତି ?

ମୁଁ ଉତ୍ତର ଦେଲି... ''ମୁଁ ଜଣେ ଲେଖକ । ଲେଖକମାନେ କ'ଣ କେବେ ଖୁନ୍ କରି ପାରନ୍ତି ?'' ପାଗଳ ଚିତ୍କାର କରି ଉଠିଲା ପାଖ ସେଲ୍‌ରୁ...

''ଲେଖକମାନେଇ ସବୁଠାରୁ ମାରାତ୍ମକ ଖୁନୀ । କଲମ ମୁନରେ ସେମାନେ ଇତିହାସରେ ବୁହାଇଛନ୍ତି ଅନେକ ରକ୍ତସ୍ରୋତ । କଲମ ଦାଢ଼ରେ ସେମାନେ ହତ୍ୟା କରନ୍ତି ଅନେକ ମଣିଷ ।''

ପାଗଳର ଆକ୍ଷେପ ମିଥ୍ୟା ନୁହେଁ। ଇତିହାସରେ କାଳେ କାଳେ ଯେତେ ମୁଣ୍ଡକାଟ ରକ୍ତପାତ ହୋଇଛି ସେ ସବୁର ନେପଥ୍ୟରେ ରହିଛନ୍ତି ଜଣେ ଜଣେ ଲେଖକ । ''କିନ୍ତୁ ଭାଇ ପାଗଳ, ମୁଁ ତ ଆଉ ଲେଖି ପାରୁ ନାହିଁ । ମୋର ଲେଖାର ସ୍ରୋତ କେଉଁଠି ଅଟକି ଯାଇଛି । କର୍ତ୍ତାମାନେ ମୋ କଲମ ମୁନକୁ ଛେଚି ଦନ୍ତୁଡ଼ା କରି ଦେଇଛନ୍ତି । ଗୋଟାଏ ଅକ୍ଷର ସୁଦ୍ଧା ଲେଖି ହେବ ନାହିଁ ସେଥିରେ ।''

"ତା' ହେଲେ ?" ପାଗଳାର ପ୍ରଶ୍ନ ।

''ତା' ହେଲେ'' ? ମୋର ବିଭ୍ରାନ୍ତ ଉତ୍ତର ।

ପାଗଳ ପୁଣି ଚିତ୍କାର କରି ଉଠିଲା... ''ହରିବୋଲ...ବୋଲ ଭାଇ ହରିବୋଲ ।''

ମୁଁ ଯଦି ପାଗଳ ପରି ହରିଧ୍ୱନି କରିପାରନ୍ତି ।

ଆମ ସେଲ୍ ସାମନାରେ ଗୋଟିଏ ଛୋଟିଆ ଲନ୍ । କିନ୍ତୁ ତାର ଘାସ ସବୁ ଖରାରେ ଜଳିଯାଇଛି । ସେଲ୍‌ର କୟଦୀମାନେ ଲନ୍‌ରେ ପାଣି ଢାଳି ଲନ୍‌କୁ ସବୁଜ ରଖିବା କଥା। କିନ୍ତୁ ଆମେ ଦୁହେଁ ଆଶ୍ରମ କାରାଦଣ୍ଡ ପାଇଥିବାରୁ ଲନ୍‌ରେ ପାଣି ଢାଳିବାର ଦାୟିତ୍ୱ ଆମର ନ ଥିଲା । ଅଥଚ ଲନ୍‌ରେ ପାଣି ଢାଳି ସବୁଜ ଘାସ କଅଁଳାଇବାର କର୍ତ୍ତବ୍ୟ ମୋ ଉପରେ ପଡ଼ିଥିଲେ, ମୁଁ ବର୍ଣ୍ଣନାତୀତ ଭାବରେ ଆନନ୍ଦିତ ହୋଇଥାନ୍ତି—ସନ୍ଦେହ ନାହିଁ । ଲେଖକର ଅନ୍ତଃଦୃଷ୍ଟିରେ— ଘାସ କଅଁଳେଇବା ଭାର ବା କବିତା ଲେଖିବା ଭାର ମନ୍ଦ ନୁହେଁ । ଏକାଥରେ ଛଅଟାରେ ଗାରଦ ବନ୍ଦ ହେବାର ଘଣ୍ଟାକ ପୂର୍ବରୁ ଆମେ ପ୍ରତ୍ୟହ ମୁକ୍ତି ପାଇଥାଉ, ସେଇ ଲନ୍‌ରେ ଘଣ୍ଟାଏ ବୁଲିବା ପାଇଁ। କିନ୍ତୁ ଅଧିକାଂଶ ଦିନ ପାଗଳ ତା ସେଲ୍ ଭିତରୁ ବାହାରେ ନାହିଁ । ଥରେ ତାର ସାନ୍ନିଧ ପାଇଁ ବ୍ୟାକୁଳ ହୋଇ ମୁଁ ପଚାରିଥିଲି— ''ତମେ ବାହାରକୁ ବୁଲିବା ପାଇଁ ଆସ ନାହିଁ କାହିଁକି ଭାଇ ପାଗଳ ?'' ପାଗଳ ଉତ୍ତର ଦେଇଥିଲା— ''ଲୁହା ସିମେଣ୍ଟର ଗୋଟାଏ ଗାରଦ ଭିତରୁ ବାହାରି ଘୋଡ଼ା ଘାସର ଆଉ ଗୋଟାଏ ଗାରଦ ଭିତରେ ପଶିବା ସମୟ ଆଉ ଶକ୍ତିର ଅପଚୟ ମାତ୍ର ।'' ମୁଁ କ୍ୱଚିତ୍ ଏକା ଏକା ପାଦଚାରଣ କରିଥାଏ ସେହି ଲନ୍‌ରେ ।

Digitized by srujanika@gmail.com

ସେଦିନ କିନ୍ତୁ ଆକସ୍ମିକ ଭାବରେ ଆମ ଦୁହିଁଙ୍କର ସାକ୍ଷାତ୍ ହୋଇଥିଲା ସେହି ଲନ୍‌ରେ । ପାଗଳ ସେଦିନ ଲନ୍‌ରୁ ବାହାରି ବସିଥିଲା ଲନ୍ ଶେଷରେ ଅଷ୍ଟାବକ୍ରୀ କାଠଚମ୍ପା ଗଛମୂଳେ ଗୋଟିଏ ସିମେଣ୍ଟ୍ ବେଦୀ ଉପରେ । ତା ମୁଣ୍ଡର ଲମ୍ବାବାଳ ଝୁଲି ପଡ଼ିଥିଲା କାନ୍ଧ ଉପରକୁ ଅବିନ୍ୟସ୍ତ ଭାବରେ । ମୁହଁରେ ଲମ୍ବ ଦାଢ଼ି । ସେ ଦିଶୁଥିଲା ଯିଶୁଖ୍ରୀଷ୍ଟଙ୍କ ଚିତ୍ରପଟ ପରି, ଅଭାବ ଥିଲା କେବଳ ତାର ମୁଣ୍ଡ ଚାରିପଟେ ଆଲୋକର ଦ୍ୟୁତିରେଖା ।

ମୁଁ ସ୍ୱସ୍ତିର ଦୀର୍ଘଶ୍ୱାସ ପକାଇ ବସିଲି ଆସି ସେଇ ସିମେଣ୍ଟ ଚଉତରା ଉପରେ । ପାଗଳର ଓଠରେ ହସର ଗୋଟାଏ କ୍ଷୀଣରେଖା ଉକୁଟି ଉଠିଲା । ସେ ଆଗତୁରା ସମ୍ଭାଷଣ ଜଣାଇଲା... ''ଓ ! ତୁମେଇ ଖୁନୀ ସର୍ଦ୍ଦାର । ଆସ— ଆସ ।''

''ଖୁନୀ ନୁହେଁ । ଲେଖକ । ଭୂତପୂର୍ବ-ଲେଖକ, ଯଥାର୍ଥରେ କହିବାକୁ ଗଲେ''; ମୁଁ ଉତ୍ତର ଦେଲି ଈଷତ୍ ବିରକ୍ତ କଣ୍ଠରେ ।

''ତା' ହେଲେ ସେମାନେ ତୁମକୁ ଆଣି ଏଇ ସେଲ୍ ଭିତରେ ବନ୍ଦ କରି ରଖିଛନ୍ତି କାହିଁକି ?''

ମୁଁ ଆରମ୍ଭ କଲି ମୋର ଦୁର୍ଭାଗ୍ୟଜନକ ଅଭିଜ୍ଞତାର ଇତିବୃତ୍ତ... ''ବୁଝିଲ ପାଗଳ, ଦିନେ ସେମାନେ ମୋର କଲମ ମୁନକୁ ଛେଚି ଦନ୍ତୁଡ଼ା କରିଦେଲେ । ସେଥିରେ ବଙ୍କା ତେଢ଼ା କରି ଗୋଟାଏ ଗୋଟାଏ ଅକ୍ଷର ଲେଖାଯାଇପାରେ । ମାତ୍ର ସେସବୁ ସୁନ୍ଦର ସୁନ୍ଦର ବାକ୍ୟ ବା ବାକ୍ୟାଂଶ ନୁହେଁ, ଯାହା ଦିନେ ଏ ଦେଶର ଜନତାକୁ ପାଗଳ କରିଥିଲା ।''

ତା'ପରେ ?

''ତା'ପରେ ଆଉ କ'ଣ ? ମୁଁ ଯେପରି ହୋଇ ଉଠିଲି ଗୋଟିଏ ବାଲୁଗର୍ଭ ମରୁନଦୀ । ଶୁଷ୍କତାର, ଶୂନ୍ୟତାର ସେ ଜ୍ୱାଳା ତୁମେ ବୁଝିପାରିବନି ପାଗଳ ।''

"ମୁଁ ବେଶ୍ ଅନୁଭବ କରିପାରୁଛି ତମର ରିକ୍ତତା । ଯେଉଁ ଅମୃତର ଧାରା ଜୀବନପାତ୍ରକୁ ପୂର୍ଣ୍ଣ କରିଥାଏ ତାହା ଦିନେ ନିଃଶେଷ ହୋଇଗଲେ ଜୀବନଯାତ୍ରାଟା କିପରି ଲାଗେ ଗୋଟାଏ କବରର ଗହ୍ୱର ପରି, ସେ ଅଭିଜ୍ଞତା ବେଶ୍ ଅଛି ମୋର । ତାପରେ— ?"

''ତା'ପରେ ସେଇ ଗ୍ଲାନିକର ରିକ୍ତତା, ସେଇ ଶୂନ୍ୟତାରୁ ମୁକ୍ତି ପାଇବା ପାଇଁ ମୁଁ କାନ୍ଥରେ, ବାଡ଼ରେ ଗୋଟିଏ ବ୍ରସ ଆଉ ଆଲକାତରା ଧରି ଗାରେଇ ଚାଲିଲି... ''ମୁଁ ମରି ନାହିଁ । ମୁଁ ବଞ୍ଚିଛି ।''

ଏଇ ସାମାନ୍ୟ ନିରୀହ ଉଦ୍‌ଘୋଷଣା । କିନ୍ତୁ ସେଥିରେ କି ଇନ୍ଦ୍ରଜାଲ ଥିଲା କେଜାଣି, ସହରରେ ଯିଏ ପାରିଲା ସେ ମଧ୍ୟ କାନ୍ଥରେ ବାଡ଼ରେ ଗାରେଇ ଚାଲିଲା—... ''ମୁଁ ବଞ୍ଚିଛି'', ''ଆମେ ମରି ନାହୁଁ ।'' ସହରର କାନ୍ଥବାଡ଼ ଛାଇ ହୋଇଗଲା ଏଇ ସଞ୍ଜୀବନୀ ଶ୍ଳୋକରେ ।

ତା'ପରେ ସେମାନେ ମୋତେ ଦିନେ ଧରି ନେଇଗଲେ ଥାନାକୁ ।

''ମୁଁ ବଞ୍ଚିବି''ର ଅର୍ଥ କ'ଣ ? —ପଚାରିଲେ ପୋଲିସ ଅଫିସର ।

''ମୁଁ ମରି ନାହିଁ । ଏହାଛଡ଼ା ମୁଁ ବଞ୍ଚିଛିର ଆଉ କି ଅର୍ଥ ହୋଇପାରେ ?''

Digitized by srujanika@gmail.com

ପୋଲିସ ଅଫିସର ନାଟକୀୟ ଭଙ୍ଗୀରେ ଅଟ୍ଟହାସ କରି ଉଠିଲେ... ''ଓଃ ! ତା ହେଲେ ତମେ ତଥାପି ବଞ୍ଚିଛ !'' ତା'ପରେ ସେମାନେ ମୋତେ ହାତରେ କଡ଼ି ପିନ୍ଧାଇ ଘେନି ଆସିଲେ ଏଇ ସେଲ୍‌କୁ, ଆଉ ତମେ ?''

ପାଗଳ କହିଚାଲିଲା ତା'ର ଅଭିଜ୍ଞତାର କାହାଣୀ ।

"କିନ୍ତୁ ସେଇ କର୍ତ୍ତାମାନେ ପାଗଳ କହନ୍ତି କାହାକୁ ? ପାଗଳର ସଂଜ୍ଞା କ'ଣ ?"— ପାଗଳର ପ୍ରଶ୍ନ ।

''ତୁମେଇ ତାର ଭଲ ଜବାବ ଦେଇପାରିବ''—ମୁଁ ଉତ୍ତର ଦେଲି, କିଂକର୍ତ୍ତବ୍ୟବିମୂଢ଼ କଣ୍ଠରେ । ପାଗଳ କହିଲା... ''ତୁମ ସହିତ ଦୃଷ୍ଟିକୋଣରେ ପାର୍ଥକ୍ୟ ଘଟିଲେ ତୁମେ ମୋତେ କହିବ ପାଗଳ । ଅର୍ଥାତ୍, ତୁମେ ଯାହାକୁ ଦିନ କୁହ ମୁଁ ଯଦି ତାକୁ କହେ ରାତି, ତା'ହେଲେ ତୁମେ ମୋତେ ପଠାଇଦେବ ମେଣ୍ଟାଲ୍ ହସପିଟାଲକୁ । ତୁମେ ଭୁଲି ଯିବ ପାଗଳର ମଧ ଗୋଟାଏ ଦୃଷ୍ଟିକୋଣ ଅଛି ।''

ପାଗଳର ଜୀବନରେ ଥରେ ସେହିପରି ଗୋଟିଏ ଘଟଣା ଘଟିଥିଲା । ସେ ଦିନେ ଖରାବେଳେ ଗୋଟାଏ ନିଆଁ ହୁଳା ଧରି ବାହାରି ପଡ଼ିଥିଲା ସହରର ବଡ଼ ରାସ୍ତାରେ ।...ପାଗଳ ତା କାହାଣୀ କହିଚାଲିଲା ।

ମୁଁ ମନେ ମନେ କଳ୍ପନା କରିଥିଲି, ଯିଶୁଖ୍ରୀଷ୍ଟଙ୍କ ପରି ଦିଶୁଥିବା ଏଇ ପାଗଳ ହାତରେ ଧରି ଚାଲିଛି ଗୋଟିଏ ନିଆଁହୁଳା ନିର୍ଧୂମ୍ ଦିନ ପ୍ରହରରେ । ମୁଣ୍ଡ ଉପରେ ମଧ୍ୟାହ୍ନର ସୂର୍ଯ୍ୟ ।

କିନ୍ତୁ ତୁମେ ନିଆଁ ହୁଳାଟାଏ ଧରି ଖରାବେଳେ ବାହାରିଲେ, ଲୋକେ ତୁମକୁ ପାଗଳ କହିବେ ନାହିଁ ତ ଆଉ କହିବେ କ'ଣ ?

ପାଗଳ ଉତ୍ତର ଦେଲା— ''କିନ୍ତୁ ତୁମେ ଯାହାକୁ ମଧ୍ୟାହ୍ନ ବୋଲି କହୁଛ, ମୋ ଦୃଷ୍ଟିରେ ତାହା ଅନ୍ଧକାର ମଧ ରାତ୍ରି ହୋଇଥାଏ ?''

ମୁଁ ନୀରବ ରହିଲି । ପାଗଳର ପ୍ରଶ୍ନର କୌଣସି ସଦୁତ୍ତର ମୁଁ ଖୋଜି ପାଉ ନ ଥିଲି ।

ରାସ୍ତାର ଟ୍ରାଫିକ୍ ପୋଲିସ୍ ପାଗଳକୁ ଅଟକାଇ ପ୍ରଶ୍ନ କଲା, ଖରାବେଳେ ଗୋଟାଏ ନିଆଁ ହୁଳା ଧରି ରାସ୍ତାରେ ବାହାରିବା ମତଲବ୍ କ'ଣ ? ତମେ ନିଶ୍ଚୟ ଚାଲିଛ କୌଣସିଠାରେ ନିଆଁ ଲଗାଇବା ପାଇଁ । ବ୍ୟାଙ୍କ ନା ଇନସୁରାନ୍‌ସ କମ୍ପାନୀ ?''

ପାଗଳ କହିଲା... ''ମୁଁ ଉତ୍ତର ଦେଲି ଖରାବେଳେ କ'ଣ ? ଇଏ ଯେ ରାତି ଅଧ । ଚାରିଆଡ଼େ ମେଞ୍ଚା ମେଞ୍ଚା ଅନ୍ଧାର । ମୁଁ ବାଟ ଖୋଜି ପାଉ ନାହିଁ । ସେଇଥିପାଇଁ ତ ଧରିଛି ନିଆଁହୁଳା । ଆଚ୍ଛା ମୁଁ କିଛି ଅନ୍ୟାୟ କଥା କହିଲି ସର୍ଦ୍ଦାର ?

''ତା'ପରେ ?''

ପାଗଳର କଣ୍ଠରେ ଅଟ୍ଟହାସର ତୋଫାନ । ସେ ହସି ହସି କହିଲା, ''ମୋର ସେଇ ନିଆଁ ହୁଳାକୁ ନିଭାଇବା ପାଇଁ ପୋଲିସ ୱାର୍ଯ୍ୟାଲେସରେ ମଗାଇଲା ଅଧଡଜନ ଭଳି ଫାୟାର ବ୍ରିଗେଡ଼ । ନିଆଁକୁ ସେମାନେ ପଙ୍ଗପାଳ ପରି ଏତେ ଭୟ କରନ୍ତି ମୁଁ ଜାଣିଲି ସେଇ ପ୍ରଥମ ଦିନ ।''

Digitized by srujanika@gmail.com

''ତା'ପରେ ସେମାନେ ମୋ ହାତରୁ ନିଆଁହୁଳା ଛଡ଼ାଇ ନେଇ ପାଣିହୋସ୍ ପକାଇ ନିଭାଇ ମୋତେ ଧରି ନେଇଗଲେ ଗୋଟାଏ ମେଣ୍ଟାଲ୍ ହସପିଟାଲକୁ । ଏପରି ପାଗଳକୁ ବାହାରେ ଛାଡ଼ିବାଠାରୁ ବଳି ଆଉ କିଛି ମାରାତ୍ମକ କଥା ଥାଇପାରେ ବୋଲି ସେମାନେ ଭାବି ପାରୁ ନ ଥିଲେ।''

ମେଣ୍ଟାଲ ହସପିଟାଲ ଡାକ୍ତରମାନେ ମୋତେ ପରୀକ୍ଷା କରି କିନ୍ତୁ କହିଲେ 'ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ।'

ତା'ପରେ ମେଣ୍ଟାଲ ହସପିଟାଲରୁ ମୁଁ ଆସିଲି ଜେଲଖାନାକୁ ।

'ଅଭିଯୋଗ' ? ...ମୁଁ ପଚାରିଲି ।

''ଅଭିଯୋଗ ବୋଧହୁଏ ମୁଁ ସହରଟାକୁ ପୋଡ଼ିଦେବା ପାଇଁ ଯାଉଥିଲି। ପୋଡ଼ି ଦେଇଥିଲେ ଗୋଟାଏ ଜଞ୍ଜାଳ ଯାଇଥାନ୍ତା ନା କ'ଣ କହୁଛ ସର୍ଦ୍ଦାର ?

ଜେଲଖାନା ଘଣ୍ଟାରେ ଛଅଟା ବାଜିଲା। ଜେଲଖାନା ହତା ଝଙ୍କାଳିଆ ଓସ୍ତଗଛ ଉଢ଼ାଳରେ ଅସ୍ତସୂର୍ଯ୍ୟ, ଯେପରି ପାଗଳ ହାତର ସେଇ ନିଆଁହୁଳା ।

ଘଣ୍ଟା ବାଜିବା ମାତ୍ରେ ଓ୍ୱାର୍ଡ଼ମାନଙ୍କର ଲୁହା ଫାଟକ ସବୁ ଝଣଝାଣ ହୋଇ ବନ୍ଦ ହେବା ଶବ୍ଦରେ ଜେଲଖାନାର ନୀରବ ମୂର୍ଚ୍ଛିତ ସନ୍ଧ୍ୟା ଆର୍ତ୍ତନାଦ କରି ଉଠିଲା ।

ଆମେ ଉଠିଗଲୁ ନିଜ ନିଜ ସେଲକୁ । ପୁଣି ସେଇ ମିଞ୍ଜିମିଞ୍ଜିଆ ଇଲେକ୍‌ଟ୍ରିକ୍ ବଲ୍‌ବ୍, କବରର ସେଇ ଶିଉଳି ବସା ଗହ୍ୱର । ଖଣ୍ଡେ ଅଙ୍ଗାରରେ ସେଇ କାନ୍ଥରେ କେତେଦିନ ଗାରେଇଥିଲି... ''ଜୀବନ ମୁକ୍ତ, ବନ୍ଧନ ମୃତ୍ୟୁ।'' ଇଲେକ୍‌ଟ୍ରିକ୍ ଆଲୋକରେ ସେଇ ଲେଖାଟା ଦପ୍ ଦପ୍ କରି ଉଠୁଥିଲା । ମୁଁ ଗୋଟାଏ ଜିଅନ୍ତା ମୁର୍ଦ୍ଦାର। ବଞ୍ଚିଛି କି ନାହିଁ ପରୀକ୍ଷା କରିବା ପାଇଁ ମୁଁ ନଖରେ ମୋ' ହାତ ଚିରିଲି । ସେଥିରୁ ବିନ୍ଦୁ ବିନ୍ଦୁ କଳାରକ୍ତ ତଳେ ଝରିପଡ଼ିଲା । କିନ୍ତୁ ଆଶ୍ଚର୍ଯ୍ୟ ! କୌଣସି ଯନ୍ତ୍ରଣା ନାହିଁ । ମୋର ଦେହଟା ଯେପରି ଅନୁଭୂତିହୀନ ଗୋଟାଏ ମାଂସପିଣ୍ଡ ।

ପାଖ ସେଲରୁ ପାଗଳ ହଠାତ୍ ଚିତ୍କାର କରି ଡାକିଲା... 'ସର୍ଦ୍ଦାର !'

ମୁଁ ପଚାରିଲି... ''ଭାଇ ପାଗଳ । ମୁଁ ବଞ୍ଚିଛି ନା ମଲିଣି ?''

ପାଗଳ ଉତ୍ତର ଦେଲା... ''ଜୀବନର ସାଧନା ମୃତ୍ୟୁ ଭିତରେ ସିଂହାସନ ଆଉ କାରାଗାର, ଗୋଟାଏ ସମୁଦ୍ର ଭିତରେ ଦୁଇଟା ପାଖ। ମୁକୁଟ ଆଉ ହାତକଡ଼ି। ସବୁ ଏକ।''

ତା' ପରେ ''ହରିବୋଲ—ବୋଲ—ହରିବୋଲ'' ଧ୍ୱନିରେ ଜେଲଖାନାର ମୂର୍ଚ୍ଛିତ ପରିବେଶ ପ୍ରତିଧ୍ୱନିତ ହୋଇଉଠିଲା । ମୁଁ ଆଶ୍ୱସ୍ତ ହେଲି— ମୁଁ ମରି ନାହିଁ। ମୁଁ ତଥାପି ବଞ୍ଚିଛି।

(୧୯୭୫)

●

Digitized by srujanika@gmail.com

ପ୍ରତିଧ୍ୱନି

"Alone in my room I could cry out, as though standing before a great crowd; My beloved downtrodden, luckless compatriots ! This is what we need this is our road to freedom."

[Jean Lacoutureଙ୍କ ଲିଖିତ ହୋ-ଚି-ମୀନ୍‌ଙ୍କ ଜୀବନୀରୁ]

କଲିଙ୍ଗ୍ ବେଲର କ୍ରିଙ୍ଗ୍ କ୍ରିଙ୍ଗ୍ ଚିତ୍କାର... ତା ପରେ ବାଟନ୍‌ରେ ଠକ୍ ଠକ୍ ଆୱାଜ ବନ୍ଦ ଦରଜା ଉପରେ, ଝିଟିପିଟି ଟିକ୍ ଟିକ୍ କରିବା ପରି ...ଏ ଝିଟିପିଟି କିନ୍ତୁ ସେଇ ଆଦିମ ଡିନୋସାରମାନଙ୍କ ପରି... ଏଇ ଶବ୍ଦଟାକୁ ମୁଁ ଯେପରି ଏତେଦିନ ଅପେକ୍ଷା କରି ରହିଥିଲି ବିମୂଢ଼ ଅଥର୍ବତା ମଧ୍ୟରେ । ତା'ପରେ କବାଟ ଉପରେ ବୁଟ୍‌ଜୋତା ମିଶା ପାଦରେ ଗୋଇଠା । ବିଚାରା କବାଟଟା ସମ୍ଭାଳି ପାରିବ ତ ଏତେ ଗୁଡ଼ାଏ ବୁଟ୍ ଜୋତାର ମିଳିତ ଆକ୍ରମଣ ? କବାଟ ଭାଙ୍ଗିପଡ଼ିଲା । ତା ପରେ ବୁଟ୍‌ଜୋତାର ମଚ୍ ମଚ୍ ଆୱାଜ୍ ।

ଚିତ୍କାର କରି ବିଛଣା ଉପରେ ଉଠି ବସିଲି । ଗୋଟାଏ ଲୁହା ସଣ୍ଡୁଆଶି ମୋର ତୋଟିକୁ ଯେପରି ଏତେକ୍ଷଣ ଚିପି ଧରିଥିଲା । ମୋର ନିଃଶ୍ୱାସ ରୁଦ୍ଧ ହୋଇ ଆସିଥିଲା । ଖୋଲା ଝରକା ବାଟେ ମୌସୁମୀଭିଜା ରାତିର ଥଣ୍ଡା ହାୱା ସତ୍ତ୍ୱେ ମୋର କପାଳରେ ବିନ୍ଦୁ ବିନ୍ଦୁ ଝାଳ । ନିଃଶ୍ୱାସ ତଥାପି ରୁଦ୍ଧ ହେବା ଭଳି ଲାଗୁଥିଲା । ନାଃ— ମୁଁ ଗୋଟାଏ ଦୁଃସ୍ୱପ୍ନ ଦେଖୁଥିଲି କେବଳ । ଏହା ସତ୍ୟ ନୁହେଁ, ହୋଇ ନ ପାରେ । ହୋଇ ବି ପାରେ ।

ସ୍ୱସ୍ତିର ଗୋଟାଏ ଦୀର୍ଘଶ୍ୱାସ ପକାଇ ବ୍ୟଗ୍ର ବ୍ୟାକୁଳ ହାତରେ ଝରକା ପର୍ଦ୍ଦା ଘୁଞ୍ଚାଇ ଦେଲି । ମେଘବିବର୍ଣ୍ଣ ଆକାଶରେ ଗୋଟାଏ ଉଜ୍ଜ୍ୱଳ ନକ୍ଷତ୍ର ଦପ୍ ଦପ୍ କରୁଥିଲା, ସାମ୍ନା ଫ୍ଲାଟ୍‌ଗୁଡ଼ାକର ଊର୍ଦ୍ଧ୍ୱରେ । ସେଇ ନକ୍ଷତ୍ରଲୋକରୁ କିଏ ଯେପରି ସାଙ୍କେତିକ ବାର୍ତ୍ତା ପଠାଉଥିଲା, ଭୟ ନାହିଁ...ଭୟ ନାହିଁ... ତୁମେ ତଥାପି ନିରାପଦ । ମୋର ପ୍ରୟୋଜନ ଥିଲା ସେତେବେଳେ ଦମକାଏ ରାତିର ଶିଶିରଭିଜା ହାୱା; ଆଉ ମୁକ୍ତିର ଏଇପରି ଗୋଟାଏ ଉଦାତ୍ତ ପ୍ରତିଶ୍ରୁତି । ଆକଣ୍ଠ ପାନ କରି ଗଲି ଶେଷରାତିର ପବନ । ଶିରି ଶିରି ଶୀତଳ ପବନ ମୋର ଉତ୍ତପ୍ତ କପାଳ ଆଉ ଦେହ ଉପରେ ଖେଳିଗଲା ସ୍ନେହସ୍ପର୍ଶ ପରି ।

ଦୁଇ ଓଠ ମଝିରେ ଖଣ୍ଡେ ସିଗାରେଟ ଚାପି ଧରିଲି ଜଳାଇବା ପାଇଁ । ହାତ ପାପୁଲି ଚୋଲା କରି ଦିଆସିଲି କାଠି ଜଳାଇବା ମାତ୍ରେ କ୍ଷୀଣ ଅଗ୍ନିଶିଖା ପବନରେ ଥରି ଥରି ନିଭିଗଲା । ମୋର ମନେ ପଡ଼ିଗଲା ସେମାନେ ଯଦି ଲକ୍ଷ୍ୟ କରିଥାନ୍ତି, ଏଇ ଅଧରାତିରେ ଖୋଲା ଝରକା ପାଖରେ ଠିଆହୋଇ ମୁଁ ଦିଆସିଲି ଜଳାଉଛି । ସିଗାରେଟ୍ ଟାଣୁଛି ।

Digitized by srujanika@gmail.com

ବାହାରେ ରାସ୍ତା ଉପରେ ଓଭରକୋଟ ପିନ୍ଧି ଦୁଇଜଣ କନେଷ୍ଟବଲ୍ ବିଟ୍ ଦେଉଛନ୍ତି କୌଣସି ଗୋୟେନ୍ଦା ଉପନ୍ୟାସ ପୃଷ୍ଠାର ଦୁଇଟା ରହସ୍ୟମୟ ଛାୟାମୂର୍ତ୍ତି ପରି। ରାତିର ନିର୍ଜନତା ଭିତରେ ସେମାନଙ୍କର ବୁଟ୍ ଜୋତାର ମଚ ମଚ ଆଓ୍ୱାଜ ମୁଁ ବୋଧହୁଏ ଶୁଣିଥିଲି ସ୍ୱପ୍ନ ଆଉ ଜାଗରଣର ସନ୍ଧିକ୍ଷଣରେ। କିନ୍ତୁ ସେମାନେ ଯଦି ମୋତେ ଏବେ ଥାନାକୁ ଧରି ନେଇ ହାଜତରେ ପୂରାଇ ସେଠାରେ ପ୍ରଶ୍ନ କରନ୍ତି— ରାତି ଅଧରେ ମୁଁ କାହିଁକି ଠିଆ ହୋଇଥିଲି ଖୋଲା ଝରକା ପାଖରେ ଗ୍ରୀଲ ବାଡ଼ ଧରି ? ମୁଁ କାହିଁକି ଦିଆସିଲି କାଠି ଜଳାଉଥିଲି ? କାହା ଅପେକ୍ଷାରେ ମୁଁ ଠିଆ ହୋଇଥିଲି ଖୋଲା ଝରକା ପାଖରେ ? କି ଇସାରା ମୁଁ ଦେଉଥିଲି କାହାକୁ ? କୌଣସି ଅନୁଶାସନବଦ୍ଧ ମଣିଷ ରାତିଅଧରେ ବିଛଣାରେ ସୁଖନିଦ୍ରାରେ ନ ଶୋଇ ଖୋଲା ଝରକା ପାଖରେ ଠିଆ ହୋଇ ଦିଆସିଲି କାଠି ଜଳାଏ ନା କ'ଣ ?

ଆମ ପଡ଼ାରେ ପ୍ରତି ରାତିରେ ଏବେ ପୁଲିସର କଡ଼ା ପହରା— ଗୋୟେନ୍ଦା, ସାଦା ପୋଷାକବାଲାମାନଙ୍କର ସତର୍କ ପଇନ୍ତରା ! ତାରି ଭିତରେ ସେମାନେ ତଥାପି ଆଲକାତରାରେ କିପରି ଲେଖି ଯାଉଛନ୍ତି କେଜାଣି ? ଦିନର ଆଲୋକରେ ସେଇ ସ୍ଲୋଗାନ ସବୁ ଚିତ୍କାର କରି ଉଠୁଛି ଯେପରି ଲକ୍ଷ କଣ୍ଠରେ... ''ତାନାସାହୀ ହୁସିଆର। ଏକଛତ୍ରବାଦ ସାବଧାନ। ଫାସିଷ୍ଟବାଦ ମୁର୍ଦ୍ଦାବାଦ।'' ଏଗୁଡ଼ାକ ଅତି ମାମୁଲି ଶବ୍ଦ । ଯେ କୌଣସି ରାଜନୀତିକ ଅଭିଧାନରେ ଖୋଜିଲେ ମିଳିବ। ଏଇ ମାମୁଲି ଶବ୍ଦଗୁଡ଼ାକୁ ସେମାନେ ରାତିର ଦସ୍ୟୁ ପରି ପୁଲିସଠାରୁ ଆତ୍ମରକ୍ଷା କରି କାନ୍ଥରେ ବାଡ଼ରେ ଲେଖି ବୁଲୁଛନ୍ତି କାହିଁକି ? ଆଉ ପୁଲିସ୍‌ବାଲା ସକାଳୁ ପୁଣି ଖୋଜି ଖୋଜି ସେସବୁ ଆଞ୍ଚୁଡ଼ି ନିଭାଉଛନ୍ତି ବା କାହିଁକି ? ସେମାନେ ନିଶ୍ଚୟ ଭୟ କରୁ ନାହାନ୍ତି 'ତାନାସାହୀ' ଆଉ 'ହୁସିଆର' ପରି ଦୁଇଟା ମାମୁଲି ମୁହଁ ଘଷରା ଶବ୍ଦକୁ, ଅଚଳ ସୁକିଭଳି ଯାର କୌଣସି ଦାମ ନାହିଁ ଆଜି। ସେମାନେ ମଧ୍ୟ ପରବାୟ କରୁ ନ ଥିବେ, ଯେଉଁମାନେ ରାତିରେ ଛପି ଛପି କାନ୍ଥରେ ବାଡ଼ରେ ଆଲକାତରାରେ ଲେଖି ବୁଲୁଛନ୍ତି ଏଇ ସବୁ ସ୍ଲୋଗାନ। ମୁଁ ଜାଣେ ସେମାନଙ୍କୁ ରାଜେଶ, ଆନନ୍ଦ, ନରେଶ...ବାଡୁଆ ବିବର୍ଣ୍ଣ ମୁହଁ । ଓଠ ତଳେ ନୂଆ ଗଜୁରିଥିବା ଦାଢ଼ି । ଗାଲମୁଛା କଳା ବେଶ ଲମ୍ବା। ବୁଟ୍‌ମିଶା ଗୋଟାଏ ଗୋଟାଏ ଲାଥି ଥୋଇଲେ ସେମାନେ ମିଶିଯିବେ ମାଟିରେ । ସେମାନଙ୍କ ପାଇଁ ନଷ୍ଟ କରିବାକୁ ପଡ଼ିବ ନାହିଁ ବୁଲେଟ୍ ଗୁଳି । ସେମାନେ କିନ୍ତୁ ଭୟ କରନ୍ତି ସେଇ ଦୁର୍ବଳ, ଅସ୍ଥିକଙ୍କାଳ ତଳେ ପ୍ରଚ୍ଛନ୍ନ ଥିବା ସେମାନଙ୍କ ଦୁର୍ବିନୀତ ପୌରୁଷକୁ ସେଇ ଚିର ବିଦ୍ରୋହୀ ଆତ୍ମାକୁ। ତାନାସାହୀ ଭୟ କରେ ନାହିଁ ମଣିଷକୁ... ମଣିଷ ପାଇଁ ଗୋଟାଏ ବୁଲେଟ ତ ଯଥେଷ୍ଟ। କିନ୍ତୁ ସେ ଭୟ କରେ ଅବିନାଶୀ ଆତ୍ମାକୁ । ତାର ମୁକ୍ତିପ୍ରୟାସୀ ସତ୍ତାକୁ । ତାର ମୃତ୍ୟୁ ନାହିଁ।

ସ୍ନାୟବିକ ଉତ୍ତେଜନା ଶାନ୍ତ କରିବା ପାଇଁ ଅବିନାଶୀ ଆତ୍ମାର ଉପଲବ୍ଧି ପରିବର୍ତ୍ତେ ମୋର ସେତେବେଳେ ପ୍ରୟୋଜନ ଥିଲା କିନ୍ତୁ ଖଣ୍ଡେ ସିଗାରେଟ। ଆରାମରେ, ନିରୁଦ୍‌ବିଗ୍ନ ନୈଶ୍ଚିନ୍ତ୍ୟରେ ସିଗାରେଟ ଟାଣିବା ପାଇଁ ମୁଁ ଝରକା ପାଖରୁ ବାଥ୍‌ରୁମ ଭିତରକୁ ପଳାଇ ଆସିଲି ।

Digitized by srujanika@gmail.com

କିନ୍ତୁ ବାଥ୍‌ରୁମ୍‌ର ସୁଇଚ୍ ଜାଳିବା ମାତ୍ରେ ଖଣ୍ଡେ ଅଖା ଭିତରେ ତାଙ୍କି ହୋଇପଡ଼ିଥିବା ରାଜେଶର ଭଙ୍ଗା ସାଇକ୍ଲୋଷ୍ଟାଇଲ୍ ମେସିନ୍‌ଟା ଗୋଟାଏ ଭୂତ ପରି ମୋ ଉପରକୁ ଲମ୍ଫ ଦେଇ ଉଠିଲା ।

ଗୋଟାଏ କୁଲି ବସ୍ତିର ଝୁପୁଡ଼ିରୁ ରାଜେଶ ପ୍ରତିଦିନ ବାହାର କରୁଥିଲା 'ଅଣ୍ଡରଗ୍ରାଉଣ୍ଡ୍ ବୁଲେଟିନ' । ରାତିରେ ଗୋପନରେ ରହସ୍ୟଜନକ ଭାବରେ ସେ ସବୁ ବଣ୍ଟା ହେଉଥିଲା ଇଉନିଭରସିଟି କ୍ୟାମ୍ପସ, କଫିହାଉସ, ସରକାରୀ ଦପ୍ତର ଆଉ ପାର୍କମାନଙ୍କରେ । ଗୋବିଚାରା ଗୃହସ୍ଥମାନେ ସକାଳେ ନିଦ ମଳ ମଳ ଆଖିରେ ଉଠି ଲେଟରବକ୍‌ସରୁ ଖବରକାଗଜ ସଂଗ୍ରହ କଲାବେଳେ ପାଉଥିଲେ ସେଇ ସବୁ ବୁଲେଟିନ୍ । ସେଗୁଡ଼ାକ ଦେଖିବା ମାତ୍ରେ କାହାର କାହାର ଗାତ୍ରକମ୍ପ ହେଉଥିଲା । ଚିକି ଚିକି ଚିରି ୱେଷ୍ଟ-ପେପର-ବାସ୍କେଟ ଭିତରକୁ ସେମାନେ ତାଙ୍କୁ ଫିଙ୍ଗି ଦେଉଥିଲେ କିମ୍ବା ଜାଳି ଦେଉଥିଲେ । ଚିରା ଟୁକୁରା ସବୁ ରାସ୍ତାରେ ଡଷ୍ଟବିନ୍ ପର୍ଯ୍ୟନ୍ତ ନେବା ପାଇଁ ସୁଦ୍ଧା ସେମାନଙ୍କ ସାହସ କୁଳାଉ ନ ଥିଲା । କେହି କେହି ସେ ସବୁ ପଢୁଥିଲେ କୌତୂହଳରେ । ତା'ପରେ ଦିଆସିଲି ଲଗାଇ ପୋଡ଼ି ଦେଉଥିଲେ ରୋଷେଇଶାଳ ଚୁଲିରେ ।

ସେଇ ବୁଲେଟିନ ଥିଲା ରାଜେଶର ଏକକ-ସଂଗ୍ରାମ ଆଉ ସାଇକ୍ଲୋଷ୍ଟାଇଲ ମେସିନଟା ଅସ୍ତ୍ର ।

କିନ୍ତୁ ସାଇକ୍ଲୋଷ୍ଟାଇଲ ମେସିନଟା ଦିନେ ଅଚଳ ହୋଇଗଲା । ତା'ପରେ ପୁଣି ଝୁଗୀଝୁପୁଡ଼ିର ଗୋଟାଏ ବେକାର ମାତାଲ ସାଦାପୋଷାକବାଲାଙ୍କଠାରୁ ଲାଞ୍ଚ ଖାଇ, ସେମାନଙ୍କୁ ସନ୍ଧାନ ଦେଇ ରାଜେଶର ପତ୍ତା । ହାୟ ଦୁର୍ଭାଗ୍ୟ ! ରାଜେଶ ଲଢୁଥିଲା ସେଇମାନଙ୍କର ସଂଗ୍ରାମ । କିନ୍ତୁ ସେଇ ବେକାର ମାତାଲଟାର ସେ ଚେତନା ନ ଥିଲା ।

ଭାଗ୍ୟକୁ ରାଜେଶ ସେତେବେଳେ ଝୁପୁଡ଼ିରେ ନ ଥିଲା । ଥିଲେ ତ, ସେମାନେ ବୁଲା କୁକୁର ପରି ତାକୁ ଧରି ଭର୍ତ୍ତି କରିଥାନ୍ତେ ପୋଲିସ ଭ୍ୟାନରେ । ତା'ପରେ କୁଳମବାଦୀର ଅନ୍ଧକୂପ । ସେଇ ବିଶ୍ୱାସଘାତକ ମାତାଲ ବେକାରଟାକୁ ଖୁନ୍ କରିବା ପାଇଁ ରାଜେଶ କେତେଥର ଦଳ ଗଢ଼ିଥିଲା । ବସ୍ତି ମୁଣ୍ଡରେ ଦେଶୀ ମଦଭାଟିରୁ ମଦ ପିଇ ମାତାଲ ଅବସ୍ଥାରେ ଢଳି ଢଳି ସେ ଫେରିଯାଏ ଗୋଟାଏ ନିର୍ଦ୍ଦିଷ୍ଟ ସମୟରେ । ଲୋକଟା କିନ୍ତୁ ଏପରି ନ ଥିଲା । ଗୋଟାଏ ଛୋଟିଆ କାରଖାନାରେ ସେ ଥିଲା ମେସିନମାନଙ୍କର ହେଲପର । ଶ୍ରମିକ ୟୁନିୟନର ଚାନ୍ଦା ମଧ୍ୟ ହେଉଥିଲା ନିୟମିତ ଭାବରେ । କିନ୍ତୁ କାରଖାନାଟା ଦିନେ ହଠାତ୍ ବନ୍ଦ ହୋଇଗଲା । ସେ ଦିନୁ ସେ ବେକାର । ତାର ବେକାରିର ଏକ ଦୁର୍ବୋଧ କୈଫିୟତ— ଡିପ୍ରେସନ । ଏଣିକି ଚୋରାମଦ ଚାଲାଣ ଆଉ ମାତାଲାମୀ ଗୁଣ୍ଡାମି ହୋଇଗଲା ତାର ଏକମାତ୍ର ବୃତ୍ତି ଆଉ ଜୀବିକା । ଚୋରାମଦ କାରବାର ଉପରେ ପୋଲିସର ଆଖି ପଡ଼ିବା ଦିନୁ ସେ ବ୍ୟବସାୟଟା ମଧ୍ୟ ଧିମେଇ ଯାଇଥିଲା । କିନ୍ତୁ ଭାଗ ବଖରାର ବନ୍ଦୋବସ୍ତ ପରଠାରୁ ସେଥିରେ ଆଉ ଅସୁବିଧା ରହିଲା ନାହିଁ ସତ; କିନ୍ତୁ ବ୍ୟବସାୟଟା ପୂର୍ବପରି ଆଉ ତେଜିରେ ଚାଲୁ ନ ଥିଲା । ଅଗତ୍ୟା ମାତଲାମୀର ମାସୁଲ ଯୋଗାଡ଼ କରିବା ପାଇଁ ସାଦାପୋଷାକବାଲାଙ୍କଠାରୁ ଲାଞ୍ଚ ଖାଇ ସେମାନଙ୍କୁ ସେ ଦେଉଥିଲା ରାଜେଶର

Digitized by srujanika@gmail.com

ମରା । ଛୁରି ଭୁସି ତାକୁ ଖୁନ୍ କରିବା ପାଇଁ, ରାଜେଶ ପ୍ୟାଣ୍ଟ ପକେଟରେ ଗୋଟାଏ ଛୁରି ଓ ସାଇକେଲ ଚେନ୍ ଧରି ବୁଲୁଥିଲା କେତେଦିନ । ଥରେ ମଧ୍ୟ ସେଇ ମାତାଲଟା ଢଳି ଢଳି ବସ୍ତି ରାସ୍ତାରେ ଫେରୁଥିବାବେଳେ ରାଜେଶ ସାମନାରେ ପଡ଼ିଯାଇଥିଲା । ରାଜେଶ ଦାନ୍ତରେ ଦାନ୍ତ ଚିପି ମନେ ମନେ ବିସ୍ଫୋରଣ କରି ଉଠିଥିଲା... ଏଥର କୋଉ ସାଦାପୋଷାକବାଲା ବୋପା ତୋ ପିଠିରେ ପଡ଼ିବ, ଦେଖିବି । କିନ୍ତୁ ବତିଖୁଣ୍ଟର ମଳିଚା ଆଲୁଅରେ ମାତାଲଟାର ଚେହେରା ଦେଖି ତା ମନରେ ଦୟା ହେଲା । ଆଃ ! ଏ ବିଚାରାମାନଙ୍କୁ ସେମାନେ ଲାଞ୍ଚର ଅଫିମ ଦେଇ ପଙ୍ଗୁ ଜଡ଼ କରି ଦେଇଛନ୍ତି । ମାତାଲକୁ ଖୁନ୍ କରି ଲାଭ କ'ଣ ?

ମାତାଲଟାର ଚେତା ଥିଲା ଠିକ୍ । ସେ ନିର୍ଭୟରେ ରାଜେଶକୁ କୁଣ୍ଢାଇ ମାତାଲ କଣ୍ଠରେ କହିଥିଲା; ''ଭାଇଟା ପରା, ମାଫ କର ମୋତେ । ମାଫି ଦେବୁ ନାଇଁ ? ଦେବୁ କି ନାହିଁ କହ । ହଁ—କ ।''

ମାତାଲମାନଙ୍କ ମୁହଁ ପୁଣି ଦେଖାଯାଏ ଏପରି ନିରୀହ ନିଷ୍ପାପ ! ରାଜେଶ ସେ ଦିନ ତାକୁ ଛାଡ଼ି ଦେଇଥିଲା । କିନ୍ତୁ ମନେ ମନେ କହିଥିଲା ''ଆଚ୍ଛା ଆଉ ଦିନେ ।''

ଭଙ୍ଗା ସାଇକ୍ଲୋଷ୍ଟାଇଲ୍ ମେସିନଟାକୁ କେଉଁ ଦୋକାନକୁ ନେଇ ମରାମତ କରିବାର ମଧ୍ୟ ଉପାୟ ନ ଥିଲା । ସବୁ ଛାପାଖାନା ଆଉ ସାଇକ୍ଲୋଷ୍ଟାଇଲ୍ ମେସିନ୍ ଦୋକାନ ଉପରେ ଏବେ ସାଦାପୋଷାକବାଲାଙ୍କର କଡ଼ା ପ୍ରହରା । ଅବଶେଷରେ ଦିନେ ରାତିରେ ଅଖା ଭିତରେ ସେଇ ମେସିନ୍‌ଟାକୁ ପୂରାଇ ଗୋଟିଏ ଟ୍ୟାକ୍‌ସୀରେ ଲଦି ଅତର୍କିତ ଭାବରେ ରାଜେଶ ଆସି ପହଞ୍ଚିଲା ମୋ ଫ୍ଲାଟ୍‌ରେ । ଅଖା ବସ୍ତାଟାକୁ ଦେଖି ମୁଁ ପ୍ରଥମେ ଅନୁମାନ କରୁଥିଲି, ସେଥିରେ ଅଛି ବୋଧହୁଏ ତାର ଅଣ୍ଡରଗ୍ରାଉଣ୍ଡ ପୋଷ୍ଟର ପାମ୍ଫଲେଟ୍ ବା ସେହିପରି କିଛି ।

ମୁଁ ଭୀରୁ କଣ୍ଠରେ କହିଲି... ''ଏସବୁ ମାଲ ପାଇଁ ଏ ଫ୍ଲାଟ୍ ନିରାପଦ ନୁହେଁ ଭାଇ ।''

ମଧ୍ୟବିତ୍ତସୁଲଭ ନିରାପତ୍ତାବୋଧ ମୋତେ ଇତିହାସର ସେହି ଆହ୍ୱାନଗର୍ଭିତ ମୁହୂର୍ତ୍ତରେ ପଙ୍ଗୁ କରି ଦେଇଥିଲା । ଆଃ ମୁଁ ଯେପରି ଏକ ବୃଦ୍ଧ, ପେନସନ୍ ପ୍ରାପ୍ତ । ପାର୍କ ବେଞ୍ଚରେ ଓ୍ୱାକିଙ୍ଗଷ୍ଟିକ ବେଣ୍ଟ ଉପରେ ଥୋମଣି ଲଦି ଏକୁଟିଆ ଏଣିକି ତେଣିକି ଚାହିଁ ବସିବା ଛଡ଼ା ମୋର ଆଉ ଅନ୍ୟ କୌଣସି କର୍ମ ନାହିଁ ।''

ରାଜେଶ କପାଳ ଉପରୁ କେରାଏ ବାଳ ଉପରକୁ ବାଁ ହାତରେ ଛାଟିଦେଇ କହିଲା... ''ଭୟ କର ନାହିଁ । 'ଆ' ଭିତରେ ଅଛି କେବଳ ଗୋଟାଏ ଭଙ୍ଗା ସାଇକ୍ଲୋଷ୍ଟାଇଲ୍ ମେସିନ୍ । ପାରିବତ ଏଇଟାକୁ ଶୀଘ୍ର ମରାମତ କରାଇ ନେବ । ନୋହିଲେ ବୁଲେଟିନ୍ ବନ୍ଦ ।''

ମୁଁ ସ୍ୱସ୍ତିର ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ କହିଲି ''ତା' ହେଲେ ବାଥ୍‌ରୁମ୍ ଭିତରେ ଗୋଟିଏ କୋଣରେ ପକାଇ ଦେ ଅଖାଟାକୁ । ବାଥ୍‌ରୁମଟାଇ ତ ଏବେ ନିରାପଦ ।''

ବାଥ୍‌ରୁମ୍ ଭିତରେ ଅଖାବସ୍ତାଟା ଧରାଧରି କରି ରଖିବା ପରେ ରାଜେଶ ଚାଲି ଯାଉଥିଲା, ମୁଁ କହିଲି... ''ଦଣ୍ଡେ ବସିଯା ନା ରାଜେଶ । ଆଉ ବାହାରର ଖବର କ'ଣ ?''

Digitized by srujanika@gmail.com

ବସିବା ପାଇଁ ରାଜେଶର ଆପତ୍ତି ନ ଥିଲା । ରାଜେଶ ସୋଫା ଉପରେ ବସିପଡ଼ି ଧୂଳିଆ ଚପଲପିନ୍ଧା ପାଦ ଦୁଇଟାକୁ ସେଣ୍ଟର୍ ପିସ୍ ଉପରେ ଆରାମରେ ଲମ୍ବାଇ ଖଣ୍ଡେ ସିଗାରେଟରେ ନିଆଁ ଲଗାଇଲା । ସେତିକିବେଳେ ତା ପ୍ୟାଣ୍ଟ ପକେଟରୁ ତଳେ ଖସି ପଡ଼ିଥିଲା ଗୋଟାଏ ଛୁରା। ଛୁରାଟାର ରକ୍ତମୁଖା ଚେହେରା ଦେଖି ମୁଁ ପ୍ରକୃତରେ ଭୟଭୀତ ହୋଇ ପଡ଼ିଥିଲି ।

— ''ତମେ ମତେ ପ୍ରତିଶ୍ରୁତି ଦେଇଥିଲ ନା ରାଜେଶ ଏଇ ଛୁରା ପାଇପ୍‌ଗନ୍ ସବୁ ଏଣିକି ଛାଡ଼ିବ ବୋଲି । ଛୁରା ପାଇପ୍‌ଗନ୍‌ରେ ତୁମେ କ'ଣ ମୁକାବିଲା କରିପାରିବ ବ୍ରେନଗନ୍, ମେସିନଗନ୍, ଷ୍ଟେନଗନ୍ ସହିତ ?''

ରାଜେଶ ଛୁରାଟାକୁ ହାତରେ ଅଳସ ଭାବରେ ଉଠାଇ ଧରି କଳେ ସିଗ୍ରେଟ ଧୂଆଁର କୁଣ୍ଡଳୀ ଭିତରେ କହିଲା, ''ମୁଁ ଚାହେ ସେଇ ମାତାଲଟାକୁ ଖୁନ୍ କରିବାପାଇଁ । ଥରେ ତାକୁ ହାତରେ ପାଇ ଛାଡ଼ି ଦେଇଥିଲି । ସେଥିପାଇଁ ତଥାପି ମୋର ଅବସୋସ ଯାଇ ନାହିଁ ।''

''କେଉଁ ମାତାଲ'' ପଚାରିଲି ବିସ୍ମିତ କଣ୍ଠରେ।

"ସାଦାପୋଷାକବାଲାଙ୍କଠାରୁ ଲାଞ୍ଚଖାଇ ସେ ମୋର ପରା ଦେଇଥିଲା ସେମାନଙ୍କୁ...ଝୋଗୀଝୁପୁଡ଼ିର ଗୋଟାଏ ବେକାର ହେଲ୍‌ପର୍..." ରାଜେଶ କଣ୍ଠରେ କ୍ରୁଦ୍ଧ ବିସ୍ଫୋରଣ। ଘୃଣା ଆଉ ଜିଘାଂସାରେ ମୁହଁ ବିକୃତ କରି ରାଜେଶ କହିଲା... ''ସେ ଗୋଟାଏ ଶ୍ରେଣୀଶତ୍ରୁ, ବିଶ୍ୱାସଘାତକ, ସ୍ପାଇ, ଟ୍ରେଟର୍'' । ରାଜନୀତିକ ଅଭିଧାନର ସବୁ ଶବ୍ଦ ସେ ଯେପରି ଶେଷ କରିଦେବାକୁ ଚାହୁଥିଲା ଏକା ନିଃଶ୍ୱାସରେ ।

ମୁଁ କହିଲି; ''ସେ ବିଚାରାକୁ ଭୁଲ୍ ବୁଝ ନାହିଁ କିମ୍ବା ଖୁନ୍ କର ନାହିଁ । ତୁମର ସଂଗ୍ରାମ ଶ୍ରେଣୀ ବିରୋଧରେ। କିନ୍ତୁ ସେ ବିଚାରାର ଲଢ଼ାଇ କ୍ଷୁଧା ସହିତ । ଶ୍ରେଣୀ-ଶୋଷଣ ଅପେକ୍ଷା କ୍ଷୁଧାର ଦଂଶନ ଉତ୍କଟତର। ଶ୍ରେଣୀ-ସଂଗ୍ରାମରେ ସନ୍ଧି ଥାଇପାରେ; କିନ୍ତୁ କ୍ଷୁଧା ସହିତ ଲଢ଼ାଇରେ କୌଣସି ସାଲିସ ନାହିଁ। ତୁମେ ଛୁରାରେ ଖୁନ୍ କରିପାର ତାକୁ, କିନ୍ତୁ ତାର ବା ତା ପରି ଅନ୍ୟମାନଙ୍କର ବିଚାରଧାରାକୁ ନୁହେଁ।

ସିଗ୍ରେଟ ଧୂଆଁର କୁଣ୍ଡଳୀ ଭିତରେ ରାଜେଶ କେତେକ୍ଷଣ ଚିନ୍ତିତ ଭାବରେ ଉପର ଛାତକୁ ଚାହିଁଲା । ପଙ୍ଖାଟା ଛଟପଟ ହେଉଥିଲା ଗୋଟାଏ ଅନ୍ଧ ବାଦୁଡ଼ି ପରି । ରାଜେଶ ଛୁରିଟା ହଠାତ୍ ତଳେ ଫିଙ୍ଗି ଦେଇ ଆସ୍‌ଟ୍ରେରେ ସିଗାରେଟ୍‌ର ଦଗ୍‌ଧାଂଶକୁ ନିଭାଇ ନୀରବରେ ଉଠି ଚାଲିଗଲା । ଗଲାବେଳେ ବିଳିବିଳେଇବା ପରି କହିଲା ''ଠିକ୍ କହିଚ ଭାଇ। ଏଇ ଛୁରାଟାରେ ମୁଁ ଭୁସି ଦେଇପାରେ ତାକୁ ତାର ହୃଦୟକୁ ନୁହେଁ ।''

ସେଇ ଦିନୁ ରାଜେଶର ଆଉ ଦେଖା ନାହିଁ। ଅଖା ଭିତରେ ସେଇ ଭଙ୍ଗା ସାଇକ୍ଲୋଷ୍ଟାଇଲ ମେସିନ୍ ସହିତ ଛୁରାଟା ମଧ୍ୟ ପଡ଼ିଛି କେଉଁ ଭବିଷ୍ୟତ୍‌ର ସମ୍ଭାବନାରେ କେଜାଣି ? ମୋର ଦେହ କିନ୍ତୁ ସେଇ ଅଖାଟାକୁ ଦେଖିବା ମାତ୍ରେ ଶୀତେଇ ଉଠୁଥିଲା ଯେପରି ସଦ୍ୟ ଖୁନ୍ କରିଥିବା ଗୋଟିଏ ଲାସ୍‌କୁ ମୁଁ ଲୁଚାଇ ରଖିଛି ସେଇ ଅଖା ଭିତରେ, ବାଥ୍‌ରୁମ୍ କୋଣରେ।

Digitized by srujanika@gmail.com

ସେମାନେ ଯଦି ଅକସ୍ମାତ୍ ମୋ ଫ୍ଲାଟ୍ ଚଢ଼ାଉ କରି ସିଜ୍ କରନ୍ତି ଭଙ୍ଗା ସାଇକ୍ଲୋଷ୍ଟାଇଲ୍ ମେସିନ ଆଉ ଛୁରା ? ମୁଁ କିପରି ବା ବୁଝାଇ ପାରିବି ସେମାନଙ୍କୁ ଏଇ ଭଙ୍ଗା ସାଇକ୍ଲୋଷ୍ଟାଇଲ୍ ମେସିନ ଆଉ ଛୁରା... ଗୋଟାଏ ବିଦ୍ରୋହୀ ବଜ୍ରକଠୋର ଆତ୍ମା ଆଉ ନବନୀତ କୋମଳ ହୃଦୟର ସ୍ୱାକ୍ଷର। ସେମାନେ ବୁଝିପାରିବେ ନାହିଁ, ବୁଝିବା ପାଇଁ ଚେଷ୍ଟା ସୁଦ୍ଧା କରିବେ ନାହିଁ... ସେମାନଙ୍କ ଦୃଷ୍ଟିରେ ଏସବୁ ରାଷ୍ଟ୍ରଦ୍ରୋହୀ ଷଡ଼ଯନ୍ତ୍ରର ମାରାତ୍ମକ ନିଶାଣ।

ନିର୍ଲିପ୍ତ, ସ୍ୱଚ୍ଛନ୍ଦ ଭାବରେ ମୁଁ ସିଗାରେଟ ଟାଣି ପାରୁ ନ ଥିଲି। ପ୍ରତି ମୁହୂର୍ତ୍ତରେ ମୋର ଉତ୍ତପ୍ତ ମସ୍ତିଷ୍କ ଭିତରେ ବାଜି ଉଠୁଥିଲା କଲିଙ୍ଗ୍‌ବେଲର କ୍ରିଙ୍ଗ କ୍ରିଙ୍ଗ ଶବ୍ଦ ଆଉ କବାଟରେ ଠକ୍ ଠକ୍ ଆୱାଜ। ବାଥ୍‌ରୁମ୍‌ର ଆଲୁଅ ସୁଇଚ ବନ୍ଦ କରି ମୁଁ ପୁଣି ସେଇ ଝରକା ପାଖକୁ ଫେରି ଆସିଲି । ମୋର ପାଦ ଦୁଇଟା ତଥାପି କମ୍ପୁଥିଲା ଅକାରଣ ଆତଙ୍କ ଆଉ ଉତ୍ତେଜନାରେ । ବିଛଣାକୁ ଫେରିଯିବା ପାଇଁ ମଧ୍ୟ ମୁଁ ମାନସିକ ସାହସ କିମ୍ବା ଆସ୍ୱସ୍ତି ଖୋଜି ପାଉ ନ ଥିଲି । ମେଘଢଙ୍କା ଆକାଶରେ ସେଇ ଉଜ୍ଜ୍ୱଳ ନକ୍ଷତ୍ରଟା ତଥାପି ଦପ୍ ଦପ୍ ହେଉଥିଲା ଏକଚକ୍ଷୁ କ୍ରୁଦ୍ଧ କାପାଳିକ ପରି। ତାର ସ୍ପନ୍ଦନରେ ପ୍ରଚ୍ଛନ୍ନ ଥିଲା ମୋ ପ୍ରତି ଶତ ଆକ୍ଷେପ...କାପୁରୁଷ। କାପୁରୁଷ।

ପୂର୍ବ ଆକାଶରେ କ୍ରମେ ଫୁଟିଉଠିଲା ରାତି ଶେଷର ପାଂଶୁଳ ଆଲୋକ।

ରାସ୍ତା ସେପଟର ଯେଉଁ ଫ୍ଲାଟ ସବୁ ଇଲେକଟ୍ରିକ୍ ଆଲୋକରେ ଦେଖାଯାଉଥିଲା ଷ୍ଟୀଲ୍ ଲାଇଫ୍ ଚିତ୍ର ପରି ଏବେ ପାହାନ୍ତି ଆଲୁଅ ଆଉ କୁହୁଡ଼ି ମଧ୍ୟରେ ସେ ସବୁ ଦିଶୁଥିଲା ସିଲୁଟ ଚିତ୍ର ପରି । ଅତ୍ୟାଚାରିତ ରାତିର ମୌନ ସ୍ତବ୍ଧତା ଭାଙ୍ଗି କେତେଟା ପକ୍ଷୀ କାକଳୀ ଆରମ୍ଭ କରି ଦେଇଥିଲେ...ଆଲୋକର ଜୟଗାନ। ବୀଟ୍ କନେଷ୍ଟବଲ୍‌ମାନଙ୍କର ବୁଟ୍‌ଜୋତାର ଆୱାଜ ଆଉ ଶୁଣା ଯାଉ ନ ଥିଲା । ରାସ୍ତାରେ ଗୋଟାଏ ପୋଲିସ୍ ଜିପ୍ ପଛରେ ଦୁଇଟା ଜେଲ୍ ଭ୍ୟାନ୍, ଭିଡ଼ିମୋଡ଼ି ନିଦ ଭାଙ୍ଗି ଉଠୁଥିବା ରାସ୍ତାଟାକୁ ଥରାଇ କମ୍ପାଇ ଚାଲିଗଲା। ଜେଲ୍ ଭ୍ୟାନ୍‌ରେ ଅଖା ବସ୍ତା ପରି ଲଦା ହୋଇଥିବେ ବୋଧହୁଏ ସ୍ଲୋଗାନ ଲେଖାଳି, ବୁଲେଟିନ ବଣ୍ଟାଳିଙ୍କ ଦଳ। ରାଜେଶ ଆନନ୍ଦ ସେମାନଙ୍କ ଭିତରେ ନାହାନ୍ତି ତ ?

ମୁଁ ବିଛଣାକୁ ଫେରିଆସିଲି... କାପୁରୁଷର ନିଶ୍ଚିନ୍ତ ପୃଥିବୀ।

କେତେ ସମୟ ଧରି ଦୁଃସ୍ୱପ୍ନହୀନ ନିଦ୍ରାରେ ଶୋଇଥାନ୍ତି ଜାଣେନା... ଏବେ ରାତି ଅପେକ୍ଷା ଦିନରେ ମୁଁ ଶୋଇପାରେ ନିଶ୍ଚିନ୍ତରେ— ନିଦ ଭାଙ୍ଗିଗଲା ଚା' ଆଉ ଖବରକାଗଜ ଧରିଥିବା ଭୃତ୍ୟର ଡାକରେ । ଖୋଲା ଝରକାବାଟେ ଯେଉଁ ଚେନାଏ ଖରା ଚଟାଣ ଉପରେ ବିଛେଇ ପଡ଼ିଥିଲା ସେଥିରେ ଆଉ କୋମଳତା ନ ଥିଲା, ଥିଲା ବରଂ ମୁକାବିଲା କରିବାର କଠୋର ଆହ୍ୱାନ । ମୁଁ ସେଆଡୁ ଆଖି ଫେରାଇ ଆରାମରେ ଚା' କପ୍‌ରେ ଗୋଟାଏ ଚୁମକ୍ ଦେଲି । ଦିନର ଆଲୋକରେ ସେମାନେ ଆଉ ଆସିବେ ନାହିଁ । ସେମାନଙ୍କ ଆକ୍ରମଣ ନିଶୂନ ରାତିରେ । ...କବାଟରେ ଠକ୍ ଠକ୍ ଆୱାଜ। ଆଦେଶ ଅତି ସଂକ୍ଷିପ୍ତ । ସେଥିରେ ବିସ୍ତାରଣ ନାହିଁ । 'ତୁମେ ଗିରଫ'। ପରୱାନା ଦେଖିବାର କିମ୍ବା ଦେଖାଇବାର ପ୍ରୟୋଜନ ନାହିଁ। 'ଅଭିଯୋଗ ?' 'ଅପରାଧ ?' ସେମାନେ ଜାଣନ୍ତି ନାହିଁ । ସେମାନେ ଜାଣନ୍ତି କେବଳ ନିରାପତ୍ତା-ରକ୍ଷା ଆଇନର ଗୋଟାଏ ଦଫା ନମ୍ବର । —'ତୁମେ ଗିରଫ ।'

Digitized by srujanika@gmail.com

ତା'ପରେ ଗୋଟାଏ ଅତଳ ହ୍ରଦରେ ତୁମେ ନିଃଶବ୍ଦରେ ମିଳାଇଗଲ ଗୋଟାଏ ବୁଦ୍‌ବୁଦ ପରି । ତୁମର ପ୍ରତିବେଶୀ ଜାଣିଲେ ନାହିଁ ସନ୍ଧ୍ୟାରେ ସେମାନଙ୍କ ସହିତ ଆଳାପ ହୋଇଥିଲା ତମର— ରାତିରେ ହଠାତ୍ ଉଭାଇ ଗଲା କୁଆଡ଼େ ? ତୁମର ଆତ୍ମୀୟସ୍ୱଜନ ଜାଣିପାରିବେ ନାହିଁ କେଉଁ ଜେଲରୁ କେଉଁ ଜେଲ ପୋଲିସ ଭ୍ୟାନ୍‌ରେ ପଶି ତୁମେ ଘୂରି ବୁଲୁଛ ଗୋଟାଏ ନଷ୍ଟ ଉପଗ୍ରହ ପରି । 'ତୁମେ ଗିରଫ'—ତୁମ ପାଇଁ ଦିନର ଆଲୋକ ଲିଭିଗଲା ଏଣିକି...ଏହାପରେ କେବଳ ରାତ୍ରି ଆଉ ଅନ୍ଧକାର । ସେ ଅନ୍ଧକାର ମଧ୍ୟରେ କିନ୍ତୁ ସକାଳ ପାଇଁ ପ୍ରତୀକ୍ଷା ନାହିଁ, ସେ ଅନ୍ଧକାରର ପ୍ରଭାତୀ ନାହିଁ । ତୁମର ସୃଷ୍ଟିଧର୍ମୀ ଜୀବନରେ ସେ ଗୋଟାଏ ଆକସ୍ମିକ ପୂର୍ଣ୍ଣଚ୍ଛେଦ... ତା'ପରେ ମୁକ୍ତିହୀନ ଗୋଟାଏ ନିର୍ବେଦ ଅତ୍ୟାଚାରିତ ସ୍ଥିତି ।

ତା' କପ୍‌ଟା ଶୀଘ୍ର ଶେଷ ହୋଇଗଲା ପରା । ଖବରକାଗଜଟା ଶେଷ କରିବା ପାଇଁ ଆଉ କେତେ ମିନିଟ୍ ବା ଲାଗିବ ? ପ୍ରତି ସ୍ତମ୍ଭରେ କେବଳ ଅନୁଶାସନ କର୍ତ୍ତାଙ୍କ ବାର୍ତ୍ତା— ଆର୍ଥନୀତିକ, ସାମାଜିକ ନୈତିକ ଏପରିକି ସାଂସ୍କୃତିକ ପ୍ରଗତି ପାଇଁ ସୁପ୍ରଚୁର ଆୟୋଜନର ବିପୁଳ ଉଦ୍‌ଘୋଷଣ । କର୍ତ୍ତା, ଏକ ଏନ୍‌ସାଇକ୍ଲୋପେଡ଼ିଆ ନିଶ୍ଚୟ । ଚାଉଳ, ଗହମ, ତେଲର ବଜାର ଦରଠାରୁ ଇସ୍ପାତର ନୂତନ ଉତ୍ପାଦନ ପ୍ରଣାଳୀ, ସଙ୍ଗୀତକଳା, ଚିତ୍ରକଳାରେ ଆଧୁନିକତାର ଆଭିମୁଖ୍ୟ, ଏପରିକି ଯୌନତତ୍ତ୍ୱ—ସବୁ ତଥ୍ୟ ଓ ସମସ୍ୟା ସମ୍ପର୍କରେ ସୁଚିନ୍ତିତ ନିର୍ଦ୍ଦେଶ । ସେଇ ନିର୍ଦ୍ଦେଶ ସବୁ ନିର୍ବିଚାରରେ ପାଳନ କରିଯିବା ହିଁ ପ୍ରକୃତ ଦେଶଭକ୍ତି, ସୁସ୍ଥ ନାଗରିକତା । ...ସେ ସବୁ ଉଦ୍‌ଘୋଷଣ ଭାଷଣ ସହିତ ମୁଁ ବେଶ୍ ପରିଚିତ । ମୁଁ କିନ୍ତୁ ଖବରକାଗଜରେ ଖୋଜୁଥିଲି ସେମାନଙ୍କ ଗିରଫଦାରୀ ସମ୍ବାଦ— କେଉଁ ଅଭିଯୋଗରେ କେଉଁମାନେ କେତେବେଳେ ଗିରଫ ହେଲେ କେଉଁଠି ? ସାମ୍ବାଦିକର ସ୍ୱାଭାବିକ କୌତୂହଳ । ମାତ୍ର ସେପରି ସମ୍ବାଦର ସତ୍ତା ସୁଦ୍ଧା କେଉଁଠାରେ ନ ଥିଲା । ପ୍ରଥମେ ପ୍ରଥମେ ଏପରି ସମ୍ବାଦ ଯଦି ଅକସ୍ମାତ୍ ପ୍ରକାଶ ପାଉଥିଲା ତାହା ଲୁଚି ରହୁଥିଲା ସେନସର୍‌ର ଚଉଡ଼ା କଳାପଟି ତଳେ । ଏବେ କିନ୍ତୁ ସେଇ ଚଉଡ଼ା କଳାପଟି ସୁଦ୍ଧା ସେନସରଡ୍ । ବସ୍ତୁତଃ ଆମ ଦୈନିକ ଖବରକାଗଜ ଅଫିସ ସିଲଡ୍ ହୋଇଗଲା ଏଇ ଅପରାଧରେ । ଆମର ସମ୍ପାଦକୀୟ ସେଦିନ ଥିଲା କଳା ପଟିଘେରା ଗୋଟାଏ ଶୂନ୍ୟସ୍ତମ୍ଭ । କିନ୍ତୁ ସେ ଶୂନ୍ୟତାର ସୁଦ୍ଧା ଭାଷା ଥିଲା ।

"ସମ୍ପାଦକୀୟ ସ୍ତମ୍ଭ ଶୂନ୍ୟ କାହିଁକି ? ଚାରିପଟେ ପୁଣି ଚଉଡ଼ା କଳାପଟି ? ଶୋକସମ୍ବାଦ ଛାପିବା ପାଇଁ ଯେଉଁପରି କଳାପଟି ବ୍ୟବହାର କରାଯାଏ ?" —ପୋଲିସ ଅଫିସରଙ୍କ କଣ୍ଠରେ କଠୋର ପ୍ରଶ୍ନ । ସଙ୍ଗରେ ତାଙ୍କର ଦଳେ ପିସ୍ତଲଧାରୀ ପୋଲିସ ।

ପ୍ରୌଢ଼ ସମ୍ପାଦକ ନୀରବ । ସିଏ କିପରି ବା ଉତ୍ତର ଦିଅନ୍ତେ ଇଏ ସ୍ୱାଧୀନତାର ମୃତ୍ୟୁ ସମ୍ବାଦ । ସେ ଅସହାୟ ଭାବରେ କପାଳ ଆଉ କେଶ ବିରଳ ମୁଣ୍ଡ ଉପରେ ହାତ ବୁଲାଉଥିଲେ କେବଳ ।

ତା'ପରଠାରୁ ଆମ ଖବରକାଗଜ ପ୍ରେସ୍ ଆଉ ଅଫିସରେ ତାଲା ।

Digitized by srujanika@gmail.com

କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି ଲକ୍-ଆଉଟ୍ । ବିଧିରକ୍ଷା ପାଇଁ ପ୍ରତିଦିନ ଆମକୁ ହାଜରା ଖାତାରେ ଗୋଟାଏ ଦସ୍ତଖତ ଦେଇ ଆସିବା ପାଇଁ ପଡ଼େ କେବଳ । ତାହାହେଲେ ଅଧା ବେତନ ଅନ୍ତତଃ ମିଳିପାରିବ ଲକ୍-ଆଉଟ ଥିବା ପର୍ଯ୍ୟନ୍ତ ।

ଖବରକାଗଜରେ ଅନ୍ୟ ସମ୍ବାଦ ନ ଥିଲା । ଅନ୍ୟ ବକ୍ତବ୍ୟ ନ ଥିଲା । ସିନେମା ଥିଏଟର ଆଉ କାବାରେ ବିଜ୍ଞାପନମାନ ତନ୍ନ-ତନ୍ନ ପଢ଼ିବା ପାଇଁ ଲାଗିଲି । ମାତ୍ର ସେ ସବୁ ଦଶ ମିନିଟ୍ ମଧ୍ୟରେ ଶେଷ ହୋଇଗଲା । ତା'ପରେ ଖବରକାଗଜଟା ତଳେ ଫିଙ୍ଗିଦେଇ ମୁଁ ବିଛଣା ଛାଡ଼ି ଉଠିଲି ପ୍ରେସ୍ ଯିବାପାଇଁ। ସେଠାରେ ଦୈନିକ ଉପସ୍ଥାନର ସ୍ୱାକ୍ଷରଟା ତ ଅନ୍ତତଃ ଦେବା ପାଇଁ ପଡ଼ିବ ମାସିକ ଅର୍ଦ୍ଧେକ ବେତନ ପାଇଁ ।

ବସ୍-ଷ୍ଟପ୍‌ରେ ଲୋଚାକୋଚା ପେଣ୍ଟକୋଟ ପିନ୍ଧା ସେଇ ବୃଦ୍ଧ ଭଦ୍ରଲୋକଙ୍କ ସହିତ ଆଜି ମଧ୍ୟ ସାକ୍ଷାତ୍ ହେଲା। ଭଦ୍ରଲୋକ ମୋ'ରି ପରି ଏଇ ୬୧ନମ୍ବର ବସ୍‌ରେ ଡେଲି ପାସେଞ୍ଜର । ଆମ ପ୍ରେସ ପାଖରେ ଗୋଟାଏ ସୌଦାଗରୀ ଫାର୍ମରେ ଆକାଉଣ୍ଟାଣ୍ଟ୍।

''ନମସ୍କାର, ଭଲ ଅଛନ୍ତି ? ଯାହା ଦିନକାଳ ପଡ଼ିଛି ।'' ମୁଁ ଚାହୁଁଥିଲି ନୀରବତା-ମୌନତା-ସ୍ତବ୍ଧତାର ଅତ୍ୟାଚାରରୁ ମୁକ୍ତି ପାଇଁ କାହା ସହିତ ଆଳାପ; ହେଉନା ପଛେ ଯେତେ ଅବାନ୍ତର । ମାତ୍ର ଭଦ୍ରଲୋକ ମୁହଁ ବୁଲାଇ ନେଇ ଯେପରି ସେ ମୋତେ ଆଦୌ ଚିହ୍ନନ୍ତି ନାହିଁ । ମୁଁ ଆଉଥରେ ଗଳା ଝାଡ଼ି କହିଲି... 'ନମସ୍କାର ।'

ଭଦ୍ରଲୋକ ମୋଠାରୁ ଦୂରେଇ ଚାଲିଗଲେ ନିରାପଦ ଦୂରତ୍ୱକୁ । କି ଆଶ୍ଚର୍ଯ୍ୟ ! ଏଇପରି ସୌଜନ୍ୟ ବିନିମୟ ଆମ ଭିତରେ ତ ଥିଲା ଏକ ପ୍ରାତ୍ୟହିକ ବ୍ୟାପାର । ଗୁଡ୍‌ମର୍ଣ୍ଣିଙ୍ଗ୍...ଆଉ ଜଣେ ଅର୍ଦ୍ଧପରିଚିତ ମଧ୍ୟବୟସ୍କ ଭଦ୍ରଲୋକଙ୍କୁ ମୁଁ ଜଣାଉଥିଲି ଅଯାଚିତ ସମ୍ଭାଷଣ । ଚଷମା ଲେନ୍‌ସ ତଳୁ ତାଙ୍କର ଆଖି ଦୁଇଟା କିନ୍ତୁ ମୋ ଆଡ଼େ ଚାହିଁ ଦପ୍ ଦପ୍ ହୋଇଉଠିଲା । ସେଇ ତୀକ୍ଷ୍ଣ ଦୃଷ୍ଟିରୁ ସେ ଯେପରି ମୋର ଗଭୀରତମ ଅନ୍ତଃସ୍ଥଳ ଆବିଷ୍କାର କରିବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କର ଦୁଇ ଆଖିରେ ପ୍ରଚ୍ଛନ୍ନ ଜିଜ୍ଞାସା... ମୁଁ ପ୍ଲେନ୍‌କ୍ଲୋଦ୍‌ସବାଲା ନୁହେଁ ତ ? ମୁଁ ଚେଷ୍ଟା କରୁ ନାହିଁ ତ ତାଙ୍କଠାରୁ କିଛି କଥା କାଢ଼ିବା ପାଇଁ ?

ନିଜର ଛାଇ ପ୍ରତି ସୁଦ୍ଧା ଆଜି ପ୍ରତ୍ୟେକର ଅବିଶ୍ୱାସ । ମୁଁ ଜାଣେ, ମୁଁ ବୁଝିପାରୁଛି ତୁମମାନଙ୍କର କାପୁରୁଷତା । ସେଥିପାଇଁ କ୍ଷମା କରୁଛି ତୁମମାନଙ୍କର ଏଇ ଅସୌଜନ୍ୟପୂର୍ଣ୍ଣ ଉଦାସୀନତା ।

ଅଗତ୍ୟା ମୁଁ ନିଜକୁ ନିଜେ ସ୍ୱଗତୋକ୍ତି କରିବା ପରି କହିଲି... କାଲି ରାତିର ମେଘ କଟିଯାଇଛି । ଆକାଶଟା କି ସ୍ୱଚ୍ଛ ! କି ସୁନିଳ ! ଗୋଟାଏ ପାହାଡ଼ୀ ହ୍ରଦର ଛାତି ପରି ।

ଏହି ନିରୀହ ପାଗବାର୍ତ୍ତା ପ୍ରତି ସୁଦ୍ଧା କେହି କର୍ଣ୍ଣପାତ କଲେ ନାହିଁ। ମୁଁ ଗୋଟାଏ ପାଗଳ । ପ୍ରଳାପ କରୁଛି ଅବାନ୍ତର ଭାବରେ । ସେମାନେ ସମସ୍ତେ ଯେପରି କୌଣସି ଏକ ଶୋକସଭାର ମୂକ ମୌନ ସଭାସଦ୍ ।

Digitized by srujanika@gmail.com

୬୧ ନମ୍ବର ବସ୍ ଆସୁଥିଲା ପୋଡ଼ା ଡିଜେଲ ଧୂଆଁ ଉଡ଼ାଇ । ତା' ସହିତ ମିଶିଗଲା ସ୍ୱସ୍ତିର ଗୁଡ଼ାଏ ମିଳିତ ଦୀର୍ଘଶ୍ୱାସର କୋରସ୍ । ବସ୍ ଭିତରକୁ ଲମ୍ଫ ଦେବା ପାଇଁ ସମସ୍ତେ ଚଞ୍ଚଳ ହୋଇ ଉଠିଲେ; ଯେପରି ମୋ ହାବୁଡ଼ରୁ ରକ୍ଷା ପାଇବା ପାଇଁ । ମୁଁ କେଜାଣି ଗୋଟାଏ ସ୍ପାଇ, ହୋଇପାରେ ପ୍ଳେନ୍‌କ୍ଲୋଦସବାଲା । ମୋର ସାନ୍ନିଧ ବିପଜ୍ଜନକ । ଭୟଭୀତ, ଆତଙ୍କିତ, ଆଶଙ୍କିତ ସେମାନେ । ସେମାନଙ୍କୁ ଘେରି ରଖିଛି ଆତଙ୍କ ଆଉ ଉଦ୍‌ବେଗର ଦୁଇଟା ଲୋମଶ ବାହୁ ।

ବସ୍ ଭିତରେ ଗୋଟାଏ ସିଟ୍‌ରେ ବସି ମୋର ମନେ ପଡ଼ିଗଲା ଶୈଶବର ସ୍ମୃତି...ଏଇ ଭୟ (ବର୍ଗୀଭୂତ ନୋହିଲେ କୋକୁଆ ଭିତରେ ଜାକିଜୁକି ହୋଇ ଶୋଇ ପଡୁଥିଲି ମୁଁ ଅନ୍ୟ ଶିଶୁମାନଙ୍କ ପରି । ସେଇପରି ଭୟ ମଧ୍ୟରେ ଆଜି ମଧ୍ୟ ସଙ୍କୁଚିତ ହୋଇ ଶୋଇ ପଡ଼ିଛନ୍ତି ସମସ୍ତେ । ସମସ୍ତେ ଆଜି ନିଦ୍ରିତ । ସେମାନଙ୍କୁ ସୁପ୍ତ ଚେତନା ଉପରେ ପ୍ରତିଷ୍ଠିତ ତାନାସାହୀର ଉଦ୍ଧତ ସିଂହାସନ ।)

ମୋ ପାଖକୁ ଲାଗି ସହଯାତ୍ରୀ ଭଦ୍ରଲୋକ ବସ୍‌ର ଝରକାବାଟେ ଚାହିଁ ଦେଖୁଥିଲେ ରାସ୍ତା କଡ଼ରେ ବୁଲ୍‌ଡୋଜର୍ ଲଗାଇ ଭଙ୍ଗା ଯାଇଥିବା ଘରଗୁଡ଼ାକର ଭଗ୍ନସ୍ତୂପ । କୁଢ଼ କୁଢ଼ ଇଟା ଆଉ ଗୋଡ଼ି । ସହରକୁ ସୁନ୍ଦର, ସୁରୁଚିସମ୍ପନ୍ନ କରିବା ପାଇଁ ସେ ଘରଗୁଡ଼ାକୁ ଭଙ୍ଗାଯାଇଛି କର୍ତ୍ତାମାନଙ୍କ ହୁକୁମ୍‌ରେ । ଏଇ ଭଗ୍ନସ୍ତୂପ ଉପରେ ଗଢ଼ି ଉଠିବ ଧାଡ଼ି ଧାଡ଼ି ଆଧୁନିକ ଶୈଳୀର ଫ୍ଲାଟ୍... ଆଉ ସ୍କାଇସ୍କ୍ରେପର୍ । ଆଉ ଯେଉଁମାନେ ଥିଲେ ଏହାର ଏକଦା ଅଧିବାସୀ, ସେମାନେ ଆଶ୍ରୟ ଖୋଜିଲେ କୌଣସି ଝୋଗୀଝୁପଡ଼ିରେ ।

ମୁଁ କହିଲି... ''ଏଇ ଭଙ୍ଗା ଘରଗୁଡ଼ାକୁ ଦେଖିଲେ ମନେ ହେଉଛି ଆମ ସହର ଉପରେ ହୋଇଯାଇଛି ଯେପରି ଜାପାନୀ ବୋମା ଆକ୍ରମଣ ।''

ସହଯାତ୍ରୀ ଚାପା କଣ୍ଠରେ ଖିଙ୍କାରି ଉଠିଲେ... ''ସଟ୍ ଅପ୍ । ଚୁପ୍ ହୋଇ ବସି ପାରୁ ନାହାନ୍ତି ଆପଣ ? ନିଜେ ପଡ଼ିବେ, ଆମକୁ ବି ନେଇ ପକାଇବେ ଚକ୍‌କର୍‌ରେ ଆଗ ସିଟ୍‌ରେ ଦୁଇଟା ପ୍ଳେନ୍‌କୋଦସ୍‌ବାଲା ।''

ବାସ୍ତବିକ, ବସ୍ ଭିତରେ ଯାତ୍ରୀମାନେ ନୀରବରେ ବସିଛନ୍ତି; କେହି ଖବରକାଗଜ ଉପରେ ମୁହଁ ଢାଙ୍କି ଆଉ କେହି ବା ଶୂନ୍ୟ ଦୃଷ୍ଟିରେ ବାହାରକୁ ଚାହିଁ କୌଣସି ଶୋକସଭାରେ ବସିବା ପରି । ମୁଁ ମଧ୍ୟ ସେମାନଙ୍କ ପରି ମୂଲ୍ୟହୀନ ହୋଇ ବସିବା ପାଇଁ ଚେଷ୍ଟା କରୁଥିଲି । କିନ୍ତୁ ମୋତେ ଅଣନିଃଶ୍ୱାସୀ ଲାଗୁଥିଲା । କିଏ ଯେପରି ମୋର ତୋଟି ଚିପି ଧରୁଥିଲା ।

ଅବଶେଷରେ ଆମ ଖବରକାଗଜ ଅଫିସ୍ ପାଖରେ ବସ୍‌ରୁ ଓହ୍ଲାଇ ପଡ଼ିଲି । ସେଇ ପିଞ୍ଜୁରି ଭିତରୁ ବାହାରି ମୁଁ ଯେପରି ମୁକ୍ତିର ନିଃଶ୍ୱାସ ମାରିଲି ।

ଖବରକାଗଜ ଅଫିସ ଗେଟରେ ଆଟେଣ୍ଡାନସ୍ ରେଜିଷ୍ଟରରେ ଉପସ୍ଥାନ ଚିହ୍ନିତ କରି ମୁଁ ପଳାଇ ଆସିଲି କଫି ହାଉସକୁ । ମୂର୍ଚ୍ଛିତ, ପକ୍ଷାଘାତଗ୍ରସ୍ତ ଏଇ ମହାନଗରୀରେ କଫି ହାଉସଟା

Digitized by srujanika@gmail.com

କେବଳ, ଯେପରି ଜୀବନ-ଚଞ୍ଚଳତାର ଏକମାତ୍ର ଓଏସିସ୍ । କଫି ଆଉ ସିଗାରେଟ ଧୂଆଁର ହାଲୁକା ମେଘ ଭିତରେ କଫି-ହାଉସ ଚିରଦିନ ମୋ ଦୃଷ୍ଟିରେ ସୃଷ୍ଟି କରିଥାଏ ଏକ ରହସ୍ୟମୟ ସ୍ୱପ୍ନାଲୋକ । ଅନ୍ୟ ଦିନମାନଙ୍କରେ ଏଇ ସମୟଟିରେ ତିଳଧାରଣ ପାଇଁ ସୁଦ୍ଧା କଫି ହାଉସରେ ସ୍ଥାନ ନ ଥାଏ । ରାଜନୀତି, ସାହିତ୍ୟ, ସିନେମା, କ୍ରିକେଟ, ହୋମୋସେକ୍ସୁଆଲିଟୀ ପ୍ରତ୍ୟେକ ବିଷୟରେ ପ୍ରମତ୍ତ ବିତର୍କତା ପ୍ରଗଲ୍‌ଭର ମଧ୍ୟରେ କଫି-ହାଉସ୍ ଚିରଦିନ କୋଳାହଳମୁଖର । ...ରିଭିଜନିଜିମ୍, ରାଇଟ-ରିଆକ୍ସନ, ଲେଫଟ୍ ଆଡ୍‌ଭେଞ୍ଚରିଜିମ ଚୀ-ଗୁଭେରା, ମାଓ ସେ ତୁଙ୍ଗ, ନର୍ଦନଟନସାୟାର କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆନ ବାଟସ୍‌ମାନଙ୍କର ବିପୁଳ କୃତିତ୍ୱ ମହମଡ଼ାନ ସ୍ପୋଟିଙ୍ଗ୍‌ଠାରୁ କଲିକତା ମଇଦାନରେ ଜିମ୍‌ଖାନାର ପରାଜୟ, ହାରଲଡ଼୍ ରବିନଠାରୁ ହରମାନ ହେସ୍, ପାରସ୍ୟର ଉପନ୍ୟାସଠାରୁ ଉପନିଷଦ—କଫି ହାଉସ୍ ଚର୍ଚ୍ଚାରୁ କୌଣସି ତତ୍ତ୍ୱ, ତଥ୍ୟ ବର୍ଜିତ ନୁହେଁ।

ଆଜି କିନ୍ତୁ ସେ ନିରବ । ଅଧିକାଂଶ ଟେବୁଲ ଖାଲି । ସେଇ କୋଣଟାରେ ସବୁଦିନ ଜମିଯାଏ ଲମ୍ବା ବାଳ ଆଉ ଚଉଡ଼ା କଲୀବାଲାମାନଙ୍କର ମୈଫିଲ, ବେଲବଟମ ନୋହିଲେ ଜିନ ପରିହିତା କେତେ ଜଣ ତରୁଣୀଙ୍କୁ କେନ୍ଦ୍ରକରି ହୋଇପାରନ୍ତି ବିଭିନ୍ନ କଲେଜର ଛାତ୍ରଛାତ୍ରୀ । ମାତ୍ର ଆଜି ସେମାନେ କେହି ସେଠାରେ ନ ଥିଲେ । ଲମ୍ବାବାଳ ଆଉ ଦାଢ଼ିବାଲା ଜଣେ ଯୁବକ ସେହି କୋଣରେ ଖଣ୍ଡେ ଖବରକାଗଜ ଉପରେ ମୁଣ୍ଡ ନୁଆଁଇ ବସିଥିଲା; ତା ସାମନାରେ ତାର ବନ୍ଧୁ ଉପର ଛାତକୁ ଚାହିଁ ନିରବରେ ସିଗ୍ରେଟ ଟାଣୁଥିଲା । ସେମାନେ ମଧ୍ୟ ଅସ୍ୱାଭାବିକ ଭାବରେ ନିସ୍ତବ୍‌ଧ । ସେଇ ଯେଉଁ ପ୍ରଗଲ୍‌ଭ ଅଧ୍ୟାପକ, ହୋ-ଚୀ-ମୀନ ଦାଢ଼ି ଲମ୍ବାଇ ପାରିଷଦ ବେଷ୍ଟିତ ହୋଇ ଅନ୍ୟ କୋଣଟିରେ ଏଇ ସମୟରେ ଜମାଇ ଥାନ୍ତି ତାଙ୍କ ଦରବାର— ସେ ମଧ୍ୟ ଆଜି ସେଠାରେ ନ ଥିଲେ।

ପ୍ରଫେସର ମାଲହୋତ୍ରା ଗଲେ କୁଆଡ଼େ ? —ସିଏ ଆସିଥିଲେ ତାଙ୍କ ସହିତ ବିତର୍କ ଆଳାପ ଆଲୋଚନାରେ କିଛି ସମୟ କଟି ଯାଇଥାନ୍ତା...ମୁଁ ନିଜକୁ ନିଜେ ପଚାରୁଥିଲି କାହାରିଠାରୁ କୌଣସି ଉତ୍ତରର ପ୍ରତୀକ୍ଷା ନ ରଖି ।

ଓ୍ୱେଟର ଆନ୍ଥୋନୀ ଫିସ୍ ଫିସ୍ ଗଳାରେ ମୋ କାନ ପାଖରେ କହିଲା... ''ପ୍ରଫେସର ସାହେବ ଗିରଫ ହୋଇଗଲେଣି ।''

''କିନ୍ତୁ କେଉଁ ଅପରାଧରେ ?'' —ପଚାରିଲା ବେଳକୁ ଆନ୍ଥୋନୀ ସେଠାରେ ଆଉ ନ ଥିଲା। ଏଠାରେ ମଧ୍ୟ ପ୍ଲେନକ୍ଲୋଦସଙ୍କର କୋକୁଆ ।

ଚାରିଆଡ଼ର ମୂର୍ଚ୍ଛିତ ନିର୍ଜନତା, ନିସ୍ତବ୍‌ଧତା ଆଡ଼େ ଚାହିଁ ମୁଁ କଫି ଉପରେ ଗୋଟାଏ ଚୁମକ୍ ଦେଲି । ମାତ୍ର କଫିରେ ସ୍ୱାଦ ନ ଥିଲା। କୋଳାହଳ ବିନା କଫିର ସ୍ୱାଦ କାହିଁ ? ଶୂନ୍ୟଗର୍ଭ ଆଟାଚିଟା କାଖତଳେ ଚାପି ମୁଁ ପୁଣି ରାସ୍ତା ଉପରକୁ ବାହାରି ଆସିଲି ।

Digitized by srujanika@gmail.com

କଫି-ହାଉସ ସାମନାରେ ଠିଆ ହୋଇଥିଲା ୪୩ ନମ୍ବର ବସ୍ । ଏ ବସ୍ ଯିବ କମଳାନଗର ଡେଇଁ ସହରତଳିର ଶେଷ ସୀମାନ୍ତ ପର୍ଯ୍ୟନ୍ତ ଦୁଇ ଘଣ୍ଟାର ରାସ୍ତା । ମହାନଗରୀର ଛାତି ଉପରେ ମାଡ଼ିବସିଥିବା ମୌନ, ମୂକ ସମୟର ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ମୁଁ ବସ୍ ଭିତରକୁ ଲମ୍ଫଦେଇ ଉଠିଲି । ବସ୍ ସେଇ ମାତ୍ର ଗଡ଼ିବା ପାଇଁ ଆରମ୍ଭ କରିଥିଲା ଡିଜେଲ ଧୂଆଁର ଘୂର୍ଣ୍ଣି ଭିତରେ । ଭିତରେ ଯାତ୍ରୀ ଭିଡ଼ ନ ଥିଲା । କେତେଟା ସିଟ୍ ଖାଲି । ଗୋଟିଏ ଫାଙ୍କା ସିଟ୍ ବାଛି ମୁଁ ବସି ପଡ଼ିଲି । କମଳାନଗର ଝିଲ୍ ଏଇ ସହରର ଗୋଟାଏ ଟୁରିଷ୍ଟ ଆକର୍ଷଣ; ପକ୍ଷୀପ୍ରେମୀ ଛୁଟ୍‌କୁଟ୍‌ରିର ନିମ୍ନ ମଧ୍ୟବିତ୍ତମାନଙ୍କ ପାଇଁ ରବିବାରିଆ ପିକ୍‌ନିକ୍‌ର ଆଡ୍‌ଡ଼ା । ଶୀତଦିନେ ବିଦେଶୀ ଟୁରିଷ୍ଟମାନେ ଭିଡ଼ ବାନ୍ଧିଥାନ୍ତି ସେଠି ବାଇନୋକୁଲାର୍ ଧରି । ଚଢ଼େଇ ଶିକାର ସେଠାରେ ନିଷିଦ୍ଧ ଥିଲେ ସୁଦ୍ଧା ଅନ୍ୟ ଦିନମାନଙ୍କରେ ଲୁଚାଚୋରା ଶିକାରୀମାନଙ୍କର ଭିଡ଼ । ବେଣା ଆଉ କାଶତଣ୍ଡୀ ବୁଦାମାନଙ୍କ ଉହାଡ଼ରେ ବନ୍ଧୁକ ଧରି ଲୁଚି ବସିଥାନ୍ତି ସେମାନେ ଶିକାର ଅପେକ୍ଷାରେ । ଆମ ଖବରକାଗଜରେ ଅନେକଥର ଲେଖାଯାଇଛି ସମ୍ପାଦକୀୟ ଆଲୋଚନା— କମଳାନଗର ଝିଲ୍‌ରେ ଲୁଚାଚୋରା ଚଢ଼େଇ ଶିକାରୀମାନଙ୍କୁ ଜବତ କରି ଏହାକୁ ଏକ ସଙ୍କଚୁଆରୀରେ ପରିଣତ କରିବା ପାଇଁ; ଯେଉଁଠି ରହିବ ପକ୍ଷୀମାନଙ୍କର ସନ୍ତରଣ ପାଇଁ ଅବାଧ ସ୍ୱାଧୀନତା । କିନ୍ତୁ ମହାନଗରୀର ଶିକାରୀମାନଙ୍କର ରକ୍ତତୃଷା ନିବାରଣ ପାଇଁ ଗୋଟାଏ କ୍ଷେତ୍ର, ଗୁଡ଼ାଏ ଶିକାର ତ ଆବଶ୍ୟକ । ସେଥିପାଇଁ କମଳାନଗର ଝିଲ୍‌ରେ ଚଢ଼େଇ ଶିକାର ଏବେ ସୁଦ୍ଧା ନିଷିଦ୍ଧ ହୋଇପାରି ନାହିଁ । ଅନେକଥର ଭାବିଛି; କମଳାନଗର ଝିଲ୍ ଥରେ ଯାଇଁ ସ୍ୱଚକ୍ଷୁରେ ଦେଖିଆସିବା ପାଇଁ । ମାତ୍ର ସେଥିପାଇଁ କେବେ ସୁଯୋଗ ପାଇ ନ ଥିଲି । ଆଜି କିନ୍ତୁ ଏଇ କର୍ମହୀନ, ପକ୍ଷାଘାତଗ୍ରସ୍ତ ଦିନମାନଙ୍କରେ ସେଥିପାଇଁ ମିଳିଥିଲା ପ୍ରଶସ୍ତ ଅବସର ।

କମଳାନଗର ବସ୍ ଷ୍ଟପ୍‌ଠାରୁ ବାଁହାତି ଲମ୍ବି ଯାଇଛି ଗୋଟାଏ ଧୂଳିଆ ରାସ୍ତା, ବାବୁରୀଗଛ ଆଉ ମକାକ୍ଷେତ ଭିତରେ ଝିଲ୍ ପର୍ଯ୍ୟନ୍ତ । ସେଇ ଧୂଳିଆ ରାସ୍ତାରେ ବେପରୁଆ ଭାବରେ ଧୂଳି ଉଡ଼ାଇ ଗଣ୍ଡିଏ ବହଳର ଧୂଳି ଭିତରେ ଚାଲିଲାବେଳେ ମୋର ମନେ ହେଉଥିଲା ମୁଁ ଯେପରି ଏବେ ମୁକ୍ତ, ସ୍ୱାଧୀନ, ଭୟ ଆଶଙ୍କାହୀନ ମୋର ପାଦରୁ ବେଡ଼ି, ହାତରୁ ଶୃଙ୍ଖଳ, ମୁହଁରୁ ତୁଣ୍ଡି ଖସିପଡ଼ିଛି । ବେସୁରା କଣ୍ଠରେ ଗୋଟାଏ ହିନ୍ଦୀ ସିନେମାଗୀତ ମୁଁ କିପରି ଯେ ପାଗଳ ପରି ଗାଇପାରିଲି କେଜାଣି ?

ସୌଭାଗ୍ୟକୁ ରାସ୍ତାଟା ଥିଲା ନିର୍ଜନ । ନୋହିଲେ ମୋର ବଙ୍କା ଡେଡ଼ା ବେପରୁଆ ଚାଲି ବେସୁରା ହିନ୍ଦୀ ଗୀତ ଶୁଣି ସେମାନେ ମୋତେ ଭାବିଥାନ୍ତେ ଏକ ନିର୍ଘାତ ପାଗଳ । କିନ୍ତୁ ପିଞ୍ଜୁରି ଭିତରୁ ଗୋଟାଏ ଆବଦ୍ଧ ପକ୍ଷୀ ହଠାତ୍ ମୁକ୍ତି ପାଇଲେ ତାର ଡେଣାରେ ଲାଗିଥାଏ ଉଡ଼ିବାର ନିଶା । ମୁକ୍ତିର ସେଇ ଅନାପେକ୍ଷିକ ମୁହୂର୍ତ୍ତରେ କିଏ କ'ଣ ଭାବିବ ସେଥିପାଇଁ ମୋର ପରବାୟ ନ ଥିଲା; ଯେଉଁ ଅନାହତ ମୁକ୍ତି ମଧ୍ୟରୁ ଜାଗିଥିଲା ସୃଷ୍ଟିର ପ୍ରଥମ ପ୍ରଭାତ— ମୁଁ ସେତେବେଳେ ଥିଲି ଯେପରି ତାରି ବୈତାଳିକ । ନିଶୁତି ରାତିରେ କବାଟରେ ଠକ୍ ଠକ୍ ଆୱାଜର ଆତଙ୍କ ମୋତେ ଆଉ ଭୂତପରି ଗ୍ରାସ କରୁ ନ ଥିଲା । ହିନ୍ଦୀ ସିନେମା ଗୀତ ଛାଡ଼ି ମୁଁ ଧରିଲି

Digitized by srujanika@gmail.com

ଗୋଟାଏ ଶାସ୍ତ୍ରୀୟ ସଙ୍ଗୀତ...'ଚୁଡ଼ିୟାଁ ବାର ବାର କରକାଇ ।' ଭାବ ସମ୍ପୃକ୍ତିରେ ଚିଡ଼ିଆ ବୋଧହୁଏ ମନେ ପକାଇ ଦେଇଥିଲା 'ଚୁଡ଼ିୟା' ।

କିନ୍ତୁ କମଳାଝିଲ୍‌ରେ ସେଇ ପକ୍ଷିକୁଳ କାହାନ୍ତି ? ନିର୍ମେଘ, ନୀଳ ଆକାଶରେ ଗୋଟାଏ ଚିଲର ଚକ୍‌କର ସୁଦ୍ଧା ନ ଥିଲା । ସେମାନେ ବି କ'ଣ ଭୟଭୀତ ? ସାମ୍‌ନାରେ କେବଳ ଦଳ ଆଉ ଶିଉଳିଭରା ଅଗଭୀର ଜଳରାଶିର ବିସ୍ତାର । ମଝିରେ ମଝିରେ ବେଣା ଆଉ କାଶତଣ୍ଡୀ ବୁଦା । ଗୋଟିଏ ବଗ ସୁଦ୍ଧା କେଉଁଠି ସେଇ ବେଣା କିମ୍ବା କାଶତଣ୍ଡୀ ବୁଦା ଉପରେ ଡେଣା ଝାଡ଼ି ଭଙ୍ଗ କରୁ ନ ଥିଲା, ଝିଲ୍‌ର ଏକଟଣା ବିରକ୍ତି । କମଳାନଗର ଝିଲ୍‌ର ଚିତ୍ର କିନ୍ତୁ ମୁଁ ଦେଖିଛି ଟୁରିଷ୍ଟ-ପାମ୍ଫ୍‌ଲେଟ, ଫୋଲଡ଼ରମାନଙ୍କରେ ଦଳ ଦଳ ରଙ୍ଗିନ ପକ୍ଷୀ ପାଣି ଉପରେ ଓହ୍ଲାଇ ସନ୍ତରଣ କରନ୍ତି ପୁଣି ଉଡ଼ିଯା'ନ୍ତି ନୀଳ ଆକାଶରେ...କଣ୍ଠରେ ସେମାନଙ୍କ ମୁକ୍ତିର କାକଳି । ଆଜି କିନ୍ତୁ ସେଇ ପକ୍ଷୀମାନେ ଆତ୍ମଗୋପନ କରିଛନ୍ତି କେଉଁଠି ? କାହିଁକି ? ଏଠାରେ ମଧ୍ୟ କ'ଣ ସେଇ ଆତଙ୍କ ? ସେଇ କୋକୁଆ ? ଫ୍ଲାଟରେ, କଫି ହାଉସ୍‌ରେ. ବସ୍ ଭିତରେ ନୀରବତା ମୁଁ ବରଦାସ୍ତ କରିପାରୁଥିଲି— କିନ୍ତୁ କାକଳିମୁଖରିତ ଏଇ କମଳାଝିଲ୍‌ରେ କଦାପି ନୁହେଁ । ମୋର ସହ୍ୟଶକ୍ତି ସମ୍ଭବତଃ ଚରମ ସୀମାରେ ପହଞ୍ଚିଥିଲା । କଫିନ୍‌ର ଢାଙ୍କୁଣୀ ପରି ଘନୀଭୂତ ନୀରବତାକୁ ଭଙ୍ଗ କରିବା ପାଇଁ ଗୋଟାଏ ବାଲିକୁଦ ଉପରକୁ ଉଠିଯାଇ ମୁଁ ପାଗଳପରି ଚିତ୍କାର କରିବାକୁ ଲାଗିଲି ହୋ ହୋ ହୋ...

ମୋର ଆହ୍ୱାନ, ସେଇ ନୀରବତା ମଧ୍ୟରେ ପ୍ରତିଧ୍ୱନିତ ହୋଇ ଚାରିଆଡ଼େ ଖେଳାଇ ହୋଇ ପ୍ରତିଧ୍ୱନିର ଗୋଟାଏ ଫେନୋଚ୍ଛଳ ତରଙ୍ଗ । ମୋର କଣ୍ଠରେ ଏତେ ଶକ୍ତି ଯେ ପ୍ରଚ୍ଛନ୍ନ ରହିଥିଲା ସେ ପର୍ଯ୍ୟନ୍ତ ମୁଁ ତାହା ଜାଣି ନ ଥିଲି । ମୋର କଣ୍ଠଫଟା ଚିତ୍କାର ମଧ୍ୟରେ ଥିଲା ଯେପରି ଐନ୍ଦ୍ରଜାଲିକ ଶକ୍ତି । ଆଃ ! ଏ ପକ୍ଷୀମାନେ ଏତେକ୍ଷଣ ଆତ୍ମଗୋପନ କରିଥିଲେ କେଉଁଠି ? ଚାହୁଁ ଚାହୁଁ ଝିଲ୍‌ର ଜଳରାଶି ହଂସରାଳୀ, ପାଣିକୁଆ, ଚିଲ ଆଉ ଡକ୍ ପ୍ରଭୃତି ପକ୍ଷୀମାନଙ୍କରେ ପୂର୍ଣ୍ଣ ହୋଇଗଲା । ସେମାନେ ଯେପରି ସେଇ ସ୍ତବ୍ଧ ମୂର୍ଚ୍ଛିତ ନୀରବତା ମଧ୍ୟରେ ଏତେକ୍ଷଣ ଅପେକ୍ଷା କରୁଥିଲେ ଏଇପରି ଉଦାତ୍ତ ଆହ୍ୱାନ । ଆଉରି ଉତ୍ସାହିତ ହୋଇ ମୁଁ ପାଗଳ ପରି ଚିତ୍କାର କରି ଚାଲିଥିଲି... ହୋ ହୋ ହୋ...

ପକ୍ଷୀ ଶିକାରୀମାନେ ମଧ୍ୟ ବନ୍ଧୁକ ଧରି କେଉଁଠି ଛପି ରହିଥିଲେ ।

ପକ୍ଷୀମାନେ ଡେଣା ଝାଡ଼ି ଝାଙ୍କ ଝାଙ୍କ ହୋଇ ଉପରକୁ ଉଡ଼ିବାବେଳେ ସେମାନଙ୍କ ବନ୍ଧୁକ ସବୁ ଗୁଡୁମ୍ ଗୁଡୁମ୍ ଆୱାଜ କରି ଫୁଟିଉଠିଲା । ପାଣି ଭିତରେ କେତେଟା ମୃତାହତ ପକ୍ଷୀ ଖସିପଡ଼ିଲେ । ମାତ୍ର ସେଥିପ୍ରତି ପକ୍ଷୀମାନଙ୍କର ଭ୍ରୂକ୍ଷେପ ନ ଥିଲା । ମୁଁ ଯେତିକି ଚିତ୍କାର କରୁଥିଲି... ହୋ ! ହୋ ! ହେ ସେତିକି ସେମାନେ ଝାଙ୍କ ଝାଙ୍କ ହୋଇ ଝିଲ୍ ଭିତରକୁ ଓହ୍ଲାଇ ଆସୁଥିଲେ, ବନ୍ଧୁକ ଗୁଳିକୁ ଭ୍ରୂକ୍ଷେପ ନ କରି ଝିଲ୍‌ରେ ସନ୍ତରଣ କରୁଥିଲେ ପୁଣି ଉଡ଼ି ଯାଉଥିଲେ ଉପରକୁ !

Digitized by srujanika@gmail.com

ଶିକାରୀମାନଙ୍କର ବନ୍ଧୁକର ଗୁଳି ସବୁ ସମ୍ଭବତଃ ଶେଷ ହୋଇଗଲା। ଏଇ ରକ୍ତବୀର୍ଯ୍ୟମାନଙ୍କ ପାଖରେ ହାର୍ ମାନି ସେମାନଙ୍କର ବନ୍ଧୁକ ସବୁ ନୀରବ ହୋଇ ଆସିଥିଲା । କିନ୍ତୁ ପକ୍ଷୀମାନଙ୍କର କଣ୍ଠରେ କାକଳି ହୋଇଥିଲା, ଅଶାନ୍ତରୁ ଅଶାନ୍ତତର। ମୃତ୍ୟୁ ପ୍ରତି ସେମାନଙ୍କର ଆଉ ଭୟ ନ ଥିଲା...କେବଳ ବନ୍ଧନ ଆଉ ନୀରବତା ପ୍ରତି । ସେଇ ବନ୍ଧନ ଭୟକୁ ପକ୍ଷୀମାନେ ଉପେକ୍ଷା କରି ଝାଙ୍କ ଝାଙ୍କ ହୋଇ ଉଠୁଥିଲେ ଆକାଶରେ । ସେମାନଙ୍କ କାକଳିରେ ସେଇ ନିର୍ଜନ ଭୂମି ମୁଖରିତ ହୋଇ ଉଠୁଥିଲା ।

ଡେଣାରେ ଡେଣାରେ ସେମାନଙ୍କର ଅସ୍ତସୂର୍ଯ୍ୟର ଆଲୋକ ବୋଳିଦେଇ ଯାଇଥିଲା ଯେପରି ତାଜା ଖୁନ୍‌ର ରଙ୍ଗ...

●

Digitized by srujanika@gmail.com

ଶ୍ରୀ ସୁରେନ୍ଦ୍ର ମହାନ୍ତି
(ଜନ୍ମ: ୨୧.୬.୧୯୨୨) (ମୃତ୍ୟୁ: ୨୧.୧୨.୧୯୯୦)

ଜଣେ ପ୍ରବୀଣ ସାହିତ୍ୟିକ, ରାଜନୈତିକ ତଥା ସାମ୍ବାଦିକ । ୧୯୪୨ରେ ସ୍ୱତନ୍ତ୍ରତା–ସଂଗ୍ରାମରେ ଯୋଗଦାନ । ଦୁଇ ଦଶନ୍ଧି ଧରି ଲୋକସଭା ଓ ରାଜ୍ୟସଭାର ସଦସ୍ୟ । ଭାରତୀୟ ପ୍ରତିନିଧି ରୂପେ ଚୀନ,ରଷ,ଉତ୍ତର କୋରିଆ ତଥା ମଙ୍ଗୋଲିଆ ଆଦି ଦେଶ ଭ୍ରମଣ । 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ । ୧୯୪୫ରେ 'ଜନସଭା' ସାପ୍ତାହିକୀର ସମ୍ପାଦନ । ଏହାପରେ ପରେ 'ଗଣତନ୍ତ୍ର', 'କଳିଙ୍ଗ' ତଥା 'ସମ୍ବାଦ' ଭଳି ଲୋକପ୍ରିୟ ଦୈନିକର ସମ୍ପାଦକ ରୂପେ ଜନମତ–ନିର୍ମାଣ କାର୍ଯ୍ୟରେ ତତ୍ପର ଥିଲେ । ପ୍ରାୟ ପନ୍ଦରଟି ସାମାଜିକ, ଐତିହାସିକ, ଜୀବନୀ–ଗରିଷ୍ଠ, ରାଜନୈତିକ ଉପନ୍ୟାସ ରଚନା କରିଛନ୍ତି । ଏଥିମଧ୍ୟରୁ ନୀଳଶୈଳ, ନୀଳାଦ୍ରି ବିଜୟ, ଅନ୍ଧଦିଗନ୍ତ, ଶତାବ୍ଦୀର ସୂର୍ଯ୍ୟ ଅତ୍ୟଧିକ ଲୋକପ୍ରିୟ ରୂପେ ଉଲ୍ଲେଖଯୋଗ୍ୟ । 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ' ଆଦି ବିଶେଷ ଆଲୋଚିତ ଚଉଦଟି ଗଳ୍ପ–ସଂକଳନ ପ୍ରକାଶିତ ।

ଏହାବ୍ୟତୀତ 'ଓଡ଼ିଆ ସାହିତ୍ୟର ଆଦିପର୍ବ' 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତରମଧ୍ୟପର୍ବ' ଆଦି ଆଲୋଚନା ପୁସ୍ତକର ରଚୟିତା ଭାବେ ଓଡ଼ିଆ ଭାଷା ଓ ସାହିତ୍ୟରେ ସୁପ୍ରତିଷ୍ଠିତ ।

ସାହିତ୍ୟ ଏକାଡ଼େମୀ ପୁରସ୍କାର, ସାରଳା ସମ୍ମାନ ଇତ୍ୟାଦି ଅନେକ ସମ୍ମାନ ଦ୍ୱାରା ସମ୍ମାନିତ ହୋଇଥିବା ଅନନ୍ୟସାଧାରଣ ବ୍ୟକ୍ତିତ୍ୱ କିଛି ଦିନ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ମଧ୍ୟ ଥିଲେ ।

Digitized by srujanika